ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୩୦/୨୦୨୧ (୮+୮=୧୬ ପୃଷ୍ଠା) | Bhubaneswar, Thursday, December 30/2021 | ★★★★★★

୪୮ଶ ଭାଗ ୩୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ବୁମ୍ରାଙ୍କ ପ୍ରଭାବୀ ବୋଲିଂ**

ସେଞ୍ଚୁରିୟନଠାରେ ଚାଲିଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ପ୍ରଭାବୀ ବୋଲିଂ କରି ଭାରତର ବିଜୟ ସମ୍ଭାବନା ଦୃଢ଼ୀଭୂତ କରିଛନ୍ତି ଯଶପ୍ରୀତ୍ ବୁମ୍ରା।

୦୮

୦୭

**ସୋସିଆଲ ମିଡିଆରେ 'ଅତରଙ୍ଗୀ ରେ'କୁ ବିରୋଧ**

ଅକ୍ଷୟ କୁମାର ଅଭିନୀତ ଫିଲ୍ମ 'ଅତରଙ୍ଗି ରେ'କୁ ବିରୋଧ କରାଯାଉଛି। ଏଥିରେ ହିନ୍ଦୁଙ୍କୁ ଅପମାନିତ କରାଯାଇଥିବା ଅଭିଯୋଗ ଉଠିଛି।





ଭୁବନେଶ୍ୱର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର(ଉତ୍କଳ ରଙ୍ଗମଞ୍ଚ)ରେ ବୁଧବାର ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବରେ ରାଉରକେଲାର ଅନୁଷ୍କା ଦାସ ଓ ଆଲିସା ଧଳଙ୍କ ନୃତ୍ୟ ପରିବେଷଣ।

# ସ୍କୁଲ ଖୋଲିବା ନିଷ୍ପତ୍ତି ବଦଳିପାରେ

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)**

ରାଜ୍ୟରେ ଜାନୁୟାରୀ ୩ରୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ୍ ଖୋଲିବା ନିଷ୍ପତ୍ତି ବଦଳିବାର ସମ୍ଭାବନା ରହିଛି। ଏ ନେଇ ବୁଧବାର ଡିଏମ୍ଇଟି ଡା. ରମାରମଣ ମହାନ୍ତି କହିଛନ୍ତି। ସେ କହିଛନ୍ତି, ପୂର୍ବସ୍ଥିତିକୁ ଦେଖି ସରକାର ପ୍ରାଥମିକ ସ୍କୁଲ ଖୋଲିବା ନିଷ୍ପତ୍ତି ନେଇଥାଇପାରନ୍ତି। ସେତେବେଳେ ଦୈନିକ ସଂକ୍ରମଣ ସଂଖ୍ୟା ଶହେରୁ ଦେଢ଼ଶହ ଭିତରେ ସୀମିତ ରହୁଥିଲା। ସେହିପରି 'ଓମିକ୍ରନ' ଭୟ ମଧ୍ୟ ରାଜ୍ୟକୁ ନ ଥିଲା। କିନ୍ତୁ ଗତ ସାତ ଆଠ ଦିନ ହେବ ସ୍ଥିତି ବଦଳି ଯାଇଛି। ଦେଶର ୨୧ଟି ଜିଲାରେ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହେଲେଣି। ଦିନକୁଦିନ ଏହି ସଂଖ୍ୟା ବଢୁଛି। ଆମ ରାଜ୍ୟରେ ମଧ୍ୟ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତେଣୁ ରାଜ୍ୟ ସରକାର ପ୍ରାଥମିକ ସ୍କୁଲ ଖୋଲିବାକୁ ନେଇଥିବା ନିଷ୍ପତ୍ତି ବଦଳାଇପାରନ୍ତି। ସରକାର ଏ ନେଇ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେବେ ବୋଲି ଡିଏମ୍ଇଟି କହିଛନ୍ତି।

ଜାନୁୟାରୀ ୩ରୁ ପ୍ରାଥମିକ ସ୍କୁଲ ଖୋଲିବା ପାଇଁ ଗତ ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଘୋଷଣା କରାଯାଇଥିଲା। ☞ପୃଷ୍ଠା-୪

## ପିଲାଙ୍କ ପାଇଁ ସ୍ୱତନ୍ତ୍ର ଟିକାକରଣ କେନ୍ଦ୍ର

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)**

ପିଲାଙ୍କ ଟିକାକରଣକୁ ରାଜ୍ୟ ସରକାର ଅଧିକ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ସ୍ୱତନ୍ତ୍ର ଟିକାକରଣ କେନ୍ଦ୍ରର ବ୍ୟବସ୍ଥା ହୋଇଥିବା ପରିବାର କଲ୍ୟାଣ ନିର୍ଦ୍ଦେଶକ ତଥା ରାଜ୍ୟ ଟିକାକରଣ ନୋଡାଲ ଅଧିକାରୀ ଡା. ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ୧୫ରୁ ୧୮ ବର୍ଷ ପିଲାଙ୍କୁ ଟିକାକରଣ ପାଇଁ ଡେଡିକେଟେଡ ସାଇଟ୍ ଖୋଲିବାକୁ ଆମେ ନିର୍ଦ୍ଦେଶ ଦେଇଛୁ। ସେଠି ଦିନତମାମ ଟିକାକରଣ ଚାଲିବ। ଏହାସହ ଯେଉଁ ଟିକା କେନ୍ଦ୍ରଗୁଡ଼ିକ ବର୍ତ୍ତମାନ ରହିଛି ସେଠାରେ ସକାଳ ୮ଟାରୁ ଦିନ ୧ଟା ମଧ୍ୟରେ କେବଳ ପିଲାଙ୍କୁ ଓ ଅପରାହ୍ନରେ ଅନ୍ୟମାନଙ୍କୁ ଟିକା ଦିଆଯିବ। ୨୦୦୭ କିମ୍ବା ତା' ପୂର୍ବରୁ ଯେଉଁ ପିଲା ଜନ୍ମ ହୋଇଛନ୍ତି ସେମାନେ ଟିକା ନେବା ପାଇଁ ଯୋଗ୍ୟ। ☞ପୃଷ୍ଠା-୪

# ଝାଡ଼ଖଣ୍ଡରେ ୨୫ ଟଙ୍କା ଶସ୍ତା ହେବ ପେଟ୍ରୋଲ

**ନୂଆଦିଲ୍ଲୀ, ୨୯।୧୨**

ଝାଡ଼ଖଣ୍ଡରେ ମୋଟରସାଇକେଲ ଓ ସ୍କୁଟର ଚାଳକମାନଙ୍କୁ ପେଟ୍ରୋଲ ଉପରେ ୨୫ ଟଙ୍କା ରିହାତି ଦେବାକୁ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ବୁଧବାର ଘୋଷଣା କରିଛନ୍ତି। ଆସନ୍ତାବର୍ଷ ଜାନୁୟାରୀ ୨୬ରୁ ଏହି ରିହାତି ଲାଗୁହେବ। ରାଶନକାର୍ଡଧାରୀ ଜଣେ ଦୁଇଚକିଆ ଯାନ ଚାଳକ ପେଟ୍ରୋଲ କ୍ରୟ ଉପରେ ମାସକୁ ୨୫୦ ଟଙ୍କା ରିହାତି ପାଇବେ। ଉକ୍ତ ଅର୍ଥ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଯିବ। ଏହା ଦ୍ୱାରା ରାଜ୍ୟର ୬୨ ଲକ୍ଷ ଲୋକ ଉପକୃତ ହେବେ ବୋଲି ଜଣେ ରାଜ୍ୟ ପଦାଧିକାରୀ କହିଛନ୍ତି।

ଦେଶରେ ପେଟ୍ରୋଲ ଓ ଡିଜେଲ ଦର ଆକାଶଛୁଆଁ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ସୋରେନ୍ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ତୈଳ ଦର ବୃଦ୍ଧି ଯୋଗୁ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଘରେ ଗାଡ଼ି ଥିଲେ ବି ତେଲ କିଣିବାକୁ ପଇସା ନ ଥିବାରୁ ଗରିବ ଲୋକେ ଏହାକୁ ଚଳାଇପାରୁ ନାହାନ୍ତି। ଚାଷୀ ଏହାର ଉତ୍ପାଦିତ ଫସଲକୁ ବଜାରରେ ବିକ୍ରି କରିବାକୁ ନେଇପାରୁ ନାହିଁ ବୋଲି ସୋରେନ୍ କହିଥିଲେ। ସେଥିପାଇଁ ରାଜ୍ୟର ରାଶନ କାର୍ଡଧାରୀମାନେ ଦୁଇଚକିଆ ଯାନରେ ପେଟ୍ରୋଲ ପକାଇଲେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଲିଟର ପିଛା ୨୫ ଟଙ୍କା ଲେଖାଏ ଟ୍ରାନ୍ସଫର କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ପ୍ରତ୍ୟେକ ଗରିବ ପରିବାର ମାସିକ ୧୦ ଲିଟର ପର୍ଯ୍ୟନ୍ତ ତେଲ ଉପରେ ଏହି ରିହାତି ପାଇପାରିବେ। ପୂର୍ବରୁ ଦିଲ୍ଲୀ ସରକାର ପେଟ୍ରୋଲ ଉପରୁ ଭାଟ୍ ୩୦ ପ୍ରତିଶତରୁ ୧୯.୪୦ପ୍ରତିଶତକୁ ହ୍ରାସ କରିଥିଲେ। ଫଳରେ ସେଠାରେ ପେଟ୍ରୋଲ ଦର ୮ ଟଙ୍କା ହ୍ରାସ ପାଇଛି।



**ରାଶନ କାର୍ଡଧାରୀ ଦୁଇଚକିଆ ଯାନ ଚାଳକ ଉପକୃତ ହେବେ**






**ଆଜିର ସମ୍ପାଦକୀୟ**

**ମହାଶକ୍ତି ସଂଘର୍ଷ ଓ ୟୁରୋପ**

**ବାଲେଶ୍ୱରରେ ସାଇବର ଠକେଇ** ☞ପୃଷ୍ଠା-୩

# ଓମିକ୍ରନ୍ ନିରୋଧୀ ଆଣ୍ଟିବଡି ଚିହ୍ନଟ

## ଉପଯୋଗୀ ହେବ ତୃତୀୟ ଡୋଜ୍

**ୱାଶିଂଟନ, ୨୯।୧୨**

ଓମିକ୍ରନ୍ ଏବଂ କରୋନା ଭୂତାଣୁର ଅନ୍ୟ ଭାରିଆଣ୍ଟଗୁଡ଼ିକୁ ନିଷ୍କ୍ରିୟ କରିବା ଲାଗି ଆଣ୍ଟିବଡି ଚିହ୍ନଟ ହୋଇଛି। ବୈଜ୍ଞାନିକମାନଙ୍କର ଏକ ଅନ୍ତର୍ଜାତୀୟ ଟିମ୍ ନିକଟରେ କରିଥିବା ଅଧ୍ୟୟନରୁ ଏହା ଜାଣିବାକୁ ପାଇଛନ୍ତି। ଉକ୍ତ ଆଣ୍ଟିବଡିଗୁଡ଼ିକ ଭୂତାଣୁର ସ୍ପାଇକ୍ ପ୍ରୋଟିନ୍ ଅଞ୍ଚଳକୁ ଟାର୍ଗେଟ କରିଥାନ୍ତି। 'ନେଚର' ପତ୍ରିକାରେ ଉକ୍ତ ଅଧ୍ୟୟନ ପ୍ରକାଶ ପାଇଛି। ସ୍ପାଇକ୍ ପ୍ରୋଟିନ୍‌କୁ ଅକାମୀ କରୁଥିବା ଆଣ୍ଟିବଡିଗୁଡ଼ିକର ଟାର୍ଗେଟକୁ ଚିହ୍ନଟ କରାଯାଇଥିବାରୁ ନୂଆ ଟିକା ପ୍ରସ୍ତୁତି ଏବଂ ଆଣ୍ଟିବଡି ଚିକିତ୍ସାରେ ଏହା ସହାୟକ ହୋଇପାରିବ ବୋଲି ଗବେଷକମାନେ କହିଛନ୍ତି। ଏହା କେବଳ ଓମିକ୍ରନ୍ ଚିକିତ୍ସା ପାଇଁ ନୁହେଁ, ଭବିଷ୍ୟତରେ ଆସିବାକୁ ଥିବା ଅନ୍ୟ ଭାରିଆଣ୍ଟଗୁଡ଼ିକର ଚିକିତ୍ସାରେ ମଧ୍ୟ ସହାୟକ ହେବ ବୋଲି ହୋୱାର୍ଡ ହଗ୍‌ସ ମେଡିକାଲ ଇନ୍‌ଷ୍ଟିଚ୍ୟୁଟ୍‌ର ଇନ୍‌ଭେଷ୍ଟିଗେଟର ତଥା ୟୁନିଭର୍ସିଟି ଅଫ୍ ୱାଶିଂଟନ ସ୍କୁଲ୍ ଅଫ୍ ☞ପୃଷ୍ଠା-୪



## ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୯ ହେଲା

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମଣ ପୁଣି ଉପରମୁହାଁ ହୋଇଛି। ଏଥିସହ କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ୍ ଆକ୍ରାନ୍ତ ସଂଖ୍ୟା ବି ବଢ଼ି ଚାଲିଛି। ବୁଧବାର ଆଉ ଜଣେ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜୀବ ବିଜ୍ଞାନ ପ୍ରତିଷ୍ଠାନ (ଆଇଏଲ୍ଏସ୍) ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ଆକ୍ରାନ୍ତ ଜଣକ ୟୁଏଇରୁ ଫେରିଥିଲେ। ତାଙ୍କ ବୟସ ୩୧ ବର୍ଷ ହୋଇଥିବାବେଳେ ଘର କେନ୍ଦୁଝରରେ। ତେବେ ଏହାକୁ ମିଶାଇ ରାଜ୍ୟରେ ମୋଟ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ୯ରେ ପହଞ୍ଚିଛି। ଏ ସମ୍ପର୍କରେ ଅଧିକ ସୂଚନା ଦେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ନୂଆ ଓମିକ୍ରନ୍ ଆକ୍ରାନ୍ତ ବିମାନରେ ଦୁବାଇରୁ କୋଲକାତା ଆସିବା ପରେ ସେଠାରୁ ଟ୍ରେନ୍‌ରେ କେନ୍ଦୁଝରର ବଡ଼ବିଲ ଆସିଛନ୍ତି। ସେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେ ଆସିଲାବେଳେ ନେଗେଟିଭ ଥିଲେ। ଘରେ ପହଞ୍ଚିବାର ଦିନକ ପରେ ତାଙ୍କୁ ଜ୍ୱର ଆସିଥିଲା। ସେ କୋଭିଡ୍ ଟେଷ୍ଟ କରିଥିଲେ ଓ ପରେ ତାଙ୍କ ନମୁନାକୁ ଜିନୋମ ସିକ୍ୱେନ୍ସିଂ ପାଇଁ ପଠାଯାଇଥିଲା। ସେ ଓମିକ୍ରନ୍‌ରେ ସଂକ୍ରମିତ ହୋଇଥିବା ରିପୋର୍ଟ ଆସିଛି। ବର୍ତ୍ତମାନ ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କର ପରୀକ୍ଷା କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଗତ ୨୧ ତାରିଖରେ ରାଜ୍ୟରେ ପ୍ରଥମ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ।

ଅପରପକ୍ଷେ ରାଜ୍ୟରେ ଗତ ୨୪ ଘଣ୍ଟାରେ ଆଉ ୨୨୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୦ରୁ ୧୮ ବର୍ଷ ମଧ୍ୟରେ ୩୪ଜଣ ଥିବାବେଳେ କ୍ୱାରାଣ୍ଟାଇନରୁ ୧୨୯ ଓ ସ୍ଥାନୀୟ ସଂକ୍ରମିତ ୯୨ଜଣ ରହିଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୯୮ଜଣ ଥିବାବେଳେ ବାକି ସବୁ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୧୫ ତଳେ ରହିଛି। ବର୍ତ୍ତମାନ ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦,୫୪,୩୮୧କୁ ବୃଦ୍ଧି ପାଇଛି। ସେହିପରି ରାଜ୍ୟରେ ଆଉ ୨ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ଖୋର୍ଦ୍ଧାର ଏବଂ ଅନ୍ୟ ଜଣଙ୍କ ଘର କୋରାପୁଟରେ ବୋଲି ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି।

## ଧର୍ମଘଟ ସ୍ଥଗିତ ରଖିଲା ବସ୍ ମାଲିକ ସଂଘ

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)**

ରାଜ୍ୟ ପରିବହନ ବିଭାଗ ପ୍ରମୁଖ ସଚିବ ମଧୁସୂଦନ ପାଢୀଙ୍କ ଅଧ୍ୟକ୍ଷତାରେ ବୁଧବାର ଭୁବନେଶ୍ୱରରେ ରାଜ୍ୟ ବସ୍ ମାଲିକ ସଂଘ, ଢେଙ୍କାନାଳ ଓ ଅନୁଗୋଳ ସଂଘ କର୍ମକର୍ତ୍ତା ଏବଂ ଏନ୍ଏଚଏଆଇ କର୍ତ୍ତୃପକ୍ଷଙ୍କ ଏକ ବୈଠକ ହୋଇଛି। ଏଥିରେ ମଙ୍ଗୁଳି-ଅନୁଗୋଳ(ଏନ୍ଏଚ-୫୫)ର ଦୂରବସ୍ଥା ସମ୍ବନ୍ଧୀୟ ଆଲୋଚନା ହେବା ପରେ ଏନ୍ଏଚଏଆଇ କର୍ତ୍ତୃପକ୍ଷ ଆସନ୍ତା ୨୦ ସୁଦ୍ଧା ଉକ୍ତ ରାସ୍ତାର ସବୁ ମରାମତି କାର୍ଯ୍ୟ ଶେଷ ହେବା ସହ ଜୁନ୍ ୨୦୨୨ ସୁଦ୍ଧା ସମ୍ପୂର୍ଣ୍ଣ କାମ ଶେଷ କରିବାକୁ ନିର୍ଭର ପ୍ରତିଶ୍ରୁତି ଦେବା ପରେ ପରିବହନ ସଚିବଙ୍କ ଅନୁରୋଧ ଅନୁଯାୟୀ ଆସନ୍ତା ୧ ତାରିଖରୁ ହେବାକୁ ଥିବା ଧର୍ମଘଟ ସ୍ଥଗିତ କରାଗଲା ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ଆରପାରିରେ 'ଖଇରୀ'ର ପାଳିତା ମା'

**କଟକ ଅଫିସ/ବାରିପଦା ଅଫିସ,୨୯।୧୨**

ଶିମିଳିପାଳ ଅଭୟାରଣ୍ୟର ବାଘୁଣୀ 'ଖଇରୀ'କୁ ପାଳିପୋଷି ବଡ଼ କରିଥିବା ନୀହାର ନଳିନୀ ସ୍ୱାଇଁ(୮୮)ଙ୍କ ମଙ୍ଗଳବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ଜୀବଜନ୍ତୁ ପ୍ରେମୀ ତଥା ଖଇରୀର ପାଳିତା ମା' ଭାବେ ନଳିନୀ ବେଶ୍ ପରିଚିତ ଥିଲେ। ସ୍ୱାମୀ ସରୋଜ ରାଜ ଚୌଧୁରୀଙ୍କ ବିୟୋଗ ପରେ ସେ କଟକ ସିଦ୍ଧେଶ୍ୱର ସାହିସ୍ଥିତ ବୃଦ୍ଧାଶ୍ରମରେ ଦୀର୍ଘବର୍ଷ ଧରି ରହୁଥିଲେ।

୧୯୭୪ରେ ଶିମିଳିପାଳ ଅଭୟାରଣ୍ୟ ବ୍ୟାଘ୍ର ପ୍ରକଳ୍ପର ତତ୍କାଳୀନ ନିର୍ଦ୍ଦେଶକ ସରୋଜ ରାୟ ଚୌଧୁରୀ ସ୍ତ୍ରୀ ନୀହାର ନଳିନୀଙ୍କ ସହ ବୁଲୁଥିବାବେଳେ ଖଇରା ନଦୀକୂଳରୁ ଏକ ବାଘ ଛୁଆ ପାଇ ଘରକୁ ଆଣିଥିଲେ। ଦୀର୍ଘ ୭ବର୍ଷ ଧରି ସରୋଜ ଏବଂ ନଳିନୀ ନିଜ ପିଲା ଭଳି ତାହାର ଲାଳନ ପାଳନ କରିଥିଲେ। ଖଇରା ନଦୀ କୂଳରୁ ବାଘକୁ ଉଦ୍ଧାର କରାଯାଇଥିବାରୁ ଏହାର ନାଁ ଖଇରୀ ରଖିଥିଲେ। ଘର ଅଗଣାରେ ରହୁଥିବା ଏହି ବାଘକୁ ଦେଖିବା ପାଇଁ ଆଖପାଖ ଗ୍ରାମରୁ ଲୋକେ ଆସୁଥିଲେ। ୧୯୮୧ରେ ଏକ ପାଗଳା କୁକୁର କାମୁଡ଼ାରେ ଖଇରୀର ମୃତ୍ୟୁ ଘଟିଥିଲା। ଖଇରୀର ମୃତ୍ୟୁ ପରେ ଦୁଃଖରେ ମ୍ରିୟମାଣ ସରୋଜଙ୍କ ସେହି ବର୍ଷ ପରଲୋକ ଘଟିଥିଲା। ସ୍ୱାମୀଙ୍କୁ ହରାଇବା ପରେ ନଳିନୀ ବୃଦ୍ଧାଶ୍ରମକୁ ଚାଲିଆସିଥିଲେ। ସେମାନଙ୍କର କୌଣସି ପିଲାଛୁଆ ନ ଥିଲା। ବୃଦ୍ଧାଶ୍ରମରେ ରହିବାବେଳେ ନଳିନୀ ଖଇରୀକୁ ସବୁବେଳେ ମନେ ପକାଉଥିଲେ। ମଙ୍ଗଳବାର ସେ ଖାଇସାରି ଶୋଇବାକୁ ଯାଇଥିଲେ। ଏହାପରେ ସେ ଆଉ ଉଠି ନ ଥିଲେ। ଖବରପାଇ ଡାକ୍ତର ସେଠାରେ ପହଞ୍ଚି ତାଙ୍କୁ ମୃତ ଘୋଷଣା କରିଥିଲେ।





ବାଘୁଣୀ 'ଖଇରୀ' ସହ ନୀହାର ନଳିନୀ ସ୍ୱାଇଁ ଓ ତାଙ୍କ ସ୍ୱାମୀ ତଥା ପୂର୍ବତନ ଡିଏଫ୍ଓ ସରୋଜ ରାଜ ଚୌଧୁରୀ।

# ମୁଖ୍ୟମନ୍ତ୍ରୀଙ୍କୁ ମିଳିଲାନି ଗୃହ ବିଭାଗ

ହରିୟାଣା ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟର ଅସନ୍ତୁଷ୍ଟ ବିଧାୟକମାନଙ୍କୁ ମନାଇବା ପାଇଁ ମଙ୍ଗଳବାର ନିଜ କ୍ୟାବିନେଟ ସମ୍ପ୍ରସାରଣ କରିଥିଲେ। ହେଲେ ଏହି ବିସ୍ତାର ପରେ ଭାଜପାରେ ବିବାଦ ବଢ଼ିଛି। କାରଣ ଦୁଇ ନୂଆ ମନ୍ତ୍ରୀ କମଲ ଗୁପ୍ତା (ଭାଜପା) ଏବଂ ଦେବେନ୍ଦର ସିଂ ବବଲି (ଜେଜେପି)ଙ୍କୁ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଖରେ ବିଭାଗ ନ ଥିଲା। ଏଥିଯୋଗୁ ସେ କ୍ୟାବିନେଟର ବରିଷ୍ଠ ସହଯୋଗୀ ଅନିଲ ଭିଜ୍‌ଙ୍କଠାରୁ ଗୃହ ବିଭାଗ ମାଗିଥିଲେ। ଭିଜ୍ ଏଥିରେ ଅସନ୍ତୁଷ୍ଟ ହୋଇ ନୂଆ ମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବକୁ ବର୍ଜନ କରିବା ସହ ଭାଜପାର କେନ୍ଦ୍ରୀୟ ନେତୃତ୍ୱଙ୍କ ନିକଟରେ ଫେରାଦ ହୋଇଥିଲେ। ଶେଷରେ ଖଟ୍ଟର ଓ ଭିଜ୍ ଗୋଟିଏ ଲେଖାଏ ବିଭାଗ ଛାଡ଼ି ନିଜ ଦଳର ଜଣେ ମନ୍ତ୍ରୀଙ୍କୁ ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ ଦୁଷ୍ୟନ୍ତ ଚୌଟାଲା ମଧ୍ୟ ନୂଆକରି ଶପଥ ନେଇଥିବା ତାଙ୍କ ଦଳର ମନ୍ତ୍ରୀଙ୍କ ପାଇଁ ଗୋଟିଏ ବିଭାଗ ଛାଡ଼ିଦେଇଛନ୍ତି। ଏହି ଘଟଣାକ୍ରମକୁ ନେଇ ହରିୟାଣା ରାଜନୀତି ସରଗରମ ହୋଇଥିବାବେଳେ ଖଟ୍ଟର-ଭିଜ୍ ମୁହାଁମୁହିଁ ହେବା ଭାଜପାର ଅନ୍ତର୍କଳହକୁ ପଦାରେ ପକାଇଛି।



ହରିୟାଣା ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟର

**ଚଣ୍ଡିଗଡ଼/ନୂଆଦିଲ୍ଲୀ,୨୯।୧୨**

ହରିୟାଣା ମନ୍ତ୍ରିମଣ୍ଡଳରେ ଭାଜପା କୋଟାରୁ ହିସାର ବିଧାୟକ ଡ. କମଲ ଗୁପ୍ତା ଏବଂ ସହଯୋଗୀ ଜନନାୟକ ଜନତା ପାର୍ଟି (ଜେଜେପି)ରୁ ଟୋହାନା ବିଧାୟକ ଦେବେନ୍ଦର ସିଂ ବବଲିଙ୍କୁ ସାମିଲ କରାଯାଇଛି। ରାଜ୍ୟପାଳ ବନ୍ଦାରୁ ଦତ୍ତାତ୍ରେୟ ଚଣ୍ଡିଗଡ଼ସ୍ଥିତ ରାଜଭବନରେ ଉଭୟଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ସଂସ୍କୃତରେ ଶପଥ ନେଇଥିବା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍ଏସ୍ଏସ୍) ପୃଷ୍ଠଭୂମିର କମଲ ଗୁପ୍ତା ହେଉଛନ୍ତି ଖଟ୍ଟରଙ୍କ ଘନିଷ୍ଠ ସହଯୋଗୀ। ଅନ୍ୟପକ୍ଷେ ହିନ୍ଦୀରେ ଶପଥ ନେଇଥିବା ଦେବେନ୍ଦର ହରିୟାଣରେ କେନ୍ଦ୍ରର ୩ କୃଷି ଆଇନ ବିରୋଧୀ ଆନ୍ଦୋଳନର ମୂଳ କୁହାଯାଉଥିବା ଫତେଗଡ଼ର ☞ପୃଷ୍ଠା-୪

## ହରିୟାଣାରେ କ୍ୟାବିନେଟ ସମ୍ପ୍ରସାରଣ

- ଶପଥ ନେଲେ ଭାଜପାର କମଲ ଗୁପ୍ତା, ଜେଜେପିର ଦେବେନ୍ଦର ସିଂ ବବଲି
- ଅନିଲ ଭିଜ୍‌ଙ୍କୁ ଗୃହ ବିଭାଗ ମାଗିଥିଲେ ଖଟ୍ଟର
- ଦିଲ୍ଲୀରେ ପହଞ୍ଚିଲା ବିବାଦ

## ବାଜି ମାରିଲେ ଅକ୍ଷୟ

ଗତ କିଛି ବର୍ଷ ଭଳି ଖିଲାଡି ମାଷ୍ଟର ଅକ୍ଷୟ କୁମାର ଚଳିତ ବର୍ଷ ବି ନିଜ ଅଭିନୟ ଦକ୍ଷତା ବଳରେ ଦର୍ଶକଙ୍କୁ ଅଧିକ ପ୍ରଭାବିତ କରିବାରେ ସକ୍ଷମ ହୋଇଛନ୍ତି। ଏ ବର୍ଷ ତାଙ୍କ ଅଭିନୀତ 'ବେଲ୍ ବଟମ', 'ସୂର୍ଯ୍ୟବଂଶୀ', ଅତରଙ୍ଗୀରେ', 'ରକ୍ଷାବନ୍ଧନ' ଏବଂ 'ପୃଥ୍ୱୀରାଜ' ରିଲିଜ ହୋଇ ଭଲ ବିଜ୍‌ନେସ୍ କରିଛି। ଏହାବ୍ୟତୀତ 'ସାଇନା' (ପରିଣିତି ଚୋପ୍ରା), 'ରୁହି'(ଜାହ୍ନବୀ କପୁର), 'ଅନ୍ତିମ-ଦ ଫାଇନାଲ ଟ୍ରୁଥ୍' (ସଲମାନ ଖାଁ), 'ସତ୍ୟମେବ ଜୟତେ-୨' (ଜନ୍ ଆବ୍ରାହମ୍), 'ରାଧେ' (ସଲ୍‌ମାନ) ଏବଂ 'ବଣ୍ଟି ଔର ବବ୍‌ଲି-୨' ରାଣୀ ମୁଖାର୍ଜୀ) ଚଳିତ ବର୍ଷ ଆଶାନୁରୂପ ବିଜ୍‌ନେସ କରିପାରିଛି।

### ବିବାହ ବନ୍ଧନରେ ଭିକି-କ୍ୟାଟ୍ରିନା

ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍ ଚଳିତ ବର୍ଷ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। 'ଉରି' ଫେମ୍ ଭିକି କୌଶଲଙ୍କୁ ସେ ପତି ଭାବରେ ଗ୍ରହଣ କରିଛନ୍ତି। ଭିକି-କ୍ୟାଟ୍ରିନାଙ୍କ ଏହି ହାଇ ପ୍ରୋଫାଇଲ ମ୍ୟାରେଜ ଯୋଧପୁରରେ ଅନୁଷ୍ଠିତ ହୋଇଥିଲା।

### ପରଲୋକରେ ଟ୍ରାଜେଡି କିଙ୍ଗ୍

ବଲିଉଡ୍‌ର ଟ୍ରାଜେଡି କିଙ୍ଗ୍ ତଥା ବର୍ଷୀୟାନ ଅଭିନେତା ଦିଲୀପ କୁମାର ଚଳିତ ବର୍ଷ ପରଲୋକ ଗମନ କରିଛନ୍ତି। ଅଭିନୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ସମ୍ମାନଜନକ ପଦ୍ମ ଭୂଷଣ ଏବଂ ପଦ୍ମ ବିଭୂଷଣ ସମ୍ମାନ ପ୍ରଦାନ କରାଯାଇଥିଲା। ତାଙ୍କ ବ୍ୟତୀତ ସଙ୍ଗୀତ କ୍ଷେତ୍ରରେ ପରିଚିତ ସ୍ୱର ସଂଯୋଜକ ଶ୍ରବଣ ରାଠୋର, ମନ୍ଦିରା ବେଦୀଙ୍କ ସ୍ୱାମୀ ତଥା ନିର୍ଦ୍ଦେଶକ ରାଜ୍ କୌଶଲ ଏବଂ ରିୟାଲିଟି ଶୋ' ବିଗ୍ ବସ୍-୧୩ର ବିଜେତା ସିଦ୍ଧାର୍ଥ ଶୁକ୍ଲାଙ୍କର ଏ ବର୍ଷ ମୃତ୍ୟୁ ହୋଇଥିଲା।

### ରଜନୀକାନ୍ତଙ୍କୁ ଦାଦା ସାହେବ ଫାଲ୍‌କେ ପୁରସ୍କାର

ବର୍ଷୀୟାନ ଅଭିନେତା ରଜନୀକାନ୍ତଙ୍କୁ ଚଳିତବର୍ଷ ପାଇଁ ସମ୍ମାନଜନକ ଦାଦା ସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ କରାଯାଇଛି। ଏଥର 'ଭୋସଁଲେ' ଚଳଚ୍ଚିତ୍ର ପାଇଁ ମନୋଜ ବାଜପେୟୀ ଏବଂ 'ଅସୁରନ୍' ଫିଲ୍ମ ପାଇଁ ଧନୁଷ( ଶ୍ରେଷ୍ଠ ଅଭିନେତା), କଙ୍ଗନା ରାଣାଓ୍ୱତ (ଶ୍ରେଷ୍ଠ ଅଭିନେତ୍ରୀ), ସଞ୍ଜୟ ପୂରନ୍ ସିଂ ଚୌହାନ୍ (ଶ୍ରେଷ୍ଠ ନିର୍ଦ୍ଦେଶକ), ବିଜୟ ସେତୁପାତି (ଶ୍ରେଷ୍ଠ ସହ ଅଭିନେତା), ପଲ୍ଲବୀ ଜୋଷୀ (ଶ୍ରେଷ୍ଠ ସହ ଅଭିନେତ୍ରୀ)ଙ୍କୁ ପୁରସ୍କୃତ କରାଯାଇଛି। ଅନ୍ୟପକ୍ଷରେ ଜାତୀୟ ସଂହତି ଉପରେ ନିର୍ମିତ ମରାଠୀ ଫିଲ୍ମ 'ତାଜମଲ୍' ଏବଂ ସାମାଜିକ ସମସ୍ୟା ଉପରେ ପ୍ରସ୍ତୁତ ମରାଠୀ ଫିଲ୍ମ 'ଅନନ୍ଦି ଗୋପାଲ'କୁ ମଧ୍ୟ ପୁରସ୍କୃତ କରାଯାଇଛି।



କ୍ୟାଟ୍ରିନା-ଭିକି

ବାଣୀ -ଅକ୍ଷୟ


ରଜନୀକାନ୍ତ


କଙ୍ଗନା ରାଣାଓ୍ୱତ


ରାଣୀ ମୁଖାର୍ଜୀ

### ଏଥର ସଂଖ୍ୟା ୨୦

ପ୍ରାୟ ୨ବର୍ଷ ଧରି କରୋନା ଯୋଗୁ କେବଳ ସାଧାରଣ ଜୀବନ, ଅର୍ଥନୀତି ନୁହେଁ ମନୋରଞ୍ଜନ ଜଗତ ମଧ୍ୟ ପ୍ରଭାବିତ ହୋଇଛି। ଚଳିତବର୍ଷ ଆଶଙ୍କା ଭିତରେ କେତେକ ଓଡ଼ିଆ ସିନେମା ପରଦା ଉପରକୁ ଆସିଥିଲା ସତ, ହେଲେ ସେଗୁଡ଼ିକ ଆଶାନୁରୂପ ବ୍ୟବସାୟ କରିବାରେ ବିଫଳ ହୋଇଥିଲେ। କାରଣ କରୋନା କଟକଣା ମଧ୍ୟରେ ପ୍ରେକ୍ଷାଳୟ ଖୋଲିଥିଲା ହେଲେ ସେଠାକୁ ଯାଇ ସିନେମା ଦେଖିବାକୁ ଅଧିକାଂଶ ଦର୍ଶକ ଉଚିତ ମଣି ନ ଥିଲେ। ତେବେ ଏହି ବର୍ଷ ଡିସେମ୍ବର ତୃତୀୟ ସପ୍ତାହ ସୁଦ୍ଧା ମୋଟ ୧୯ଟି ସିନେମା ରିଲିଜ ହୋଇଥିଲା। ଏବର୍ଷ ଶେଷ ଫିଲ୍ମ ଭାବରେ 'ହୀରୋଗିରି' (ଆକାଶ-ମେଘା ଘୋଷ) ଚଳିତ ମାସ ୩୧ରେ ମୁକ୍ତିଲାଭ କରିବାକୁ ଯାଉଛି। ଅନ୍ୟପକ୍ଷରେ ଘରୋଇ ଚ୍ୟାନେଲଗୁଡ଼ିକ ସାଟେଲାଇଟ୍ ଫିଲ୍ମ ପ୍ରସ୍ତୁତ କରି ରିଲିଜ ଧାରା ଜାରି ରଖିଥିଲେ। ଚଳିତ ବର୍ଷ ରିଲିଜ ହୋଇଥିବା ସିନେମାଗୁଡ଼ିକ ମଧ୍ୟରେ ରହିଛି : ରୋମିଓ ରଜା (ଅମ୍ଲାନ-ତମନ୍ନା), ସୁପରବୟ (ଜ୍ୟୋତି-ତମନ୍ନା), ତାଣ୍ଡବ (ଦେବାଶିଷ ପତି-ଚନ୍ଦ୍ରାଣୀ), ତୁମେ ମୋ ଶଙ୍ଖା ତୁମେ ମୋ ସିନ୍ଦୂର (ଅଭିଷେକ ରଥ-ଅଙ୍କିତା), ଜଙ୍ଗଲ (ସୂରଜ-ଆହାନା), ଓୟେ ଗିଟାର (ଅମନ୍-ଆହାନା), ଶହୀଦ ରଘୁ ସର୍ଦ୍ଦାର (ଦେବାଶିଷ ପାତ୍ର-କାବ୍ୟା), ଚକ୍ଷୁବନ୍ଧନ (ରାଜ୍ ରାଜେଶ-ଭୂମିକା ଦାଶ), ମନେ ମନେ ମନ ଖୋଜୁଥିଲା (ଓମ୍‌କାର-ନମ୍ରତା ସିଂଦେଓ), ଅର୍ଦ୍ଧ ସତ୍ୟ (ହର ରଥ-ରତ୍ନୁପର୍ଣ୍ଣା), ସିନ୍ଥିରୁ ସିନ୍ଦୂର ଅଳପ ଦୂର (ରାଜା-ରୋମି), ମନ ମୋର ନେଇ ଗଲୁରେ (ଜ୍ୟୋତି-ଭୂମିକା), ବିଜୟିନୀ (ଦେବାଶିଷ ପାତ୍ର-ବର୍ଷା ପ୍ରିୟଦର୍ଶିନୀ), ଗାଁର ନାଁ ଗାଲୁଆପୁର (ପପୁ ପମ୍‌ପମ୍ - ମନୀଷା), ଅରୁନ୍ଧତୀ (ରାଜବୀର - ଏଲିନା ପ୍ରିୟଦର୍ଶିନୀ), ଚାଲ ଟିକେ ପ୍ରେମ କରିବା (ଦେବରାଜ-ଚିନ୍ମୟୀ ପ୍ରିୟଦର୍ଶିନୀ), କଟକ ଓ୍ୱେଡ୍‌ସ ସମ୍ବଲପୁର (ସମ୍ବିତ-ସୁସ୍ମିତା ପ୍ରଧାନ), ଭୋକ (କୁନା ତ୍ରିପାଠୀ-କାବ୍ୟା), ବିଶ୍ୱାସ (ସୁଜୟ ମହାନ୍ତି-ସାହିଲ)। ଚଳିତବର୍ଷ ଓଲିଉଡ୍‌ର ପରିଚିତ ଅଭିନେତା ଅନୁଭବ ମହାନ୍ତି, ଅରିନ୍ଦମ, ସବ୍ୟସାଚୀ, ବାବୁସାନ୍ ପ୍ରମୁଖଙ୍କୁ ବଡ଼ ପରଦାରେ ଦେଖିବାକୁ ମିଳି ନ ଥିଲା।

### ତିନୋଟି ଓଡ଼ିଆ ଚଳଚ୍ଚିତ୍ରକୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର

ବିଶିଷ୍ଟ ଚଳଚ୍ଚିତ୍ର ପ୍ରଯୋଜକ ଏବଂ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କ 'ଶଲାବୁଢ଼ାର ବଦଲା' ଏବଂ ନୀଳମାଧବ ପଣ୍ଡାଙ୍କ 'କାଲିର ଅତୀତ'କୁ ଚଳିତବର୍ଷର ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ଶ୍ରେଷ୍ଠ ଫିଚର ଫିଲ୍ମ ପୁରସ୍କାର ମିଳିଥିଲା। ଅନ୍ୟପକ୍ଷରେ ଆଶୁତୋଷ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ପ୍ରାମାଣିକ ଚଳଚ୍ଚିତ୍ର 'ଶ୍ରୀକ୍ଷେତ୍ରରୁ ସାହିଜାତ'କୁ ଶ୍ରେଷ୍ଠ କଳା ଏବଂ ସଂସ୍କୃତି ବିଭାଗରେ ପୁରସ୍କୃତ କରାଯାଇଥିଲା।

### ସ୍ଥଗିତ ରହିଲା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଉତ୍ସବ

ଚଳିତ ବର୍ଷ ଘୋଷିତ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରକୁ ନେଇ ବିବାଦ ମୁଣ୍ଡ ଟେକିଥିଲା। ଶେଷରେ ଏହି ବିବାଦ ରାଜ୍ୟ ହାଇକୋର୍ଟରେ ପହଞ୍ଚିଥିଲା। ଏହି ପୁରସ୍କାରକୁ ତର୍ଜମା କରିବା ପରେ ଏହାର ପ୍ରଦାନ ଉତ୍ସବ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି ଉଚ୍ଚ ନ୍ୟାୟାଳୟ। କେବଳ ସେତିକି ନୁହେଁ, ପୁଣି ଥରେ ଏହି ତାଲିକାକୁ ଭଲଭାବରେ ତର୍ଜମା କରି ଘୋଷଣା କରିବାକୁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ପୁରସ୍କାରରେ ସମ୍ମାନଜନକ ଜୟଦେବ ପୁରସ୍କାର ପାଇଁ ବରିଷ୍ଠ ପ୍ରଯୋଜକ ଘନଶ୍ୟାମ ମହାପାତ୍ରଙ୍କୁ ମନୋନୀତ କରାଯାଇଥିଲା। ଉକ୍ତ ତାଲିକାରେ 'କାଲିର ଅତୀତ' (ଶ୍ରେଷ୍ଠ ଚଳଚ୍ଚିତ୍ର), ନୀଳମାଧବ ପଣ୍ଡା (ଶ୍ରେଷ୍ଠ ପ୍ରଯୋଜକ-ନିର୍ଦ୍ଦେଶକ)ଙ୍କୁ ସାମିଲ କରାଯାଇଥିବା ବେଳେ 'ଖୁସି' ଚଳଚ୍ଚିତ୍ର ପାଇଁ ସରୋଜ ପରିଡ଼ାଙ୍କୁ ଶ୍ରେଷ୍ଠ ଅଭିନେତା ଏବଂ କାବ୍ୟା କିରଣଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ପାଇଁ ମନୋନୀତ କରାଯାଇଥିଲା। ଅନ୍ୟପକ୍ଷରେ ଚଳିତ ବର୍ଷ ଘୋଷିତ ରାଜ୍ୟ ଟେଲି ପୁରସ୍କାର ତାଲିକାରେ 'କାଳିଆ କରୁଛି ଲୀଳା'କୁ ଶ୍ରେଷ୍ଠ ଚଳଚ୍ଚିତ୍ର, ଏହି ଫିଲ୍ମ ପାଇଁ ଦେବାଶିଷ ପାତ୍ର ଶ୍ରେଷ୍ଠ ପ୍ରଯୋଜକ-ଅଭିନେତା, ଲିପ୍ସା ମିଶ୍ର ଶ୍ରେଷ୍ଠ ଅଭିନେତ୍ରୀ (ରଙ୍ଗିଲା ବୋହୂ), ଶ୍ରେଷ୍ଠ ଧାରାବାହିକ (ସରଗମ୍) ଭାବରେ ମନୋନୀତ କରାଯାଇଥିଲା।

### ନବାଗତଙ୍କ ଲମ୍ୱା ଲାଇନ

ଚଳିତବର୍ଷ କେବଳ ପ୍ରଯୋଜନା କିମ୍ବା ନିର୍ଦ୍ଦେଶନା ନୁହେଁ, ଅଭିନୟ କ୍ଷେତ୍ରରେ ମଧ୍ୟ ନବାଗତଙ୍କ ତାଲିକା ବେଶ୍ ଲମ୍ବା ଥିଲା। ଏ ବର୍ଷ ଓଡ଼ିଆ ସିନେମାରେ ନବାଗତ କଳାକାରଙ୍କ ମଧ୍ୟରେ ଅଛନ୍ତି ଦେବାଶିଷ ପତି-ଚନ୍ଦ୍ରାଣୀ (ତାଣ୍ଡବ), ଅମନ୍ (ଓୟେ ଗିଟାର), ରାଜ ରାଜେଶ (ଚକ୍ଷୁବନ୍ଧନ), ଓମ୍‌କାର-ନମ୍ରତା ସିଂଦେଓ (ମନେ ମନେ ମନ ଖୋଜୁଥିଲା), ରତ୍ନୁପର୍ଣ୍ଣା (ଅର୍ଦ୍ଧ ସତ୍ୟ), ରାଜବୀର ଦେଓ (ଅରୁନ୍ଧତୀ), ସୁସ୍ମିତା ପ୍ରଧାନ (କଟକ ଓ୍ୱେଡ୍‌ସ ସମ୍ବଲପୁର) ଏବଂ ସୁଜୟ ମହାନ୍ତି-ସାହିଲ ମିଶ୍ର (ବିଶ୍ୱାସ)। ଅନ୍ୟପକ୍ଷରେ ପ୍ରଯୋଜକ ଭାବରେ ଏଣ୍ଟ୍ରି କରିଥିବା ବ୍ୟକ୍ତିଙ୍କ ମଧ୍ୟରେ ଅଛନ୍ତି ସୁଶାନ୍ତ କୁମାର ପଣ୍ଡା (ରୋମିଓ ରଜା), ଅଜୟ କୁମାର ରାଉତ (ସୁପରବୟ), ବଦ୍ରିନାଥ ପଟ୍ଟନାୟକ (ତୁମେ ମୋ ଶଙ୍ଖା ତୁମେ ମୋ ସିନ୍ଦୂର), ଡା. ବିଶ୍ୱନାଥ ପଟ୍ଟନାୟକ (ଶହୀଦ ରଘୁ ସର୍ଦ୍ଦାର), ଦିଲୀପ ବଳବନ୍ତରାୟ (ଚକ୍ଷୁବନ୍ଧନ), ପ୍ରଭାତୀ ଆଚାର୍ଯ୍ୟ (ମନେ ମନେ ମନ ଖୋଜୁଥିଲା), ସଂପ୍ରିତ୍ କୁମାର ଶତପଥୀ (ଗାଁର ନାଁ ଗାଲୁଆପୁର), ଅଜିତାଭ ମଲ୍ଲିକ (ଅରୁନ୍ଧତୀ), କେ. ତମନ୍ନା (କଟକ ଓ୍ୱେଡ୍‌ସ ସମ୍ବଲପୁର) ଏବଂ ଡ. ବିବେକାନନ୍ଦ ପାଣିଗ୍ରାହୀ (ବିଶ୍ୱାସ)।


ଓମକାର-ନମ୍ରତା

### ପରଲୋକରେ

ଚଳିତ ବର୍ଷ ଓଲିଉଡ୍ ହରାଇଛି କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ। ବିଶିଷ୍ଟ ଗାୟିକା ତପୁ ମିଶ୍ର କରୋନାରେ ଆକ୍ରାନ୍ତ ହୋଇ ଏ ବର୍ଷ ପରଲୋକ ଗମନ କରିଛନ୍ତି। ଲୋକପ୍ରିୟ ହାସ୍ୟାଭିନେତା ରବି ମିଶ୍ର, ପ୍ରଯୋଜକ ଶ୍ରୀନିବାସ ପାଇକରାୟ, ଅଭିନେତା ଅଟଳ ବିହାରୀ ପଣ୍ଡା, ରବି ପଟ୍ଟନାୟକ (ସମ୍ପାଦନା), ଶାନ୍ତି ସ୍ୱରୂପ ମିଶ୍ର (ଅଭିନେତା), ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତିରାଜ ଖୋସ୍‌ଲା, ସ୍ୱର ସଂଯୋଜକ ଅମରେନ୍ଦ୍ର ମହାନ୍ତି ଏବଂ ସଙ୍ଗୀତ ନିର୍ଦ୍ଦେଶକ ଜେ. ଆଦେନୀଙ୍କର ମଧ୍ୟ ଏହି ବର୍ଷ ମୃତ୍ୟୁ ହୋଇଥିଲା।

### ବଢ଼ୁଛି ସାଟେଲାଇଟ୍ ସିନେମାର ସଂଖ୍ୟା

ଗତ କିଛି ବର୍ଷ ଧରି ସାଟେଲାଇଟ୍ ସିନେମାଗୁଡ଼ିକର ସଂଖ୍ୟା ବଢ଼ିବାରେ ଲାଗିଛି। ଚଳିତବର୍ଷ ରିଲିଜ୍ ହୋଇଥିବା ପ୍ରମୁଖ ସାଟେଲାଇଟ୍ ସିନେମା ମଧ୍ୟରେ ରହିଛି, ଶ୍ରୀକ୍ଷେତ୍ର, ରୋଲ୍ ନଂ-୨୭ ସୁଜାତା ସେନାପତି, ଚୁମ୍‌କି ମାଇଁ ଡାର୍ଲିଂ, ଚରିତ୍ର, ଇଏ ବି ଗୋଟେ ଲଭ୍ ଷ୍ଟୋରି, ରାତି ସରି ସରି ଯାଉଛି ଏବଂ ମା'ର ମମତା।

### ବିବାହ ବନ୍ଧନ

ପୂର୍ବରୁ ବେଶ୍ କେତୋଟି ସିନେମାରେ ରିଲ୍ ଯୋଡ଼ି ସାଜି ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ସବ୍ୟସାଚୀ-ଅର୍ଚ୍ଚିତା ଏ ବର୍ଷ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଏହି ହାଇ ପ୍ରୋଫାଇଲ ମ୍ୟାରେଜ ରାଜସ୍ଥାନରେ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଅଭିନେତ୍ରୀ ଆହାନା, ଗୁନ୍‌ଗୁନ୍, ଗାୟିକା ସୋହିନୀ ମିଶ୍ର ଏବଂ ହାସ୍ୟାଭିନେତା ଗୁଞ୍ଜୁ ମଧ୍ୟ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି।


ଅର୍ଚ୍ଚିତା-ସବ୍ୟସାଚୀ


ଦିଲୀପ କୁମାର


ଶ୍ରବଣ ରାଠୋର


ସିଦ୍ଧାର୍ଥ ଶୁକ୍ଲା


ଅମରେନ୍ଦ୍ର ମହାନ୍ତି


ତପୁ ମିଶ୍ର


ସବ୍ୟସାଚୀ ମହାପାତ୍ର


ନୀଳମାଧବ ପଣ୍ଡା


ତମନ୍ନା


ଜ୍ୟୋତି ନାୟକ


ରାଜବୀର ଦେଓ


ସମ୍ବିତ ଆଚାର୍ଯ୍ୟ

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୮,୩୪,୯୦,୫୩୮ | ୫୪,୩୪,୪୭୧ | ୨୫,୨୧,୦୧,୮୦୧ |
| ଭାରତ | ୩,୪୮,୦୮,୮୮୬ | ୪,୮୦,୫୯୨ | ୩,୪୨,୫୧,୨୯୨ |
| ଓଡ଼ିଶା | ୧୦,୫୪,୩୮୧ | ୮୪୫୬(+୫୩) | ୧୦,୪୪,୪୪୩ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଶିଳ୍ପ ସମୃଦ୍ଧ ଜିଲାରେ ବେକାରଙ୍କ ସଂଖ୍ୟା ବଢୁଛି

**ଯାଜପୁର ଅଫିସ/କଳିଙ୍ଗନଗର (ଡି.ଏନ୍.ଏ.),୨୯।୧୨**

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଯାଜପୁର ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ବ୍ୟାସନଗର ସ୍ୱୟଂଶାସିତ କଲେଜ ପରିସରରେ ଏକ କ୍ଷୁଦ୍ର ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ତେବେ ଏଠାରୁ କଳିଙ୍ଗନଗର ଶିଳ୍ପାଞ୍ଚଳର ଦୂରତା ମାତ୍ର ୫ କିମି ହୋଇଥିଲେ ହେଁ କୌଣସି ଶିଳ୍ପ କାରଖାନା କର୍ତ୍ତୃପକ୍ଷ ଭାଗ ନେଇନାହାନ୍ତି। ଏହାକୁ ନେଇ ଆଶାୟୀଙ୍କ ମଧ୍ୟରେ ନାନା ଚର୍ଚ୍ଚା ଜୋର ଧରିଛି।

ଶିଳ୍ପ ଓ ଖଣି ଖାଦାନରେ ଭରପୂର ଯାଜପୁର ଜିଲାରେ ଦିନକୁ ଦିନ ବେକାରି ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏଠାରେ ପ୍ରାୟ ୬୦ ପ୍ରତିଶତ ନିୟମିତ ନିଯୁକ୍ତି ଓ ଠିକା ଶ୍ରମିକ ରାଜ୍ୟ ବାହାର ଲୋକଙ୍କୁ ମିଳୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଜିଲା କର୍ମ ନିୟୋଜନ ସଂସ୍ଥାରେ ଯେତିକି ସଂଖ୍ୟାରେ ବେକାର ଶିକ୍ଷିତ ଯୁବତୀଯୁବକ ନାମ ପଞ୍ଜୀକରଣ କରୁଛନ୍ତି, ସେମାନଙ୍କୁ ଚାକିରି ମିଳୁନାହିଁ। ଚାକିରି ଅପେକ୍ଷାରେ ଅନେକଙ୍କ ବୟସ ଅତିକ୍ରାନ୍ତ ହୋଇ ଯାଉଥିବାରୁ ସେମାନଙ୍କ ମଧ୍ୟରେ ନୈରାଶ୍ୟଭାବ ପ୍ରକାଶ ପାଉଛି। ଶିଳ୍ପ ଓ ଖଣିଦ୍ୱାରା ଜିଲାର ବେକାରି ସମସ୍ୟା ଦୂରୀକରଣ ହୋଇପାରିବ ବୋଲି ସରକାର କହୁଥିବାବେଳେ ବାସ୍ତବତାଠାରୁ ଏହା ବହୁ ଦୂରରେ ରହିଯାଉଛି। ଜିଲା କର୍ମ ନିୟୋଜନ କାର୍ଯ୍ୟାଳୟ ସୂତ୍ର ଅନୁଯାୟୀ ଏଯାଏ ପ୍ରାୟ ୨୫ ହଜାର ବେକାର ଶିକ୍ଷିତ ଯୁବତୀଯୁବକ ପଞ୍ଜୀକରଣ କରିଛନ୍ତି। ହେଲେ ଦୁର୍ଭାଗ୍ୟ ଯେ, ଜିଲା କର୍ମ ନିୟୋଜନ ସଂସ୍ଥା ଜରିଆରେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ନିଯୁକ୍ତି ସଂଖ୍ୟା ୧୦୦ ବି ଅତିକ୍ରମ କରି ପାରିନାହିଁ। ସ୍ଥାନୀୟ ନିଯୁକ୍ତି ସଂଖ୍ୟାକୁ ଅବଲୋକନ କଲେ ଜିଲାର ଜନପ୍ରତିନିଧିମାନଙ୍କ ପ୍ରସଙ୍ଗ କ୍ରମେ ଅପ୍ରସଙ୍ଗ ବୋଲି ମନେହେଉଛି। ଜନ ପ୍ରତିନିଧିଙ୍କ ଉପରେ ଜନତାଙ୍କ ଆଶା ଓ ଭରସା କ୍ରମଶଃ ମଉଳି ଯାଉଛି। ସାଧାରଣ ଲୋକଙ୍କ ଜନଜୀବନ ସହ ଜଡିତ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସବୁ ନେତାଏ ଏଡାଇ ଯାଇ ନିଜର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗକୁ ଜାବୁଡ଼ି ଧରିବାର ଦେଖାଯାଉଛି। ଜିଲାରେ ଗୋଟିଏ ପରେ ଗୋଟିଏ ଶିଳ୍ପ କାରଖାନା ଗଢ଼ି ଉଠିବାରେ ଲାଗିଛି। ଏସବୁ ଶିଳ୍ପ ସଂସ୍ଥା କିନ୍ତୁ ସ୍ଥାନୀୟ ନିଯୁକ୍ତିକୁ ଜାଣିଶୁଣି ଉପେକ୍ଷା କରି ଚାଲିଛନ୍ତି। ସ୍ଥାନୀୟ ଲୋକେ ନିଯୁକ୍ତି ପାଇଲେ ଯେଉଁ ମାତ୍ରାରେ ଲାଭଖୋର କମ୍ପାନୀ ମାଲିକମାନେ ଶ୍ରମିକ ଶୋଷଣ କରି ଚାଲିଛନ୍ତି ତାହା ସଂଗଠିତ ହୋଇ ବିରୋଧ ହେବ। ଏହି ଚିନ୍ତା କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଘାରୁଛି। ଅନ୍ୟପକ୍ଷେ ଯେଉଁ କେତେଜଣ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦିଆଯାଉଥିବା କୁହାଯାଉଛି, ତାହା ସମ୍ପୂର୍ଣ୍ଣ ଅସ୍ଥାୟୀ ଓ ଠିକା ନିଯୁକ୍ତି, ଦିନ ମଜୁରିଆ କହିଲେ ଅତ୍ୟୁକ୍ତି ନୁହେଁ। ସ୍ଥାୟୀ ନିଯୁକ୍ତି ପାଇଁ ଜିଲା କର୍ମ ନିୟୋଜନ ସଂସ୍ଥା ମାଧ୍ୟମରେ କଣ୍ଟ୍ରାକ୍ଟ ଲେବର ରେଗୁଲେସନ... 


ଖାଲିପଡ଼ିଥିବା ଷ୍ଟଲ।

■ ଦ୍ୱିତୀୟ ଦିନ ନିଯୁକ୍ତି ମେଳାକୁ ଆସିଲେ ନାହିଁ କୌଣସି କମ୍ପାନୀ
■ ଖାଲି ପଡ଼ିଲା ଅଧିକାଂଶ ଷ୍ଟଲ

କମ୍ପଲସରି ନୋଟିଫିକେଶନ ଅଫ୍ ଭାକାନ୍ସି ଆକ୍ଟ ୧୯୫୯ ଅନୁଯାୟୀ ଖାଲି ପଦବୀରେ ନିଯୁକ୍ତି ବ୍ୟବସ୍ଥାକୁ ଉଦ୍ଦେଶ୍ୟମୂଳକ ଭାବେ ଶିଳ୍ପ ସଂସ୍ଥାଗୁଡିକ ଉଲ୍ଲଂଘନ କରି ଚାଲିଛନ୍ତି। ଏଥିରୁ ସ୍ପଷ୍ଟ ଯେ, କେବଳ ନିଯୁକ୍ତି ମେଳା ନୁହେଁ ଆଇନକାନୁନ ଓ ନୀତି, ନିୟମ ପ୍ରତି ମଧ୍ୟ ଶିଳ୍ପସଂସ୍ଥାଙ୍କ ବେଖାତିର ମନୋଭାବ ରହି ଆସିଛି। ଅନ୍ୟପକ୍ଷେ, ଗତ ୨୦୧୬-୧୭ ଆର୍ଥିକ ବର୍ଷରୁ ଜିଲାରେ ନୂତନ ଭାବେ ପ୍ରତିଷ୍ଠିତ ସିମେଣ୍ଟ କାରଖାନାଗୁଡ଼ିକରେ ଠିକା ଶ୍ରମିକ ଭାବେ ଜିଲାର ପ୍ରାୟ ୧୫୦୦ ଲୋକଙ୍କୁ ନିଯୁକ୍ତି ମିଳିଛି। ଏଭଳି ପ୍ରସଙ୍ଗ ଜିଲାରେ ସର୍ବୋଚ୍ଚସ୍ତରରେ ପ୍ରତିନିଧିତ୍ୱ କରୁଥିବା ଜନ ପ୍ରତିନିଧିଙ୍କ ଦୃଷ୍ଟିକୁ ଆସୁନାହିଁ। ତଥାପି ଲୋକଙ୍କ ଦରଦୀ ହେବାର ଅଭିନୟ କରି ଶସ୍ତା ରାଜନୀତିରେ ବ୍ୟସ୍ତ ନେତାଏ ବାସ୍ତବତାକୁ ଅବାସ୍ତବ ଏବଂ ଅବାସ୍ତବକୁ ବାସ୍ତବ କରିବାରେ ମାତିଛନ୍ତି ବୋଲି ମତପ୍ରକାଶ ପାଇଛି। ବେକାରି ସମସ୍ୟା ଯୋଗୁ ଦିନ ଦ୍ୱିପ୍ରହରରେ ଲୁଟ, ରାହାଜାନି, ଡକାୟତି ଆଦି ଘଟଣା ନିୟମିତ ବ୍ୟବଧାନରେ ଘଟି ଚାଲିଛି।

ଏହି ନିଯୁକ୍ତି ମେଳାରେ ଭାଗ ନେଇଥିବା ଆଶାୟୀ ପ୍ରକାଶ କୁମାର ସ୍ୱାଇଁ, ପ୍ରିୟଙ୍କା ପ୍ରିୟଦର୍ଶିନୀ ସାମଲ ଓ ଜୟଶ୍ରୀ ମିଶ୍ର କହିଛନ୍ତି, କଳିଙ୍ଗନଗର ଶିଳ୍ପାଞ୍ଚଳ ଓ ଖଣି ଅଞ୍ଚଳର ନିଯୁକ୍ତିଦାତାମାନେ ଏଠାରେ ଭାଗ ନେବେ ବୋଲି ଆଶା କରିଥିଲୁ। କିନ୍ତୁ ଭାଗ ନେଇଥିବା ନିଯୁକ୍ତିଦାତାମାନେ ତାଲିମ ନେବା ପରେ ଚାକିରି ମିଳିବ ବୋଲି କହିଛନ୍ତି। ବଡ଼ ଶିଳ୍ପ କମ୍ପାନୀମାନେ ଏହି ନିଯୁକ୍ତି ମେଳାକୁ ଉପେକ୍ଷା କରିଛନ୍ତି। କଳିଙ୍ଗ ନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ମେଳାକୁ ଉଦ୍‌ଘାଟନ କରି ଏଠି ଦକ୍ଷତା ପ୍ରତିପାଦନ ପାଇଁ ଭରପୂର ସୁଯୋଗ ରହିଛି ଏବଂ ଅନେକ ଉଚ୍ଚଶିକ୍ଷିତ, ଡିଗ୍ରୀ, ଡିପ୍ଲୋମାଧାରୀ ଭରି ରହିଛନ୍ତି। ସେ ଦିଗରେ ସମସ୍ତ ନିଯୁକ୍ତିଦାତା ଓ ତାଲିମ ସହଯୋଗୀମାନେ ଯତ୍ନବାନ୍ ହେବାକୁ ସେ ପରାମର୍ଶ ଦେଇଥିଲେ। ମେଳାରେ ୮ ଟି ନିଯୁକ୍ତିଦାତାଙ୍କ ସହିତ ୬ ଜଣ ତାଲିମ ସହଯୋଗୀ ସାମିଲ ହୋଇଥିଲେ। ମୋଟ ୭୮୦ ପ୍ରାର୍ଥୀ ନିଯୁକ୍ତି ମେଳାରେ ଯୋଗ ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୦୫ ଜଣ ଯୋଗ୍ୟ ପ୍ରାର୍ଥୀଙ୍କୁ ବିଭିନ୍ନ ବେସରକାରୀ ସଂସ୍ଥା ମାଧ୍ୟମରେ ନାମାଙ୍କନ ପାଇଁ ମନୋନୟନ କରାଯାଇଛି। ଅନ୍ୟପକ୍ଷେ ଏକାଧିକ ଷ୍ଟଲ ଖାଲି ପଡିଥିବା ଦେଖିବାକୁ ମିଳିଥିଲା।

## ବାଲେଶ୍ୱରରେ ସାଇବର ଠକେଇ


ସହଦେବଖୁଣ୍ଟା ଥାନା ସମ୍ମୁଖରେ ଲୁଟ୍‌ର ଶିକାର ହୋଇଥିବା ଦମ୍ପତି।

**ବାଲେଶ୍ୱର ଅଫିସ, ୨୯।୧୨**

### ମହିଳାଙ୍କ ଆକାଉଣ୍ଟରୁ ୧୨ଲକ୍ଷ ୪୫ ହଜାର ଗାଏବ

ବାଲେଶ୍ୱର ଜିଲାରେ ଏକ ବଡ଼ଧରଣର ସାଇବର ଠକେଇ ହୋଇଛି। ଜଣେ ମହିଳାଙ୍କ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ, ବାଲେଶ୍ୱର ବ୍ରାଞ୍ଚରେ ଥିବା ଫିକ୍ସଡ୍ ଡିପୋଜିଟ୍ (ଏଫ୍‌ଡି) ୧୦ଲକ୍ଷ ଏବଂ ସେଭିଂ ଆକାଉଣ୍ଟରୁ ୨ଲକ୍ଷ ୪୫ହଜାର ଟଙ୍କା ଗାଏବ ହୋଇଯାଇଛି। ଏ ସମ୍ପର୍କରେ ମହିଳା ଜଣକ ଜାଣିବା ପରେ ବୁଧବାର ଅନ୍‌ଲାଇନରେ କଟକସ୍ଥିତ ନ୍ୟାଶନାଲ ସାଇବର କ୍ରାଇମ୍ ଥାନାରେ ଅଭିଯୋଗ କରିଛନ୍ତି। ବାଲେଶ୍ୱର ସହଦେବଖୁଣ୍ଟା ମଡ଼େଲ ଥାନାରେ ମଧ ଏକ ଲିଖିତ ଅଭିଯୋଗ ହୋଇଛି। ଠକେଇର ଶିକାର ହୋଇଥିବା ମହିଳା ଜଣକ ହେଲେ ବାଲେଶ୍ୱର ଜିଲା ନୀଳଗିରି ଏନ୍‌ଏସି ଅଧୀନ ବାଲିଗୋହିରୀ ଗ୍ରାମର ଜ୍ୟୋତ୍ସ୍ନାରାଣୀ ପାତ୍ର।

ଜ୍ୟୋତ୍ସ୍ନାରାଣୀ ୨୦୨୦ ସେପ୍ଟେମ୍ବର ୨୩ରେ ୫ଲକ୍ଷ ଲେଖାଏ ଦୁଇଟି ଏଫ୍‌ଡି ଫକୀରମୋହନ ଗୋଲେଇସ୍ଥିତ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କରେ ରଖିଥିଲେ। ୨୦୨୩ ଅଗଷ୍ଟ ୨୩ରେ ଏହା ମାଚ୍ୟୁରିଟି ହେବାକୁ ଥିବା ବେଳେ ଗତ ମଙ୍ଗଳବାର ତାଙ୍କ ଆକାଉଣ୍ଟରୁ ସାଇବର ଠକଙ୍କ ଦ୍ୱାରା ଏଫ୍‌ଡିରୁ ୧୬ଥରରେ ୧୦ଲକ୍ଷ ଟଙ୍କା ଲୁଟ୍ ହୋଇଥିଲା। ବୁଧବାର ପୂର୍ବାହ୍ନ ୧୧ଟାରେ ଜ୍ୟୋତ୍ସ୍ନାରାଣୀଙ୍କ ସ୍ୱାମୀ ସମୀର ରାଉତ ବ୍ୟାଙ୍କରେ ଟଙ୍କା ଡିପୋଜିଟ୍ କରିବା ପାଇଁ ପହଞ୍ଚିବା ପରେ ତାଙ୍କ ଏଫ୍‌ଡିରେ ଥିବା ଟଙ୍କାକୁ ସାଇବର ଠକ ଲୁଟି ନେଇଥିବା ଜାଣିବାକୁ ପାଇଥିଲେ। ସେ ସଙ୍ଗେ ସଙ୍ଗେ ତାଙ୍କର ସେଭିଂ ଆକାଉଣ୍ଟକୁ ଲକ୍ କରିବା ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ମାତ୍ର ବ୍ୟାଙ୍କ କର୍ମଚାରୀ ତାଙ୍କ ଆବେଦନକୁ ଭ୍ରୂକ୍ଷେପ ନ କରି ସାଇବର ଥାନାରେ ଲିଖିତ ଅଭିଯୋଗ କରିବା ପାଇଁ କହିଥିଲେ। ଜ୍ୟୋତ୍ସ୍ନାରାଣୀ ଜିଲା ଏସ୍‌ପିଙ୍କ ଅଫିସ୍‌ରେ ପହଞ୍ଚି ଘଟଣା ସମ୍ପର୍କରେ ଜଣାଇଥିଲେ। ପୋଲିସ ପରାମର୍ଶ ଅନୁସାରେ ବ୍ୟାଙ୍କକୁ ଯାଇ ଆକାଉଣ୍ଟର ଡିଟେଲ୍‌ସ ଆଣିବା ପାଇଁ ବ୍ୟାଙ୍କକୁ ଆସିଥିଲେ। ସେଭିଙ୍ଗ୍ ଆକାଉଣ୍ଟରେ ଥିବା ୨ଲକ୍ଷ ୪୫ହଜାର ଟଙ୍କାକୁ ମଧ ସାଇବର ଠକ ଅଳ୍ପ ସମୟ ପୂର୍ବରୁ ୩ ଥରରେ ଲୁଟି ନେଇଥିବା ଜଣାପଡ଼ିଥିଲା। ବ୍ୟାଙ୍କ କର୍ମଚାରୀଙ୍କ ମନମୁଖି କାର୍ଯ୍ୟ ଯୋଗୁ ତାଙ୍କର ଟଙ୍କା ଲୁଟ୍ ହୋଇଥିବା ସମୀର ଅଭିଯୋଗ କରିଛନ୍ତି। ନିଜର ଜମି ବିକ୍ରି କରି ଏଫ୍‌ଡି କରିଥିବା ଟଙ୍କା ହରାଇ ଉଭୟ ଦମ୍ପତି ଏକପ୍ରକାର ମାନସିକ ଦୁଶ୍ଚିନ୍ତାରେ ରହିଛନ୍ତି। ଟଙ୍କା ଫେରି ନ ପାଇଲେ ବ୍ୟାଙ୍କ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ ବାଲେଶ୍ୱର ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ବ୍ରାଞ୍ଚ ମ୍ୟାନେଜର ଇନ୍ଦ୍ରନୀଲ୍ ଦତ୍ତ କହିଛନ୍ତି, ସାଇବର କ୍ରାଇମ୍ ତଦନ୍ତ ପାଇଁ ବ୍ୟାଙ୍କକୁ ନିର୍ଦ୍ଦେଶ ଆସିଛି। ସମସ୍ତ ପ୍ରକାର ସହଯୋଗ କରୁଛୁ। ତଦନ୍ତ ପରେ ଜଣାପଡ଼ିବ ବୋଲି ସେ ପ୍ରକାଶ କରିଛନ୍ତି।

## ଟ୍ରକ୍ ଓଲଟି ୧୫ଶହ ବତକ ମୃତ

**ନବରଙ୍ଗପୁର,୨୯।୧୨(ବି.ପ୍ର.):** ନବରଙ୍ଗପୁରର ୨୬ ନମ୍ବର ଜାତୀୟ ରାଜପଥ (ବଡ଼ ଡାଇଭଟା) ରାସ୍ତାକଡ଼ରେ ଏକ ବତକ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଥିବା ୧୫ଶହ ବତକଙ୍କ ମୃତ୍ୟୁ ହୋଇଛି। ଟ୍ରକ୍ ଡ୍ରାଇଭର ଓ ହେଲ୍‌ପର ସୁରକ୍ଷିତ ଥିବା ଜଣାପଡିଛି। ଏକ ବତକ ବୋଝେଇ ଟ୍ରକ୍ (ଏପି-୧୬ ଟିଭି-୧୫୪୩) ବିଶାଖାପାଟଣାରୁ କଳାହାଣ୍ଡି ଅଭିମୁଖେ ଯାଉଥିଲା। ଏହି ସମୟରେ ଟ୍ରକ୍‌ର ବ୍ରେକ୍ ଫେଲ୍ ହୋଇଯିବାରୁ ତାହା ବଡ଼ ଡାଇଭଟା ରାସ୍ତାକଡ଼ରେ ଓଲଟି ପଡିଥିଲା।

## ହାଡୁଭାଙ୍ଗିରେ ଜବରଦଖଲ ଉଚ୍ଛେଦକୁ ବିରୋଧ

# ମହିଳାଙ୍କ ଆତ୍ମାହୁତି ଉଦ୍ୟମ, ୧୪୪ ଜାରି

**କାଶୀନଗର,୨୯।୧୨(ଡି.ଏନ୍.ଏ.)**

ଗଜପତି ଜିଲା କାଶୀନଗର ବ୍ଲକ ହାଡୁଭାଙ୍ଗି ଗ୍ରାମରେ ଜବରଦଖଲ ଉଚ୍ଛେଦ ପ୍ରତିବାଦରେ ବୁଧବାର ଜଣେ ମହିଳା ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ପୋଲିସ ସମ୍ପୃକ୍ତ ମହିଳାଙ୍କୁ କାବୁ କରିବା ସହ ତାଙ୍କର ଅନ୍ୟ ସହଯୋଗୀଙ୍କୁ ଉଠାଇ ନେଇଛି। ଏହି ଘଟଣା ପରେ ସମ୍ପୃକ୍ତ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି।

ହାଡୁଭାଙ୍ଗି ଗ୍ରାମରେ ଜବରଦଖଲ ଉଚ୍ଛେଦ ଚାଲିଛି। ଗ୍ରାମର ଦୋକାନ ଓ ବାସଗୃହ ମିଶି ମୋଟ ୫୬ଘର ଭାଙ୍ଗିବା ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଥିଲା। ବୁଧବାର ମାଜିଷ୍ଟ୍ରେଟ, ପ୍ରଶାସନ ଓ ପୋଲିସ ଉପସ୍ଥିତିରେ ଉଚ୍ଛେଦ ପ୍ରକ୍ରିୟା ଚାଲିଥିବା ବେଳେ ହଠାତ୍ କେ.ରେଣୁକା ନାମ୍ନୀ ମହିଳା ଦେହରେ କିରୋସିନ ଢାଳି ନିଆଁ ଲଗାଇବାକୁ ଚେଷ୍ଟା କରିଥିଲେ। ତେବେ ସେଠାରେ ଉପସ୍ଥିତ ଥିବା ପୋଲିସ ତାଙ୍କୁ ଉଦ୍ଧାର କରିଛି। ରେଣୁକାଙ୍କ ଅଭିଯୋଗ ଯେ ପ୍ରଶାସନ ଓ ପୋଲିସ ପାନ୍ତରଅନ୍ତର କରି ପ୍ରଥମେ ଗରିବଙ୍କ ଘର ଭାଙ୍ଗି ଦେଇଛି। ତାଙ୍କ ଦୋକାନ ଭଙ୍ଗାଯାଇଥିବାରୁ ରୋଜଗାର ସକାଶେ ଅନ୍ୟ କୌଣସି ପନ୍ଥା ନାହିଁ। ତେଣୁ ସେ ଏପରି କରିଥିବା କହିଛନ୍ତି। ଅନ୍ୟପକ୍ଷରେ ସକାଳ ୮ଟାରୁ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ସକାଳୁ ୪ ଦୋକାନ ଗୃହ ଉଚ୍ଛେଦ କରିଦେଇ ଅନ୍ୟ ଘର ଉଚ୍ଛେଦ ନ କରି ଏବେ ପର୍ଯ୍ୟନ୍ତ ପ୍ରଶାସନ କାହା ନିର୍ଦ୍ଦେଶକୁ ଅପେକ୍ଷା କରିଛି ବୋଲି ପ୍ରଶ୍ନ କରିଛନ୍ତି ରେଣୁକା। ତେବେ ଉଚ୍ଛେଦ ପ୍ରକ୍ରିୟାକୁ ପ୍ରଶାସନ ମାସେ ପାଇଁ ସ୍ଥଗିତ ରଖିଥିବା ଜଣାପଡ଼ିଛି।



# କ୍ଷମତା ନୁହେଁ, ଜୀବନ ବଡ଼




ଉନ୍ନାଓରେ ମଙ୍ଗଳବାର ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବଙ୍କ ବିଜୟ ରଥଯାତ୍ରା। ହରଦୋଇରେ ଭାଜପାର ନିର୍ବାଚନୀ ସଭାକୁ ସମ୍ବୋଧିତ କରୁଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା।

## ନିର୍ବାଚନୀ ସଭାରେ କୋଭିଡ୍ କଟକଣା ମାନୁନାହାନ୍ତି ନେତା, ଜନତା

**ଦକ୍ଷିଣ ଆଫ୍ରିକାରୁ ଆସିଥିବା କୋଭିଡ୍-୧୯ର ଓମିକ୍ରନ୍ ଭାରିଆଣ୍ଟ ସଂକ୍ରମଣ ଭାରତରେ ବ୍ୟାପିବାରେ ଲାଗିଥିବାବେଳେ ଆଗକୁ ଏହା ତୃତୀୟ ଲହରକୁ ଡାକିଆଣିବ ବୋଲି ଆଶଙ୍କା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ସୁଦ୍ଧା ୟୁପି ସମେତ ୭ ରାଜ୍ୟରେ ନାଇଟ୍ କର୍ଫ୍ୟୁ ଜାରି ସହ କଟକଣା ବଢ଼ାଯାଇଛି। ହେଲେ ନିର୍ବାଚନମୁହାଁ ୟୁପିରେ ନେତା ଓ ଜନତା କୋଭିଡ୍ କଟକଣାର ଖୋଲାଖୋଲି ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳୁଛି।**

ଲକ୍ଷ୍ନୌ/ନୂଆଦିଲ୍ଲୀ,୨୯।୧୨

ଶାସକ ଭାଜପା ହେଉ କି ବିରୋଧୀ ସମାଜବାଦୀ ପାର୍ଟି (ଏସ୍‌ପି) ଅଥବା କଂଗ୍ରେସ ନିର୍ବାଚନମୁହାଁ ଉତ୍ତର ପ୍ରଦେଶରେ କୌଣସି ଦଳର ନେତା କୋଭିଡ୍ କଟକଣାକୁ ମାନୁନାହାନ୍ତି। ନା କାହା ମୁହଁରେ ମାସ୍କ ଅଛି ନା କେହି ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦେଉଛନ୍ତି। ସବୁ ଦଳର ନିର୍ବାଚନୀ ରାଲିଗୁଡ଼ିକରେ ସମାନ ଚିତ୍ର ଦେଖିବାକୁ ମିଳୁଛି। ନେତାମାନେ ପ୍ରଚାର ବେଳେ କୋଭିଡ୍ କଟକଣା ଉଲ୍ଲଂଘନ କରୁଥିବାବେଳେ ସଭାରେ ଉପସ୍ଥିତ ଜନତା ମଧ୍ୟ ବିନା ଦ୍ୱିଧାରେ ଭିଡ଼ ଜମାଉଛନ୍ତି। ଫଳରେ ଆଗକୁ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇବା ଆଶଙ୍କା କରାଯାଉଛି।

କଂଗ୍ରେସ ପକ୍ଷରୁ ରବିବାର କରାଯାଇଥିବା ମହିଳା ମାରାଥନ୍ ରାଲି ସହ ମଙ୍ଗଳବାର ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବଙ୍କ ଉନ୍ନାଓ ସଭା ଏବଂ ହରଦୋଇରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ରୋଡ୍ ଶୋ'ରେ ବିପୁଳ ଜନ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା। ଅଧିକାଂଶ ଲୋକ କୋଭିଡ୍ ନିରାପତ୍ତାକୁ ଅଣଦେଖା କରିଥିଲେ। ଏଭଳି ସ୍ଥିତି ଗତ ମାର୍ଚ୍ଚ-ଏପ୍ରିଲରେ ଅନୁଷ୍ଠିତ ପଶ୍ଚିମବଙ୍ଗ ସହ ଅନ୍ୟ ରାଜ୍ୟଗୁଡ଼ିକର ବିଧାନସଭା ନିର୍ବାଚନ ବେଳେ ମଧ୍ୟ ଦେଖିବାକୁ ମିଳିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଧୂଆଁଧାର ପ୍ରଚାର ସଭାରେ ସବୁ ନିୟମକୁ ଫୁ କରିଦିଆଯାଇଥିଲା। ଏଥିଯୋଗୁ ଦ୍ୱିତୀୟ ଲହର ସଂକ୍ରମଣ ବଢ଼ିଥିବା ସେତେବେଳେ ସମାଲୋଚନା କରାଯାଇଥିଲା। ଏବେ ଦେଶରେ ଓମିକ୍ରନ ସଂକ୍ରମଣ ବୃଦ୍ଧି ପାଇ ୭୮୧ରେ ପହଞ୍ଚିଥିବାବେଳେ ନେତାଙ୍କ ନିର୍ବାଚନୀ ସଭା ପୁଣି ଥରେ ବିପଦକୁ ନିମନ୍ତ୍ରଣ କରିପାରେ ବୋଲି ଆଶଙ୍କା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଗତ ସପ୍ତାହରେ ଆଲ୍ଲାହାବାଦ ହାଇକୋର୍ଟ ନିର୍ବାଚନ କମିଶନ ଏବଂ ପ୍ରଧାନମନ୍ତ୍ରୀଙ୍କୁ ମାସେ କିମ୍ବା ଦୁଇମାସ ପାଇଁ ୟୁପି ନିର୍ବାଚନ ଘୁଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ଏଥିସହ ପଶ୍ଚିମବଙ୍ଗ ନିର୍ବାଚନ ବେଳର କଥା ମଧ୍ୟ ସ୍ମରଣ କରାଇଦେଇଥିଲେ। ତେବେ ନିର୍ବାଚନ କମିଶନ ଏଥର କଡ଼ା ଆଭିମୁଖ୍ୟ ଗ୍ରହଣ କରିପାରନ୍ତି ବୋଲି ସୂତ୍ରରୁ ଜଣାପଡ଼ିଛି। କେନ୍ଦ୍ର ସରକାର ମଧ୍ୟ ଫେବୃୟାରୀ-ମାର୍ଚ୍ଚରେ ବିଧାନସଭା ନିର୍ବାଚନ ହେବାକୁ ଥିବା ୟୁପି, ଉତ୍ତରାଖଣ୍ଡ, ପଞ୍ଜାବ, ଗୋଆ ଓ ମଣିପୁର ସ୍ଥିତି ନେଇ ମଙ୍ଗଳବାର ସମୀକ୍ଷା କରିଛନ୍ତି। ଇତିମଧ୍ୟରେ ଆବଶ୍ୟକ ହେଲେ ୟୁପି ଏବଂ ପଞ୍ଜାବ ଭଳି ବଡ଼ ରାଜ୍ୟରେ ଭାଜପା ଭର୍ଚୁଆଲ ରାଲି କରିପାରେ ବୋଲି ଦଳ ପକ୍ଷରୁ କୁହାଯାଇଛି। ଭାଜପାର ନିର୍ବାଚନ ଦାୟିତ୍ୱରେ ଥିବା କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ କହିଛନ୍ତି, ମହାମାରୀ ବେଳେ ଆମେ ପଶ୍ଚିମବଙ୍ଗରେ ମଧ୍ୟ ଭର୍ଚୁଆଲ ରାଲି କରିଥିଲୁ। ଏଥର ବି ଭିଡିଓ କନ୍‌ଫରେନ୍ସ ଜରିଆରେ ସମର୍ଥକମାନଙ୍କୁ ଦଳୀୟ ନେତା ସମ୍ବୋଧନ କରିପାରିବେ। କିନ୍ତୁ ଏହା ଉପରେ ନିର୍ବାଚନ କମିଶନ ହିଁ ନିଷ୍ପତ୍ତି ନେବେ।

# ସତ୍ୟପାଠରେ ଦର୍ଶାଇନାହାନ୍ତି ନିଜ ମାମଲା

## ହରିୟାଣା କ୍ୟାବିନେଟରେ ୧୪ ମନ୍ତ୍ରୀ

NATIONAL ELECTION WATCH
ADR

ନୂଆଦିଲ୍ଲୀ,୨୯।୧୨

ହରିୟାଣା ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟର ମଙ୍ଗଳବାର ନିଜ କ୍ୟାବିନେଟ ସମ୍ପ୍ରସାରଣ କରିଛନ୍ତି। ଏଥିସହ ତାଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟ ସଂଖ୍ୟା ୧୪କୁ ବୃଦ୍ଧି ପାଇଛି। ହରିୟାଣା ଇଲେକ୍ସନ ୱାଚ୍ ଏବଂ ଆସୋସିଏଶନ୍ ଫର ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ପକ୍ଷରୁ ମିଳିତ ଭାବେ ୧୪ ମନ୍ତ୍ରୀଙ୍କ ସତ୍ୟପାଠ ବିଶ୍ଳେଷଣ କରାଯାଇଛି। ଏଥିରୁ ଜଣାପଡ଼ିଛି ଯେ, ଖଟ୍ଟର କ୍ୟାବିନେଟର ସମସ୍ତ ୧୪ ମନ୍ତ୍ରୀ ହେଉଛନ୍ତି କୋଟିପତି। ସେମାନଙ୍କ ମଧ୍ୟରେ ଭାଜପାର ୧୦, ଜନନାୟକ ଜନତା ପାର୍ଟି(ଜେଜେପି)ର ୩ ଏବଂ ଜଣେ ସ୍ୱାଧୀନ ବିଧାୟକ ଅଛନ୍ତି। ମନ୍ତ୍ରୀମାନଙ୍କ ସମ୍ପତ୍ତିର ହାରାହାରି ମୂଲ୍ୟ ୧୭.୭୩ କୋଟି ଟଙ୍କା। ଜୟପ୍ରକାଶ ଦଲାଲଙ୍କ ସମ୍ପତ୍ତି ସର୍ବାଧିକ ୭୬.୭୫ କୋଟି ହୋଇଥିବାବେଳେ ଅନିଲ ଭିଜ୍‌ଙ୍କ ସର୍ବନିମ୍ନ ୧.୧୭ କୋଟି ଟଙ୍କା ବୋଲି ଏଡିଆର୍ ଜାଣିବାକୁ ପାଇଛି। ୩ ମନ୍ତ୍ରୀ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ଦ୍ୱାଦଶ ଦର୍ଶାଇଥିବାବେଳେ ୧୧ ଜଣ ସ୍ନାତକ କିମ୍ବା ତଦୂର୍ଦ୍ଧ୍ୱ ବୋଲି ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। କ୍ୟାବିନେଟରେ ମାତ୍ର ଜଣେ ମହିଳାଙ୍କୁ ସାମିଲ କରାଯାଇଛି। ତେବେ କୌଣସି ମନ୍ତ୍ରୀ ନିଜ ବିରୋଧରେ ଥିବା ଆପରାଧିକ ମାମଲା ସମ୍ପର୍କରେ ଦାଖଲ କରିଥିବା ସତ୍ୟପାଠରେ ଉଲ୍ଲେଖ କରିନାହାନ୍ତି।

# ଦିବ୍ୟଶଙ୍କରଙ୍କ ଗାଡ଼ିକୁ ଅଣ୍ଡାମାଡ଼

କେସିଙ୍ଗା,୨୯।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗାରେ ବୁଧବାର ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବ୍ଲକ କଂଗ୍ରେସ କର୍ମୀମାନେ ଅଣ୍ଡାମାଡ଼ କରି କଳାପତାକା ଦେଖାଇଛନ୍ତି। ସହରର ୱାର୍ଡ ନମ୍ବର ୮ର ପଲକାପଡ଼ାଠାରେ ପରିଚୟ ଗୃହ ଓ ଶିଶୁ କ୍ରୀଡ଼ା ଉଦ୍ୟାନ ଉଦ୍‌ଘାଟନ କରି ରେଲୱେ ଷ୍ଟେଶନ ନିକଟରେ ନବନିର୍ମିତ ବ୍ୟାୟାମଶାଳା ଉଦ୍‌ଘାଟନ କରିବାକୁ ଯାଉଥିବା ସମୟରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ କର୍ମୀଙ୍କ ପକ୍ଷରୁ ମନ୍ତ୍ରୀଙ୍କ ଗାଡ଼ିକୁ ଅଣ୍ଡାମାଡ଼ ଓ କଳାପତାକା ପ୍ରଦର୍ଶନ କରାଯାଇଥିଲା। ପରେ ସ୍ଥାନୀୟ ପୋଲିସ ସେମାନଙ୍କୁ କାବୁ କରି ନେଇଥିଲା।

# କ୍ଷମତାକୁ ଆସିଲେ ୭୫ ଟଙ୍କାରେ ମଦ

## ଆନ୍ଧ୍ର ଭାଜପା ସଭାପତିଙ୍କ ପ୍ରତିଶ୍ରୁତି



ସୋମୁ ବୀରରାଜୁ

ହାଇଦ୍ରାବାଦ,୨୯।୧୨

ଆନ୍ଧ୍ର ପ୍ରଦେଶରେ ଭାଜପା କ୍ଷମତାକୁ ଆସିଲେ ଲୋକଙ୍କୁ ୭୫ ଟଙ୍କାରେ ମଦ ଯୋଗାଇଦେବ। ଦରକାର ପଡ଼ିଲେ ମଦ ଦାମ୍ ୫୦ ଟଙ୍କାକୁ ଖସାଇ ଦିଆଯିବ ବୋଲି ମଙ୍ଗଳବାର ଆନ୍ଧ୍ର ଭାଜପା ସଭାପତି ସୋମୁ ବୀରରାଜୁ ପ୍ରତିଶ୍ରୁତି ଦେଇଛନ୍ତି।

ଆନ୍ଧ୍ର ଭାଜପା ସଭାପତି ବୀରରାଜୁ ବିଜୟୱାଡାରେ ଏକ ସଭାକୁ ସମ୍ବୋଧିତ କରି କହିଛନ୍ତି, ରାଜ୍ୟରେ ଶାସକ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ନେତାଙ୍କ ସୁବିଧା ଅନୁସାରେ ନିମ୍ନମାନର ମଦ ଚଢ଼ା ଦରରେ ବିକ୍ରି ହେଉଛି। ୨୦୨୪ ବିଧାନସଭା ନିର୍ବାଚନରେ ଭାଜପାକୁ ଭୋଟ ଦିଅନ୍ତୁ। ଆମେ ଜିତିଲେ ଆପଣମାନଙ୍କୁ ୭୫ ଟଙ୍କାରେ ମଦ ଦେବୁ। ଯଦି ରାଜସ୍ୱ ବଳକା ହୁଏ ତେବେ ମଦ ଦାମ୍ ୫୦ ଟଙ୍କାକୁ ଖସାଇ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରକାଶ ଯେ, ଲକ୍‌ଡାଉନ୍ ପରେ ଦୋକାନବଜାର ଖୋଲିବା ସହ ଆନ୍ଧ୍ର ସରକାର ମଦ୍ୟପାନ ଉପରେ ନିୟନ୍ତ୍ରଣ ଲାଗି ଏହାର ଦାମ୍ ୭୫% ବଢ଼ାଇଦେଇଥିଲେ।

# 'ଆଗ ଓବିସିଙ୍କୁ ସଂରକ୍ଷଣ ଦିଅ, ପରେ ନିର୍ବାଚନ'

## ରାଜ୍ୟପାଳ ଓ ନିର୍ବାଚନ କମିଶନଙ୍କ ହସ୍ତକ୍ଷେପ ଲୋଡ଼ିଲା ଭାଜପା



ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେଉଛନ୍ତି ଭାଜପା ନେତୃବୃନ୍ଦ।

ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)

ପଞ୍ଚାୟତ ନିର୍ବାଚନ ପାଇଁ ପ୍ରଥମେ ପଛୁଆବର୍ଗ ତଥା ଓବିସିଙ୍କ ପାଇଁ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା କରାଯାଉ। ତା'ପରେ ନିର୍ବାଚନ ପ୍ରକ୍ରିୟା ଆଗକୁ ନେବାକୁ ଭାଜପା ବିଧାୟକମାନେ ବୁଧବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ ରାଜ୍ୟ ନିର୍ବାଚନ କମିଶନରଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ନେତୃତ୍ୱରେ ରାଜ୍ୟପାଳ ଓ ରାଜ୍ୟ ନିର୍ବାଚନ କମିଶନରଙ୍କୁ ଭାଜପା ବିଧାୟକମାନେ ଭେଟିଛନ୍ତି।

ରାଜ୍ୟପାଳଙ୍କୁ ଭେଟିବା ପରେ ଲଳିତେନ୍ଦୁ କହିଛନ୍ତି, ରାଜ୍ୟର ମୋଟ ଜନସଂଖ୍ୟାର ୫୪% ଓବିସି ବର୍ଗ। ମାତ୍ର ରାଜ୍ୟ ସରକାର ପଞ୍ଚାୟତ ନିର୍ବାଚନରେ ସେମାନଙ୍କୁ ସଂରକ୍ଷଣ ଦେଲେନାହିଁ। ଏବେ ପଞ୍ଚାୟତ ନିର୍ବାଚନ ଆଗେଇ ନେଉଛନ୍ତି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଓବିସିଙ୍କୁ ସଂରକ୍ଷଣ ପ୍ରଦାନ କରିବା ପରେ ନିର୍ବାଚନ ପ୍ରକ୍ରିୟା ଆଗେଇବା ପାଇଁ ବିଧାୟକଙ୍କ ପକ୍ଷରୁ ରାଜ୍ୟପାଳଙ୍କ ପାଖରେ ଦାବି କରାଯାଇଛି। ବିଶେଷ ଭାବେ ଏ ପ୍ରସଙ୍ଗରେ ହସ୍ତକ୍ଷେପକରି ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ପଦକ୍ଷେପ ନେବା ଲାଗି ନିର୍ଦ୍ଦେଶ ଦେବାକୁ ରାଜ୍ୟପାଳଙ୍କୁ ଅନୁରୋଧ କରାଯାଇଛି।

ପୂର୍ବରୁ ପଞ୍ଚାୟତ ଓ ପୌର ନିର୍ବାଚନରେ ଓବିସି ବର୍ଗ ୨୭% ସ୍ଥାନ ସଂରକ୍ଷଣ ସୁବିଧା ପାଇଥିଲେ। ଆସନ୍ତା ପଞ୍ଚାୟତ ନିର୍ବାଚନରେ ଏହି ସଂରକ୍ଷଣ ଦେବାରେ କେଉଁଠି ଅସୁବିଧା ରହିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଡିସେମ୍ବର ୨୭ରେ ଜିଲା ପରିଷଦର ଚିଠା ତାଲିକା ଏବଂ ଡିସେମ୍ବର ୨୯ରେ ପଞ୍ଚାୟତ ସମିତି ଓ ସରପଞ୍ଚ ପଦ ପାଇଁ ପଛୁଆବର୍ଗଙ୍କ ନିମନ୍ତେ ସଂରକ୍ଷଣ ନ ରଖି ଚିଠା ତାଲିକା ଜାରି କରାଯାଇଛି। ତେବେ ଅନୁସୂଚିତ ଜାତି, ଜନଜାତି ଏବଂ ପଛୁଆ ବର୍ଗର ବିକାଶ ପାଇଁ ସେମାନଙ୍କୁ ଉପଯୁକ୍ତ ପ୍ରତିନିଧିତ୍ୱ କରିବା ପାଇଁ ଭାରତୀୟ ସମ୍ବିଧାନରେ ଉଲ୍ଲେଖ ରହିଥିବା ବେଳେ ରାଜ୍ୟ ସରକାର ଆଗାମୀ ନିର୍ବାଚନରେ ଓବିସି ବର୍ଗଙ୍କ ପାଇଁ ସ୍ଥାନ ସଂରକ୍ଷଣ ଦେବାର ବ୍ୟବସ୍ଥା ନ କରିବା ଦୁଃଖର ବିଷୟ। ଏହି ବର୍ଗର ବିନା ସ୍ଥାନ ସଂରକ୍ଷଣରେ ନିର୍ବାଚନ ପ୍ରକ୍ରିୟାକୁ ଆଗେଇବା ସମ୍ବିଧାନର ମୂଳ ଲକ୍ଷ୍ୟର ବିପରୀତ ଦିଗକୁ ସୂଚାଉଛି। ଏହାଦ୍ୱାରା ଗଣତାନ୍ତ୍ରିକ ବ୍ୟବସ୍ଥାରେ ଓବିସି ସମ୍ପ୍ରଦାୟଙ୍କୁ ନିର୍ବାଚିତ ହେବାର ସୁଯୋଗରୁ ବଞ୍ଚିତ କରାଯାଉଛି। ପଞ୍ଚାୟତ ଓ ପୌର ନିର୍ବାଚନରେ ଓବିସିଙ୍କୁ ସଂରକ୍ଷଣ ଦେବା ନେଇ ଗତ ୨୭ରେ ଏକ ରିଭ୍ୟୁ ପିଟିଶନ ଦାୟର କରାଯାଇଛି। ରାଜ୍ୟ ସରକାର ଓବିସି ବର୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ନ କରି ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା ଆଗକୁ ନେବା ପରିତାପର ବିଷୟ। ଏପରି ନିର୍ବାଚନ ଆଗାମୀ ୫ ବର୍ଷ ପାଇଁ ଓବିସି ବର୍ଗଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରିବ। ନିର୍ବାଚନ କମିଶନରଙ୍କୁ ଏହି ସମସ୍ତ ବିଷୟରେ ଭାଜପା ଅବଗତ କରାଇଥିବା ଲଳିତେନ୍ଦୁ କହିଛନ୍ତି।


**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/21-22/E-Tender/89,ତା.23.12.2021ରିଖ

(1) ଟେଣ୍ଡର ସଂ.e-Tender-CENT-KUR-241-2021,ତା.21.12.2021ରିଖ

ବିବରଣୀ: ଭୁବନେଶ୍ୱର ଷ୍ଟେସନ ଠାରେ ଷ୍ଟେସନ ବିଲ୍ଡିଙ୍ଗ୍ ଏବଂ ଅଧିକାରୀ ବିଶ୍ରାମ ଗୃହ (ORH)ର ପ୍ରସ୍ତାବିତ ବିବିଧ ମରାମତି।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 280.34 ଲକ୍ଷ।

(2) ଟେଣ୍ଡର ସଂ.e-Tender-CENT-KUR-245-2021,ତା.21.12.2021ରିଖ

ବିବରଣୀ: ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ଢେଙ୍କାନାଳ ପରିସୀମା ଅଧୀନସ୍ଥ ତାଳଚେର-ଗୁରୁଡ଼ିଝାଟିଆ ସେକ୍ସନ ମଧ୍ୟରେ ସେବା ଭବନଗୁଡ଼ିକର ବିବିଧ ମରାମତି।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 128.27 ଲକ୍ଷ।

ଶେଷ ହେବା ଅବଧି : 12(ବାର) ମାସ (କ୍ରମ ସଂ.1 ପାଇଁ) ଏବଂ 08(ଆଠ) ମାସ (କ୍ରମ ସଂ.2 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.12.01.2022 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଂରେ ଅଂଶ ଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ୍ ନିଶ୍ଚିତ ଭାବେ ଅପଲୋଡ କରିବାକୁ ହେବ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ୍)/ ଖୋର୍ଦ୍ଧା ରୋଡ଼

PR-683/M/21-22


# ୨୭% ଓବିସି ସଂରକ୍ଷଣ ରହୁ

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲା ସମାଜବାଦୀ ପାର୍ଟି

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)

ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କୁ ଏକ ପତ୍ର ଲେଖାଯାଇ ତୁରନ୍ତ ପଞ୍ଚାୟତ ନିର୍ବାଚନକୁ ଅନ୍ତତଃ ପକ୍ଷେ ୬ମାସ ଘୁଞ୍ଚାଇବା ସହିତ ରାଜ୍ୟରେ ଜାତିଗତ ଜନଗଣନା ଆରମ୍ଭ କରିବାକୁ ଦାବି କରାଯାଇଛି। ରାଜ୍ୟର ୫୨ଭାଗ ପଛୁଆବର୍ଗଙ୍କୁ ମୌଳିକ ଓ ସାମ୍ବିଧାନିକ ଅଧିକାର ଅର୍ଥାତ ଶିକ୍ଷା, ଚାକିରି ଓ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ୨୭% ସ୍ଥାନ ସଂରକ୍ଷଣ ସୁନିଶ୍ଚିତ କରାଇବା ଦାବି ନେଇ ଏହି ପତ୍ରରେ ଉଲ୍ଲେଖ ରହିଛି।


**GOVERNMENT OF ODISHA** No. O-1582

**OFFICE OF THE EXECUTIVE ENGINEER, RURAL WORKS DIVISION, BHUBANESWAR**

Ph. No.- 0674-2301787, Fax No.-0674-2300965, E Mail I.D.- eerw_bbsr@yahoo.co.in

No.:- Tender - Online-BBSR Divn.- 64 Date:- 24.12.2021

**e-Procurement NOTICE**

1. Name of the work : **Repair / Maintenance of road works**
2. Total No. of Roads : **2 Nos. of Roads**
3. **Class of Contractor**
   A) Estimated Cost more than Rs. 40.00 lakh & not exceeding to Rs.1.50 Crore : **"A" & "B" Class** (of Odisha PWD) or relevant class of other licensing authorities.
   B) Estimated Cost more than Rs. 20.00 lakh & not exceeding Rs.40.00 lakh : **"B" & "C" Class** (of Odisha PWD) or relevant class of other licensing authorities.
   C) Estimated Cost not exceeding Rs. 20.00 lakh : **"C" & "D" Class** (of Odisha PWD) or relevant class of other licensing authorities.
4. Estimate cost of individual projects : Rs.08.00 lakh to 15.00 lakh
5. Time for completion : **2 (Two) calendar months**
6. **Other Details:**

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Rural Works Divison, Bhubaneswar | Tender Online - BBSR Divn.- 64 | 31.12.2021 at 11.00 A.M. | 06.01.2022 up to 5.00 P.M. | 07.01.2022 at 11.00 A.M. |

Further details can be seen from the website **www.tendersorissa.gov.in**

OIPR-25066/11/0045/2122 Sd./- Executive Engineer, Rural Works Divn., BBSR



**GOVT. OF ODISHA** No.A-789

**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER,**
**DRAINAGE DIVISION, CUTTACK-753003**
**e-Procurement Notice No.- EE-DD-CTC-08/2021-22**
e-mail Id:- eeddcuttack@gmail.com

| | | | |
|---|---|---|---|
| 1. | Total Number of Works | : | **01 (One) No.** |
| 2. | Nature of work | : | Structure work |
| 3. | Estimated cost of Individual package ranging from | : | **₹87.85 Lakhs** |
| 4. | Date of opening of Bid | : | **10.01.2022, 11.00 AM.** |

5. Other details as follows:

| Procurement Officer | Bid Identification No. | Availability of Tender Online | | Last date & time for seekng tender clarification in e-Procurement portal | Date & Time of Opening of tender at Office Premises of Executive Engineer, Drainage Division, Cuttack | Date of Lottery (if required) |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Drainage Division, Gandarpur, Cuttack-753003 | EE-DD-CTC No.08/ 2021-22 | 31.12.2021 4.00 PM. | 09.01.2022 5.00 PM. | From 31.12.2021 4.00 PM. to 08.01.2022 up to 5.00 PM. during office hours | 10.01.2022 at 11.00 AM. | 15.01.2022 at 11.00 A.M. |

The bidders have to participate in on-line bidding only. Further details can be seen from the Govt. website www.tendersorissa.gov.in. Any Addencum/ Corrigendum/ Cancellation of tender can also be seen in the same website. If the office happens to be closed on the date of lottery the same process will be held on next working day in same time and venue.

OIPR-32201/11/0008/2122 Sd./- Executive Engineer, Drainage Division, Cuttack



**TPWODL**

**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

Tender Notice No. TPWODL/MK/O/SER/ 079 Date : 30.12.2021

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

**Rate Contract for General Civil Works under Various Circles at TPWODL area.**

Interested bidders to submit Tender Participation Fee and Authorization Letter through email on or before 7th January 2022, 15:00Hrs, after which link from e-Tender system shall be shared.

For detailed tender documents of the above-mentioned tender, please visit Tender section on website www.tpwesternodisha.com. Further details for participating in tender is given in the tender document.

All future correspondence regarding the tender, bid submission, bid submission date extension etc. will happen with participating bidders only through E-Tender system.

Sd /- Chief-Contracts and Stores



NATIONAL HEALTH MISSION
**ZILLA SWASTHYA SAMITI, MAYURBHANJ**
Office of the CDM & PHO-cum-District Mission Director, NHM, Mayurbhanj, Odisha, 757001

Advt. No. 12704/NHM/2021-22 Dt: 27.12.21

**Short Tender Call Notice**

No. E-792:- Sealed tenders are invited from the interested eligible bidders for "SUPPLY OF ASHA HBNC KIT, NICOTIN (GUM) & Trail Box (Metallic)". The eligible criteria, the terms of reference and the formats for submission of bid as set forth in the tender document can be downloaded from the website www.mayurbhanj.nic.in . Interested bidders fulfilling the eligibility criteria may submit their proposal(s) with EMD, Tender paper cost & document as.per tender call notice. The bidders have to submit their proposal(s) at the O/o The CDM & PHO cum District Mission Director, Mayurbhanj. Proposal(s) complete in all respect should reach the undersigned on or before **11.00 AM of 06.01.2022** through Regd.post/Speed post/Courier and the same will be opened on **06.01.2022 at 01.30 PM**. The undersigned reserves the right to reject any or all the tender(s) without assigning any reason thereof.

Sd./- Chief District Medical & Public Health Officer Mayurbhanj

OIPR-10020/11/0034/2122



Your classified advertisement published in Dharitri will be listed free in Dharitri online edition :
**www.dharitri.com**



**GOVERNMENT OF ODISHA, OFFICE OF THE SUPERINTENDING ENGINEER, R.W.DIVISION, ANANDAPUR, KEONJHAR**

No. 9444 Dt.28.12.21

**1st Corrigendum Notice**

No. O-1580:- Due to some unavoidable circumstances, Partial modification in tender ID No- Online-14/2021-22 (Construction of Retaining Wall, Drain Work, CC overlaying & Pot hole repair of Road work) invited vide this office letter No-8745 dtd 14.12.2021 has been made which may be read as follows

**i) The date of availability of Tender on-line, seeking tender clarification, opening of tender has been modified as follows.**

| Sl No. | Items | As per origional DTCN | As per 1st Corrigendum to TCN & DTCN |
|---|---|---|---|
| 1 | Availability of Tender online for bidding | 17.12.2021 at 10.00 A.M. 21.12.2021 up to 5.00 P.M | 30.12.2021 at 10.00 A.M. 04.01.2022 up to 5.00 P.M |
| 2 | Last Date & Time of seeking tender clarification | 20.12.2021 at 05.00 P.M. | 03.01.2022 up to 05.00 P.M. |
| 3 | Date & Time of opening of tender | 22.12.2021 at 11.00 A.M. | 04.01.2022 at 11.30 A.M. |

**All other terms & Conditions will remain unaltered.**

Further details can be seen from the website: **www.tendersorissa.gov.in**

OIPR-25055/11/0019/2122 Sd./- Superintending Engineer, R.W. Division, Anandapur



**GOVERNMENT OF ODISHA** No.O-1576

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
e-mail: serwsbd2003@yahoo.com

**E-Procurement Notice for Road & Bridge works**

1. Name of the work : **Road & Bridge Works - (03 Nos.)**
2. Class of contractor : "A", Special & Super Class of (Odisha PWD) or relevant class of other licensing authority
4. Estimated Cost : **Varies from Rs.412.76 Lakhs to Rs.1756.42 Lakhs (Approximately)**
5. Detail projects as per Annexure attached:

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD-Online-28/ 2021-22 | 30.12.2021 at 11.00 A.M. | 15.01.2022 Up to 5.30 P.M. | 13.01.2022 Up to 1.00 P.M. | 17.01.2022 at 11.00 A.M. | To be intimated separately |

6. Further details can be seen from the website **www.tendersodisha.gov.in**
7. Any Corrigendum/Addendum will be displayed in the above e-tender websites.

OIPR-25045/11/0032/2122 Sd./- Chief Construction Engineer, Rural Works Circle, Sunabeda



**GOVERNMENT OF ODISHA**
**DEPARTMENT OF WATER RESOURCES**
**O/O THE ADDITIONAL CHIEF ENGINEER,**
**RENGALI RIGHT IRRIGATION CIRCLE, DHENKANAL**
**Email Id - adlcerric@gmail.com**

**'e' Procurement Notice**

**No. A-790:-** The Additional Chief Engineer, Rengali Right Irrigation Circle, Dhenkanal on behalf of the Governor of Odisha invites **on line percentage rate bids** in double cover system for construction of the works as detailed below: **1.** Name of the work: **Construction of Jagannathpur Distributary from RD 10630 m to RD 13675 m using RCC hume pipes including Construction of its structures of RRIP. 2.** Tender Cost : **Rs. 537.54 lakh. 3.** Bid Document Cost : **Rs. 10,000.00 (online), 4.** Bid Security : **"Bid Security Declaration". 5.** Class of Contractor : **'A' Class & 'Special' Class. 6.** Period of Completion : **12 (Twelve) calendar months including monsoon**

**7.** Other details are as follows:

| Procurement Officer | Bid Identification No. | Availability of Tender On-line for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| **Additional Chief Engineer, RRIC, Dhenkanal** | ACERRICD-03/ 2021-22 | 04.01.2022 10.00 AM | 19.01.2022 5.30 PM | 20.01.2022 11.00 AM |

Further details can be seen from the e-procurement portal https://www.tendersodisha.gov.in. Any Addendum/ Corrigendum/ Cancellation to the above notice will be published in the Govt. website www.tendersodisha.gov.in

OIPR-32351/11/0008/2122 Sd./- Additional Chief Engineer, Rengali Right Irrigation Circle, Dhenkanal

ମାନୁଷୀ ପ୍ରବଣତା ବାସ୍ତବକୁ ପୀଡନ କରିବା ବା ଅସ୍ୱୀକାର କରିବା ପରିବର୍ତ୍ତେ ତା'ର ପ୍ରତିମା ଓ ପ୍ରତୀକକୁ ପୂଜା କରିବା। ଏହା ବିରୁଦ୍ଧରେ ନିଜକୁ ସର୍ବଦା ସଜାଗ ରଖିବ। ଅପଶକ୍ତିର ସୁଯୋଗ ହେଲା– ମାନୁଷୀ ଦୁର୍ବଳତା। ମାନୁଷୀ ଦୁଷ୍କର୍ମ ନୁହେଁ। –ଶ୍ରୀଅରବିନ୍ଦ



# ମହାଶକ୍ତି ସଂଘର୍ଷ ଓ ୟୁରୋପ




ରବର୍ଟ ୱିଲିୟମ୍ସ
ସିନିୟର ରିସର୍ଚ୍ଚ ସ୍କଲାର ଆଣ୍ଡ୍ ଲେକ୍‌ଚର, ୟେଲେ ଲ' ସ୍କୁଲ୍, ଆମେରିକା

ମୋର୍ଟିଜ ରୁଡଲଫ୍
ପୋଷ୍ଟଡକ୍ଟରାଲ ଫେଲୋ, ୟେଲେ ଲ' ସ୍କୁଲ (ପାଓ୍ୱଲସୁଇ ଚାଇନା ସେଣ୍ଟର)

ଆମେରିକା ଏବଂ ଚାଇନା ମଧ୍ୟରେ ଏବେ ମୁହାଁମୁହିଁ ଭଳି ସ୍ଥିତି ଉପୁଜିଛି। ଏହାକୁ ନେଇ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କୂଟନୈତିକ ପଦକ୍ଷେପ ନେଇଛନ୍ତି। ଚାଇନାର ବେଜିଂରେ ଅନୁଷ୍ଠିତ ହେବାକୁ ଥିବା ଶୀତକାଳୀନ ଅଲିମ୍ପିକ୍ସରେ ଆମେରିକା ଭାଗ ନେବ ନାହିଁ ବୋଲି କୁହାଯାଇଛି। ଏଭଳି ପଦକ୍ଷେପକୁ କେନ୍ଦ୍ର କରି ଏବେ ୟୁରୋପୀୟ ଦେଶଗୁଡ଼ିକ ମଧ୍ୟରେ ମତଭେଦ ପ୍ରକାଶ ପାଇଛି। ଏହି ଘଟଣା ସ୍ପଷ୍ଟ ଭାବେ ସୂଚିତ କରୁଛି ଯେ, ବାସ୍ତବରେ ଚାଇନା କାର୍ଯ୍ୟକୁ ନେଇ ୟୁରୋପ ଏବଂ ଆମେରିକା ଏକାଠି ହୋଇ ପାରିନାହାନ୍ତି। ଆମେରିକା ଏବଂ ୟୁରୋପ ମଧ୍ୟରେ ମୌଳିକ ରାଜନୈତିକ ମୂଲ୍ୟବୋଧର ଆଦାନ ପ୍ରଦାନ ଜାରି ରହିଥିବା ସତ୍ତ୍ୱେ ଚାଇନା ସୃଷ୍ଟି କରୁଥିବା ବିଶ୍ୱସ୍ତରୀୟ ଆହ୍ୱାନକୁ ମୁକାବିଲା କରିବାରେ ବହୁ ସମୟରେ ଏମାନେ ମତଭେଦ ଥିବା ଭଳି ବାକ୍‌ପଟୁତା ପ୍ରୟୋଗ କରୁଛନ୍ତି। ପୁନଶ୍ଚ ବିଶ୍ୱର ଏକଚ୍ଛତ୍ରବାଦ ଦେଶଗୁଡ଼ିକ ବିରୋଧରେ ଲଢୁଥିବା ଆମେରିକା ନେତୃତ୍ୱାଧୀନ ଗଣତାନ୍ତ୍ରିକ ମେଣ୍ଟ ଦୃଷ୍ଟିକୋଣକୁ ବହୁ ୟୁରୋପୀୟ ଦେଶ ସ୍ୱୀକାର କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏହା ବ୍ୟତୀତ ୟୁରୋପୀୟ ପଦାଧିକାରୀମାନେ ଚାଇନାକୁ ଘେର୍‌ରାବନ୍ଦୀ କରିବା ଲକ୍ଷ୍ୟରେ ଏକ 'ଚାଇନା ନୀତି'କୁ ପ୍ରତିଯୋଗିତାର ବାହାନା ମନେକରି ଆଗକୁ ବଢିବାକୁ ରାଜି ହେଉନାହାନ୍ତି। ୟୁରୋପିଆନ୍ ୟୁନିୟନ୍ (ଇୟୁ) ବା ୟୁରୋପୀୟ ସଂଘ ଟ୍ରାନ୍ସ ଆଟ୍‌ଲାଣ୍ଟିକ୍ ସହଯୋଗ ( ଆଟ୍‌ଲାଣ୍ଟିକ୍ ମହାସାଗର ଉଭୟ ପାଖରେ ରହିଥିବା ଦେଶଗୁଡ଼ିକ ମଧ୍ୟରେ ସାମାଜିକ , ଆର୍ଥିକ, ସାଂସ୍କୃତିକ ଓ ଐତିହାସିକ ସମ୍ପର୍କ ରକ୍ଷା)କୁ ଦୃଢ଼ କରିବାକୁ ଚାହୁଁଛି। ଚାଇନାକୁ ବାଦ ଦେଇ କିମ୍ବା ସହଯୋଗକୁ ସୁରକ୍ଷିତ ରଖିବାକୁ ପୂର୍ବରୁ ଥିବା ଏକ ଅନ୍ତର୍ଜାତୀୟ ବ୍ୟବସ୍ଥାକୁ ଅଣଦେଖା କରି କିପରି ଏହା କରାଯାଇ ପାରିବ, ତା' ଉପରେ ସର୍ବସହମତି ହୋଇପାରି ନାହିଁ। ୟୁରୋପିଆନ୍ ସରକାରଗୁଡ଼ିକ ମଧ୍ୟ ଏକ ସଦସ୍ୟ ଭାବେ ଆମେରିକାର ବିଶ୍ୱସନୀୟତାକୁ ଠିକ୍ ଭାବେ ଗ୍ରହଣ କରୁନାହାନ୍ତି। ବାଇଡେନ୍ ଟ୍ରାନ୍ସ ଆଟ୍‌ଲାଣ୍ଟିକ୍ ସମ୍ପର୍କର ମୂଲ୍ୟାୟନ କରିପାରନ୍ତି, କିନ୍ତୁ ପୂର୍ବତନ ରାଷ୍ଟ୍ରପତି ତାହା କରି ନ ଥିଲେ। କିଏ କହିବ, ଆମେରିକାର ପରବର୍ତ୍ତୀ ରାଷ୍ଟ୍ରପତି କିଏ ହେବେ। ସମ୍ଭବତଃ ଡୋନାଲ୍ଡ ଟ୍ରମ୍ପ୍ ହେବାର ସମ୍ଭାବନା ରହିଛି। ଏଭଳି ଦ୍ୱନ୍ଦ୍ୱ ଇୟୁକୁ ତା' 'ଷ୍ଟ୍ରାଟେଜିକ୍ ଅଟୋନୋମୀ' ବା ଅନ୍ୟ ଦେଶ ଉପରେ ନିର୍ଭର ନ କରି ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ପସନ୍ଦର ବୈଦେଶିକ ନୀତି ଗ୍ରହଣ କରିବା ଦୃଷ୍ଟିକୋଣ ଆପଣାଇବାରେ ମୁଖ୍ୟତଃ ପ୍ରେରିତ କରୁଛି।

ଏହା ମଧ୍ୟ ସତ, ଚାଇନାକୁ ନିୟନ୍ତ୍ରଣ କରବାକୁ ଟ୍ରାନ୍ସଆଟ୍‌ଲାଣ୍ଟିକ୍ କୋଲାବରେଶନ ବା ସହଯୋଗ ପାଇଁ ସୁଯୋଗ ରହିଛି। ତେବେ ଏଭଳି ସହଯୋଗକୁ ଆଗକୁ ବଢାଇବା ଲାଗି ଆବଶ୍ୟକ ପଦକ୍ଷେପ ଏବେ ଚାଲୁରହିଛି। ଚାଇନା ଉପରେ ୟୁଏସ୍– ଇୟୁ ଆଲୋଚନା ଏବଂ ୟୁଏସ୍– ଇୟୁ ଟ୍ରେଡ୍ ଆଣ୍ଡ୍ ଟେକ୍‌ନୋଲୋଜି କାଉନ୍‌ସିଲ ଭଳି ପଦକ୍ଷେପ ନିଆଯାଇଛି। ଚାଇନାର ଅଣପ୍ରତିଦ୍ୱନ୍ଦ୍ୱୀ ବ୍ୟବସାୟିକ ଓ ବାଣିଜ୍ୟିକ କାରବାରକୁ ପ୍ରତିହତ କରିବା ଏବଂ ନିବେଶଗତ କଟକଣା ଲଗାଇବା ସକାଶେ ସମ୍ମିଳିତ ପଦକ୍ଷେପ ଆବଶ୍ୟକ। ଚାଇନାକୁ ନେଇ ଏବେ ୟୁଏସ୍– ଇୟୁ କାର୍ଯ୍ୟସୂଚୀ ଖୁବ୍ ମହତ୍ତ୍ୱାକାଂକ୍ଷୀ ହୋଇପାରେ। ସହଯୋଗଭିତ୍ତିକ ଲାଭକୁ ବୃଦ୍ଧି କରିବା ଲାଗି ସମ୍ପୂର୍ଣ୍ଣ ଧ୍ରୁବୀକରଣ ଆବଶ୍ୟକ। ଏହି କାର୍ଯ୍ୟସୂଚୀ ପ୍ରମୁଖ କ୍ଷେତ୍ରରେ ଆମେରିକା ଏବଂ ୟୁରୋପରେ ଥିବା ବୈଧାନିକ ବ୍ୟବସ୍ଥାଗୁଡ଼ିକର ଭିନ୍ନତା ଏବଂ କମ୍ପାନୀ, ସେବା ଓ ଉତ୍ପାଦ ଜନିତ ବିପଦକୁ ଦୂର କରିପାରିବ। କିନ୍ତୁ ଏହା ଅତ୍ୟନ୍ତ ମନ୍ଥର ରହିଛି। ଏହି କାରଣରୁ ଚାଇନା ଦୃଷ୍ଟିରୁ ଉଲ୍ଲେଖନୀୟ ସାମରିକ ଏବଂ ସୁରକ୍ଷା ସହଯୋଗରେ ଆଗକୁ ସଫଳ ହେବାର ସମ୍ଭାବନା କମ୍ ରହିଛି। ଏହା ଉପରେ ୟୁରୋପୀୟ ଦେଶଗୁଡ଼ିକ କିଛି ପଦକ୍ଷେପ ନେଇଥିବା ସଙ୍କେତ ଦେଇଥିବାବେଳେ ନିକଟରେ ଜର୍ମାନୀ ଦକ୍ଷିଣ ଚାଇନା ସାଗରରେ ମୁକ୍ତ ଯାତାୟାତର ଅଧିକାର ସାବ୍ୟସ୍ତ କରିବାକୁ ତା' ୱାରଶିପ୍ ବେୟର୍ନକୁ ପ୍ରଦର୍ଶିତ କରିଛି।

କେବଳ ଏକମାତ୍ର ୟୁରୋପିଆନ୍ ଦେଶ ଭାବେ ଫ୍ରାନ୍ସ ଇଣ୍ଡୋ ପାସିଫିକ୍‌ରେ ଅଧିକ ସେନା ମୁତୟନ କରିଛି। ଆମେ ଚାଇନା ସହ ପ୍ରତିଦ୍ୱନ୍ଦ୍ୱିତାର ଗୁରୁତ୍ୱକୁ ଅଣଦେଖା କରୁନାହୁଁ, ଯାହା ଅତି ଭୟଙ୍କର ହୋଇପାରେ ଏବଂ ତଜ୍ଜନିତ ବିଦପର ଲଗାତର ମୂଲ୍ୟାୟନ କରାଯିବା ଦରକାର ବୋଲି ନିକଟରେ ଫ୍ରାନ୍ସର ବୈଦେଶିକ ମନ୍ତ୍ରୀ ଜିନ୍ ୟେଭେସ ଲି ଡ୍ରାଏନ କହିଥିଲେ। ଏଥିରେ ଇଚ୍ଛୁକ ଦେଶଗୁଡ଼ିକୁ ସାମିଲ କରିବାକୁ ରଣନୀତିରୁ ସୈନ୍ୟକରଣରୁ ଦୂରେଇ ରହିବାକୁ ଚେଷ୍ଟା କରୁଛୁ। ଚାଇନା ବିରୋଧରେ ପଦକ୍ଷେପ ନେବା ଲାଗି ଏଭଳି ଅନିଚ୍ଛା ଆଗକୁ ଦୃଢ଼ ରହିବ। ଜର୍ମାନୀର ନୂଆ ସରକାର କିଛି ମଜଭୁତ ପଦକ୍ଷେପ ନେବାର ସମ୍ଭାବନା ରହିଛି। ଜର୍ମାନୀ ଚାନସେଲର ଓଲାଫ ସ୍କୋଲୋଜ ସ୍ପଷ୍ଟ କରିଛନ୍ତି ଯେ, ଚାଇନା ଉପରେ ନିଆଯାଉଥିବା ସବୁ ପଦକ୍ଷେପ ଉପରେ ସିତର୍କତାର ସହ ବିଚାର କରି ପଦକ୍ଷେପ ଗ୍ରହଣ କରାଯିବା ଉଚିତ ଏବଂ ଏକ ସହଯୋଗଭିତ୍ତିକ ପଦକ୍ଷେପର ଆବଶ୍ୟକତାକୁ ଗୁରୁତ୍ୱ ଦେଇ ଏହା କରାଯିବା ଦରକାର। ଏଣୁ ନିକଟ ଭବିଷ୍ୟତରେ ଚାଇନା ସହ ଜର୍ମାନୀ ସମ୍ପର୍କ ଆରମ୍ଭ କରିବ ବୋଲି ଆଶା କରିବା ଉଚିତ ନୁହେଁ। ଅଷ୍ଟ୍ରେଲିଆ, ଇଂଲଣ୍ଡ ଏବଂ ଆମେରିକାକୁ ନେଇ ଗଠିତ ସୁରକ୍ଷା ବୁଝାମଣା 'ଅକୁସ୍'ରେ ବାସ୍ତବ ସ୍ଥିତିକୁ ବିଚାର ନ କରି ଫ୍ରାନ୍ସକୁ ବାହାରେ ରଖାଯାଇଛି। ଫଳରେ ଫ୍ରାନ୍ସ ଏକ ମୁଖ୍ୟ ସୁରକ୍ଷା ଚୁକ୍ତିରେ ରହିପାରିଲା ନାହିଁ। କେବଳ ଏତିକି ନୁହେଁ ଏହା ମଧ୍ୟ ଇଣ୍ଡୋପାସିଫିକ୍‌ରେ ଆମେରିକା– ୟୁରୋପ ସାମରିକ ସହଯୋଗକୁ ସୀମିତ କରିବା ସହ ଏହା ଶକ୍ତିକୁ କମ୍ କରିଛି। କିନ୍ତୁ ଟ୍ରାନ୍ସଆଟ୍‌ଲାଣ୍ଟିକ୍ କୋ–ଅପରେଶନ ଏକମାତ୍ର ବାଟ ଯେଉଁଥିରେ ୟୁରୋପ ହିଁ ଆମେରିକା– ଚାଇନା ସମ୍ପର୍କକୁ ପ୍ରଭାବିତ କରିପାରିବ ଏବଂ ବଢୁଥିବା ବିପଦକୁ ହ୍ରାସ କରିପାରିବ। ରଣନୀତି ପ୍ରସ୍ତୁତକାରୀମାନେ ଏବେ ଇତିହାସରୁ ଶିକ୍ଷା ନେବା ଲାଗି ଚେଷ୍ଟା କରୁଛନ୍ତି। ଦୁଇପକ୍ଷକୁ ଏକ ସମ୍ଭାବ୍ୟ ଯୁଦ୍ଧରୁ ଦୂରେଇ ରଖିବା ପାଇଁ ଏକ ଯୋଜନା ପ୍ରସ୍ତୁତ କରୁଛନ୍ତି। ଏହି କ୍ଷେତ୍ରରେ ୟୁରୋପ ହିଁ ସାହାଯ୍ୟ କରିପାରିବ।

ୟୁରୋପୀୟ ସଂଘ ହେଲ୍‌ସିନିକ ପ୍ରୋସେସ ଭଳି ଏକ କୂଟନୈତିକ ଅଭିଯାନ ଆରମ୍ଭ କରିବାକୁ ହେଲେ ତାକୁ ବିଚାର କରିବାକୁ ହେବ। ୧୯୭୦ରେ ହେଲ୍‌ସିନିକ ପ୍ରୋସେସ ସୋଭିଏଟ ଏବଂ ୱେଟର୍ନ ବ୍ଲକ୍ ମଧ୍ୟରେ ଉତ୍ତେଜନା କମ୍ କରିଥିଲା। ଏଭଳି ପ୍ରୋସେସରେ ୟୁରୋପ ବିପଦ ଟାଳିବା, ଯୁଦ୍ଧ ତୀବ୍ରତା ହ୍ରାସ କରିବା ଏବଂ ସଙ୍କଟଜନକ ସ୍ଥିତିର ନିୟନ୍ତ୍ରଣ କରିବାକୁ ପ୍ରୋତ୍ସାହିତ କରିବ । ଏହାସହ ଏକ ସମ୍ଭାବ୍ୟ ସଶସ୍ତ୍ର ସଂଘର୍ଷ ଏଡାଇବା ଲାଗି ଏହିଭଳି ପ୍ରୋସେସରେ ୟୁରୋପ ବୁଝାମଣାରେ ମଧ୍ୟସ୍ଥି କରିପାରିବ। ବିଶ୍ୱସ୍ତ ଏବଂ ସ୍ୱଚ୍ଛ ମଧ୍ୟସ୍ଥ ଭାବେ ୟୁରୋପୀୟ ଦେଶଗୁଡ଼ିକର ଖ୍ୟାତି ରହିଥିବାରୁ ଏହି ପ୍ରସଙ୍ଗରେ ଇଣ୍ଡୋ ପାସିଫିକ୍‌ରେ ସୀମିତ ସାମରିକ ଶକ୍ତି ମୁତୟନ ଲାଭଦାୟକ ହୋଇପାରିବ। ତୁଳନାତ୍ମକ ଭାବେ ଦେଖିଲେ ଇୟୁର ଅଧିକ ଭାଗୀଦାରି ରହିଲେ ତାଇୱାନ ଏବଂ ଦକ୍ଷିଣ ଚାଇନା ସାଗରକୁ ନେଇ ସୃଷ୍ଟି ହୋଇଥିବା ଜଟିଳ ସମସ୍ୟାରେ ମଧ୍ୟସ୍ଥି କରିବା ଭଲ ହୋଇପାରେ। ଏବେ ଆମେରିକା ଓ ଚାଇନା ନିୟମିତ ଅତି ନିକଟରେ ସେମାନଙ୍କ ସାମରିକଶକ୍ତି ପ୍ରଦର୍ଶନ କରୁଛନ୍ତି ଏବଂ ଗଣନା ଭୁଲ ହୋଇଗଲେ ଏହା ଯୁଦ୍ଧ ରୂପ ନେବାର ଆଶଙ୍କା ରହିଛି।

ଯେତେ କଠିନ ହେଲେ ମଧ୍ୟ ଯୁଦ୍ଧ ଟାଳିବାକୁ ଏକ ନକ୍ସା ପ୍ରସ୍ତୁତ କରିବା କାର୍ଯ୍ୟରେ ଅନ୍ୟମାନଙ୍କ ତୁଳନାରେ ୟୁରୋପର ଭୂମିକା ଗୁରୁତ୍ୱପୂର୍ଣ୍ଣ ଓ ଅତୀତରେ ଏହା ଲଗାତର ପ୍ରଦର୍ଶନ କରିଛି। ୟୁରୋପିଆନ କମିଶନ ଏବଂ ୟୁରୋପିଆନ ଦେଶଗୁଡ଼ିକ ବହୁପକ୍ଷୀୟ ରପ୍ତାନି ନିୟନ୍ତ୍ରଣ କ୍ଷେତ୍ରରେ ବହୁ ପକ୍ଷୀୟ ରପ୍ତାନି ନିୟନ୍ତ୍ରଣ ବ୍ୟବସ୍ଥା ଯୋଗାଇ ଦେବାରେ ପ୍ରମୁଖ ଭୂମିକା ନେଇଥଲେ। ୟୁରୋପ ମଧ୍ୟ ଆଣବିକ କାର୍ଯ୍ୟକ୍ରମକୁ ନେଇ ଇରାନ ସହ ବୁଝାମଣା କରିବାରେ ମୁଖ୍ୟ ଭୂମିକା ନେଇଛି। ବିଶେଷକରି ନିକଟରେ ଚାଇନା ଏବଂ ଇୟୁ ମଧ୍ୟରେ ବଢୁଥିବା ଉତ୍ତେଜନାକୁ ଦେଖିଲେ ଇୟୁ ଇଣ୍ଡୋ ପାସିଫିକ୍‌ରେ ଯୁଦ୍ଧ ଟାଳିବା ଅଭିଯାନର ନେତୃତ୍ୱ ନେବା ନିର୍ଦ୍ଦିଷ୍ଟତା ନାହିଁ। କିନ୍ତୁ ଏକ ସମ୍ମିଳିତ ପଦକ୍ଷେପ ନେଇ ଦେଶଗୁଡ଼ିକ ମଧ୍ୟରେ ସମ୍ପର୍କ ବଢାଇବାରେ ସହାୟକ ଅନ୍ତର୍ଜାତୀୟ ନିୟମକୁ ଅଧିକ ଶକ୍ତିଶାଳୀ କରିବାରେ ଇୟୁ ପଦକ୍ଷେପ ନେଇପାରିବ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି,ଇୟୁ ମହାଶକ୍ତି ମଧ୍ୟରେ ଯୁଦ୍ଧ ଟାଳିବାକୁ ଉପଯୁକ୍ତ ବାଟ କଢ଼ାଇ ନେଇଥାଏ, ଯାହା ଏଠାରେ କରିପାରିବ।ଏଥିପାଇଁ କ'ଣ ୟୁରୋପୀୟ ସଂଘ ଗଠନ କରାଯାଇ ନ ଥିଲା କି?

## ଏଇ ଭାରତରେ

ପ୍ଲାଷ୍ଟିକ ସାମଗ୍ରୀ ପରିବେଶ ପ୍ରଦୂଷଣ କରୁଥିବା ବେଳେ ଏହାର ବିକଳ୍ପ ଜିନିଷ ଆଖୁ ବର୍ଜ୍ୟରୁ ପ୍ରସ୍ତୁତ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି ଉତ୍ତରପ୍ରଦେଶର ବେଦ କ୍ରିଷ୍ଣ। ଅଯୋଧ୍ୟାରେ 'ୟାଶ ପକ୍କା' କମ୍ପାନୀର ଷ୍ଟ୍ରାଟେଜିକ୍ ହେଡ୍ ବା ମୁଖ୍ୟ ବେଦ କ୍ରିଷ୍ଣଙ୍କ ଦ୍ୱାରା ଏଭଳି ସଫଳତା ମିଳିପାରିଛି। ଏହି କମ୍ପାନୀ ପକ୍ଷରୁ ଆଖୁ ବର୍ଜ୍ୟରୁ ପ୍ରାପ୍ତ ଫାଇବର ପେଷ୍ଟରୁ ଟେବୁଲୱେର (ଗିନା, ପ୍ଲେଟ, ଟ୍ରେ ଏବଂ କପ୍) ଆଦି ପ୍ରସ୍ତୁତ କରାଯାଉଛି। ଏହିସବୁ ଜିନିଷ ବ୍ୟବହାର ପରେ ୨ ମାସ ଭିତରେ ମାଟିରେ ସମ୍ପୂର୍ଣ୍ଣ ମିଶିଯାଉଛି। ଏହା ଫୁଡ୍ ଇଣ୍ଡଷ୍ଟ୍ରିରେ ପ୍ଲାଷ୍ଟିକର ବ୍ୟବହାର ରୋକିବା ସହ ପରିବେଶକୁ ଉପକାର ପହଞ୍ଚାଉଛି। ଅଯୋଧ୍ୟାର ଦେଢଶହ କି.ମି. ପରିଧିରେ ଚାଷୀମାନଙ୍କଠାରୁ ଆଖୁ ବର୍ଜ୍ୟ ସଂଗ୍ରହ କରାଯାଉଛି। ସେଥିରୁ ଅର୍ଦ୍ଧକଠିନ ବା ପେଷ୍ଟ ଆକାରର ଫାଇବର ପ୍ରସ୍ତୁତ କରାଯାଇ ସେଥିରୁ ବିଭିନ୍ନ ପ୍ରକାର ଜିନିଷ ତିଆରି ହେଉଛି। ଏବେ ୧୦,୦୦୦ ଟନ୍ ଓଜନର ବିଭିନ୍ନ ପ୍ରକାର ଜିନିଷ ପ୍ରସ୍ତୁତ କରାଯାଉଛି। ଦିନକୁ ୧୦ ଲକ୍ଷ ଟେବୁଲୱେର୍ ତିଆରି କରାଯାଉଛି । ଆଖୁ ବର୍ଜ୍ୟର ଫାଇବରରୁ ମଧ୍ୟ କାଗଜ ପ୍ରସ୍ତୁତ କରାଯାଉଛି। କେବଳ ଏତିକି ନୁହେଁ ବାୟୋମାସରେ ଚାଲୁଥିବା ୮.୫ ମେଗାୱାଟ୍ ବିଦ୍ୟୁତ୍ ପ୍ଲାଣ୍ଟରୁ ମିଳୁଥିବା ଶକ୍ତିକୁ ଉକ୍ତ କାର୍ଯ୍ୟରେ ବ୍ୟବହାର କରାଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୩୦ ଡିସେମ୍ବର ୧୯୯୬

- ଆଲଜେରିଆ ରାଜଧାନୀ ଆଲଜିୟର୍ସର ୧୨୦ କିଲୋମିଟର ଦକ୍ଷିଣ–ପଶ୍ଚିମରେ ଅବସ୍ଥିତ ଏଇନ୍–ଡେଫ୍ଲା ପ୍ରଦେଶର ଏକ ଗ୍ରାମ ଉପରେ ମୁସ୍‌ଲିମ୍ ମୌଳବାଦୀମାନଙ୍କ ଆକ୍ରମଣରେ ୨୮ ଗ୍ରାମବାସୀ ନିହତ।
- କଂଗ୍ରେସ ସଂସଦୀୟ ଦଳର ନୂଆ ନେତା ନିର୍ବାଚନ ପରିପ୍ରେକ୍ଷୀରେ ଦଳର ୫୦ ଜଣ ସଦସ୍ୟଙ୍କ କଂଗ୍ରେସ ସଂସଦୀୟ କାର୍ଯ୍ୟକାରୀ ଗୋଷ୍ଠୀ ନାମରେ ନୂଆ ଗୋଷ୍ଠୀ ଗଠନ।
- ଚାନ୍ଦିପୁରସ୍ଥିତ ମଧ୍ୟବର୍ତ୍ତୀକାଳୀନ ପରୀକ୍ଷାକେନ୍ଦ୍ର ଆଇଟିଆର୍‌ଠାରେ ଭୂପୃଷ୍ଠରୁ ଆକାଶଗାମୀ କ୍ଷେପଣାସ୍ତ୍ର ତ୍ରିଶୂଳର ସଫଳ ପରୀକ୍ଷଣ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | | | | | | 9 |
| 6 | | | 5 | | 3 | | 8 | |
| | | | | | 1 | 6 | 2 | |
| 9 | | | 1 | | | | | 5 |
| | 2 | | | | | | | |
| | | | | | 6 | 7 | | |
| | | 4 | | | | 3 | | 2 |
| | | 8 | | 9 | 4 | | | |
| 7 | 6 | | | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 9 | 5 | 7 | 8 | 1 | 2 | 6 |
| 1 | 6 | 7 | 9 | 2 | 4 | 5 | 3 | 8 |
| 5 | 8 | 2 | 3 | 6 | 1 | 7 | 9 | 4 |
| 9 | 4 | 8 | 7 | 1 | 6 | 2 | 5 | 3 |
| 6 | 1 | 3 | 2 | 4 | 5 | 8 | 7 | 9 |
| 7 | 2 | 5 | 8 | 3 | 9 | 6 | 4 | 1 |
| 3 | 5 | 6 | 4 | 8 | 7 | 9 | 1 | 2 |
| 8 | 7 | 4 | 1 | 9 | 2 | 3 | 6 | 5 |
| 2 | 9 | 1 | 6 | 5 | 3 | 4 | 8 | 7 |

ଗତକାଲିର ଉତ୍ତର

# ଶିକ୍ଷା ବ୍ୟବସ୍ଥାର ଗତି ଓ ସ୍ଥିତି



ପ୍ରମୋଦ କୁମାର ପଣ୍ଡା

ସେ ଯାହାବି ହେଉ ଅନେକ ଦିନ ପରେ ସରକାର ଯେତେବେଳେ ଶିକ୍ଷାବିଭାଗ ପ୍ରତି ଦୃଷ୍ଟି ଦେଇଛନ୍ତି ଜନସାଧାରଣଙ୍କ ମନରେ ଆଶା ସଂଚାର ହେବା ସ୍ୱାଭାବିକ। ମୋ ସ୍କୁଲ ଅଭିଯାନ ହେଉ କି ପୋଷ୍ୟ ସ୍କୁଲ କାର୍ଯ୍ୟକ୍ରମ ହେଉ ଅଥବା ୫–ଟି ଅନ୍ତର୍ଭୁକ୍ତ କରି ବିଦ୍ୟାଳୟର ରୂପାନ୍ତରଣ ହେଉ ନିଶ୍ଚିତ ଭାବରେ ତାହା ବିଦ୍ୟାଳୟର ବିକାଶ ପାଇଁ ଉଦ୍ଦିଷ୍ଟ ଓ ସ୍ୱାଗତଯୋଗ୍ୟ ପଦକ୍ଷେପ। ଦିନକୁଦିନ ବିଦ୍ୟାଳୟଗୁଡ଼ିକ ଶଁଅବାଳୁଆରୁ ପ୍ରଜାପତି ହେବାଭଳି ରୂପାନ୍ତର ହେବା ଦେଖାଯାଉଛି। ପିଲାଏ ନୂତନ ଢଙ୍ଗରେ ପାଠ ପଢ଼ିବେ, ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ଘଟିବ, ଏହା ଠିକ୍ କଥା, ଅବଶ୍ୟ ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦିଷ୍ଟ କେତୋଟି ବିଦ୍ୟାଳୟ ଉପକୃତ ହେଉଥିବାରୁ ଅବଶିଷ୍ଟ ଆଶା ବାନ୍ଧି ବସିଛନ୍ତି, ହୁଏତ ଆଗାମୀ ଦିନରେ ତାଙ୍କ ପାଳି ବି ପଡ଼ିବ। ଏହା ସ୍ୱାଭାବିକ, ହେଲେ ଆଗାମୀ ଦିନକୁ ଅପେକ୍ଷା କରିବାକୁ ତ ହେବ, ମାତ୍ର ଆଉ ଏକ ବିଡ଼ମ୍ବନାର କଥା– 'ଗୋଦରା କୋଡ଼େ ଯେତେ ମାଡ଼େ ସେତେ' ନ୍ୟାୟରେ ଆମ ସରକାରଙ୍କ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପାତରଅନ୍ତର ନୀତିକୁ ସାଧାରଣ ଜନତା ନାପସନ୍ଦ କରୁଛନ୍ତି। କାରଣ ଗୋଟିଏ ପଟେ କିଛି ସ୍କୁଲର ରୂପାନ୍ତରଣ କରାଯାଉଥିବାବେଳେ ତା' ନିକଟସ୍ଥ ଆଉ ଏକ ବିଦ୍ୟାଳୟ ଶିକ୍ଷକ ଶୂନ୍ୟହୋଇ ବନ୍ଦ ହେବାକୁ ବସିଲାଣି । ସାଧାରଣତଃ ପିଲାଟି ତା' ଘର ପାଖରେ ଥିବା ବିଦ୍ୟାଳୟରେ ପାଠ ପଢ଼ିଥାଏ, ସେ ବିଦ୍ୟାଳୟଟି କେଉଁ ବର୍ଗର ତାହା ପିଲାଟି ଜାଣିବ କାହିଁକି ? ସମାନ ପାଠ, ସମାନ ଡ୍ରେସ, ସମାନ ସମୟ ନିର୍ଘଣ୍ଟ, ସମାନ ପ୍ରଶ୍ନପତ୍ର, ସମାନ ପରୀକ୍ଷା ଆଉ ପାସ୍ କଲା ପରେ ସମାନ ସାର୍ଟିଫିକେଟ। ହେଲେ ସ୍କୁଲ ଭିନ୍ନ ଭିନ୍ନ ବର୍ଗର । ଆଉ ତା' ଭିତରେ କେଉଁଟା ସରକାରୀ ଆଉ କେଉଁଟା ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ତାହା ପିଲା ତ ପିଲା ତା' ବାପାବୋଉ ବି ବୁଝିବା କଷ୍ଟକର ବ୍ୟାପାର। କାରଣ ଗୋଟିଏ ସ୍କୁଲରେ ତେଲିଆ ମୁଣ୍ଡରେ ତେଲ ଢାଳିବା ଭଳି ସବୁ ଠିକ୍‌ଠାକ୍ ଥାଇବି ମାର୍ବଲ ଭାଙ୍ଗି ପୁଣି ନୂଆ ମାର୍ବଲ ବିଛା ଯାଉଥିବା ବେଳେ ଆଉ କେଉଁ ସ୍କୁଲରେ ଶୌଚାଳୟଟେ ବି ନାହିଁ।

ଲୋକମାନେ ବିଗତ ୩୮/୪୦ ବର୍ଷ ତଳେ ସେ ସମୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାରୀ ନିୟମାନୁସାରେ ବିଭିନ୍ନ ପଞ୍ଚାୟତରେ କିମ୍ବା ୩/୪ଟି ପଞ୍ଚାୟତକୁ ନେଇ ହାଇସ୍କୁଲ ମାନ ପ୍ରତିଷ୍ଠା କରିଥିଲେ। ସମୟକ୍ରମେ ସେହି ବିଦ୍ୟାଳୟଗୁଡ଼ିକ ପୂର୍ଣ୍ଣାଙ୍ଗପ୍ରାପ୍ତ ହୋଇ ସରକାରୀ ପୂର୍ଣ୍ଣ ଅନୁଦାନ ପାଇ ଆସୁଛନ୍ତି। ପ୍ରବାଦପୁରୁଷ ବିଜୁବାବୁ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଏହିଭଳି ବିଦ୍ୟାଳୟଗୁଡ଼ିକ ସରକାରୀକରଣ ପାଇଁ ଘୋଷଣା କଲେ, ଫଳରେ ୭।୬।୧୯୯୪ ସୁଦ୍ଧା ପୂର୍ଣ୍ଣାନୁଦାନ ପାଇଥିବା ସମସ୍ତ ବିଦ୍ୟାଳୟ ସରକାରୀ ମାନ୍ୟତା ପାଇଲା। କିନ୍ତୁ କିଛି ବିଦ୍ୟାଳୟ ବିଭିନ୍ନ କାରଣରୁ ଏଥିରୁ ବଞ୍ଚିତ ହୋଇ ରହିଗଲେ, ଯଦ୍ୱାରା ସେତେବେଳେ ୨୯୨୯ ବିଦ୍ୟାଳୟ ସରକାରୀ ହେଲେ ଓ ପରେ କିଛି ଯୋଡ଼ିହେଲେ। ମାତ୍ର ୧।୬।୧୯୯୪ରୁ ପୂର୍ଣ୍ଣ ଅନୁଦାନ ପାଇଥିବା ଓ ଠିକ୍ ସମୟ ମଧ୍ୟରେ କାଗଜପତ୍ର ହସ୍ତାନ୍ତର କରିପାରି ନ ଥିବା କିଛି ସ୍କୁଲ ୭।୬।୧୯୯୪ରେ ପୂର୍ଣ୍ଣ ଅନୁଦାନ ପାଇଥିଲେ ମଧ୍ୟ ସରକାରୀ ହୋଇ ନ ପାରି ଏ ପର୍ଯ୍ୟନ୍ତ ସାହାଯ୍ୟପ୍ରାପ୍ତ ଅନୁଷ୍ଠାନ ହୋଇ ରହିଛନ୍ତି। ତେଣୁ ଏଯାବତ୍ ସେମାନେ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ (Full GI . A)ଭାବରେ ରହିଛନ୍ତି। ଅବଶ୍ୟ ଏହି ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଶିକ୍ଷକମାନେ ସରକାରୀ ବିଦ୍ୟାଳୟର ଶିକ୍ଷକମାନଙ୍କ ସଙ୍ଗେ ସମାନ ଦରମା, ପେନ୍‌ସନ ଆଦି ପାଉଛନ୍ତି। କିନ୍ତୁ ୭।୬।୧୯୯୪ରେ ସରକାରୀକରଣ ପରେ ସରକାରୀ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ରହିଥିବା ଖାଲି ପଦବୀ ଆଉ ପୂରଣ କରାଗଲା ନାହିଁ। କେବଳ ସରକାରୀ ବିଦ୍ୟାଳୟଗୁଡ଼ିକ ପାଇଁ ଶିକ୍ଷକ ନିଯୁକ୍ତି କରାଯାଉଥିବା ବେଳେ ପୂର୍ବରୁ ସିଲେକଶନ ବୋର୍ଡ ମାଧ୍ୟମରେ ସରକାରୀ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ଯେଉଁ ନିଯୁକ୍ତି ଦିଆଯାଉଥିଲା ତାହା ଶୀତଳଭଣ୍ଡାରରେ ରହିଗଲା, ଯଦ୍ୱାରା ଦୀର୍ଘ ବର୍ଷ ଧରି ଆଦୌ ଶିକ୍ଷକ ନିଯୁକ୍ତି ନ ହେବା ଫଳରେ ଅନେକ ପୁରାତନ ଲବ୍ଧପ୍ରତିଷ୍ଠିତ ବିଦ୍ୟାଳୟ ମଧ୍ୟ ଶିକ୍ଷକ ଶୂନ୍ୟ ହୋଇ ବନ୍ଦ ହେବାକୁ ବସିଲାଣି। ବର୍ଷକୁ ବର୍ଷ ଶିକ୍ଷକମାନେ ଅବସର ନେଉଥିଲାବେଳେ ନୂତନ ନିଯୁକ୍ତି ଆଦୌ ନାହିଁ।

ଏ ସମସ୍ୟାକୁ ଅତି ସହଜ ସରଳ ଭାବରେ ବୋଧଗମ୍ୟ ହେବା ପାଇଁ ଗୋଟିଏ ବିଦ୍ୟାଳୟର ଉଦାହରଣ ଉପସ୍ଥାପନ କଲେ ସମସ୍ତେ ସବୁକଥା ବୁଝିଯିବେ। ପଶ୍ଚିମ ଓଡ଼ିଶାର ସୁବର୍ଣ୍ଣପୁର ଜିଲା (କେବିକେ ଅଞ୍ଚଳ) ବିନିକା ବ୍ଲକ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ସିଙ୍ଘିଜୁବା ୧୯୮୪ରେ ସ୍ଥାପିତ ହୋଇ ଚାରିଗୋଟି ପଞ୍ଚାୟତର ପିଲା ପାଠପଢି ଆସୁଥିଲେ। ଏବେ ମଧ୍ୟ ୩ଟି ପଞ୍ଚାୟତର ପିଲାମାନେ ପାଠପଢୁଛନ୍ତି। ତାହା ୧।୩।୧୯୯୧ରେ ଅନୁଦାନପ୍ରାପ୍ତ ହେବା ପାଇଁ ଯୋଗ୍ୟ ବିବେଚିତ ହୋଇ ୧।୬।୧୯୯୪ଠାରୁ ସରକାରୀ ପୂର୍ଣ୍ଣ ଅନୁଦାନ ପାଇଆସୁଛି। ବିଦ୍ୟାଳୟର ଅବସ୍ଥିତି, ପରିବେଶ, ଶିକ୍ଷାଦାନ ଆଦି ପାଇଁ ଅନେକ ସରକାରୀ ସ୍କୁଲକୁ ପଛରେ ପକାଇ ଏକ ଅଗ୍ରଣୀ ବିଦ୍ୟାଳୟ ଭାବରେ ପରିଗଣିତ ହେଲା ଓ ପିଲା ସଂଖ୍ୟା ବୃଦ୍ଧି ପାଇ ୨୫୦–୩୦୦ ହେଲା। ତା'ର ସୁନ୍ଦର ପରିବେଶ, ବୃକ୍ଷରୋପଣ ତଥା ସଚେତନତା କାର୍ଯ୍ୟକ୍ରମ ପାଇଁ ଓଡ଼ିଶା ସରକାରଙ୍କଠାରୁ ୨୦୧୫ରେ ପ୍ରକୃତିମିତ୍ର ପୁରସ୍କାର ପାଇଲା। ପୁଣି ଏଠାରେ ଦୀର୍ଘ ୨୦ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ମାଟ୍ରିକ ପରୀକ୍ଷା କେନ୍ଦ୍ର ହୋଇ ଶାନ୍ତିଶୃଙ୍ଖଳା ସହ ପରିଚାଳିତ ହୋଇଆସୁଛି। ଏହି ବିଦ୍ୟାଳୟର ମାଟ୍ରିକ ପରୀକ୍ଷା ଫଳ ୯୭% ପର୍ଯ୍ୟନ୍ତ ଯାଇଛି ଓ ରାଜ୍ୟ ସରକାର ବିଦ୍ୟାଳୟର ମାଟ୍ରିକ ଫଳକୁ ଦେଖି ୨୦୧୮ରେ ଶ୍ରେଷ୍ଠ ବିଦ୍ୟାଳୟ ମାନ୍ୟତା ଦେବା ସହ ସରକାର ଏକ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରିଛନ୍ତି। ଏହା ବ୍ୟତୀତ ବିଦ୍ୟାଳୟ ଅନେକ କୃତୀ ଛାତ୍ରୀଛାତ୍ର ସୃଷ୍ଟି କରିଛି, ଯେଉଁମାନେ ସମାଜରେ ପ୍ରତିଷ୍ଠିତ ହୋଇପାରିଛନ୍ତି ଓ ଅଞ୍ଚଳର ନେତୃତ୍ୱ ନେଉଛନ୍ତି। ମାତ୍ର ଏସବୁ ସତ୍ତ୍ୱେ ବିଦ୍ୟାଳୟର ଆୟୁଷ ଆଉ ୩/୪ ବର୍ଷ ମାତ୍ର। କାରଣ ଶିକ୍ଷକ ନିଯୁକ୍ତି କଥାକୁ ସରକାର ସମ୍ପୂର୍ଣ୍ଣ ଅଣଦେଖା କରି ଦେଇଛନ୍ତି ଓ ଅନେକ ଶିକ୍ଷକ ଅବସର ନେଲେଣି। ୨/୪ ବର୍ଷ ଭିତରେ ସମସ୍ତେ ଅବସର ନେଇଯିବେ ଓ ବିଦ୍ୟାଳୟଟି ଶିକ୍ଷକଶୂନ୍ୟ ହୋଇଯିବ। ତେବେ ମୋ ସ୍କୁଲ ଅଭିଯାନ କାହା ପାଇଁ ବୋଲି ସାଧାରଣରେ ପ୍ରଶ୍ନ ଉଠିଲାଣି। ଏହା ଗୋଟିଏ ଉଦାହରଣ ମାତ୍ର, ରାଜ୍ୟରେ ଏପରି ୬୫୦ଟି ହାଇସ୍କୁଲ ଏଭଳି ସ୍ଥିତିରେ ଅଛି। ଏଠାରେ ସୂଚାଇ ଦିଆଯାଇପାରେ ଯେ, ଜଣେ ଶିକ୍ଷକ ଅବସର ବେଳେ ଏକ ଲକ୍ଷ ଟଙ୍କା ପାଖାପାଖି ଦରମା ପାଉଥାନ୍ତି, ଆଉ ସରକାର ଚୁକ୍ତିଭିତ୍ତିକ ଭାବରେ ଯୁବତୀଯୁବକମାନଙ୍କୁ ନବନିଯୁକ୍ତି ପ୍ରଦାନ କଲେ ସେତିକି ଟଙ୍କାରେ ଆଠ ଦଶଜଣ ଶିକ୍ଷକଙ୍କୁ ଅର୍ଥାତ ସମସ୍ତ ଶିକ୍ଷକଙ୍କ ଦରମା ଭରଣା ହୋଇପାରିବ।

ମୋଟ ଉପରେ କହିବାକୁ ଗଲେ କଲେଜ ସ୍ତରରେ ଯେଭଳି ସିଲେକ୍ସନ ବୋର୍ଡ ମାଧ୍ୟମରେ ସାହାଯ୍ୟପ୍ରାପ୍ତ କଲେଜଗୁଡ଼ିକ ପାଇଁ ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେଲାଣି, ସ୍କୁଲ ପାଇଁ ଥିବା ସିଲେକ୍ସନ ବୋର୍ଡକୁ ପୂର୍ବବତ୍ କାର୍ଯ୍ୟକ୍ଷମ କରି ନିୟମିତ ବ୍ୟବଧାନରେ ଶିକ୍ଷକ ନିଯୁକ୍ତି କରାଯାଉ ଓ ତାହାର ପ୍ରକ୍ରିୟା ଯଥାଶୀଘ୍ର ଆରମ୍ଭ କରାଯାଉ, ଯଦ୍ୱାରା ରାଜ୍ୟର ଅନେକ ଶିକ୍ଷାନୁଷ୍ଠାନ ବଞ୍ଚିଯିବ ଓ ଜନସାଧାରଣ ମଧ୍ୟ ଉପକୃତ ହେବା ସାଙ୍ଗକୁ ସରକାରଙ୍କ ଉପରେ ଆସ୍ଥାପ୍ରକଟ କରିବେ। ପୁଣି ପର୍ଯ୍ୟାୟକ୍ରମେ ସମସ୍ତ ବିଦ୍ୟାଳୟକୁ ୫–ଟି ଅନ୍ତର୍ଭୁକ୍ତ କରାଯାଉ ଓ ଜିଲା ସ୍ତରରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅବସରପ୍ରାପ୍ତ ଦକ୍ଷ ଅଭିଜ୍ଞ ଶିକ୍ଷକମାନଙ୍କୁ ନେଇ ଏକ କମିଟି ଗଠନ କରି ବିଦ୍ୟାଳୟଗୁଡ଼ିକୁ ଯାଇ ଶିକ୍ଷକମାନଙ୍କୁ ମାର୍ଗଦର୍ଶନ କରିବା ସହ ତ୍ରୁଟିବିଚ୍ୟୁତିକୁ ସଜଡାଯାଉ ଓ ଦକ୍ଷ ଶିକ୍ଷକମାନଙ୍କୁ ପୁରସ୍କୃତ କରାଯିବା ସହ କାର୍ଯ୍ୟରେ ଅବହେଳା କରୁଥିବା ଶିକ୍ଷକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏପରିକି ସରକାରୀ ସ୍ୱୀକୃତିପ୍ରାପ୍ତ, ଅଣ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ମଧ୍ୟ ବହି, ସାଇକେଲ ଓ ଷ୍ଟାଇପେଣ୍ଡ ଦିଆଯାଉ। ତାକୁ ବାଛବିଚାର କରି ବଞ୍ଚିତ କରା ନ ଯାଉ। ଏଭଳି ହେଲେ ସମସ୍ତ ବର୍ଗର ବିଦ୍ୟାଳୟର ଉନ୍ନତୀକରଣ ହେବାସହ ରାଜ୍ୟରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିବ।

ପ୍ରାକ୍ତନ ଜିଲା ସମ୍ପାଦକ, ଓଷ୍ଟା,ସୁବର୍ଣ୍ଣପୁର,
ମୋ: ୯୪୩୭୮୮୦୪୪୯

## ପାଠକ ଶ୍ରେଷ୍ଠ ବିଚାରକ

### କର୍ମୀଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ

ମହାଶୟ,

ରାଜନୈତିକ ଦଳର କର୍ମୀମାନଙ୍କର ସମ୍ପୃକ୍ତ ଦଳ ଓ ଜନସାଧାରଣଙ୍କ ପ୍ରତି ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ଓ ଦାୟିତ୍ୱ ରହିଛି। ସେମାନେ ସମାଜର ତୃଣମୂଳ ସ୍ତରରେ ଦଳର ମୁଖ୍ୟ ସମ୍ବଳ। ସେମାନଙ୍କ ଆଚରଣ ଓ ଉଚ୍ଚାରଣ ଉପରେ ରାଜନୈତିକ ଦଳଗୁଡିକର ଲୋକପ୍ରିୟତା ନିର୍ଭର କରେ। ଦଳର ନେତା ଓ ସରକାରଙ୍କ ପ୍ରତି ସମର୍ଥନ ଓ ଆନୁଗତ୍ୟ ପ୍ରକାଶ କରିବାର ଯେତିକି ଆବଶ୍ୟକତା ରହିଛି, ସାଧାରଣ ଲୋକଙ୍କ ସହିତ ଯୋଡ଼ି ହୋଇରହିବା, ସେମାନଙ୍କର ମୌଳିକ ସମସ୍ୟାର ସମାଧାନ ଦିଗରେ ଯତ୍ନବାନ୍ ହେବାର ସେତିକି ଆବଶ୍ୟକତା ରହିଛି। କର୍ମୀମାନେ ନିଜ କର୍ତ୍ତବ୍ୟ ଓ ଦାୟିତ୍ୱ ଠିକ୍ ଭାବେ ସମ୍ପନ୍ନ ନ କଲେ ନିଜର ଦଳ ଓ ସରକାର ବିପର୍ଯ୍ୟୟର ସମ୍ମୁଖୀନ ହେବା ଆଶଙ୍କା ଅଧିକ।

– ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନଦୀର ମାନ୍ୟତା ଅପେକ୍ଷାରେ



ଅଭୟ କୁମାର ଦାସ

ଓଡ଼ିଶାର ଲାଇଫ୍‌ଲାଇନ୍ କୁହାଯାଉଥିବା ମହାନଦୀକୁ ନେଇ ଓଡ଼ିଶା ସହ ପଡ଼ୋଶୀ ଛତିଶଗଡ଼ ସହ ମୁହାଁମୁହିଁ ସ୍ଥିତି ଓ ମହାନଦୀର ସୁରକ୍ଷା ପାଇଁ ଅନେକ ଦାବି ପ୍ରତିବାଦ ଉଠୁଥିବାବେଳେ ଅନେକ ହୁଏତ ଜାଣିନାହାନ୍ତି ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ବିଶେଷକରି ଉପକୂଳବର୍ତ୍ତୀ ଜିଲାର ଲାଇଫ୍‌ଲାଇନ୍ 'ଗୋବରୀ' ନଦୀ ଆଜି ନିଜର କେବଳ ପରିଚୟ ମାଗୁନି, ସୁରକ୍ଷା ଓ ପ୍ରତିଦାନକୁ ଆଶା କରି ଏକ ପ୍ରକାର ଚୁପ୍ ହୋଇ ବସିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଏକ ଆଶ୍ଚର୍ଯ୍ୟକର କଥା ହେଉଛି, ଅବିଭକ୍ତ କଟକ ଜିଲା ସହ ଅନ୍ୟ ଜିଲାର ପରିସୀମା ଭିତରେ ଏହି ନଦୀଟି ଛୋଟିଆ ହୋଇଥିଲେ ବି ଏହାକୁ ଏଯାବତ୍ ନଦୀର ମାନ୍ୟତା ମିଳିନି। ଜଳ ବହୁଳେ ସୃଷ୍ଟି ନାଶ, ଜଳ ବିହୁନେ ସୃଷ୍ଟି ନାଶ ପରି ବର୍ଷାରେ ବେଳେବେଳେ ଅଦିନିଆ ବନ୍ୟା ବିପ୍ଲାତ ଦେଖାଉଥିବା ଏହି ଛୋଟ ନଦୀଟି ଖରାଦିନେ କ୍ଷୀଣ ସ୍ରୋତା ହୋଇ ପରିଶେଷରେ ଶୁଖିଲା ପଡ଼ିଥାଏ। ବର୍ଷାଋତୁରେ ଏହି ନଦୀର ବନ୍ୟାରେ ମାହାଙ୍ଗା ଓ ସାଲେପୁର ବ୍ଲକର ପାଖାପାଖି ୭୦ ଭାଗ ଚାଷଜମି ପ୍ରଭାବିତ ହେଉଛି। ଆଜି ପର୍ଯ୍ୟନ୍ତ ଡ୍ରେନେଜ୍ ବ୍ୟବସ୍ଥା ଅଭାବରୁ ଜଳ ନିଷ୍କାସନ ହୋଇପାରୁନି। ହଜାର ହଜାର ଏକର ଜମି ଜଳମଗ୍ନ ହେଉଛି ଓ ହଜାର ହଜାର କଚ୍ଚାଘର ଭାଙ୍ଗୁଛି। ପ୍ରତିବର୍ଷ କୋଟି କୋଟି ଟଙ୍କା ଡ୍ରେନେଜ୍ ସଫେଇ, ବନ୍ଧ ଖନନ ମାଧ୍ୟମରେ ଖର୍ଚ୍ଚ ହେଉଥିବା ସରକାରୀ ତଥ୍ୟରେ ଦର୍ଶାଯାଉଥିବା ବେଳେ ପ୍ରକୃତରେ ଗୋବରୀର ପୁନରୁଦ୍ଧାର ପାଇଁ କୌଣସି ସ୍ଥାୟୀ ବ୍ୟବସ୍ଥା କରାଯାଉନି। ବରଦିଆଠାରେ ଡ୍ରେନେଜ କଟ୍ କାମ ଆରମ୍ଭ ହୋଇଛି, କିନ୍ତୁ ତା' ବି ସରିପାରିନି। ସୂଚନା ଅନୁସାରେ, କଟକ ଜିଲା ସାଲେପୁର ବ୍ଲକର ୫/୬ଟି ପଞ୍ଚାୟତ ଓ ମାହାଙ୍ଗା ବ୍ଲକର ୧୮ଟି ପଞ୍ଚାୟତ ଦେଇ କେନ୍ଦ୍ରାପଡ଼ା ଜିଲାରେ ପ୍ରବେଶ କରିଛି ଗୋବରୀ। ଏହି ନଦୀକୂଳରେ ଅନେକ ତୀର୍ଥସ୍ଥାନ ଓ ସ୍ମୃତି ବିଜଡ଼ିତ କ୍ଷେତ୍ର ମଧ୍ୟ ରହିଛି। ଲଳିତଗିରି ପରି ବିଶ୍ୱପ୍ରସିଦ୍ଧ ବୌଦ୍ଧକ୍ଷେତ୍ର ଓ ଓଲାଶୁଣୀ ପାହାଡ଼ ରହିବା ସହିତ ପ୍ରତିବର୍ଷ ଓଲାଶୁଣୀ ଯାତ୍ରା ମଧ୍ୟ ଆୟୋଜନ ହେଉଛି। କିନ୍ତୁ ଏସବୁ ସତ୍ତ୍ୱେ ଆଜି ଯେତେବେଳେ ଦେଶ ନିଜର ସ୍ୱାଧୀନତାର ୭୩ ବର୍ଷ ପୂରଣ କରୁଛି, ସେ ସମୟରେ ଗୋବରୀ ନଦୀର ମାନ୍ୟତା ପାଇନି।

ଗୋବରୀ ନଦୀ କଥା ଚିନ୍ତା କଲାବେଳକୁ ଦୁଃଖ ଆସୁଛି। ଡ୍ରେନେଜ କାର୍ଡ଼ ୫୬ ସୁକ, ଗୋବରୀ ଓ ମଇଜରାକୁ ସ୍ଥାୟୀ ଖନନ, ସୁଦୃଢ଼ ବନ୍ଧ ନିର୍ମାଣ ଓ ବନ୍ଧରେ ବୃକ୍ଷରୋପଣ କରିବା ସହ ଏହାର ସ୍ଥାୟୀ ସମାଧାନ କଲେ ମାହାଙ୍ଗା ବ୍ଲକର ୭୦ ପ୍ରତିଶତ ଜନସାଧାରଣ ବନ୍ୟା ଏବଂ ମରୁଡ଼ିରୁ ରକ୍ଷା ପାଇବେ। ସେହିପରି ବର୍ଷାଦିନେ ଅସରାଏ ବର୍ଷା ହେଲେ ହଜାର ହଜାର ହେକ୍ଟର ଜମି ଜଳମଗ୍ନ ହୋଇ ଚାଷକୁ କ୍ଷତି ପହଞ୍ଚାଉଛି ଏବଂ ଖରାଦିନେ ପାଣି ନଦୀରେ ରହୁ ନ ଥିବାରୁ ମରୁଡ଼ି ପରିସ୍ଥିତି ସୃଷ୍ଟି ହେଉଛି। ମାହାଙ୍ଗା ଏକ କୃଷିପ୍ରଧାନ ଅଞ୍ଚଳ ହୋଇଥିବାରୁ ବନ୍ୟାଜଳ ନିଷ୍କାସନ ନ ହେବା ଫଳରେ ହଜାର ହଜାର କୃଷକ କ୍ଷତି ସହୁଛନ୍ତି। ଗୋବରୀର ଜଳସେଚନ ବ୍ୟବସ୍ଥା କେବଳ ଧାନ, ମୁଗ, ବିରି, ଆଖୁ ପାଇଁ ନୁହେଁ; ଅନେକ ପନିପରିବା ଚାଷୀ ମଧ୍ୟ ନଦୀକୂଳରେ ଫସଲ କରି ଦୁଇପଇସା ରୋଜଗାର କରିଥାଏ। ସେହିପରି ବ୍ୟବସ୍ଥା ଭିତରେ ବର୍ଷ ବର୍ଷ ଧରି ଅଟକି ରହିଥିବା ପାଟନାଳୀ ସମସ୍ୟାର ସ୍ଥାୟୀ ପ୍ରତିକାର ହୋଇଗଲେ ଅନେକ ସୁଫଳ ମିଳନ୍ତା। ଗୋବରୀକୁ ନେଇ ଅନେକ ସମ୍ଭାବନା ରହିଥିଲେ ବି ତାକୁ ଠିକ୍ ଭାବରେ ବ୍ୟବହାର କରାଯାଉନି। ବର୍ଷା ହେଲେ ବନ୍ୟାଜଳରେ ଉବୁଟୁବୁ ହେଉଥିବା ଗୋବରୀରେ ଅନ୍ୟ ଦିନମାନଙ୍କରେ ଆଣ୍ଠୁଏ ପାଣି ବି ରହେନି। ଯଦି ଗୋବରୀର ପାଣିକୁ ସଠିକ୍ ନିୟନ୍ତ୍ରଣ କରାଯାଇପାରନ୍ତା, ତା'ହେଲେ ହଜାର ହଜାର ହେକ୍ଟର ଚାଷଜମି ଜଳସେଚିତ ହୋଇପାରନ୍ତା। ଗୋବରୀକୁ ନେଇ ଆଜି ପର୍ଯ୍ୟନ୍ତ ସ୍ୱତନ୍ତ୍ର ମାଷ୍ଟର ପ୍ଲାନ କିଛି କରାଯାଇ ପାରି ନ ଥିବାରୁ ଆଗାମୀ ଦିନରେ କେବଳ ବର୍ଷା ହେଲେ ଗୋବରୀକୁ ଚିହ୍ନି ହେବ, ନଚେତ୍ ଗୋବରୀ ଏକ ଶୁଷ୍କ ନାଳ ହୋଇ ରହିଯିବ ବୋଲି ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଲାଣି। ଗୋଟିଏ ଜାତିର ଏକ ବୃତ୍ତିଗତ କ୍ଷେତ୍ର ପରିସୀମାର ଲୋକମାନଙ୍କ ଗୁଜରାଣ ହେଉଛି ଚାଷବାସ। ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ହୋଇଥିବାରୁ ଚଷାପୁଅ ସ୍ୱାଭାବିକ ଭାବେ ମୁଣ୍ଡ ଝାଳ ତୁଣ୍ଡରେ ମାରି ମେହନତି କରିଥାଏ ଦୁନିଆକୁ ଦାନା ଯୋଗାଇବା ସହ ନିଜେ ନିଜ ପରିବାରକୁ ଭରଣପୋଷଣ କରିବା ପାଇଁ। ତେଣୁ ପ୍ରଶାସନ ପାଖରେ ଆବେଦନ ଜଣାଇଲେ ଏହି ନଦୀଟି ଶସ୍ୟ ଶ୍ୟାମଳାର ବହୁତ ବଡ଼ ଉପଲବ୍ଧି ଆମ ସମସ୍ତଙ୍କୁ ଦେଇପାରିବ। ଏ କ୍ଷେତ୍ରରେ ଅଭିଯୋଗ, ରାଜନୀତି ବା ପରସ୍ପର ପ୍ରତି କାଦୁଅଫିଙ୍ଗା ଛାଡ଼ି ସମସ୍ତେ ଏକ ମନ ଏକ ପ୍ରାଣ ହୋଇ ପ୍ରଶାସନ ପାଖରେ ଆବେଦନ ଜଣାଇଲେ ଏହା ନଦୀର ମାନ୍ୟତା ପାଇବା ସହ ଆମ ଅଞ୍ଚଳର ଅଭିବୃଦ୍ଧି ଓ ପ୍ରଗତିରେ ଆମମାନଙ୍କର ବଳିଷ୍ଠ ଅବଦାନ ମଧ୍ୟ ରହିବ।

– ଗୋତରା, ମାହାଙ୍ଗା, କଟକ
ମୋ: ୯୪୩୭୧୪୨୭୧୭

## ଚିରନ୍ତନୀ

କିପାଇଁ ଆସ ଯାଅ କିପାଇଁ
ନ କହ କିପାଁ ପଦେ ତ କଥା
କ୍ଷଣକେ ଚାହିଁ ଯାଅ ଉଭାଇ
ଚିରଦିନକୁ ଲଗାଇ ବ୍ୟଥା।

–(ନିଜ ଭୁଲା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ୧.୪୯ ଲକ୍ଷ କୋଟିର ଟିକସ ରିଫଣ୍ଡ

**ଭୁବନେଶ୍ୱର,୨୯।୧୨:** ଚଳିତ ଆର୍ଥିକ ବର୍ଷର ସୂଚନା ଅନୁସାରେ ଗୁରୁବାର ସୁଦ୍ଧା ୧.୪୫ କୋଟି ଟିକସଦାତାଙ୍କୁ ୧୪୯ ଲକ୍ଷ କୋଟି ଟଙ୍କାର ଟ୍ୟାକ୍ସ ସେଣ୍ଟ ଜାରି କରିଛନ୍ତି। ଏ ସମ୍ପର୍କରେ ନିକଟରେ ଆୟକର ବିଭାଗ ଟୁଇଟ କରି ସୂଚନା ଦେଇଛି। ଚଳିତ ଆର୍ଥିକ ବର୍ଷ ଲାଗି ଜାରି କରାଯାଇଥିବା ୨୧.୦୨୧ କୋଟି ଟଙ୍କା ମଧ୍ୟରୁ ପ୍ରାୟ ୧୦୭ କୋଟି ଟଙ୍କାର ରିଫଣ୍ଡ ସାମିଲ ରହିଛି। ଡିସେମ୍ବର ମାସ ଲାଗି ୪୬୭ କୋଟିରୁ ଉର୍ଦ୍ଧ୍ୱ ଆୟକର ରିଟର୍ଣ୍ଣ ଦାଖଲ କରାଯାଇଛି। ସେହିପରି ୧୪୨ କୋଟି ୟୁନିଟକୁ ୫୦,୭୯୩ କୋଟି ଟଙ୍କାର ଆୟକର ରିଫଣ୍ଡ କରାଯାଇଛି। ଏହାଛଡ଼ା ୨୧୯ ଲକ୍ଷ ମାମଲାରେ ୯୮,୫୦୪ କୋଟି ଟଙ୍କାର କର୍ପୋରେଟ ଟିକସ ଫେରସ୍ତ କରାଯାଇଛି। ସେହିଭଳି ସିବିଡିଟି ବାବଦରେ ୨୦୨୧ ଏପ୍ରିଲ ୧ ତାରିଖରୁ ଡିସେମ୍ବର ୨୭ ତାରିଖ ମଧ୍ୟରେ ୧୪୫ କୋଟି ଟିକସଦାତାଙ୍କୁ ୧,୪୯,୨୯୭ କୋଟି ଟଙ୍କାର ଟ୍ୟାକ୍ସ ରିଫଣ୍ଡ କରାଯାଇଛି।

### ଜାନୁୟାରୀରୁ ଓକେସିଏଲ୍‌ର ନୂତନ ପାଠ୍ୟକ୍ରମ

**ଭୁବନେଶ୍ୱର,୨୯।୧୨:** ରାଜ୍ୟର ସମସ୍ତ ଯୁବପିଢ଼ିଙ୍କୁ ଆବଶ୍ୟକ ଆଇଟି, ପ୍ରଯୁକ୍ତିବିଦ୍ୟା ଓ କମ୍ପ୍ୟୁଟର ପରିଚାଳନାରେ ଦକ୍ଷ କରାଇବା ପାଇଁ ଓଡ଼ିଶା ନଲେଜ କର୍ପୋରେସନ ଲିମିଟେଡ୍ (ଓକେସିଏଲ୍) ଯୋଜନା ପ୍ରସ୍ତୁତ କରିଛି। ୨୦୨୨ ଜାନୁୟାରୀରୁ ଓଏସ୍‌ସିଆଇଟିଏ ଏବଂ ଓଏସ୍ ସିଆଇଟି ଏ ନାମରେ ୬ ମାସିଆ ଓ ୧୨ ମାସିଆ ପାଠ୍ୟକ୍ରମ ପ୍ରଚଳନ କରିବାକୁ ଯାଉଛି। ଇ ଆଣ୍ଡ ଆଇଟି ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ରାଜ୍ୟର ଯେ କୌଣସି ସରକାରୀ ଓ ସରକାରଙ୍କ ଅଧୀନସ୍ଥ ସଂସ୍ଥା ଏବଂ ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ଡିସିଏ, ପିଜିଡିସିଏ ଭଳି ଏଆଇସିଟିଇ ସ୍ୱୀକୃତାପ୍ରାପ୍ତ ଶିକ୍ଷାନୁଷ୍ଠାନ ଏନ୍‌ଆଇଇଏଲ୍‌ଇଟି 'ଓ' ସ୍ତରୀୟ ଯୋଗ୍ୟତା ଆବଶ୍ୟକ କ୍ଷେତ୍ରରେ ଓକେସିଏଲ୍ ଦ୍ୱାରା ପ୍ରଦତ୍ତ ଓଏସ୍ ସିଆଇଟି କମ୍ପ୍ୟୁଟର ପାଠ୍ୟକ୍ରମକୁ ଗ୍ରହଣ କରାଯାଉଛି। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ଶିକ୍ଷାବିତ୍ମାନେ ସ୍ୱାଗତ କରିଥିବା ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

# ୩୦୦କୋଟି ବିନିଯୋଗ କରିବ ବଜାଜ ଅଟୋ

## ପୁଣେରେ ହେବ ଇଭି ଉତ୍ପାଦନ




ମୁମ୍ବାଇ,୨୯।୧୨

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ବଜାଜ ଅଟୋ ଲିମିଟେଡ୍ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି ଯେ କମ୍ପାନୀ ପୁଣେର ଆର୍କୁଡିଠାରେ ୩୦୦ କୋଟି ଟଙ୍କା ବିନିଯୋଗରେ ଏକ ବୈଦ୍ୟୁତିକ ଯାନ ବା ଇଲେକ୍ଟ୍ରିକ ଭେଇକଲ (ଇଭି) ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରିବ। ଏହି ସୁବିଧା ଦେଶବାସୀଙ୍କୁ ଖୁବ୍‌ଶୀଘ୍ର ଉପଲବ୍ଧ ହେବା ପାଇଁ କାର୍ଯ୍ୟ ଆରମ୍ଭ ହୋଇସାରିଛି। କମ୍ପାନୀ ବାର୍ଷିକ ୫ ଲକ୍ଷ ଇଭି ଉତ୍ପାଦନ କରିବାର କ୍ଷମତା ରଖିବ ବୋଲି ଜଣାପଡ଼ିଛି। ଉଭୟ ଘରୋଇ ଏବଂ ରପ୍ତାନି ବଜାରକୁ ଆବଶ୍ୟକ ପରିମାଣର ଗାଡ଼ି କମ୍ପାନୀ ଯୋଗାଇବ ବୋଲି ଏକ ପ୍ରେସ୍ ବିଜ୍ଞପ୍ତିରେ କମ୍ପାନୀ କର୍ତ୍ତୃପକ୍ଷ କହିଛନ୍ତି। ଏହି ନୂତନ ଯାନ ୨୦୨୨ ଜୁନ୍ ସୁଦ୍ଧା ବଜାରକୁ ଆସିବ ବୋଲି ଆଶା କରାଯାଉଛି। ଉକ୍ତ କାରଖାନା ପ୍ରାୟ ୫ଲକ୍ଷ ବର୍ଗଫୁଟ ପରିମିତ ଜମିରେ ନିର୍ମାଣ କରାଯାଇଛି। କମ୍ପାନୀ ଉକ୍ତ ୟୁନିଟରେ ପ୍ରାୟ ୮୦୦ କର୍ମଚାରୀଙ୍କୁ ନିୟୋଜିତ କରିବ ଜଣାପଡିଛି। ଆର୍କୁଡି ହେଉଛି ମୂଳ ଚେତକ ସ୍କୁଟର କାରଖାନାର ସ୍ଥାନ। ୨୦୦୧ରେ ବଜାଜ୍ ୨.୦ ବହୁ ଦମ୍‌ଦାର ପଲ୍‌ସରକୁ ଗ୍ରହଣ କରିଥିଲା। ସେହିଭଳି ୨୦୨୧ରେ ବଜାଜ୍ ୩.୦ ଚିତ୍ତାକର୍ଷକ ଚେତକରେ ପହଞ୍ଚିଛି। ଗୋଟିଏ ଅତ୍ୟାଧୁନିକ ଆଭ୍ୟନ୍ତରୀଣ ଜାଳେଣି ଇଞ୍ଜିନ (ଆଇସିଇ) ବ୍ୟତୀତ ବଜାଜ ପୋର୍ଟଫୋଲିଓ ଅତ୍ୟାଧୁନିକ ଜ୍ଞାନକୌଶଳରେ ଆଗକୁ ବଢୁଛି। ଏହାର ପ୍ଲାଟ୍‌ଫର୍ମ ବର୍ତ୍ତମାନ ସମୟରେ ବିକାଶ ଦିଗରେ ରହିଛି। କମ୍ପାନୀ ସମସ୍ତ ଉତ୍ପାଦ ଆର୍ ଆଣ୍ଡ ଡି ଡ୍ରାଇଭ୍ ଟ୍ରେନ୍ ଭଳି ଗତି କରୁଛି। ବର୍ତ୍ତମାନ ଲେଜର ଭବିଷ୍ୟତ ପାଇଁ ଇଭି ସମାଧାନ ସୃଷ୍ଟି ଉପରେ କମ୍ପାନୀ ବିଶେଷ ଧ୍ୟାନ ଦେଇଛି। ଏ ସମ୍ପର୍କରେ ବଜାଜ ଅଟୋର ପରିଚାଳନା ନିର୍ଦ୍ଦେଶକ ରାଜୀବ ବଜାଜ କହିଛନ୍ତି , ଆର୍କୁଡି ପ୍ରକଳ୍ପରେ ବିନିଯୋଗ ପାଇଁ କମ୍ପାନୀ ହାଇ-ଟେକ୍ ଓ ଆର୍ ଆଣ୍ଡ ଡି ଦକ୍ଷତା, ଉଚ୍ଚକ୍ଷମତା ଇଞ୍ଜିନିୟରିଂ ଦକ୍ଷତା, ବିଶ୍ୱସ୍ତରୀୟ ଯୋଗାଣ ଶୃଙ୍ଖଳା ସମ୍ବନ୍ଧୀୟ ଏବଂ ବିଶ୍ୱସ୍ତରୀୟ ବିତରଣ ନେଟ୍‌ୱାର୍କର ଗୁଣବତ୍ତାଚକ୍ରକୁ ସମ୍ପୂର୍ଣ୍ଣ କରିବ। ଭାରତ ତଥା ବିଦେଶରେ ଇଭି ଯାନର ଏକ ମାର୍କେଟର ଅଗ୍ରଣୀ ସ୍ଥାନକୁ କମ୍ପାନୀକୁ ନେଇ ଯିବାର କ୍ଷମତା ରଖିଛି। କମ୍ପାନୀର ଏହି ନୂତନ ୟୁନିଟ୍‌ରେ ଲଜିଷ୍ଟିକ୍ସ ଏବଂ ସାମଗ୍ରୀ ନିୟନ୍ତ୍ରଣ, ଫ୍ୟାବ୍ରିକେଶନ ଏବଂ ପେଣ୍ଟିଂ, ଆସେମ୍ବ୍ଲି ଏବଂ ଗୁଣବତ୍ତା ନିଶ୍ଚିତତା ସହିତ ପ୍ରତ୍ୟେକ ଜିନିଷ ପାଇଁ ଅତ୍ୟାଧୁନିକ ରୋବୋଟିକ୍ ଏବଂ ସ୍ୱୟଂଚାଳିତ ଉତ୍ପାଦନ ପ୍ରଣାଳୀ ରହିବ। ଶ୍ରେଷ୍ଠ ଶ୍ରମିକ ଏଗ୍ରୋନୋମିକ୍ସ ଏବଂ ସର୍ବାଧିକ ପ୍ରକ୍ରିୟା ଦକ୍ଷତାକୁ ଧ୍ୟାନରେ ରଖି ଏହି ସିଷ୍ଟମଗୁଡିକ ଫ୍ଲେକ୍ସିବଲ୍ ଉତ୍ପାଦ ମିଶ୍ରଣ ପାଇଁ ଡିଜାଇନ କରାଯାଇଛି। ଅର୍କୁଡିରେ ଥିବା ୟୁନିଟ୍ ବଜାଜ୍ ଅଟୋର ଅତ୍ୟାଧୁନିକ ଆର୍ ଆଣ୍ଡ ଡି କେନ୍ଦ୍ର ସହିତ ମିଳିତ ହୋଇ ଅଧିକ କୋଲ୍ ଲାବୋରେଟୋରିକୁ ବଢ଼ାଇଥାଏ। ଏହା କମ୍ ସମୟ ବଜାରକୁ ଯାଇଥାଏ ଏବଂ ଡିଜାଇନ୍, ବିକାଶ ଏବଂ ନିର୍ମାଣ ପାଇଁ ଏହି ସୁବିଧାକୁ ଏକ ହବ୍‌ରେ ପରିଣତ କରିବା ଉଚିତ। ବୈଦ୍ୟୁତିକ ଯାନର ସମ୍ପୂର୍ଣ୍ଣ ପରିସର ରହିବ।

## ଏଲ୍‌ଆଇସିର ଡିଜି ଜୋନ୍ ଉଦ୍‌ଘାଟିତ




ଭୁବନେଶ୍ୱର,୨୯।୧୨

ଦେଶର ପ୍ରମୁଖ ଇନ୍‌ସୁରାନ୍ସ କମ୍ପାନୀ ଜୀବନ ବୀମା ନିଗମ (ଏଲ୍‌ଆଇସି) ପକ୍ଷରୁ ବୁଧବାର ଏକ ଅତ୍ୟାଧୁନିକ ଗ୍ରାହକ ସୁବିଧା କେନ୍ଦ୍ର 'ଏଲ୍‌ଆଇସି ଡିଜି ଜୋନ୍‌ର ଶୁଭାରମ୍ଭ କରିଛି। ଏହି ଅବସରରେ ଏଲ୍‌ଆଇସି ଅଧ୍ୟକ୍ଷ ଏମ୍.ଆର୍. କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହାର ପରିଚାଳନା ନିର୍ଦ୍ଦେଶକ ରାଜକୁମାର, ସିଦ୍ଧାର୍ଥ ମହାନ୍ତି, ବି.ସି. ପଟ୍ଟନାୟକ ଏବଂ ଜୋନାଲ ମ୍ୟାନେଜର, ପଶ୍ଚିମ ଜୋନ୍ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏକ ବୈଷୟିକ ଚାଳିତ ଜୀବନ ବୀମାକାରୀ ହେବାର ଉଦ୍ଦେଶ୍ୟ ସହ ଏହା ପରିସରରେ ସ୍ଥାପିତ କିଓସ୍କ ମାଧ୍ୟମରେ ନିଗମର ବିଭିନ୍ନ ଉତ୍ପାଦ ଏବଂ ସେବା ସମ୍ବନ୍ଧୀୟ ସୂଚନା ପ୍ରଦାନ କରିବ। ଏହାର ଗ୍ରାହକମାନେ ଅନ୍‌ଲାଇନରେ ପଲିସି କିଣିବା, ପ୍ରିମିୟମ ଦେବା ଏବଂ ଅନ୍ୟାନ୍ୟ ସେବା ଯଥା ସମୟରେ ପାଇବା ପାଇଁ ଏହି ଜୋନ୍ ବ୍ୟବହାର କରିପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

## ଖିମ୍‌ଜିର ଏଣ୍ଡ ଅଫ୍ ସିଜନ କାର୍ନିଭାଲ

ଭୁବନେଶ୍ୱର,୨୯।୧୨

ନୂତନ ବର୍ଷକୁ ଅଭିନନ୍ଦନ ଜଣାଇବା ପୂର୍ବରୁ ରାଜ୍ୟର ଏକ ପ୍ରମୁଖ ଅଳଙ୍କାର ବ୍ରାଣ୍ଡ ଖିମ୍‌ଜି ଜୁଏଲର୍ସ ପକ୍ଷରୁ ଏଣ୍ଡ ଅଫ୍ ସିଜନ ସେଲ୍‌ର ଆରମ୍ଭ ହୋଇଯାଇଛି। ଖିମ୍‌ଜି ଜୁଏଲର୍ସ ପୂର୍ବରୁ ମଧ୍ୟ ଅତି ସୁନ୍ଦର ଭାବେ ପରିକଳ୍ପିତ ଅଳଙ୍କାର ଉପରେ ଅଫର ମାନ ଆଣିଛି। ଉକ୍ତ ସୁବିଧା ୨୦୨୧ ଡିସେମ୍ବର ଶେଷ ପର୍ଯ୍ୟନ୍ତ ରହିଛି। ଏହି ପରିପ୍ରେକ୍ଷୀରେ ସୁନା ଅଳଙ୍କାରର ଗଢ଼ା ମୂଲ୍ୟ ଉପରେ ୭୦% ପର୍ଯ୍ୟନ୍ତ ରିହାତି, ରୁପା ଅଳଙ୍କାରର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୨୫% ରିହାତି ଏବଂ ହୀରା ଉପରେ ୨୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ପ୍ରତିଷ୍ଠାନର ଏହି ସେଲ୍ ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ଖିମ୍‌ଜି ଷ୍ଟୋରରେ ଉପଲବ୍ଧ ରହିବ। ଏ ସମ୍ପର୍କରେ ଖିମ୍‌ଜି ଗ୍ରୁପ୍‌ର ନିର୍ଦ୍ଦେଶକ ମିତେଶ ଖିମ୍‌ଜି କହିଛନ୍ତି, ଆମେ ଗ୍ରାହକମାନଙ୍କୁ ଟଙ୍କାର ଉଚିତ ମୂଲ୍ୟ ଦେବାରେ ବିଶ୍ୱାସ କରୁ। ଗ୍ରହକଙ୍କ ପସନ୍ଦ ଟ୍ରେଣ୍ଡିଂ ଡିଜାଇନ ଏବଂ ଚାହିଦାକୁ ଦୃଷ୍ଟିରେ ରଖି ଆମର ଏଣ୍ଡ ଅଫ ସିଜନ ସେଲ୍‌ରେ ବିକ୍ରୟ ଅଳଙ୍କାର ଉପରେ ସ୍ୱତନ୍ତ୍ର ରିହାତି ଆଦି ବିଷୟରେ ଘୋଷଣା କରାଯାଇଛି। ସହରର ସବୁ ବର୍ଗର ଗହଣା ପ୍ରେମୀ ନିଶ୍ଚିତ ଭାବେ ସେମାନଙ୍କର ପସନ୍ଦର ସୁନା, ରୁପା ଏବଂ ହୀରା ଅଳଙ୍କାର କିଣିବାର ସୁଯୋଗ ପାଇପାରିବେ। ଚମତ୍କାର କାରିଗରିରେ ଗଢ଼ାଯାଇଥିବା ଅଳଙ୍କାରଗୁଡିକ ଗ୍ରାହକମାନଙ୍କୁ ପସନ୍ଦ ଆସିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଗ୍ରାହକମାନଙ୍କ ପସନ୍ଦର ବ୍ରାଣ୍ଡ ଭାବରେ ଖିମ୍‌ଜି ବ୍ୟବସାୟରେ ସେମାନଙ୍କର ଭାବନାତ୍ମକ ଦୁର୍ବଳତାକୁ ପ୍ରାଧାନ୍ୟ ଦେଇଛି। ମହାମାରୀ ହେତୁ ବିବାହ କାର୍ଯ୍ୟକ୍ରମରେ ବିଳମ୍ବ ପୂର୍ବାନୁମାନକରି କମ୍ପାନୀ ଏକ ଅନନ୍ୟ ଅନ୍‌ଲକ ସେଲ୍ ଆଣିଥିଲା, ଯାହା ଅବିଶ୍ୱସନୀୟ ସଫଳତା ପାଇଥିଲା।

# ୪୦୦୦ ଇଭି ଚାର୍ଜିଂ ଷ୍ଟେଶନ କରିବ ଓଲା

ନୂଆଦିଲ୍ଲୀ,୨୯।୧୨



ଓଲା ଇଲେକ୍ଟ୍ରିକ୍ ପକ୍ଷରୁ ଆସନ୍ତା ବର୍ଷରେ ଏହାର ଇଲେକ୍ଟ୍ରିକ୍ ସ୍କୁଟର ପାଇଁ ୪,୦୦୦ରୁ ଅଧିକ ଚାର୍ଜିଂ ପଏଣ୍ଟ ସ୍ଥାପନ କରିବ। ଏହାର ଉଚ୍ଚାଭିଳାଷୀ ଚାର୍ଜିଂ ଇନ୍‌ଫ୍ରାଷ୍ଟ୍ରକଚର ନିର୍ମାଣ ଲକ୍ଷ୍ୟରେ କମ୍ପାନୀ ଅଗ୍ରସର ହେଉଛି। ଏ ନେଇ କମ୍ପାନୀର ପ୍ରତିଷ୍ଠାତା ତଥା ସିଇଓ ଭାବିସ ଅଗ୍ରୱାଲ ଟୁଇଟକରି କହିଛନ୍ତି, କମ୍ପାନୀ ହାଇପର ଚାର୍ଜ ରୋଲ ଆଉଟ୍ ଦେଶର ସହର ସାରା ଆରମ୍ଭ ହୋଇଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ବିପିସିଏଲ୍‌ର ପମ୍ପଗୁଡ଼ିକରେ ମଧ୍ୟ ଏହାର ଆବାସିକ କମ୍ପ୍ଲେକ୍ସଗୁଡିକ ପ୍ରସ୍ତୁତ କରାଯାଉଛି। ୪୦୦୦ରୁ ଉର୍ଦ୍ଧ୍ୱ ପଏଣ୍ଟରେ ଆସନ୍ତା ବର୍ଷ ମଧ୍ୟ ଗ୍ରାହକଙ୍କ ସେବା ଉପଲବ୍ଧ ରହିବ। ଆମେ ସମଗ୍ର ଭାରତରେ ଏହା ସଂସ୍ଥାପନ କରୁଛୁ ଏବଂ ସେଗୁଡିକୁ ୬ରୁ ୮ ସପ୍ତାହ ମଧ୍ୟରେ କାର୍ଯ୍ୟକ୍ଷମ କରାଇବୁ ବୋଲି ଜଣାପଡିଛି। ଇଭିର ସମସ୍ତ ଗ୍ରାହକଙ୍କ ପାଇଁ ଜୁନ୍ ୨୨ ଶେଷ ପର୍ଯ୍ୟନ୍ତ ମାଗଣା ବ୍ୟବହାର ସୁବିଧା ରହିବ ବୋଲି ନିକଟରେ ଭାବିସ ଏକ ଟୁଇଟରେ କହିଛନ୍ତି। ଓଲା ଏହାର ଫ୍ୟୁଚର ଫ୍ୟାକ୍ଟ୍ରିରେ ଉତ୍ପାଦନ କରୁଥିବା ଉନ୍ନତ ଦୁଇଚକିଆ ବୈଦ୍ୟୁତିକ ଯାନରେ ବିସ୍ତାର କରି ଚାଲିଛି। କମ୍ପାନୀ ଏହା ପୂର୍ବରୁ ଇ-ସ୍କୁଟର - ଓଲା ଏସ୍୧ ଏବଂ ଏସ୍୧ ପ୍ରୋର ବିତରଣ ଆରମ୍ଭ କରିସାରିଛି। ଆସନ୍ତା ମାସରେ ଭାରତରେ ଲଞ୍ଚ ହେବାକୁ ଥିବା ଓଲା ସ୍କୁଟରରୁ ଆରମ୍ଭ ହେବାକୁ ଥିବା ଦୁଇଚକିଆ ଉତ୍ପାଦ ପାଇଁ ଏକ ଚାର୍ଜିଂ ନେଟ୍‌ୱାର୍କ ପାଇଁ ଏପ୍ରିଲରେ ଓଲା 'ହାଇପରଚାର୍ଜ ନେଟ୍‌ୱାର୍କ'କୁ ଆବରଣ କରିଥିଲା। କମ୍ପାନୀର ସୂଚନା ଅନୁଯାୟୀ, ୪୦୦ଟି ସହରରେ ୧ ଲକ୍ଷରୁ ଅଧିକ ଚାର୍ଜିଂ ପଏଣ୍ଟ ସହିତ ଚାର୍ଜିଂ ନେଟ୍‌ୱାର୍କ ଦୁନିଆର ସବୁଠାରୁ ପ୍ରଶସ୍ତ ଏବଂ ସାନ୍ଦ୍ର ଇଲେକ୍ଟ୍ରିକ୍ ଦୁଇଚକିଆ ଚାର୍ଜିଂ ନେଟ୍‌ୱାର୍କ ହେବ।

## ଆକାଶର ମେଧାବୃତ୍ତି ପରୀକ୍ଷା

ଭୁବନେଶ୍ୱର,୨୯।୧୨

ଆକାଶ ଏଜୁକେସନାଲ୍ ସର୍ଭିସେସ୍ ଲିମିଟେଡର ବାର୍ଷିକ ଛାତ୍ରବୃତ୍ତି ପରୀକ୍ଷାର ୧୨ତମ ସଂସ୍କରଣ ଆକାଶ ଜାତୀୟ ପ୍ରତିଭା ମନୋନୟନ ପରୀକ୍ଷା ନିକଟରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଏହି ପରୀକ୍ଷାରେ ଭାଗ ନେବା ପାଇଁ ୧୨ ଲକ୍ଷ ଛାତ୍ରୀଛାତ୍ର ପଞ୍ଜୀକରଣ କରିଥିଲେ। ଏଥିରେ କେବଳ ପିତା କିମ୍ବା ମାତା ଜୀବିତ ଥିବା ଶ୍ରେଷ୍ଠ ପାଞ୍ଚ ଜଣ ପରୀକ୍ଷାର୍ଥୀ ନାସାକୁ ଏକ ମାଗଣା ଯାତ୍ରା କରିବାର ସୁଯୋଗ ପାଇବେ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ସେହିଭଳି ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ନଗଦ ପୁରସ୍କାର ମଧ୍ୟ ପ୍ରଦାନ କରାଯିବ। ଏହାର ଫଳ ଆସନ୍ତା ୨ ଓ ୪ ତାରିଖରେ ନିଶ୍ଚିତ ପର୍ଯ୍ୟାୟକ୍ରମେ ପ୍ରକାଶିତ ହେବ ବୋଲି ଅନୁଷ୍ଠାନର ପରିଚାଳନା କହିଛନ୍ତି ନିର୍ଦ୍ଦେଶକ ଆକାଶ ଚୌଧୁରୀ କହିଛନ୍ତି।

## ଫୁର୍‌ସତ୍

### ୬୦୦୦ ଫୁଟ୍ ଉଚ୍ଚରେ ରଶିରେ ଚାଲିଲେ



**ବ୍ରାସିଲିଆ:** ହଜାର ହଜାର ଫୁଟ୍‌ରୁ ଅଧିକ ଉଚ୍ଚକୁ ଯାଇ ହୃଦ୍‌କମ୍ପନ ସମ୍ଭାଳିବା କଷ୍ଟକର। କିନ୍ତୁ ଦୁନିଆରେ ଏପରି କିଛି ଲୋକ ଅଛନ୍ତି ଯେଉଁମାନେ ବହୁ ଉଚ୍ଚକୁ ଯିବାକୁ ପସନ୍ଦ କରିଥାନ୍ତି। ବ୍ରାଜିଲର ଜଣେ ବ୍ୟକ୍ତି ୬ ହଜାର ଫୁଟ୍ ଉପରେ ରଶିରେ ଚାଲି ବିଶ୍ୱ ରେକର୍ଡ କରିଛନ୍ତି। ୩୪ ବର୍ଷୀୟ ରଫେଲ ଜୁଗ୍‌ନୋ ବ୍ରିଡି ଭୂପୃଷ୍ଠରୁ ୬୦୦୦ ଫୁଟ ଉପରେ ଉଡୁଥିବା ୨ଟି ବାଷ୍ପୀୟ ବେଲୁନରେ ଏକ ରଶି ବାନ୍ଧିଥିଲେ। ସେହି ଦଉଡି ଉପରେ ଚାଲି ସେ ଗୋଟିଏ ବେଲୁନରୁ ଅନ୍ୟ ବେଲୁନକୁ ଯାଇଥିଲେ। ଦୁନିଆର ଉଚ୍ଚତମ ଅଟ୍ଟାଳିକା ବୁର୍ଜ ଖଲିଫାର ଦୁଇଗୁଣ ଉଚ୍ଚତା ଉପରେ ରଫେଲ ରଶି ଉପରେ ଚାଲି ଏହି ବିରଳ ରେକର୍ଡ କରିଛନ୍ତି। ରଫେଲ କହିଛନ୍ତି, ଏଥିପାଇଁ ସେ ଦୀର୍ଘ ଦିନରୁ ଅଭ୍ୟାସ କରିଥିଲେ। ସାଙ୍ଗରେ ସେ ସମସ୍ତ ସୁରକ୍ଷା ଉପକରଣ ନେଇଥିଲେ।

### ସୁସ୍ଥ ହେଉଛନ୍ତି ସହଦେବ




**ମୁମ୍ବାଇ:** 'ବଚ୍‌ପନ୍ କା ପ୍ୟାର' ଗୀତ ଗାଇ ଭାଇରାଲ ହୋଇଥିବା ସହଦେବ ଦିରୋରା ମଙ୍ଗଳବାର ଏକ ସଡକ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କ ମୁଣ୍ଡରେ ଆଘାତ ଲାଗିଥିବାବେଳେ ସେ ଏବେ ଧୀରେ ଧୀରେ ସୁସ୍ଥ ହେଉଛନ୍ତି। ଛତିଶଗଡ଼ ସୁକମା ଅଞ୍ଚଳରେ ରହୁଥିବା ସହଦେବ ବାପାଙ୍କ ସହ ନିଜ ଘରକୁ ବାଇକ୍‌ରେ ଫେରୁଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇ ଗାଡ଼ିରୁ ପଡିଯାଇଥିଲେ। ତାଙ୍କୁ ସୁକମା ଡାକ୍ତରଖାନାରୁ ଜଗଦଲପୁର ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସହଦେବ ୫ ଘଣ୍ଟା ଧରି ଅଚେତ ଅବସ୍ଥାରେ ରହିଥିଲେ।

### ସୋସିଆଲ ମିଡିଆରେ ଅତରଙ୍ଗୀକୁ ବିରୋଧ



**ମୁମ୍ବାଇ:** ନିକଟରେ ରିଲିଜ ହୋଇଥିବା ଅକ୍ଷୟ କୁମାରଙ୍କ ଅଭିନୀତ ଫିଲ୍ମ 'ଅତରଙ୍ଗି ରେ'କୁ ଜୋରଦାର ବିରୋଧ କରାଯାଉଛି। କୁହାଯାଉଛି ଯେ ଏହି ଫିଲ୍ମରେ ହିନ୍ଦୁ ଧର୍ମକୁ ଟାର୍ଗେଟ କରାଯାଉଛି ଆଉ ଅପମାନ କରାଯାଉଛି। ନିକଟରେ ରିଲିଜ ହୋଇଥିବା ଅକ୍ଷୟ କୁମାର, ଧନୁଷ ଏବଂ ସାରା ଅଲି ଖାନଙ୍କ ଅଭିନୀତ, ଆନନ୍ଦ ଏଲ. ରାୟଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ଅତରଙ୍ଗି ରେ' ଡିସେମ୍ବର ୨୪ରେ ଓଟିଟି ପ୍ଲାଟଫର୍ମରେ ମୁକ୍ତିଲାଭ କରିଥିଲା। ବର୍ତ୍ତମାନ ସୋସିଆଲ ମିଡିଆରେ ଏହି ଫିଲ୍ମକୁ ବଏକଟ୍ କରିବାକୁ ଦାବି ଉଠିଛି। ଏହି ଚଳଚ୍ଚିତ୍ରରେ ସାରା ବିହାର ଝିଅ ରିଙ୍କୁଙ୍କ ଭୂମିକାରେ ଅଛନ୍ତି, ଯାହାଙ୍କୁ ଜଣେ ତାମିଲ ପୁଅ ବିଷ୍ଣୁ (ଧନୁଷ)ଙ୍କ ସହ ଜବରଦସ୍ତ ବିବାହ କରିଦିଆଯାଉଛି। ଫିଲ୍ମରେ ଏହା ଦର୍ଶାଯାଇଛି ଯେ ରିଙ୍କୁ ଜଣେ ଯାଦୁଗରଙ୍କ ପ୍ରେମରେ ପଡିଛନ୍ତି, ଯାହାର ନାମ ସାଜ୍ଜାଦ ଅଲି (ଅକ୍ଷୟ କୁମାର)। ସାଜ୍ଜାଦଙ୍କ ପ୍ରେମ ପାଇଁ ରିଙ୍କୁ ତାଙ୍କ ସ୍ୱାମୀଙ୍କୁ ମଧ୍ୟ ଛାଡିବାକୁ ପ୍ରସ୍ତୁତ ହୋଇଯାଆନ୍ତି। ଲୋକମାନେ ସଜ୍ଜାଦଙ୍କ ପ୍ରତି ରିଙ୍କୁଙ୍କ ପ୍ରେମ ଓ ବିବାହ ବିଚ୍ଛେଦକୁ ପସନ୍ଦ କରନ୍ତି ନାହିଁ। ସେମାନେ ଏହାକୁ ଲଭ ଜିହାଦ ସହିତ ତୁଳନା କରନ୍ତି। ସୋସିଆଲ ମିଡିଆ ବ୍ୟବହାରକାରୀମାନେ କହିଛନ୍ତି ଯେ ଏହାକୁ ଫିଲ୍ମରେ ଦେଖାଇ କେବଳ ଲଭ ଜିହାଦ୍‌କୁ ସମର୍ଥନ କରାଯାଉଛି। କିଛି ଲୋକଙ୍କ ମତରେ ଫିଲ୍ମରେ ହିନ୍ଦୁମାନଙ୍କୁ ନିଷ୍ଠୁର ଭାବେ ପ୍ରଦର୍ଶନ କରାଯାଇଛି। ହିନ୍ଦୁମାନେ ନିଜ ଝିଅମାନଙ୍କୁ ଜବରଦସ୍ତ ବିବାହ କରାଇଦିଅନ୍ତି ବୋଲି ଦେଖାଯାଇଥିବା ଅଭିଯୋଗ ହୋଇଛି।

### ଅର୍ଜୁନ କପୁରଙ୍କୁ ପୁଣି କରୋନା

**ମୁମ୍ବାଇ:** ବଲିଉଡ୍‌ରେ କରୀନା କପୁର ଏବଂ ଅମ୍ରିତା ଅରୋରାରୁ କରୋନା ହେବା ପରେ ଏବେ କପୁର ପରିବାରର ୪ ଜଣ କରୋନାରେ ପୀଡିତ ହୋଇଛନ୍ତି। ଅର୍ଜୁନ କପୁର ତାଙ୍କ ଭଉଣୀ ଅଂଶୁଲା କପୁରଙ୍କ କରୋନା ଟେଷ୍ଟ ପଜିଟିଭ୍ ଆସିବା ପରେ ଦୁହେଁ ନିଜକୁ କ୍ୱାରାଣ୍ଟାଇନରେ ରଖିଛନ୍ତି। ପୂର୍ବରୁ ମଧ୍ୟ ଅର୍ଜୁନ କରୋନାରେ ଆକ୍ରାନ୍ତ ହୋଇଥିଲେ। ଅନୀଲ କପୁରଙ୍କ ସାନ ଝିଅ ରିୟା କପୁର ଏବଂ ତାଙ୍କ ସ୍ୱାମୀ କରଣ ବୁଲାନି ମଧ୍ୟ ସଂକ୍ରମିତ ହୋଇଛନ୍ତି।



ସେମାନଙ୍କ ନମୁନା ଜିନୋମ ସିକ୍ୱେନ୍ସିଂ ପାଇଁ ପଠାଯାଇଛି। ଅନ୍ୟପଟେ ଅର୍ଜୁନ କପୁରଙ୍କ ଗର୍ଲଫ୍ରେଣ୍ଡ ମଲାଇକା ଅରୋରା ମଧ୍ୟ କରୋନା ଟେଷ୍ଟ କରିବେ ବୋଲି ଜଣାପଡିଛି। ରିୟା ଏକ ପାର୍ଟି ଆୟୋଜନ କରିଥିବାବେଳେ ସେଠାରେ ଅନେକ ଏହାପରେ ସେଲିବ୍ରିଟି ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ଆଉ କେତେଜଣ ସଂକ୍ରମିତ ହେବାର ଆଶଙ୍କା ରହିଛି।


## ମନେ ପଡ଼ନ୍ତି

**ସୋମ୍ୟର ଶେଷ ସନ୍ଧ୍ୟା**



୰ସୋମ୍ୟ ସନ୍ଦିପନ ମହାରଣା (ସନ୍ଦିପ)
ଶ୍ରୀଗଙ୍ଗାପାଟଣା, ଭଦ୍ରକ
ଆବିର୍ଭାବ- ୨୨।୧୦।୨୦୦୧
ତିରୋଧାନ- ୩୦।୧୨।୨୦୧୮
ଜନମିଥିଲୁ ତୁ କାର୍ତ୍ତିକମାସରେ, ଆମ ମହାରଣା ଘରେ, ନାଁ ଦେଇଥିଲୁ ସୋମ୍ୟ ସନ୍ଦିପନ, ପଢୁଥିଲୁ ଭଦ୍ରକ ସନ୍‌ସାଇନ୍‌ରେ । କି ବୁଦ୍ଧି ଦିଶିଲା ତତେ, ମମିକୁ ମନାଇ ଭୋଜି କରିବାକୁ ପହଞ୍ଚିଲୁ ଋଷିକୁଲ୍ୟା ନଦୀ ଘାଟେ । ନଦୀରେ ଗାଧୋଉ ଥିଲୁ, ଦୁଇ ସାଙ୍ଗ ସହ ମଜା କରୁ କରୁ ତିନିହେଁ ସମାଧି ନେଲ । ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା, ତୋର ଅମର ଆତ୍ମାର ସଦ୍‌ଗତି ହେଉ । ତୋର ଫେରନ୍ତା ବାଟକୁ ଚାହିଁ ରହିଛୁ ।
ଶୋକସନ୍ତପ୍ତ ପରିବାରବର୍ଗ: ବାପା, ମା', କୁନୁ (ସାନଭାଇ), ଗୁଡୁ (ସାନଭାଇ), ଜେଜେ ମା', ଜେଜେବାପା, ବଡବାପା, ବଡମା', ଟୁକୁନ୍ ଭାଇ, ଫକୀର ଭାଇ ଓ ପରିବାରର ଅନ୍ୟମାନେ ।
ଧ-୨୨୭୦୦

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ ସ୍ୱର୍ଣ୍ଣପ୍ରଭା ମିଶ୍ର
୩-ଏ, ଫରେଷ୍ଟ ପାର୍କ, ଭୁବନେଶ୍ୱର
ତିରୋଧାନ: ୨୦.୧୨.୨୦୨୧
ତୁମେ ଆମକୁ ଅସମୟରେ ଛାଡ଼ି ଚାଲିଗଲ। ଦେଇଗଲ ଅସହନୀୟ ଦାରୁଣ ଯନ୍ତ୍ରଣା। ତୁମର ପବିତ୍ର ଏକାଦଶାହରେ ଆମର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ତୁମର କର୍ତ୍ତବ୍ୟନିଷ୍ଠା, ସ୍ନେହ, ଶ୍ରଦ୍ଧା, ସରଳ ଜୀବନ ଶୈଳୀ ଓ ସମ୍ମାନବୋଧ ଏବଂ ସର୍ବଦା ସହାସ୍ୟ ମୁଖ ଆମର ଚିରସ୍ମରଣୀୟ ହୋଇ ରହିବ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ପରିବାରବର୍ଗ,
ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୭୦୯୮୭

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ସ୍ନେହବାଳା ତ୍ରିପାଠୀ
ମଦ୍ଧୁଖଣ୍ଡା, ବାଲିପାଟଣା, ଖୋର୍ଦ୍ଧା
ତୁମର ମୃତ୍ୟୁ ଦିବସ ଆମ ପାଇଁ ଅବିସ୍ମରଣୀୟ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ୧୯୮୩ ସିନିୟର ବ୍ୟାଚ
ବାନ୍ଧବୀ-ବନ୍ଧୁମାନେ
ଧ-୭୧୮୩୬

**ଦ୍ୱାଦଶାହ ଉପଲକ୍ଷେ**



ଶ୍ରୀମତୀ ହରବାଳା ମିଶ୍ର
ତୀର୍ଥରେଣୁ, କେଦାର ଲେନ୍, ପୁରୁଣା ଭୁବନେଶ୍ୱର
ଆବିର୍ଭାବ- ୧୭।୧୦।୧୯୩୦
ତିରୋଧାନ- ୧୯।୧୨।୨୦୨୧
ତୁମର ସ୍ୱର୍ଗତ ଆତ୍ମାର ସଦ୍‌ଗତି ହେଉ, ଏହା ହିଁ କାମନା ।
ଶୋକସନ୍ତପ୍ତ
ବନ୍ଧୁ ଓ ପରିବାରବର୍ଗ
ଧ-୨୨୬୯୪

CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625

Very good news for who buy gold ornaments for marriage. If you buy more than 250 gram one time your gold rate will be Rs.42000/- for 10 gram, only for 7 days. Please come in time.
HINDUSTAN JEWELLERS
BAPUJINAGAR
BOMIKHAL
DHENKANAL

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ । 2% ସୁଧ, 40% ରିହାତି । ମହିଳାଙ୍କ ପାଇଁ ବିଶେଷ ରିହାତି । ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8902923601

ALL EDITION - B/W
(Everyday)
for Booking Contact:
0674-2580385
8637280816,
7894447167, 9338226625

BALAJI FINANCE
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ) ୧୯୮୨ ରୁ ଆପଙ୍କର ସେବାରେ ୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତି
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403341


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୩୦/୨୦୨୧ Bhubaneswar, Thursday, December 30/ 2021

# ନିର୍ଣ୍ଣାୟକ ମୋଡ଼ରେ ସେଞ୍ଚୁରିଅନ ଟେଷ୍ଟ

**ସେଞ୍ଚୁରିଅନ,୨୯।୧୨**

ଭାରତ ଓ ଘରୋଇ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ପ୍ରଥମ ଟେଷ୍ଟ ମ୍ୟାଚ୍ ନିର୍ଣ୍ଣାୟକ ମୋଡରେ ପହଞ୍ଚିଛି। ପ୍ରଥମ ଇନିଂସରେ ୧୩୦ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିବା ଭାରତ ଦ୍ୱିତୀୟ ଇନିଂସରେ ୧୭୪ ରନକରି ଅଲଆଉଟ ହୋଇଥିଲା। ଫଳରେ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ୩୦୫ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଦ୍ୱିତୀୟ ଇନିଂସ ଆରମ୍ଭ କରି ଦକ୍ଷିଣ ଆଫ୍ରିକା ବୁଧବାର ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ୪ ଉଇକେଟ ହରାଇ ୯୪ ରନ କରିଛି। ବିଜୟ ପାଇଁ ଶେଷ ଦିବସରେ ଭାରତ ୬ ଉଇକେଟ ଓ ଦକ୍ଷିଣ ଆଫ୍ରିକା ୨୧୧ ରନ ଆବଶ୍ୟକ କରୁଛି। ଏହି ଗ୍ରାଉଣ୍ଡରେ ଏପର୍ଯ୍ୟନ୍ତ ଚତୁର୍ଥ ଇନିଂସରେ ୨୫୦ରୁ ଅଧିକ ରନ ଚେଜ୍ କରାଯାଇପାରି ନାହିଁ। ଷ୍ଟମ୍ପ ଅପସାରଣ ବେଳକୁ ଅଧିନାୟକ ଡିନ୍ ଏଲଗାର ୫୨ ରନ କରି ଅପରାଜିତ ରହିଛନ୍ତି। ଭାରତ ତରଫରୁ ଯଶପ୍ରୀତ ବୁମ୍ରା ୨ଟି ଏବଂ ମହମ୍ମଦ ସାମି ଓ ମହମ୍ମଦ ସିରାଜ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି।

**ଦକ୍ଷିଣ ଆଫ୍ରିକାର ଟାର୍ଗେଟ ୩୦୫**

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୬/୧ରୁ ଖେଳ ଆରମ୍ଭ କରି ଭାରତ ନିୟମିତ ଅନ୍ତରରେ ଉଇକେଟ ହରାଇଥିଲା। ଓଭରନାଇଟ୍ ବ୍ୟାଟର ଲୋକେଶ ରାହୁଲ ୫ ଓ ନାଇଟ୍ ୱାଚ୍‌ମ୍ୟାନ ଶାର୍ଦ୍ଦୁଳ ଠାକୁର ୪ରୁ ଖେଳ ଆରମ୍ଭ କରି ଯଥାକ୍ରମେ ୨୩ ଓ ୧୦ ରନକରି ଆଉଟ ହୋଇଥିଲେ। ରାହୁଲ ଲୁନ୍‌ଗି ଏନ୍‌ଗିଡିଙ୍କ ବଲ୍‌ରେ ପ୍ରଥମ ସ୍ଲିପ୍‌ରେ



ଯଶପ୍ରୀତ୍ ବୁମ୍‌ରା(ବାମ)ଙ୍କୁ ଲୋକେଶ ରାହୁଲଙ୍କ ବଧେଇ।

ଡିନ୍ ଏଲଗାରଙ୍କୁ କ୍ୟାଚ୍ ଦେଇଥିଲେ। ସେହିପରି ଠାକୁର କାଗିସୋ ରାବାଡ଼ାଙ୍କ ବଲ୍‌ରେ ତୃତୀୟ ସ୍ଲିପ୍‌ରେ ୱିଆନ ମଲ୍ଡରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଅନ୍ୟତମ ଓପନର ମୟଙ୍କ ଅଗ୍ରୱାଲ ୪ ରନକରି ମଙ୍ଗଳବାର ମାର୍କୋ ଜାନସେନଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଅଧିନାୟକ ବିରାଟ କୋହଲି ପୁଣି ଥରେ ଫେଲ୍ ମାରିଥିଲେ। ପ୍ରଥମ ଇନିଂସରେ ୩୫ ରନ କରିଥିବା କୋହଲି ଦ୍ୱିତୀୟ ଇନିଂସରେ ୧୮ ରନ କରିଥିବା ବେଳେ ସେ ଜାନସେନଙ୍କ ବଲରେ ଡିକକ୍‌ଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଦୁଇଟି ଯାକ ଇନିଂସରେ ସେ ସମାନ ଢଙ୍ଗରେ ଆଉଟ ହୋଇଛନ୍ତି। ଅଫ୍‌ଷ୍ଟମ୍ପ ବାହାର ବଲକୁ ଖେଳିବାର ତ୍ରୁଟିକୁ ସେ ପୁଣି ଥରେ ଦୋହରାଇଥିଲେ। ବିଗତ କେତେବର୍ଷ ହେବ କୋହଲି ଏହି ତ୍ରୁଟିକୁ ବାରମ୍ବାର ଦୋହରାଉଛନ୍ତି। କୋହଲି ପାଖାପାଖି ୨ ବର୍ଷ ହେବ ଶତକ ହାସଲ କରିନାହାନ୍ତି। ସେ ଗତ ୭୬୮ ଦିନରେ ୬୦ଟି ଇନିଂସ ଖେଳିଥିଲେ ମଧ୍ୟ ସେଞ୍ଚୁରି ମାରିବାରେ ବିଫଳ ହୋଇଛନ୍ତି। ୨୦୨୧ରେ କୋହଲି ୧୧ ଟେଷ୍ଟ ଖେଳି ୨୮.୨୧ ରନ ହାରରେ ୫୩୬ ରନ ସଂଗ୍ରହ କରିଛନ୍ତି। ତାଙ୍କର ଖରାପ ଫର୍ମ ଜାରି ରହିଛି। କୋହଲିଙ୍କ ପରେ ଚେତେଶ୍ୱର ପୂଜାରା ୬୪ଟି ବଲ୍ ଖେଳି ମାତ୍ର ୧୬ ରନ କରି ଏନ୍‌ଗିଡିଙ୍କ ବଲ୍‌ରେ ଡିକକ୍‌ଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଗତ ୩୪ଟି ଇନିଂସରେ ପୂଜାରା ଶତକ ହାସଲ କରିପାରି ନାହାନ୍ତି। ଏନ୍‌ଗିଡି ତାଙ୍କୁ ଦ୍ୱିତୀୟଥର ପାଇଁ ଆଉଟ କରିଛନ୍ତି। ଏହାପରେ ଅଜିଙ୍କ୍ୟ ରାହାନେଙ୍କ ପାଳି ପଡିଥିଲା। ପ୍ରଥମ ଇନିଂସରେ ସେ ୪୮ ରନ କରିଥିବା ବେଳେ ଦ୍ୱିତୀୟ ଇନିଂସରେ ୨୦ ରନକରି ଜାନସେନଙ୍କ ବଲ୍‌ରେ ସ୍କୋୟାର ଲେଗ୍‌ରେ ରାସି ଭାନ ଡେର ଡୁସେନଙ୍କୁ କ୍ୟାଚ୍ ଦେଇଥିଲେ। ଦଳ ତରଫରୁ ଉଇକେଟକିପର ବ୍ୟାଟର ରିଷଭ ପନ୍ତ ଦ୍ରୁତ ଗତିରେ ରନ ସଂଗ୍ରହ କରିବାକୁ ଯାଇ ୩୪ ବଲରୁ ୬ ଚୌକା ସହ ସର୍ବାଧିକ ୩୪ ରନ ସଂଗ୍ରହ କରିଥିଲେ। ସେ ରାବାଡ଼ାଙ୍କ ବଲ୍‌ରେ ଏନ୍‌ଗିଡିଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହାପରେ କିଗାନ ପିଟରସନଙ୍କୁ କ୍ୟାଚ୍ ଦେଇ ରବିଚନ୍ଦ୍ରନ ଅଶ୍ୱିନ ୧୪ ରନ କରିଥିବା ବେଳେ ରାବାଡ଼ାଙ୍କ ଶିକାର ହୋଇଥିଲେ। ସାମି ୧ ଓ ମହମ୍ମଦ ସିରାଜ ଖାତା ଖୋଲିବା ପୂର୍ବରୁ ଯଥାକ୍ରମେ ରାବାଡା ଓ ଜାନସେନଙ୍କ ଦ୍ୱାରା ଆଉଟ ହୋଇଥିଲେ। ଯଶପ୍ରୀତ ବୁମ୍‌ରା ୭ ରନକରି ଅପରାଜିତ ରହିଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକା ତରଫରୁ ରାବାଡା ଓ ଜାନସେନ ୪ଟି ଲେଖାଏ, ଏନ୍‌ଗିଡି ଦୁଇଟି ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୩୨୭ ଅଲ୍‌ଆଉଟ। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୧୯୭ ଅଲ୍‌ଆଉଟ। ଭାରତ ଦ୍ୱିତୀୟ ଇନିଂସ: ୫୦.୩ ଓଭରରେ ୧୭୪ ଅଲଆଉଟ (ପନ୍ତ- ୩୪, ରାହୁଲ- ୨୩, ରାହାନେ- ୨୦, କୋହଲି- ୧୮, ପୂଜାରା- ୧୬, ଅଶ୍ୱିନ- ୧୪, ଠାକୁର- ୧୦, ରାବାଡା- ୪/୪୨, ଜାନସେନ- ୪/ ୫୫, ଏନ୍‌ଗିଡି- ୨/୩୧)। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ- ୪୦.୫ ଓଭରରେ ୯୪/୪ (ଏଲଗାର- ୫୨*, ପିଟରସନ- ୧୭, ବୁମ୍‌ରା- ୨/୨୨, ସାମି- ୧/୨୯, ସିରାଜ- ୧/୨୫ )।

## ରାଜ୍ୟ ସବ୍‌ଜୁନିୟର ଚେସ୍ ଆରମ୍ଭ

**ଭୁବନେଶ୍ୱର, ୨୯।୧୨(କ୍ରୀଡ଼ା ପ୍ରତିନିଧି):** ରାଜ୍ୟ ୧୬ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ବୁଧବାର ପୁରୀରେ ଆରମ୍ଭ ହୋଇଛି। କୋଭିଡ-୧୯ ଜନିତ କଟକଣା ଯୋଗୁ ଦୀର୍ଘଦିନପରେ ପୁରୀରେ ହେଉଥିବା ଏହି ପ୍ରତିଯୋଗିତାରେ ମୋଟ ଭଦ୍ରକ, କଟକ, ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ପୁରୀ ଓ ସୁନ୍ଦରଗଡ଼ ଆଦି ୮ ଜିଲାରୁ ୭୬ ଖେଳାଳି ଅଂଶଗ୍ରହଣ କରିଛନ୍ତି। ୨୦ ବାଳିକା ଓ ୫୬ ବାଳକଙ୍କ ମଧ୍ୟରେ ୨୬ ଅନ୍ତର୍ଜାତୀୟ ରେଟେଡ ଖେଳାଳି ସାମିଲ। ପ୍ରଥମ ଦିବସ ୩ ରାଉଣ୍ଡ ଶେଷରେ ଓପନ କାଟେଗୋରିରେ ୬ ଏବଂ ବାଳିକାରେ ଏକାକୀ ଯଶୀତା ରାଉତ ଅଗ୍ରଣୀଲାଭ କରିଛନ୍ତି।



ବୁଧବାର ପୁରୀରେ ଆରମ୍ଭ ହୋଇଥିବା ରାଜ୍ୟ ସବ୍‌ଜୁନିୟର ଓପନ ଚେସ୍‌ରେ ଭାଗ ନେଇଥିବା ପ୍ରତିଯୋଗୀମାନେ।

## ବୋଲର, ଅଲରାଉଣ୍ଡର ତାଲିକାରେ ଅଶ୍ୱିନ ନଂ. ୨

**ଦୁବାଇ,୨୯।୧୨:** ଭାରତୀୟ ଅଭିଜ୍ଞ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ସଦ୍ୟ ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ସ୍ଥାନ ବଜାୟ ରଖିବାରେ ସଫଳ ହୋଇଛନ୍ତି। ସେ ବୋଲର ଓ ଅଲରାଉଣ୍ଡର ତାଲିକାରେ ପୂର୍ବପରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ରବୀନ୍ଦ୍ର ଜାଡେଜା ଅଲରାଉଣ୍ଡର ତାଲିକାର ତୃତୀୟ ସ୍ଥାନ ବଜାୟ ରଖିବାକୁ ସଫଳ ହୋଇଛନ୍ତି। ବ୍ୟାଟିଂ ତାଲିକାରେ ଭାରତୀୟ ଅଧିନାୟକ ବିରାଟ କୋହଲି ଓ ଓପନର ରୋହିତ ଶର୍ମା ଯଥାକ୍ରମେ ସପ୍ତମ ଓ ପଞ୍ଚମ ସ୍ଥାନ ବଜାୟ ରଖିବାରେ ସଫଳ ହୋଇଛନ୍ତି। ରୋହିତ ୭୯୭ ଓ କୋହଲି ୭୫୬ ରେଟିଂ ପଏଣ୍ଟ ପାଇଛନ୍ତି। ବୋଲିଂ ତାଲିକାରେ ଅଶ୍ୱିନ ଏକମାତ୍ର ଭାରତୀୟ ଭାବେ ଟପ୍-୧୦ରେ ସ୍ଥାନ ପାଇଛନ୍ତି।

## ଯାଜପୁର ଏମ୍‌ସିସି ବିଜୟୀ

**ଅଶୋକ ଦାସ ଆନ୍ତଃରାଜ୍ୟ କ୍ରିକେଟ୍ ଉଦ୍‌ଘାଟିତ**

**ଯାଜପୁର ଟାଉନ, ୨୯।୧୨ (ଡି.ଏନ.ଏ.)**

ଅଶୋକ ଦାସଙ୍କ ଶ୍ରାଦ୍ଧ ଦିବସ ଅବସରରେ ଯାଜପୁରସହରସ୍ଥିତ ବାଳାଶ୍ରମ ପଡ଼ିଆଠାରେ ୧୦ମ ଆନ୍ତଃ ରାଜ୍ୟ ଅଶୋକ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ମ୍ୟାଚ୍‌କୁ ଅଶୋକ ଦାସ ଫାଉଣ୍ଡେଶନ୍‌ର ସଚିବ ସବ୍ୟସାଚୀ ମହାପାତ୍ର, ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ, ଯାଜପୁର ବିଡିଓ ସୌରଭ ଚକ୍ରବର୍ତ୍ତୀ ଓ ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ୍ ଯାଜପୁର ଏମ୍‌ସିସି ସହ ଚରମ୍ପା ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚରମ୍ପା ଏକାଡେମୀ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ଯାଜପୁର ଏମସିସି ନିର୍ଦ୍ଧାରିତ ୨୮ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୧୫୬ରନ କରିଥିଲା। ଏମ୍‌ସିସି ପକ୍ଷରୁ ଏସ୍‌କେ ଆଖାରୁଦ୍ଦିନ ୩୮ ବଲ ଖେଳି ୨ ଚୌକା, ୨ ଛକା ସହ ୩୫, ସୟଦ ଇଖାରୁଦ୍ଦିନ୍ ୨୧ ବଲରୁ ୩ ଚୌକା,



ଏସ୍‌କେ ଅଖାରୁଦ୍ଦିନ୍ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

୨ ଛକା ସହ ୩୩ରନ୍ କରିଥିଲେ। ଚରମ୍ପା ଏକାଡେମୀ ପକ୍ଷରୁ ନିହାର ଭୂୟାଁ ଓ ହରେକୃଷ୍ଣ ବାରିକ ୩ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ଚରମ୍ପା ଏକାଡେମୀ ୨୮ ଓଭର ଖେଳି ୯ ଉଇକେଟ୍ ହରାଇ ୧୦୫ରନ କରି ପରାଜୟ ବରଣ କରିଥିଲା। ଦଳ ପକ୍ଷରୁ ସାହିଲ ଏ.ଖାନ୍ ସର୍ବାଧିକ ୩୪, ମାନସ ସାହୁ ୨୩ରନ୍ କରିଥିଲେ। ଏମ୍‌ସିସି ପକ୍ଷରୁ ଏସ୍.କେ ଅଖାରୁଦ୍ଦିନ ୪ଟି ଏବଂ ହରେକୃଷ୍ଣ ବାରିକ ଓ ନିହାର ଭୂୟାଁ ୩ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ମ୍ୟାଚ୍‌ରେ ଏମ୍‌ସିସିର ଏସ୍‌କେ ଅଖାରୁଦ୍ଦିନ୍‌ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଅମ୍ପାୟର ଖଗେଶ୍ୱର ମଲ୍ଲିକ ଓ ରଞ୍ଜନ କୁମାର ମହାନ୍ତି ମ୍ୟାଚ ପରିଚାଳନା କରିଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୩୦/୨୦୨୧ (୮+୮=୧୬ ପୃଷ୍ଠା)    Bhubaneswar, Thursday, December 30/2021



**ବଦଳିପାରନ୍ତି ରିଲାଏନ୍ସ ମୁଖ୍ୟ**
ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ମାଲିକ ମୁକେଶ ଅମ୍ବାନୀ କମ୍ପାନୀର ନେତୃତ୍ୱ ପରିବର୍ତ୍ତନ ଉପରେ ସୂଚନା ଦେଇଛନ୍ତି। ରିଲାଏନ୍ସ ଗ୍ରୁପ୍ ଏହାକୁ କାର୍ଯ୍ୟକାରୀ କରିବାକୁ ପ୍ରକ୍ରିୟା ଜାରି ରଖିଥିବା ସେ କହିଛନ୍ତି। ୦୨

୦୮ **ବୀରେନ୍ଦ୍ରଙ୍କ ଦଳ ଚାମ୍ପିୟନ**
ସର୍ବପ୍ରଥମ ସିନିୟର ପୁରୁଷ ଆନ୍ତଃ ବିଭାଗୀୟ ଜାତୀୟ ହକି ଟୁର୍ନାମେଣ୍ଟରେ ବୀରେନ୍ଦ୍ର ଲାକ୍ରାଙ୍କ ନେତୃତ୍ୱାଧୀନ ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ ଦଳ ଚାମ୍ପିୟନ ହୋଇଛି।



## ସୁବର୍ଣ୍ଣପୁର ହସ୍ପିଟାଲରେ ଶିଶୁ ବଦଳ ଅଭିଯୋଗ



ଶିଶୁକନ୍ୟାଙ୍କ ସହିତ ବନିତା।

ସୋନପୁର,୨୯।୧୨(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଶିଶୁପୁତ୍ର ବଦଳ କରାଯାଇଥିବା ବୁଧବାର ଅଭିଯୋଗ ହୋଇଛି। ଘଟଣାର ୫ ଦିନ ପରେ ଏ ନେଇ ଉଲୁଣ୍ଡା ଥାନା ଗଣ୍ଡପାଲିର ବିଶିକେଶନ ଝାଙ୍କର ସୋନପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ହସ୍ପିଟାଲକୁ ଯାଇ ଅଭିଯୋଗର ସତ୍ୟତା ଅନୁଧ୍ୟାନ କରୁଛି। ଅପରପକ୍ଷରେ ବିଶିକେଶନଙ୍କ ସ୍ତ୍ରୀ ବନିତାଙ୍କ ଅସ୍ତ୍ରୋପଚାର ପରେ ତାଙ୍କ ଗର୍ଭରୁ ଗତ ୨୪ ତାରିଖ ମଧ୍ୟାହ୍ନରେ ଏକ ଶିଶୁକନ୍ୟା ଜନ୍ମ ହୋଇଥିବା ହସ୍ପିଟାଲ ରେକର୍ଡରୁ ଜଣାପଡ଼ିଛି। ବନିତା ଶିଶୁକନ୍ୟାଙ୍କ ସହିତ ଏବେ ବି ଚିକିତ୍ସାଧୀନ ଅଛନ୍ତି। ତେବେ ନବଜାତକଙ୍କ ବାପା ବିଶିକେଶନ ଅଭିଯୋଗ କରିଛନ୍ତି ଯେ, ଅସ୍ତ୍ରୋପଚାର ପରେ ଷ୍ଟାଫନର୍ସ ତାଙ୍କୁ କହିଥିଲେ ତୁମର ଏକ ପୁତ୍ରସନ୍ତାନ ଜନ୍ମ ହୋଇଛି। କିନ୍ତୁ ଅଧାଘଣ୍ଟା ପରେ ଶିଶୁକନ୍ୟା ଜନ୍ମ ହୋଇଥିବା କହିଥିଲେ। ତେଣୁ ତାଙ୍କର ଶିଶୁ ପୁତ୍ରକୁ ବଦଳ କରାଯାଇଛି ଓ ଏଥିରେ ହସ୍‌ପିଟାଲ କର୍ତ୍ତୃପକ୍ଷ ସାମିଲ ଥିବା ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ସିଡିଏମ୍‌ଓ ଡାକ୍ତର ରମେଶ ସ୍ୱାଇଁଙ୍କୁ ପଚରାଯିବାରେ ସେ କହିଛନ୍ତି, ଆମ ନିକଟରେ କୌଣସି ଅଭିଯୋଗ ହୋଇନି। ଅଭିଯୋଗ ହେଲେ ତଦନ୍ତ କରାଯିବ ବୋଲି ସେ କହିଥିଲେ। ଅନ୍ୟପକ୍ଷେ ସୋନପୁର ଆଇଆଇସି ନିରଞ୍ଜନ ଦାସ କୁହନ୍ତି ତଦନ୍ତ ଜାରି ରହିଛି। ଘଟଣା ଦିନ ହସ୍‌ପିଟାଲରେ ୨ଟି କନ୍ୟାସନ୍ତାନ ଜନ୍ମ ହୋଇଥିବା କାଗଜପତ୍ର ଦେଖିବା ପରେ ଜଣାପଡ଼ିଛି।

# ସ୍ୱାଧୀନତା, ସମ୍ପତ୍ତି ସୁରକ୍ଷା ସର୍ବୋଚ୍ଚ ପ୍ରାଥମିକତା

## ୧୪ ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)

ରାଜ୍ୟରେ ସାଇବର ଓ ଅର୍ଥନୈତିକ ଅପରାଧର ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭିଡିଓ କନ୍‌ଫରେନ୍ସରେ ୧୪ ନୂଆ ଥାନାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଲୋକଙ୍କ ଜୀବନ, ସ୍ୱାଧୀନତା ଓ ସମ୍ପତ୍ତିର ସୁରକ୍ଷା ସର୍ବୋଚ୍ଚ ପ୍ରାଥମିକତା। ସରକାର ଲୋକଙ୍କୁ ସାଇବର ଅପରାଧରୁ ରକ୍ଷା କରିବା ଲାଗି ପ୍ରତିଶ୍ରୁତିବଦ୍ଧ। ଦିନକୁ ଦିନ ସାଇବର ଅପରାଧ ବଢ଼ୁଛି। ଏଥିସହ ସମାଜରେ ଏହା ଏବେ ପ୍ରମୁଖ ଅପରାଧ ପାଲଟିଛି। ଆଉ ଚିନ୍ତାଜନକ ବିଷୟ ହେଉଛି, ଏହା ଅଜ୍ଞାତ ବ୍ୟକ୍ତିଙ୍କ ଦ୍ୱାରା କରାଯାଉଥିବାବେଳେ କୌଣସି ନିର୍ଦ୍ଦିଷ୍ଟ ସୀମାରେଖା ନାହିଁ। ସାଇବର ଅପରାଧୀ ବିଦେଶରେ ବସି ଲୁଟ୍ କରିବା ସହ ବାରମ୍ବାର ସର୍ଭରରେ ସ୍ଥାନ ବଦଳାଇ ଚ୍ୟାଲେଞ୍ଜ ଦେଉଛନ୍ତି। ସେହିଭଳି ଆର୍ଥିକ ଅପରାଧ ଏବେ ବ୍ଲୁ କଲାର କ୍ରାଇମ୍ ପାଲଟିଛି, ଯାହା କେବଳ ବ୍ୟକ୍ତିଗତ ନାଗରିକଙ୍କୁ ପ୍ରଭାବିତ କରେ ନାହିଁ ବରଂ ଆମ ଦେଶର ଆର୍ଥିକ ସ୍ଥିତି ଉପରେ ଗଭୀର ପ୍ରଭାବ ପକାଏ। ଏହି ପୋଲିସ ଷ୍ଟେଶନରେ ତାଲିମପ୍ରାପ୍ତ ପୋଲିସ କର୍ମଚାରୀଙ୍କ ସହ ବୈଷୟିକ ବିଶେଷଜ୍ଞ ରହିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ଦ୍ୱୈତ ନଗରୀରେ ୩ଟି ଅପ୍‌ଗ୍ରେଡେଶନ ଥାନା ବା ଫାଣ୍ଡିରୁ ଉନ୍ନୀତ ହୋଇଥିବା ବୟାଳିଶ ମୌଜା, ଇନ୍‌ଫୋଭ୍ୟାଲି ଓ ପାହାଳ ଥାନାକୁ ମଧ୍ୟ ଉଦ୍‌ଘାଟନ କରିଛନ୍ତି।

ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଲେ, ନୂଆ ପୋଲିସ ଥାନା ସାଇବର ଓ ଆର୍ଥିକ ଅପରାଧୀଙ୍କୁ ଧରିବାରେ ସକ୍ଷମ ହେବ। ପୋଲିସ ଡିଜି ଅଭୟ ସ୍ୱାଗତ ଭାଷଣ ଓ ଆଇଜି (ଅପରେଶନ) ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ (୫-ଟି) ଭି. କେ. ପାଣ୍ଡିଆନ ପରିଚାଳନା କରିଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଭର୍ଚୁଆଲରେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ପୂର୍ବରୁ ରାଜ୍ୟର ୪ଟି ସ୍ଥାନରେ ସାଇବର ଥାନା ରହିଥିଲା। ତେବେ ନୂଆକରି ଖୋଲିଥିବା ସାଇବର ଓ ଅର୍ଥନୈତିକ ଅପରାଧ ଥାନାଗୁଡ଼ିକ ହେଲା ଭୁବନେଶ୍ୱର ୟୁପିଡି, କଟକ ୟୁପିଡି, କେନ୍ଦୁଝର, ସମ୍ବଲପୁର, ଅନୁଗୋଳ, ବାଲେଶ୍ୱର, ପୁରୀ, କୋରାପୁଟ, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ବ୍ରହ୍ମପୁର, ମୟୂରଭଞ୍ଜ ଓ ଭବାନୀପାଟଣା।

## 'ଲୋକଙ୍କ ବିଶ୍ୱାସକୁ ସଶକ୍ତ ପାଇଁ କାର୍ଯ୍ୟ କର'



ନବନିଯୁକ୍ତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀଙ୍କ ଓରିଏଣ୍ଟେଶନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନ।

- ନିଯୁକ୍ତି ପାଇଲେ ୧୫୩ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ
- ଡିଜିଟାଲ୍ ଲାଇଫ୍ ସାର୍ଟିଫିକେଟ୍ ବ୍ୟବସ୍ଥା, ଇ-ଡାଏରିର ଶୁଭାରମ୍ଭ

ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)

ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଭାବେ ୧୫୩ଜଣଙ୍କୁ ନିଯୁକ୍ତି ଦେଇଛନ୍ତି ରାଜ୍ୟ ସରକାର। ବୁଧବାର ଲୋକସେବା ଭବନରେ ଆୟୋଜିତ ଓରିଏଣ୍ଟେଶନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଯୋଗଦେଇ ନବନିଯୁକ୍ତ ଅଧିକାରୀଙ୍କୁ ସ୍ୱାଗତ କରିଥିଲେ। ସରକାରଙ୍କ ଉପରେ ସାଧାରଣ ଜନତା ରଖିଥିବା ଆଶା ଓ ବିଶ୍ୱାସକୁ ସଶକ୍ତ କରିବା ନିମନ୍ତେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଶାସନିକ ସେବା ହେଉଛି ଏକକ ସେବା। ଏହା କେବଳ ଏକ ବୃତ୍ତି ନୁହେଁ। ମାଆ, ମାଟି ଓ ସାଧାରଣ ଜନତାର ସେବା କରିବା ହେଉଛି ଏହାର ଲକ୍ଷ୍ୟ। ସାଧାରଣ ଜନତାର ବିଶ୍ୱାସକୁ କୌଣସି ପରିସ୍ଥିତିରେ ଏଡ଼ାଇ ଦେବା ଅନୁଚିତ। ଓଡ଼ିଶାର ବିକାଶ ଓ ଜନସାଧାରଣଙ୍କ କଲ୍ୟାଣ ରାଜ୍ୟ ସରକାରଙ୍କ ସବୁ ଉଦ୍ୟମର ମୂଳକଥା। ତରୁଣ ଓ ସମର୍ଥ ଅଧିକାରୀଙ୍କ କଠିନ ପରିଶ୍ରମ ଓ ନିଷ୍ଠା ବଳରେ ରାଜ୍ୟର ବିଭିନ୍ନ କାର୍ଯ୍ୟକ୍ରମର ସୁଫଳ ଜନସାଧାରଣଙ୍କୁ ମିଳିବ ଓ ରାଜ୍ୟ ସର୍ବୋତ୍ତମ ବିବେଚିତ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ୫-'ଟି' ସୂତ୍ର ଅନ୍ତର୍ଭୁକ୍ତ ପେନ୍‌ସନ୍‌ଭୋଗୀଙ୍କ ପାଇଁ ଆର୍ଟିଫିସିଆଲ୍ ☞ ପୃଷ୍ଠା-୭




## ୧୫ ଆଇପିଏସ୍ ଅଧିକାରୀଙ୍କ ପଦୋନ୍ନତି

### ୩ ଜଣଙ୍କୁ ଆଇଜି, ୩ଙ୍କୁ ଡିଆଇଜି ପାହ୍ୟା

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)

ଓଡ଼ିଶା ପୋଲିସରେ କାର୍ଯ୍ୟରତ ୧୫ଜଣ ଆଇପିଏସ୍ ଅଧିକାରୀଙ୍କୁ ପଦୋନ୍ନତି ଦିଆଯାଇଛି। ଏନେଇ ରାଜ୍ୟ ସରକାରୀଙ୍କ ଗୃହ ବିଭାଗ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ୩ ଜଣଙ୍କୁ ଆଇଜି ଓ ୩ଜଣଙ୍କୁ ଡିଆଇଜି ପାହ୍ୟାକୁ ପଦୋନ୍ନତି ଦିଆଯାଇଥିବାବେଳେ ଅନ୍ୟ ୯ଜଣଙ୍କୁ ଆଇପିଏସ୍ ଲେଭଲ-୧୩ର ସିଲେକ୍ସନ୍ ଗ୍ରେଡ୍ ଓ ଲେଭଲ-୧୨ର ଜୁନିୟର୍ ଆଡ୍‌ମିନିଷ୍ଟ୍ରେଟିଭ୍ ଗ୍ରେଡ୍‌କୁ ପଦୋନ୍ନତି ମିଳିଛି।

୨୦୦୪ ବ୍ୟାଚ୍‌ର ଆଇପିଏସ୍ ଅଫିସର ଦୀପକ କୁମାର, ଆଶିଷ କୁମାର ସିଂ ଓ ସତ୍ୟବ୍ରତ ଭୋଇଙ୍କୁ ଆଇଜି ପାହ୍ୟାକୁ ପଦୋନ୍ନତି ମିଳିଥିବାବେଳେ ୨୦୦୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ଉମାଶଙ୍କର ଦାଶ, ପ୍ରକାଶ ଆର୍ ଓ ସତ୍ୟଜିତ ନାଏକଙ୍କୁ ଡିଆଇଜି ପାହ୍ୟାକୁ ଉନ୍ନୀତ କରାଯାଇଛି। ୨୦୦୯ ବ୍ୟାଚ୍‌ର ଆଇପିଏସ୍ ଅଫିସର ଅଖିଳେଶ୍ୱର ସିଂ, ବ୍ରିଜେଶ କୁମାର ରାଏ, ଚରଣ ସିଂ ମୀନାଙ୍କୁ ଆଇପିଏସ୍ ଲେଭଲ-୧୩ର ସିଲେକ୍ସନ୍ ଗ୍ରେଡ୍‌କୁ ପଦୋନ୍ନତି ମିଳିଛି। ସେହିପରି ୨୦୧୩ ବ୍ୟାଚ୍‌ର ଆଇପିଏସ୍ ଅଫିସର ଅନୁପମା ଜେମ୍‌ସ, ରାହୁଲ ପି.ଆର୍, ପରମାର୍ ସ୍ମିତ୍ ପୁରୁଷୋତ୍ତମ ଦାସ, ଜଗମୋହନ ମୀନା, ମୁକେଶ କୁମାର ଭାମୋ ଓ ଏଲ୍. ଦିବ୍ୟା ଭି. ଙ୍କୁ ଆଇପିଏସ୍ ଲେଭଲ-୧୨ର ଜୁନିୟର୍ ଆଡ୍‌ମିନିଷ୍ଟ୍ରେଟିଭ୍ ଗ୍ରେଡ୍‌କୁ ପଦୋନ୍ନତି ଦିଆଯାଇଛି।

## ବଦଳିଲେ ମାଲକାନଗିରି ଏସ୍‌ପି

### ବରିଷ୍ଠ ପୋଲିସସ୍ତରରେ ଅଦଳବଦଳ

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)

ବରିଷ୍ଠ ପୋଲିସ ଅଫିସରସ୍ତରରେ ରାଜ୍ୟ ସରକାର ବୁଧବାର ଅଦଳବଦଳ କରିଛନ୍ତି। ୪ଜଣ ଆଇପିଏସ୍ ଏବଂ ଦୁଇଜଣ ଓପିଏସ୍ ଅଧିକାରୀଙ୍କୁ ବଦଳି କରାଯାଇଛି। ଏନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ମାଲକାନଗିରି ଏସ୍‌ପି ଥିବା ୨୦୧୭ ବ୍ୟାଚ୍ ଆଇପିଏସ୍ ପ୍ରହ୍ଲାଦ ସାହାଇ ମୀନାଙ୍କୁ ଏଆଇଜି(ପୋଲିସ ମୁଖ୍ୟାଳୟ) ଭାବେ ବଦଳି କରାଯାଇଛି। ସେହିପରି ୨୦୧୮ ବ୍ୟାଚ୍ ଆଇପିଏସ୍ ଅଧିକାରୀ ତଥା କେସିଙ୍ଗା ଏସ୍‌ଡିପିଓ ☞ ପୃଷ୍ଠା-୭

## ସିଆଇଆର୍‌ବି ଗଠନକୁ ଅଣଦେଖା

- ଉପକୂଳ ସୁରକ୍ଷା ଚିନ୍ତା
- ଗହୀରମଥା ଅଞ୍ଚଳରେ ବଢ଼ୁଛି ଅନୁପ୍ରବେଶ

କେନ୍ଦ୍ରାପଡ଼ା ଅଫିସ, ୨୯।୧୨

ଓଡ଼ିଶା ଉପକୂଳ ସୁରକ୍ଷା ପାଇଁ ଏକ କୋଷ୍ଟାଲ ଇଣ୍ଡିଆ ରିଜର୍ଭ ବାଟାଲିଅନ (ସିଆଇଆରବି) ଆବଶ୍ୟକ। ଏହି ବାଟାଲିୟନର ମଞ୍ଜୁର ସକାଶେ ରାଜ୍ୟ ସରକାର ୨୦୧୭ ରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଚିଠି କରିଥିଲେ। ରାଜ୍ୟ ସରକାରଙ୍କ ତତ୍କାଳୀନ ଅତିରିକ୍ତ ସଚିବ ଅସିତ କୁମାର ତ୍ରିପାଠୀ ଏଥିରେ ଦର୍ଶାଇଥିଲେ ଯେ, ବାଟାଲିୟନ ପ୍ରତିଷ୍ଠା ହେଲେ ଉପକୂଳ ସୁରକ୍ଷାରେ ଥିବା ସାମୁଦ୍ରିକ ଥାନାକୁ ସହାୟତା ମିଳିବ। ଏହି ଚିଠିକୁ ୪ ବର୍ଷ ବିତିଯାଇଛି। ଏହି ଚିଠି କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ଶୀତଳଭଣ୍ଡାରରେ ପଡ଼ିରହିଛି। ଅଦ୍ୟାବଧି ବାଟାଲିୟନ ଗଠନ ନେଇ ସକାରାତ୍ମକ ସୂଚନା ମିଳିନାହିଁ।

ଏ ସମ୍ପର୍କରେ ବୁଦ୍ଧିଜୀବୀ ଶିବାଶିଷ ମହାନ୍ତି କୁହନ୍ତି, ରାଜ୍ୟର ୪୮୦ କିମି ସମୁଦ୍ରତଟ ମଧ୍ୟରୁ କେନ୍ଦ୍ରାପଡ଼ା ଜିଲାରେ ୪୮ କିମି ରହିଛି। ଏହି ସୀମାରେ ତାଳଚୁଆ, ତନ୍ତିଆପାଳ ଓ ଜମ୍ବୁ ସାମୁଦ୍ରିକ ଥାନା ପ୍ରତିଷ୍ଠା ହୋଇଥିଲେ ମଧ୍ୟ କର୍ମଚାରୀ ଏବଂ ଭିତ୍ତିଭୂମିର ଅଭାବ ରହିଛି। ସାମୁଦ୍ରିକ ପଥର ସୁରକ୍ଷା ପାଇଁ ବୋଟ ଓ କର୍ମଚାରୀ ନ ଥିବାରୁ ତଟବର୍ତ୍ତୀ ଅଞ୍ଚଳକୁ ବେଆଇନ ପ୍ରବେଶ ବଢ଼ିଛି। ପାକିସ୍ତାନ ସହ ବାଂଲାଦେଶ ଯୁଦ୍ଧ ସମୟରେ କେନ୍ଦ୍ରାପଡ଼ା ଜିଲାର ଉପାନ୍ତ ଅଞ୍ଚଳରେ ମାତ୍ର ୧୨୩୭ ଜଣ ଶରଣାର୍ଥୀଙ୍କୁ ଥଇଥାନ କରାଯାଇଥିଲା। ଏବେ ଏଠାରେ ୭୬ ହଜାରରୁ ଊର୍ଦ୍ଧ୍ୱ ବଙ୍ଗଭାଷୀ ରହୁଛନ୍ତି। ସେହିପରି ଜାତୀୟ ଉଦ୍ୟାନ ଭିତରକନିକା ଉପରେ ଏହି ଅନୁପ୍ରବେଶକାରୀଙ୍କ ଆଖି ପଡ଼ିଛି। ଓଡ଼ିଶାରେ ସିଆଇଆରବି ମୁତୟନ ହେଲେ ଏହି ସମସ୍ୟାର କିଛି ସମାଧାନ ହୋଇପାରିବ। ବୁଦ୍ଧିଜୀବୀ ଅମରବର ବିଶ୍ୱାଳ କହିଛନ୍ତି, ☞ ପୃଷ୍ଠା-୭

## ସୁପ୍ରିମକୋର୍ଟରେ ଅଟକିଛି ଓଡ଼ିଶାର ୨ ଗୁରୁତ୍ୱପୂର୍ଣ୍ଣ ମାମଲା

### ୨୦୨୧ରେ ପୋଲାଭରମ୍ ଓ ଶ୍ରୀମନ୍ଦିର ମାମଲାର ଶୁଣାଣି ହୋଇନି

ନୂଆଦିଲ୍ଲୀ, ୨୯।୧୨

ଚଳିତ ବର୍ଷ ସୁପ୍ରିମକୋର୍ଟରେ ଓଡ଼ିଶା ସରକାରଙ୍କ ଅନେକ ମାମଲାର ଶୁଣାଣି ହୋଇଛି। ହେଲେ ଦୀର୍ଘଦିନରୁ ବିଚାରାଧୀନ ଥିବା ଦୁଇଟି ଗୁରୁତ୍ୱପୂର୍ଣ୍ଣ ମାମଲା ୨୦୨୧ରେ ଶୁଣାଣି ହୋଇପାରି ନାହିଁ। ଗୋଦାବରୀ ନଦୀରେ ଆନ୍ଧ୍ରପ୍ରଦେଶର ବହୁମୁଖୀ ପୋଲାଭରମ ପ୍ରକଳ୍ପକୁ ଚ୍ୟାଲେଞ୍ଜ କରି ଓଡ଼ିଶା ସରକାର ୨୦୦୭ରେ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ଏହି ପ୍ରକଳ୍ପ ହେଲେ ଓଡ଼ିଶାର ଅନେକ ଅଞ୍ଚଳ ଜଳମଗ୍ନ ହେବ ଏବଂ ବହୁ ଆଦିବାସୀ ବାସହରା ଓ ଜମିହରା ହେବେ ବୋଲି ରାଜ୍ୟ ସରକାର ଅଭିଯୋଗ କରିଥିଲେ। ଏହା ଉପରେ ଅନେକ ଥର ଶୁଣାଣି ହୋଇଥିଲେ ହେଁ ତାହା ସର୍ବୋଚ୍ଚ ଅଦାଲତରେ ଏବେ ବି ବିଚାର ଅପେକ୍ଷାରେ ପଡ଼ିରହିଛି। ଗତବର୍ଷ ଫେବୃୟାରୀରେ ଶେଷ ଥର ପାଇଁ ଉକ୍ତ ମାମଲାର ଶୁଣାଣି ହୋଇଥିଲା। ୨୦୨୧ରେ ଆଦୌ ଶୁଣାଣି ହୋଇପାରିଲା ନାହିଁ। ଏହା ବ୍ୟତୀତ ପୋଲାଭରମ୍ ଉପରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ଙ୍କ ଏକ ରାୟକୁ ଚଳିତ ବର୍ଷ ଓଡ଼ିଶା ଚ୍ୟାଲେଞ୍ଜ କରିଥିଲା। ଏହା ଉପରେ ଗୋଟିଏ ଥର ଶୁଣାଣି ହୋଇଥିଲା। ଜଷ୍ଟିସ୍ ଏଲ୍. ନାଗେଶ୍ୱର ରାଓ ମାମଲାର ଶୁଣାଣିରୁ ଓହରିଯିବାରୁ ଏହା ସ୍ଥଗିତ ରହିଛି।

ସେହିପରି ଓଡ଼ିଶା ସରକାରଙ୍କ ଶ୍ରୀଜଗନ୍ନାଥ ମନ୍ଦିର ମାମଲା ୨୦୨୧ରେ କୋର୍ଟ ରୁମ୍‌ର ଆଲୋକ ଦେଖିପାରିଲା ନାହିଁ। ଶ୍ରୀମନ୍ଦିରରେ ଭକ୍ତମାନଙ୍କ ଅବାଧ ଦର୍ଶନ ଲାଗି ନୀତି ନିର୍ଦ୍ଧାରଣ କରିବାକୁ ସୁପ୍ରିମକୋର୍ଟ ୨୦୧୯ରେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ମାମଲା ମଧ୍ୟ ୨୦୨୦ ଜାନୁୟାରୀରେ ଶେଷ ଥର ପାଇଁ ଶୁଣାଣି ହୋଇ ୪ ସପ୍ତାହ ପାଇଁ ସ୍ଥଗିତ ରଖାଯାଇଥିଲା।



ତେବେ ଚଳିତ ବର୍ଷ ସର୍ବୋଚ୍ଚ ଅଦାଲତରେ ବଂଶଧାରା ନଦୀ ଜଳ ମାମଲା ଶୁଣାଣି ଓଡ଼ିଶା ସରକାରଙ୍କ ସପକ୍ଷରେ ଯାଇଥିଲା। ବଂଶଧାରାକୁ ନେଇ ଆନ୍ଧ୍ରପ୍ରଦେଶ ବିରୋଧରେ ଓଡ଼ିଶାର ୩ଟି ପିଟିଶନ ବିଚାର ଅପେକ୍ଷାରେ ରହିଛି। ବଂଶଧାରା ଟ୍ରିବ୍ୟୁନାଲଙ୍କ ୨୦୨୧ ଜୁନ୍ ରାୟ ବିରୋଧରେ ତୃତୀୟ ପିଟିଶନ ଦାଏର ହୋଇଥିଲା। ସୁପ୍ରିମକୋର୍ଟ ଓଡ଼ିଶାର ସମସ୍ତ ପିଟିଶନକୁ ଗତ ଡିସେମ୍ବର ୮ରେ ଏକତ୍ର ଶୁଣାଣି କରି ୨୦୨୨ ଜାନୁୟାରୀକୁ ଚୂଡ଼ାନ୍ତ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି। ସେହିପରି କୋଟିଆ ପଞ୍ଚାୟତର କେତେକ ଗାଁକୁ ନେଇ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଲାଗିଥିବା ବିବାଦ ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ସୁପ୍ରିମକୋର୍ଟଙ୍କ ୨୦୦୬ ରାୟକୁ ଆନ୍ଧ୍ରପ୍ରଦେଶ ଉଲ୍ଲଂଘନ କରି ସେଠାରେ ପଞ୍ଚାୟତ ନିର୍ବାଚନ କରୁଥିବା ଓଡ଼ିଶା ଅଭିଯୋଗ କରିଥିଲା। ଅଦାଲତ ଏକାଧିକ ଥର ଶୁଣାଣି କରିବା ପରେ ସୀମା ବିବାଦର ରାଜନୈତିକ ସମାଧାନ ସୂତ୍ର ବାହାର କରିବାକୁ ଦୁଇ ରାଜ୍ୟକୁ ନିର୍ଦ୍ଦେଶ ଦେଇଥିଲେ।

୨୦୨୧ରେ ଓଡ଼ିଶା ହାଇକୋର୍ଟଙ୍କ କଟ୍ ଆଣ୍ଡ ପେଷ୍ଟ ରାୟକୁ ନେଇ ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପ୍ରଦୀପ ପାଣିଗ୍ରାହୀ ଦୁର୍ନୀତି ମାମଲାରେ ଓଡ଼ିଶା ହାଇକୋର୍ଟଙ୍କ ରାୟକୁ ଓଡ଼ିଶା ଲୋକାୟୁକ୍ତ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଏହା ସର୍ବୋଚ୍ଚ ଅଦାଲତଙ୍କ ବିଚାରାଧୀନ ରହିଛି। ଅନ୍ୟ ପକ୍ଷରେ ଜାଲିଆତି ଅଭିଯୋଗରେ ଓଡ଼ିଶା ଲୋକାୟୁକ୍ତଙ୍କ ବିରୋଧରେ ଫୌଜଦାରି ମାମଲା ଦାଏର ପାଇଁ ପ୍ରଦୀପ ଦାଖଲ କରିଥିବା ରିଟ୍ ପିଟିଶନକୁ ଶୁଣାଣି ପାଇଁ ସୁପ୍ରିମକୋର୍ଟ ଗ୍ରହଣ କରି ନ ଥିଲେ। ବହୁଚର୍ଚ୍ଚିତ ପରୀ ହତ୍ୟା ମାମଲାରେ ତାଙ୍କ ବାପା ସିବିଆଇ ତଦନ୍ତ ଦାବି କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସର୍ବୋଚ୍ଚ ଅଦାଲତ ଉକ୍ତ ପିଟିଶନକୁ ହାଇକୋର୍ଟକୁ ପଠାଇଦେବା ସହ ସେଠାରେ ରିଟ୍ ପିଟିଶନରେ ସଂଶୋଧନ କରିବାକୁ ପରୀ ବାପାଙ୍କୁ ଅନୁମତି ଦେଇଥିଲେ। ଅନ୍ୟପକ୍ଷରେ ଅଭିଯୋଗ ନେଇ ଜିଲା ମାଜିଷ୍ଟ୍ରେଟ୍‌ଙ୍କ ପାଖକୁ ଯିବା ଲାଗି ହାଇକୋର୍ଟ ପରୀଙ୍କ ବାପାଙ୍କୁ ଦେଇଥିବା ରାୟକୁ ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ।

ଓଡ଼ିଶାର ଆଦିତ୍ୟ ଦାଶ ହତ୍ୟା ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲେ ହେଁ ଉକ୍ତ ମାମଲା ହାଇକୋର୍ଟରେ ☞ ପୃଷ୍ଠା-୭

ଧରିତ୍ରୀ
DHARITRI
ଗୁରୁବାର, ୩୦ ଡିସେମ୍ବର, ୨୦୨୧



## ସଂକ୍ଷେପରେ

### ମୋଦିଙ୍କ ୟୁଏଇ ଗସ୍ତ ସ୍ଥଗିତ



**ନୂଆଦିଲ୍ଲୀ, ୨୯।୧୨:** ଜାନୁୟାରୀ ୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୟୁଏଇ ଏବଂ କୁଏତ୍ ଯିବା ଲାଗି କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇଥିଲା। ତେବେ ଓମିକ୍ରନ୍‌କୁ ନେଇ ଚିନ୍ତା ବଢୁଥିବାରୁ ଉକ୍ତ ଗସ୍ତ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି। ଫେବୃଆରୀରେ ପ୍ରଧାନମନ୍ତ୍ରୀ ଉପରୋକ୍ତ ଦେଶକୁ ଗସ୍ତ କରିପାରନ୍ତି ବୋଲି ସାଉଥ୍ ବ୍ଲକ୍ ସୂତ୍ରରୁ ଜଣାପଡ଼ିଛି। ଓମିକ୍ରନ୍ ଭାରିଆଣ୍ଟ ବିଶ୍ୱର ଅନେକ ଦେଶକୁ ବ୍ୟାପିଥିବାବେଳେ ଆମେରିକା ଓ ୟୁରୋପରେ ସର୍ବାଧିକ ସଂକ୍ରମିତ ହୋଇଛନ୍ତି। ଭାରତରେ ଓମିକ୍ରନ୍ ସଂକ୍ରମିତଙ୍କ ସଂଖ୍ୟା ୮୦୦ ଛୁଇଁବାକୁ ଯାଉଛି। ସୋମବାର ୟୁଏଇରେ ୧,୭୩୨ ନୂଆ ମାମଲା ଚିହ୍ନଟ ହେବା ସହ ଜଣକର ମୃତ୍ୟୁ ଘଟିଥିଲା।

### ନିଜ ଦରମା ବନ୍ଦ କଲେ ଜିଲାପାଳ



**ଭୋପାଳ, ୨୯।୧୨:** ମୁଖ୍ୟମନ୍ତ୍ରୀ ହେଲ୍ପଲାଇନରେ ଆସିଥିବା ଜନ ଅଭିଯୋଗର ଶୁଣାଣି ନ ହୋଇ ପଡ଼ି ରହିଥିବାରୁ ମଧ୍ୟପ୍ରଦେଶ ଜବଲପୁର ଜିଲାପାଳ କର୍ମବୀର ଶର୍ମା ନିଜ ସହ ଅନ୍ୟ କେତେଜଣ ଅଧିକାରୀଙ୍କ ଦରମା ବନ୍ଦ କରିଦେଇଛନ୍ତି। ଆଇଏଏସ୍ ଅଫିସର ଶର୍ମା ସୋମବାର ହେଲ୍ପଲାଇନରେ ଆସିଥିବା ଅଭିଯୋଗର ସମାଧାନ ଉପରେ ଏକ ସମୀକ୍ଷା ବୈଠକ କରିଥିଲେ। ଏହି ସମୟରେ ଅନେକ ଲୋକଙ୍କ ଅଭିଯୋଗ ୧୦୦ ଦିନରୁ ଅଧିକ ସମୟ ଧରି ପଡ଼ି ରହିଥିବା ଜାଣିବା ପରେ ସେ ନିଜ ସମେତ ଦାୟିତ୍ୱରେ ଥିବା ଅନ୍ୟ ଅଧିକାରୀଙ୍କ ଡିସେମ୍ବର ମାସର ଦରମା ରୋକି ଦେଇଛନ୍ତି। ଏଥିସହ ଦାୟିତ୍ୱରେ ଅବହେଳା ପାଇଁ କେତେଜଣ ତହସିଲଦାରଙ୍କ ଦରମା ବୃଦ୍ଧିକୁ ମଧ ଅଟକାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ଗୋଟିଏ ଅଭିଯୋଗ ଯେପରି ପଡ଼ି ନ ରୁହେ ସେଥିପ୍ରତି ଦାୟିତ୍ୱବାନ ହେବାକୁ ସେ ଅଧିକାରୀମାନଙ୍କୁ ତାଗିଦ୍ କରିଛନ୍ତି। ସମୀକ୍ଷା ବୈଠକରେ ଯୋଗ ଦେଇ ନ ଥିବା ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ଏଥିସହ ଡିସେମ୍ବର ୩୧ ସୁଦ୍ଧା ୧୦୦ ଦିନରୁ ଅଧିକ ସମୟ ଧରି ପଡ଼ି ରହିଥିବା ମାମଲାର ସମାଧାନ କରିବାକୁ ଜିଲାପାଳ ଶର୍ମା ନିର୍ଦ୍ଦେଶ ଦେଇଛନ୍ତି।

### ସୁନାଖଣି ଭୁଶୁଡ଼ି ୩୮ ମୃତ

**ଖାର୍ତ୍ତୁମ୍, ୨୯।୧୨:** ସୁଦାନର ପଶ୍ଚିମ କୋରଦୋଫାନ୍ ପ୍ରଦେଶରେ ମଙ୍ଗଳବାର ସୁନା ଖଣି ଭୁଶୁଡ଼ି ୩୮ ଜଣଙ୍କ ମୃତ୍ୟୁ ଘଟିଛି। ଆହୁରି ୮ ଜଣ ଆହତ ହୋଇଛନ୍ତି। ଖଣିଟି କାର୍ଯ୍ୟକ୍ଷମ ନ ଥିବାବେଳେ ତାହା ବନ୍ଦ ରହିଥିଲା ବୋଲି ସମ୍ପୃକ୍ତ ଖଣି କମ୍ପାନୀ କହିଛି। ସିକ୍ୟୁରିଟି ଫୋର୍ସ ସେଠାରୁ ଯିବାପରେ ସ୍ଥାନୀୟ ଖଣି ଶ୍ରମିକମାନେ ତାହା ମଧ୍ୟରେ ପଶି ଖନନ କାମ କରୁଥିଲେ ବୋଲି କୁହାଯାଇଛି।

### ବିଚାରପତିଙ୍କୁ ଚପଲ ଫିଙ୍ଗିଲେ ବଳାତ୍କାରୀ

**ସୁରଟ, ୨୯।୧୨:** ଜଣେ ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା କରିଥିବା ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ମଙ୍ଗଳବାର ତାଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଦେବା ପରେ ସମ୍ପୃକ୍ତ ବିଚାରପତିଙ୍କ ଉପରକୁ ସେ ଚପଲ ଫିଙ୍ଗିଛନ୍ତି। ଗୁଜରାଟର ସୁରଟରେ ଥିବା ଏକ ପୋକ୍ସୋ କୋର୍ଟରେ ଏପରି ଘଟଣା ଦେଖିବାକୁ ମିଳିଛି। ବିଚାରପତି ପି. ଏସ୍. କାଲା ଅଭିଯୁକ୍ତ ସୁଜିତ୍ ସାକେତଙ୍କୁ ଦଣ୍ଡାଦେଶ ଶୁଣାଇବା ପରେ ସେ ରାଗିଯାଇ ଜଜ୍‌ଙ୍କ ଆଡ଼କୁ ତାଙ୍କ ଚପଲ ଫିଙ୍ଗିଥିଲେ। ତେବେ ତାହା ବିଚାରପତିଙ୍କ ଦେହରେ ବାଜି ନ ଥିଲା। ମାମଲା ଅନୁଯାୟୀ, ଗତ ଏପ୍ରିଲ ୩୦ରେ ମଧ୍ୟପ୍ରଦେଶର ବାସିନ୍ଦା ସୁଜିତ୍ ଜଣେ ଶ୍ରମିକଙ୍କ ୫ ବର୍ଷୀୟା କନ୍ୟାଙ୍କୁ ଅପହରଣ କରି ବଳାତ୍କାର ପରେ ହତ୍ୟା କରିଥିଲେ। ୨୬ ସାକ୍ଷୀଙ୍କ ବୟାନ ଆଧାରରେ କୋର୍ଟ ତାଙ୍କୁ ଆଜୀବନ ଜେଲ ଦଣ୍ଡ ଦେଇଛନ୍ତି।

# ଭାରତରେ ବିସ୍ଫୋରକ ହେବ ସଂକ୍ରମଣ



ମୁମ୍ବାଇର ସିଏସ୍‌ଏମ୍‌ଟି ରେଲଷ୍ଟେଶନ ପରିସରରେ ସ୍ୱାସ୍ଥ୍ୟକର୍ମୀମାନେ କୋଭିଡ୍ ପରୀକ୍ଷା ପାଇଁ ଯାତ୍ରୀଙ୍କ ସ୍ୱାବ ସଂଗ୍ରହ କରୁଛନ୍ତି।

**ନୂଆଦିଲ୍ଲୀ, ୨୯।୧୨**

କରୋନା ଭୂତାଣୁର ନୂଆ ଭାରିଆଣ୍ଟ ଓମିକ୍ରନ୍ ଆସିବା ପରେ ଭାରତରେ ଗତ କିଛିଦିନ ହେଲା କୋଭିଡ୍ ସଂକ୍ରମଣ ବଢ଼ିଚାଲିଛି। ଆଗାମୀ ଦିନରେ ଏହା ଅତ୍ୟଧିକ ବୃଦ୍ଧି ପାଇବ। ତେବେ ଏହି ଲହର ଅଳ୍ପଦିନ ପାଇଁ ରହିବ ବୋଲି କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କରାଯାଇଥିବା ଅଧ୍ୟୟନରେ କୁହାଯାଇଛି। ଉକ୍ତ ବିଶ୍ୱବିଦ୍ୟାଳୟର ଜଜ୍ ବିଜ୍‌ନେସ୍ ସ୍କୁଲ୍ ପ୍ରଫେସର ପଲ୍ କଟ୍ଟୁମାନଙ୍କ କହିବା ଅନୁଯାୟୀ ଭାରତରେ କିଛି ଦିନ ମଧ୍ୟରେ ଦୈନିକ ସଂକ୍ରମଣରେ ବିସ୍ଫୋରକ ବୃଦ୍ଧି ଘଟିବାକୁ ଯାଉଛି। ସେ ଓ ତାଙ୍କ ଗବେଷକ ଟିମ୍ ପ୍ରସ୍ତୁତ କରିଥିବା କୋଭିଡ୍-୧୯ ଇଣ୍ଡିଆ ଟ୍ରାକରରୁ ଏହା ଜଣାପଡ଼ିଛି। ଚଳିତ ସପ୍ତାହରୁ ସମ୍ଭବତଃ ସଂକ୍ରମଣ ବଢ଼ିବ ଏବଂ ଏହା କେତେ ବୃଦ୍ଧି ହେବ ତାହା ପୂର୍ବାନୁମାନ କରିବା କଷ୍ଟକର ବୋଲି କଟ୍ଟୁମାନ କହିଛନ୍ତି। ଗତ ୨୪ ତାରିଖରେ ଭାରତର ୫ଟି ରାଜ୍ୟରେ ସଂକ୍ରମଣକୁ ନେଇ ଚିନ୍ତା ପ୍ରକଟ କରାଯାଇଥିଲା। ୨୬ ବେଳକୁ ଏହା ୧୧ଟି ରାଜ୍ୟକୁ ବ୍ୟାପିଥିବା ଟ୍ରାକରରେ ଦର୍ଶାଯାଇଛି। ବୁଧବାର ଭାରତରେ ୯,୧୯୫ ନୂଆ ମାମଲା ଚିହ୍ନଟହୋଇଛି ଯାହା କି ଗତ ୩ ସପ୍ତାହ ମଧ୍ୟରେ ସର୍ବାଧିକ। ଏହାକୁ ମିଶାଇ ଭାରତରେ ମୋଟ ସଂକ୍ରମଣ ୩.୪୮ କୋଟିରେ ପହଞ୍ଚିଛି। ସେହିପରି ଦେଶରେ କୋଭିଡ୍ ଜନିତ ମୃତ୍ୟୁସଂଖ୍ୟା ୪,୮୦,୫୯୨କୁ ବୃଦ୍ଧି ପାଇଛି। ଭାରତରେ ଓମିକ୍ରନ୍ ସଂକ୍ରମିତଙ୍କ ସଂଖ୍ୟା ୭୮୧ରେ ପହଞ୍ଚିଲାଣି।

ସଂକ୍ରମଣ ବଢ଼ିବାରୁ ସରକାର ୧୫ରୁ ୧୮ ବର୍ଷର ପିଲାଙ୍କୁ କୋଭିଡ୍ ଟିକା ଦେବା ସହ ସ୍ୱାସ୍ଥ୍ୟସେବା କର୍ମଚାରୀ, ସମ୍ମୁଖ ଯୋଦ୍ଧା ଏବଂ ବହୁବିଧ ରୋଗ ଥିବା ୬୦ ବର୍ଷରୁ ଉର୍ଦ୍ଧ୍ୱଙ୍କୁ ବୁଷ୍ଟର ଡୋଜ୍ ଦେବା ଲାଗି ନିଷ୍ପତ୍ତି ନେଇଛନ୍ତି। ଆଉ ଦୁଇଟି ଟିକା ଏବଂ ଆଣ୍ଟି ଭାଇରାଲ ଔଷଧ ମୋଲନୁପିରାଭିର୍‌କୁ ବ୍ୟବହାରିକ ମଞ୍ଜୁରୀ ପ୍ରଦାନ କରାଯାଇଛି। ସଂକ୍ରମଣ ରୋକିବା ଲାଗି ବିଭିନ୍ନ ରାଜ୍ୟ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି। ଦିଲ୍ଲୀ ସରକାର ସିନେମା ହଲ୍, ସ୍କୁଲ୍, ଜିମ୍ ଆଦି ବନ୍ଦ ରଖିବା ସହ ଜନ ସମାବେଶ ଉପରେ କଟକଣା ଲଗାଇଛନ୍ତି। ଦିଲ୍ଲୀ ସମେତ ବିଭିନ୍ନ ରାଜ୍ୟରେ ନାଇଟ୍ କର୍ଫ୍ୟୁ ଲାଗୁ କରାଯାଇଛି।

ଗତ ଏପ୍ରିଲ୍-ମେ’ରେ ଭାରତରେ କୋଭିଡ୍‌ର ଦ୍ୱିତୀୟ ଲହର ଶୀର୍ଷ ଛୁଇଁଥିଲା। ଦୈନିକ ସଂକ୍ରମଣ ୪ ଲକ୍ଷ ଅତିକ୍ରମ କରିବା ସହ ବହୁ ଲୋକଙ୍କ ଜୀବନ ନେଇଥିଲା ମହାମାରୀ। ହସ୍ପିଟାଲରେ ରୋଗୀ ଚିକିତ୍ସା ପାଇଁ ବେଡ୍ ଅଭାବ ଦେଖାଯାଇଥିଲା। ଅକ୍ସିଜେନ୍ ଅଭାବରୁ ବହୁ ଲୋକଙ୍କ ଜୀବନ ଯାଇଥିଲା। ମେ’ ବେଳକୁ ଦ୍ୱିତୀୟ ଲହର ଶୀର୍ଷରେ ପହଞ୍ଚିବ ଏବଂ ଅଗଷ୍ଟରୁ କମିବା ଆରମ୍ଭ ହେବ ବୋଲି କେମ୍ବ୍ରିଜ୍ ଇଣ୍ଡିଆ ଟ୍ରାକର ପୂର୍ବାନୁମାନ କରିଥିଲା।

## ମୁମ୍ବାଇରେ ଦିନକରେ ୨,୫୧୦ ଆକ୍ରାନ୍ତ

**ମୁମ୍ବାଇ, ୨୯।୧୨**

ମୁମ୍ବାଇରେ ବୁଧବାର ରେକର୍ଡ ସଂଖ୍ୟକ ୨,୫୨୦ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି ଓ ଜଣକର ମୃତ୍ୟୁ ଘଟିଛି। ଓମିକ୍ରନ୍ ଏବଂ କୋଭିଡ୍ ସଂକ୍ରମଣ ବଢୁଥିବାରୁ ମହାରାଷ୍ଟ୍ର ସରକାର ମୁମ୍ବାଇରେ ନୂଆବର୍ଷ ପାଳନ ଉପରେ କଟକଣା ଲଗାଇଛନ୍ତି। ବରିଷ୍ଠ ନାଗରିକ ଏବଂ ୧୦ ବର୍ଷରୁ କମ୍ ପିଲା ଘରେ ରହିବାକୁ ପରାମର୍ଶ ଦିଆଯାଇଛି। ବନ୍ଦ ହଲ୍‌ରେ ୫୦ ପ୍ରତିଶତ ଏବଂ ଖୋଲା ସ୍ଥାନରେ ୨୫ ପ୍ରତିଶତ କ୍ଷମତାରେ ସାମାଜିକ କାର୍ଯ୍ୟକ୍ରମ କରିବାକୁ ଅନୁମତି ଦିଆଯାଇଛି। ନୂଆବର୍ଷକୁ ସ୍ୱାଗତ ଲାଗି ବାଣ ଫୁଟାଇବା ଉପରେ ନିଷେଧାଦେଶ ଲଗାଯାଇଛି। ମଙ୍ଗଳବାର ସେଠାରେ ସଂକ୍ରମଣ ୭୦ ପ୍ରତିଶତ ବୃଦ୍ଧି ଘଟିଥିଲା। କୋଭିଡ୍ ମୁକାବିଲା ନିମନ୍ତେ ମନ୍ତ୍ରୀ ଆଦିତ୍ୟ ଠାକ୍‌ରେ ପ୍ରଶାସନିକ ଅଧିକାରୀମାନଙ୍କ ସହ ବୁଧବାର ବୈଠକ କରିଥିଲେ।

## ୧୧% ବଢ଼ିଛି କୋଭିଡ୍ ମାମଲା

**ବର୍ଲିନ, ୨୯।୧୨**

ଗତ ସପ୍ତାହରେ ସାରା ବିଶ୍ୱରେ କୋଭିଡ୍ ସଂକ୍ରମଣ ୧୧ ପ୍ରତିଶତ ବୃଦ୍ଧି ପାଇଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ କୁହାଯାଇଛି। ଆମେରିକାରେ ଦୈନିକ ସଂକ୍ରମଣ ସର୍ବାଧିକ ବଢ଼ିଛି। ଡିସେମ୍ବର ୨୦ରୁ ୨୬ ମଧ୍ୟରେ ବିଶ୍ୱରେ ୪୯.୯ ଲକ୍ଷ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିରୁ କେବଳ ୟୁରୋପରେ ୨୮.୪ ଲକ୍ଷ ଆକ୍ରାନ୍ତ । ଡବ୍ଲ୍ୟୁଏଚ୍‌ଓ ରିପୋର୍ଟ ଅନୁଯାୟୀ ଆମେରିକାରେ ସଂକ୍ରମଣ ୩୯ ପ୍ରତିଶତ ବୃଦ୍ଧି ପାଇ ପ୍ରାୟ ୧୪.୮ ଲକ୍ଷରେ ପହଞ୍ଚିଛି। ସେହିପରି ଆଫ୍ରିକାରେ ସଂକ୍ରମଣ ୭ ପ୍ରତିଶତ ବୃଦ୍ଧି ପାଇ ଗତ ସପ୍ତାହରେ ୨,୭୫,୦୦୦ ହୋଇଛି। ଅନ୍ୟ ପକ୍ଷରେ ଗତ ସପ୍ତାହରେ କୋଭିଡ୍ ଜନିତ ମୃତ୍ୟୁ ୪ ପ୍ରତିଶତ ହ୍ରାସ ପାଇଥିବା ଡବ୍ଲ୍ୟୁଏଚ୍‌ଓ କହିଛି। ଓମିକ୍ରନ୍ ଭାରିଆଣ୍ଟ ଡେଲ୍ଟା ତୁଳନାରେ ଅଧିକ ଦ୍ରୁତ ବେଗରେ ସଂକ୍ରମିତ ହେଉଥିବାର ପ୍ରମାଣ ମିଳିଛି। ଏହି ଭାରିଆଣ୍ଟ ପ୍ରଥମେ ଚିହ୍ନଟ ହୋଇଥିବା ଦକ୍ଷିଣ ଆଫ୍ରିକାରେ ଏବେ ସଂକ୍ରମଣ ହ୍ରାସ ପାଇଛି। ବ୍ରିଟେନ୍ ଓ ଡେନ୍‌ମାର୍କରେ ଓମିକ୍ରନ୍ ସଂକ୍ରମଣ ବଢୁଥିଲେ ହେଁ କମ୍ ଲୋକ ହସ୍ପିଟାଲରେ ଭର୍ତ୍ତି ହେଉଥିବା ଜଣାପଡ଼ିଛି।

## ନାଗାଲାଣ୍ଡ ଗୁଳିକାଣ୍ଡ

### ଯବାନଙ୍କୁ ଏସ୍‌ଆଇଟି ଜେରା

**ନୂଆଦିଲ୍ଲୀ, ୨୯।୧୨(ଆଇଏଏନ୍‌ଏସ୍)**

ନାଗାଲାଣ୍ଡ ଗୁଳିକାଣ୍ଡ ଘଟଣାର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ବୁଧବାର ଭାରତୀୟ ସେନାର ୧୪ ଜଣ ଯବାନ ଓ କେତେଜଣ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଛି। ସ୍ଥାନୀୟ ପୋଲିସ ଓ ସେନା ଅଧିକାରୀଙ୍କୁ ନେଇ ଗଠିତ ଏସ୍‌ଆଇଟି କୋନ୍ୟାକ ୟୁନିୟନ ଏବଂ କୋନ୍ୟାକ ଛାତ୍ର ସଂଗଠନକୁ ଭେଟିବା ସହ ମୃତକଙ୍କ ପରିବାର ଏବଂ ଗାଁ ପ୍ରତିନିଧିମାନଙ୍କୁ ଭେଟି ଆଲୋଚନା କରିଛି। ଫୋରେନ୍‌ସିକ ବିବରଣୀ ସଂଗ୍ରହ କରିବା ଲାଗି ଟିମ୍ ନାଗାଲାଣ୍ଡର ଓଟିଙ୍ଗ ଗ୍ରାମରେ ପହଞ୍ଚିଥିଲା। ସୂଚନାଯୋଗ୍ୟ, ଚଳିତ ମାସ ୪ ତାରିଖରେ ସେନା ଗୁଳିରେ ୧୪ ଜଣଙ୍କର ମୃତ୍ୟୁ ଘଟିଥିଲା। କୋଇଲା ଖଣିରୁ କାମ ସାରି ଫେରୁଥିବା ଦିନମଜୁରିଆମାନଙ୍କୁ ଉଗ୍ରପନ୍ଥୀ ଭାବି ସୁରକ୍ଷା ବଳ ଗୁଳି ଚଳାଇଥିଲା। ଗୁଳିକାଣ୍ଡ ଘଟଣାର ତଦନ୍ତ ଲାଗି ଏସ୍‌ଆଇଟି ଗଠନ କରାଯାଇଥିଲା।

## ରାଫାଲ୍ ମୁକାବିଲା ଲାଗି ଜେ-୧୦ସି ବଢ଼ାଉଛି ପାକିସ୍ତାନ



**ନୂଆଦିଲ୍ଲୀ, ୨୯।୧୨**

ଭାରତୀୟ ବାୟୁସେନାରେ ରାଫାଲ ଜେଟ୍ ସାମିଲ ହେବା ପରେ ପାକିସ୍ତାନ ସରକାର ଚାଇନାରୁ ୨୫ଟି ଜେ-୧୦ସି ଯୁଦ୍ଧ ବିମାନ କିଣୁଥିବା ଜଣାପଡ଼ିଛି। ମାର୍ଚ୍ଚ ୨୩ ଫ୍ଲାଏପାଷ୍ଟରେ ଏହି ଯୁଦ୍ଧ ବିମାନଗୁଡ଼ିକ ଅଂଶଗ୍ରହଣ କରିବେ ବୋଲି ପାକିସ୍ତାନ ଗୃହମନ୍ତ୍ରୀ ଶେଖ ରଶିଦ ରାଓ୍ୱଲପିଣ୍ଡିଠାରେ ଗଣମାଧମକୁ ସୂଚନା ଦେଇଛନ୍ତି। ଚାଇନା ଜେଟ୍ ଭାରତର ରାଫାଲକୁ ଟକ୍କର ଦେବ ବୋଲି ସେ କହିଛନ୍ତି। ଜେ-୧୦ସି ଚାଇନା ବାୟୁସେନାର ସବୁଠୁ ସମର୍ଥ ଯୁଦ୍ଧବିମାନ ହୋଇଥିଲେ ହେଁ ଏହା ରାଫାଲ ଭଳି ଅତ୍ୟାଧୁନିକ ନୁହେଁ। ରାଫାଲର ଇଣ୍ଟିଗ୍ରେଟେଡ୍ ଆର୍କିଟେକ୍ଚର, ଉନ୍ନତ ସେନ୍‌ସର ଏବଂ ଆକ୍ରମଣ କ୍ଷମତା ଏହାକୁ ସ୍ୱତନ୍ତ୍ର କରିଛି।

# ଦଳିତ ନାବାଳିକାଙ୍କୁ ମାଡ଼

### ଯୋଗୀଙ୍କ ପୋଲିସ ଶୋଇଛି: ପ୍ରିୟଙ୍କା

**ଲକ୍ଷ୍ନୌ,୨୯।୧୨**

ଉତ୍ତର ପ୍ରଦେଶର ଅମେଠିରେ ଚୋରି କରିବା ଅଭିଯୋଗରେ ଜଣେ ଦଳିତ ନାବାଳିକାଙ୍କ ପ୍ରତି ବର୍ବରତା ସୀମା ଟପିଛି। ୩ ଜଣ ପୁରୁଷ ତାଙ୍କୁ ଲାଠିରେ ମାଡ଼ ମାରୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏନେଇ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ବୁଧବାର ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଟାର୍ଗେଟ କରିଛନ୍ତି। ଭାଇରାଲ ଭିଡିଓରେ ଦୁଇଜଣ ବ୍ୟକ୍ତି ଜଣେ ସ୍ୱଳ୍ପ ବୟସ୍କା ଝିଅଙ୍କ ଚୁଟି ଓ ବେକକୁ ଧରି ତାଙ୍କୁ ଚଟାଣରେ ଘୋଷାରୁଥିବାବେଳେ ତୃତୀୟ ବ୍ୟକ୍ତି ଲାଠିରେ ପିଟୁଛନ୍ତି। ସେଠାରେ ଥିବା ୩ ଜଣ ମହିଳା ନାବାଳିକାଙ୍କୁ ଚୋରି ସମ୍ପର୍କରେ ପ୍ରଶ୍ନ କରୁଥିବା ଶୁଣିବାକୁ ମିଳୁଛି। ନମନ ସୋନି ନାମକ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଅମେଠି ପୋଲିସ ସର୍କଲ ଅଫିସର ଅର୍ପିତ କପୁର ଏନେଇ ପୋକ୍ସୋ ଏବଂ ଏସ୍‌ସି/ଏସ୍‌ଟି ନିର୍ଯାତନା ନିବାରଣ ଆଇନ ବଳରେ ମାମଲା ରୁଜୁ କରିଥିବା ଟୁଇଟରରେ ସୂଚନା ଦେଇଛନ୍ତି। ସ୍ଥାନୀୟ ଏମ୍‌ପି ସ୍ମୃତି ଇରାନୀ ଘଟଣାର ନିନ୍ଦା କରିଛନ୍ତି। କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି, ୟୁପିରେ ଦିନକୁ ୩୪ ଜାତିଆଣ ଏବଂ ୧୩୫ ମହିଳା ବିରୋଧୀ ଅପରାଧ ମାମଲା ରୁଜୁ ହେଉଛି। କିନ୍ତୁ ଯୋଗୀ ଆଦିତ୍ୟନାଥ ସରକାରଙ୍କ ପୋଲିସ ପ୍ରଶାସନ ଶୋଇଛନ୍ତି। ୨୪ ଘଣ୍ଟା ଭିତରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।



ନାବାଳିକାଙ୍କୁ ମାଡ଼ ମରାଯାଉଥିବା ବେଳର ଭାଇରାଲ ଫଟୋ।

# ପାର୍ଲାମେଣ୍ଟରେ ମୁଥ ମରାମରି



**ଅମ୍ମାନ, ୨୯।୧୨**

ଲିଙ୍ଗଗତ ସମାନତାକୁ ନେଇ ସମ୍ବିଧାନରେ ସଂଶୋଧନ ନିମନ୍ତେ ଏକ ବିଧେୟକ ଉପରେ ଆଲୋଚନାବେଳେ ମଙ୍ଗଳବାର ଜୋର୍ଡାନ ପାର୍ଲାମେଣ୍ଟରେ ଏମ୍‌ପିମାନେ ପରସ୍ପର ମଧ୍ୟରେ ମାରପିଟ ହୋଇଛନ୍ତି। ସେହି ସମୟରେ ମାଡ଼ ମରାମରି ବେଳର ଲାଇଭ୍ ଟେଲିକାଷ୍ଟ ହେବା ସହ ସୋସିଆଲ ମିଡିଆରେ ଭିଡିଓ ଭାଇରାଲ ହୋଇଛି। ଆଲୋଚନା ହେଉଥିବାବେଳେ ଜଣେ ଏମ୍‌ପି ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା କହି ବାଚସ୍ପତି ତାଙ୍କୁ ବାହାରକୁ ଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ କେନ୍ଦ୍ରକରି କେତେଜଣ ଏମ୍‌ପି ଉତ୍ତେଜନା ସୃଷ୍ଟି କରିବା ସହ ପରସ୍ପରକୁ ମୁଥ, ଲାତ ମାରି ଚାଲିଥିଲେ। ସ୍ଥିତି ଏପରି ହୋଇଥିଲା ଯେ ମାର୍‌ପିଟ୍‌ବେଳେ କେତେଜଣ ତଳେ ପଡ଼ିଯାଇଥିଲେ। ପରେ ଗୃହକୁ ମୁଲତବୀ ରଖାଯାଇଥିଲା। ଏଥିରେ କେହି ଆହତ ହୋଇ ନ ଥିବା ଜଣାପଡ଼ିଛି।

# ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବନି କଂଗ୍ରେସ

### ସିଦ୍ଧୁଙ୍କୁ ଝଟକା

**ଚଣ୍ଡିଗଡ଼, ୨୯।୧୨**

ପଞ୍ଜାବ ବିଧାନସଭା ନିର୍ବାଚନ ଲାଗି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବାକୁ କଂଗ୍ରେସ ମନା କରିଦେଇଛି। ଫଳରେ ନିଜକୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଉପସ୍ଥାପନ କରିବାକୁ ଚାହୁଁଥିବା ପ୍ରଦେଶ କଂଗ୍ରେସ କମିଟି ସଭାପତି ନବଜ୍ୟୋତ୍ ସିଂ ସିଦ୍ଧୁଙ୍କୁ ବଡ଼ ଝଟ୍‌କା ହୋଇଛି। ଦଳ ମିଳିତ ନେତୃତ୍ୱରେ ନିର୍ବାଚନ ଲଢ଼ିବ ବୋଲି ରାଜ୍ୟ କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ସୁନିଲ ଜାଖର କହିଛନ୍ତି। ପଞ୍ଜାବରେ ଜାତିଗତ ସମୀକରଣକୁ ସନ୍ତୁଳିତ ରଖିବା ଏବଂ ଦଳ ଭିତରେ ଅନ୍ତର୍ଦ୍ୱନ୍ଦ୍ୱକୁ ରୋକିବା ନିମନ୍ତେ ଏଭଳି ନିଷ୍ପତ୍ତି ନିଆଯାଇଛି। ରାଜ୍ୟ କଂଗ୍ରେସର ଶୀର୍ଷ ନେତାମାନେ ବିଭିନ୍ନ ସମ୍ପ୍ରଦାୟର ହୋଇଥିବାରୁ ସମସ୍ତଙ୍କୁ ଏକାଠି କରି ଭୋଟ ବ୍ୟାଙ୍କ ବଢ଼ାଇବା ଏହାର ଉଦ୍ଦେଶ୍ୟ। ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଦଳିତ ହୋଇଥିବାବେଳେ ସିଦ୍ଧୁ ଜାଟ୍ ଶିଖ ସମ୍ପ୍ରଦାୟର। ସେହିପରି ଜାଖର ଜାଟ୍ ସମ୍ପ୍ରଦାୟର ଏବଂ ଦୁଇ ଉପମୁଖ୍ୟମନ୍ତ୍ରୀ ସୁଖଜିନ୍ଦର ସିଂ ରାନ୍ଧାୱା ଜାଟ୍ ଶିଖ ଏବଂ ଓ.ପି. ସୋନି ହିନ୍ଦୁ ସମ୍ପ୍ରଦାୟର।

## ନଷ୍ଟ ହୋଇନି ୩୫ଶହ ବର୍ଷ ପୁରୁଣା ମମିର ଦାନ୍ତ

**କାଏରୋ, ୨୯।୧୨**

ଇଜିପ୍ଟର ଅନେକ ରାଜା, ରାଜ ପରିବାର ସଦସ୍ୟ, ପୂଜାରୀ ଆଦିଙ୍କୁ ମୃତ୍ୟୁ ପରେ ମମିରେ ପରିଣତ କରାଯିବା ବିଷୟ ସର୍ବଦା ଲୋକଙ୍କ ପାଇଁ ନୂଆ କିଛି ଜାଣିବାର ଉତ୍ସ ହୋଇଆସିଛି। ପୂର୍ବ ସଭ୍ୟତାର ଲୋକଙ୍କ ବିଷୟରେ ଏହା ଦ୍ୱାରା ଅନେକ ତଥ୍ୟ ମିଳିଥାଏ। ନିକଟରେ ବୈଜ୍ଞାନିକମାନେ ୩୫ ଶହ ବର୍ଷ ପୁରୁଣା ଏକ ମମିକୁ ଭର୍ଚୁଆଲ ତଥା ଆଧୁନିକ ଟେକ୍‌ନିକ୍ ଜରିଆରେ ଖୋଲି ଏହାର ଅଧ୍ୟୟନ କରିଛନ୍ତି। ଏହି ମମି ମିଶର ରାଜା ଫାରୋହ୍ ଆମେନହୋଟେପ୍-୧ଙ୍କର, ଯିଏ କି ୧୫୨୫ରୁ ୧୫୦୪ ବିସି ପର୍ଯ୍ୟନ୍ତ ଶାସନ କରିଥିଲେ। ଡିଜିଟାଲ ସିଟି ସ୍କାନ୍ ଜରିଆରେ ତାଙ୍କ ମୃତଶରୀରକୁ ସ୍କାନ କରାଯାଇଥିଲା। ଏତେ ବର୍ଷ ପରେ ବି ମମିର ଦାନ୍ତ ଏବଂ କାନ ହାଡ଼ ନଷ୍ଟ ନ ହୋଇ ସୁରକ୍ଷିତ ଥିବା ବୈଜ୍ଞାନିକଙ୍କୁ ଆଶ୍ଚର୍ଯ୍ୟ କରିଛି। କାହିରା ୟୁନିଭର୍ସିଟିର ଗବେଷକ ଡ. ସହର ସାଲେମ୍‌ଙ୍କ କହିବା ଅନୁଯାୟୀ, ମମିକୁ ଖୋଲାଯିବା ପରେ ଆମେନହୋଟେପ୍‌ଙ୍କ ଚେହେରା ଅବିକଳ ତାଙ୍କ ବାପାଙ୍କ ପରି ଜଣାପଡୁଥିଲା। ମୃତ୍ୟୁ ପୂର୍ବରୁ ତାଙ୍କ ଶରୀରରେ କୌଣସି କ୍ଷତ ଚିହ୍ନ ନ ଥିଲା। ଏଥିସହ ସେ ରୋଗଗ୍ରସ୍ତ ହୋଇ ମରିଥିବାର ମଧ୍ୟ ପ୍ରମାଣ ମିଳିନାହିଁ।



ବହୁ ପୂର୍ବରୁ ଏହି ରାଜକୀୟ ମମିର ସନ୍ଧାନ ମିଳିଥିଲେ ହେଁ କେହି ଏହାକୁ ଅଧ୍ୟୟନ ପାଇଁ ଖୋଲି ନ ଥିଲେ। ମୃତଶରୀରକୁ ଏକ କାଠ ଫେସ୍‌ମାସ୍କ ଏବଂ ଫୁଲମାଳରେ ସଜା ଯାଇ ମମିଫାଏ କରାଯାଇଥିଲା।

# ବଦଳିପାରନ୍ତି ରିଲାଏନ୍ସ ମୁଖ୍ୟ

### ପରିବର୍ତ୍ତନ ପ୍ରକ୍ରିୟା ଜାରି: ମୁକେଶ ଅମ୍ବାନୀ

**ମୁମ୍ବାଇ, ୨୯।୧୨**



ଭାରତର ସବୁଠୁ ଧନୀ ବ୍ୟକ୍ତି ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ମାଲିକ ମୁକେଶ ଅମ୍ବାନୀ ମଙ୍ଗଳବାର ପ୍ରଥମ କରି କମ୍ପାନୀର ନେତୃତ୍ୱ ପରିବର୍ତ୍ତନ ଉପରେ ସଙ୍କେତ ଦେଇଛନ୍ତି। ରିଲାଏନ୍ସ ଗ୍ରୁପ୍ ଗୁରୁତ୍ୱପୂର୍ଣ୍ଣ ନେତୃତ୍ୱ ପରିବର୍ତ୍ତନ କାର୍ଯ୍ୟକାରୀ କରିବାକୁ ପ୍ରକ୍ରିୟା ଜାରି ରଖିଥିବା ସେ କହିଛନ୍ତି। ରିଲାଏନ୍ସ ଫ୍ୟାମିଲି ଡେ’ କାର୍ଯ୍ୟକ୍ରମରେ ମୁକେଶ କହିଥିଲେ, ବଡ଼ ସ୍ୱପ୍ନ ସାକାର କରିବା ଏବଂ ଅସମ୍ଭବ ମନେ ହେଉଥିବା ଲକ୍ଷ୍ୟ ହାସଲ କରିବା ନିମନ୍ତେ ଯୋଗ୍ୟ ବ୍ୟକ୍ତି ଏବଂ ଉପଯୁକ୍ତ ନେତୃତ୍ୱ ରହିବା ଜରୁରୀ। ଏଥିପାଇଁ ରିଲାଏନ୍ସ ତାଙ୍କ ପିଢ଼ିର ବୟସ୍କଙ୍କ ଠାରୁ ଆରମ୍ଭ କରି ପରବର୍ତ୍ତୀ ପିଢ଼ିର ଯୁବ ନେତୃତ୍ୱକୁ ଦୃଷ୍ଟିରେ ରଖି ଏକ ଯୋଜନା ଉପରେ କାମ କରୁଛି।

ଅମ୍ବାନୀଙ୍କ ପୁଅ ଝିଅ ଆକାଶ, ଈଶା, ଅନନ୍ତ ରିଲାଏନ୍ସ ଗ୍ରୁପ୍ ଅଫ୍ କମ୍ପାନୀର ବୋର୍ଡ ସଦସ୍ୟ ରହିଛନ୍ତି। ସେମାନେ ପରବର୍ତ୍ତୀ ପିଢ଼ିର ଲିଡର ହୋଇ ରିଲାଏନ୍ସକୁ ଆହୁରି ଉଚ୍ଚକୁ ନେଇପାରିବାରେ କୌଣସି ସନ୍ଦେହ ନାହିଁ ବୋଲି ଅମ୍ବାନୀ ପ୍ରକାଶ କରିଛନ୍ତି। ଈଶା ଏବଂ ଆକାଶ ରିଲାଏନ୍ସ ଜିଓ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ(ଆର୍‌ଆଇଏଲ୍) ଡିଜିଟାଲ ଆର୍ମ ବୋର୍ଡ ସଦସ୍ୟ ରହିଛନ୍ତି। ଅନନ୍ତ ରିଲାଏନ୍ସ ନ୍ୟୁ ଏନର୍ଜି ସୋଲାର ଏବଂ ରିଲାଏନ୍ସ ନ୍ୟୁ ସୋଲାର ଏନର୍ଜିର ଜଣେ ନିର୍ଦ୍ଦେଶକ। ତେବେ ସେମାନେ ଏପର୍ଯ୍ୟନ୍ତ ମୂଳ କମ୍ପାନୀ ଆର୍‌ଆଇଏଲ୍ ବୋର୍ଡରେ ସାମିଲ ହୋଇନାହାନ୍ତି। ମୁକେଶ ଅମ୍ବାନୀ ଆହୁରି କହିଛନ୍ତି, ତାଙ୍କ ସମେତ ସମସ୍ତ ବରିଷ୍ଠ ଅଧିକାରୀମାନେ ବର୍ତ୍ତମାନ ରିଲାଏନ୍ସରେ ଉଚ୍ଚ ଦକ୍ଷ, ପ୍ରତିବଦ୍ଧ ଏବଂ ଅବିଶ୍ୱସନୀୟ ଯୁବ ପ୍ରତିଭାଙ୍କୁ ସମର୍ଥନ ଦେବା ଉଚିତ। ସେମାନଙ୍କୁ ମାର୍ଗଦର୍ଶନ କରିବା ସହ ଆହୁରି ଆଗକୁ ଯିବା ପାଇଁ ଉତ୍ସାହିତ କରିବା ଏବଂ ଉନ୍ନତ ପ୍ରଦର୍ଶନ ପାଇଁ ସେମାନଙ୍କୁ ପ୍ରଶଂସା କରିବା ଆବଶ୍ୟକ।

ଆର୍‌ଆଇଏଲ୍ ଗ୍ରୁପ୍‌ର ୩ ପ୍ରକାର ବ୍ୟବସାୟ ରହିଛି। ଏନର୍ଜି ବିଜ୍‌ନେସ୍, ଟେଲିକମ୍ ଓ ଡିଜିଟାଲ ବିଜ୍‌ନେସ୍ ଏବଂ ରିଟେଲ ବ୍ୟବସାୟ। ଏହାର ମାର୍କେଟ କ୍ୟାପିଟାଲାଇଜେଶନ ୧୬.୨୧ ଲକ୍ଷ କୋଟି ଟଙ୍କା। ଅମ୍ବାନୀ ପରିବାର କମ୍ପାନୀର ୫୦.୬୨ ପ୍ରତିଶତ ଶେୟାର ହୋଲ୍ଡର। ଡିଜିଟାଲ ବ୍ୟବସାୟରେ ଜିଓ କମ୍ପାନୀ ବର୍ତ୍ତମାନ ମାର୍କେଟ ଲିଡର।

## ଓଇଆର୍‌ସି ସଦସ୍ୟଙ୍କ ଶପଥ ଗ୍ରହଣ

**ଭୁବନେଶ୍ୱର,(ବ୍ୟୁରୋ):** ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗର ସଦସ୍ୟ ଭାବେ ସୁଶାନ୍ତ କୁମାର ରାୟ ମହାପାତ୍ର ବୁଧବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଶକ୍ତି ବିଭାଗର ଭାରପ୍ରାପ୍ତ ପ୍ରମୁଖ ଶାସନ ସଚିବ ଜି. ମାଥିଭାଥନନ ମହାପାତ୍ର ନିଯୁକ୍ତି ସଂପର୍କିତ ପତ୍ର ପାଠ କରିଥିଲେ ଓ ଓଇଆର୍‌ସି ଅଧକ୍ଷ ୟୁ.ଏନ୍. ବେହେରା ଶପଥ ପାଠ କରାଇଥିଲେ। ଏହି ଅବସରରେ ଆୟୋଜିତ ଏକ ନିରାଡ଼ମ୍ବର ଉତ୍ସବରେ ଓଇଆର୍‌ସି ସଦସ୍ୟ ଗଜେନ୍ଦ୍ର ମହାପାତ୍ର, ସଚିବ ପ୍ରିୟବ୍ରତ ପଟ୍ଟନାୟକ, ସ୍ୱତନ୍ତ୍ର ସଚିବ ସୁରଥ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ସାପ୍ତାହିକ ଖବରକାଗଜ ବୀରକଳିଙ୍ଗର ସ୍ୱନକ୍ଷତ୍ର ଉତ୍ସବ, ବୁଦ୍ଧେଶ୍ୱରୀ ମନ୍ଦିର, ପୂର୍ବାହ୍ଣ ୧୦ଟା।
- ଦେବଦାସୀ ନୃତ୍ୟ ମନ୍ଦିର ପକ୍ଷରୁ ଦେବଦାସୀ ରାଷ୍ଟ୍ରୀୟ ନୃତ୍ୟ ସମାରୋହ, ଡ.କେ.ଏମ୍ ମୁନ୍‌ସୀ ଅଡିଟୋରିୟମ, ଭାରତୀୟ ବିଦ୍ୟା ଭବନ, ପୂର୍ବାହ୍ଣ ୧୦ଟାରୁ ଆରମ୍ଭ।
- ଝୁମୁକାର ସାରସ୍ୱତ ସମାରୋହ ଓ ଝୁମୁକା ଆୱାର୍ଡ, ରୋଟାରୀ ଭବନ ପ୍ରେକ୍ଷାଳୟ, ୟୁନିଟ-୯, ପୂର୍ବାହ୍ଣ ୧୦ଟା ୩୦।
- ଅଲ୍ ଇଣ୍ଡିଆ ଡେମୋକ୍ରାଟିକ ୟୁଥ୍ ଅର୍ଗାନାଇଜେଶନ ପକ୍ଷରୁ ବିକ୍ଷୋଭ, ମାଷ୍ଟରକ୍ୟାଣ୍ଟିନ ଛକ, ପୂର୍ବାହ୍ଣ ୧୧ଟା।
- ନିମାପଡ଼ା ସାହିତ୍ୟ ସଂସଦର ବାର୍ଷିକୋତ୍ସବ, ଆର୍ଯ୍ୟବିହାର ହାଉସିଂ ସୋସାଇଟ ସଭାଗୃହ, ଡିଏଭି ବିଦ୍ୟାଳୟ ପରିସର, ଶୈଳଶ୍ରୀ ବିହାର, ଅପରାହ୍ଣ ୩ଟା।
- ସିଏସ୍‌ଆଇଆର୍- ଆଇଏମ୍‌ଏମ୍‌ଟି ଓ ଆଇଆଇସିଏଚ୍‌ଇର ମିଳିତ ଆନୁକୂଲ୍ୟରେ ଏକ ଉତ୍ସବ ପାଳନ, ଅଡିଟୋରିୟମ ହଲ୍, ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ପରିସର, ଅପରାହ୍ଣ ୪ଟା।
- ତେଜସ୍ୱିନୀ ମିଶନ ଶକ୍ତି ମହାସଂଘର ବାର୍ଷିକ ଉତ୍ସବ, ପାରାମାଉଣ୍ଟ କ୍ଲବ, ବିଜେବି ନଗର, ଅପରାହ୍ଣ ୪ଟା।

## ସଂକ୍ଷେପରେ

### ୩ରେ ନାଲ୍‌କୋ ମୁଖ୍ୟାଳୟ ସମ୍ମୁଖରେ ମଜଦୁର କଂଗ୍ରେସର ଧାରଣା

**ଭୁବନେଶ୍ୱର,୨୯।୧୨(ବ୍ୟୁରୋ):** କେନ୍ଦ୍ର ସରକାର ଦେଶର ଲାଭଦାୟକ ରାଷ୍ଟ୍ରାୟତ ଉଦ୍ୟୋଗକୁ ଆତ୍ମନିର୍ଭରଶୀଳ ଭାରତର ଦ୍ୱାହି ଦେଇ ଶାଗମାଛ ଦରରେ ବିକ୍ରି କରୁଥିବା ଅଭିଯୋଗ ଆଣିଛି ରାଷ୍ଟ୍ରୀୟ ମଜଦୁର କଂଗ୍ରେସ। ଏହି ଘରୋଇକରଣ ପ୍ରତିବାଦରେ ଆସନ୍ତା ୩ ତାରିଖରେ ମଜଦୁର କଂଗ୍ରେସ ପକ୍ଷରୁ ଭୁବନେଶ୍ୱରସ୍ଥିତ ନାଲ୍‌କୋ ମୁଖ୍ୟାଳୟ ସମ୍ମୁଖରେ ଧାରଣା ଦେବ ବୋଲି ଏହାର ସଭାପତି ରାମଚନ୍ଦ୍ର ଖୁଣ୍ଟିଆ କହିଛନ୍ତି। ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ରାଜ୍ୟର ସମସ୍ତ ସାଂସଦ, ବିଧାୟକ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିବେଦନ କରି କହିନ୍ତି, ଓଡିଶାର ସ୍ୱାଭିମାନ ତଥା କୋଣାର୍କ, ନାଲ୍‌କୋ ସମେତ ପାରାଦୀପ ପୋର୍ଟ, ନିଳାଚଳ ଇସ୍ପାତ ନିଗମ, ତାଳଚେର ଥର୍ମାଲ, ବିମାନ ବନ୍ଦର, ପ୍ରତିରକ୍ଷା ଉତ୍ପାଦନ କାରଖାନା, ବ୍ୟାଙ୍କ, ରେଲ୍‌ୱେ ଏବଂ ବୀମା କମ୍ପାନୀକୁ ଘରୋଇକରଣକୁ ବଞ୍ଚାନ୍ତୁ। ଯଦି କେନ୍ଦ୍ର ସରକାର ଉକ୍ତ ପ୍ରକ୍ରିୟାରୁ ନିବୃତ୍ତ ନ ରୁହନ୍ତି ତେବେ ରାଜ୍ୟରେ କାର୍ଯ୍ୟରତ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ, ନାଲକୋର ସମସ୍ତ ଶ୍ରମିକ ସଂଗଠନ, କର୍ମଚାରୀ ଓ ଠିକା କର୍ମଚାରୀ ରାଜ ରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ସେ ଚେତାବନୀ ଦେଇଛନ୍ତି।

### ରାମଚଣ୍ଡୀ, ଚନ୍ଦ୍ରଭାଗାରେ ୩ଦିନ ପାଇଁ ୧୪୪ ଲାଗୁ

**କୋଣାର୍କ,୨୯।୧୨(ଡି.ଏନ୍.ଏ.):** ନବବର୍ଷର ଅବ୍ୟବହିତ ପୂର୍ବରୁ ଜନସାଧାରଣ ଓ ପର୍ଯ୍ୟଟକଙ୍କ ଆଶାତୀତ ଭିଡକୁ ଦୃଷ୍ଟିରେ ରଖି ପୁରୀ ଜିଲା ପ୍ରଶାସନ ପକ୍ଷରୁ ଓମିକ୍ରନ ସତର୍କତା ଅବଲମ୍ବନ କରିବା ପାଇଁ ଚନ୍ଦ୍ରଭାଗା ବେଳାଭୂମି ଓ ରାମଚଣ୍ଡୀ ପୀଠରେ ବଣଭୋଜି ବାତିଲ କରିବା ସହ ୩ ଦିନ ପାଇଁ ୧୪୪ଧାରା ଜାରି କରାଯାଇଛି। ଡିସେମ୍ବର ୩୧, ଜାନୁୟାରୀ ୧ ଓ ୨ତାରିଖ ତିନିଦିନ ଧରି ଚନ୍ଦ୍ରଭାଗା ବେଳାଭୂମି ଓ ରାମଚଣ୍ଡୀ ପୀଠରେ ପର୍ଯ୍ୟଟକଙ୍କ ଭିଡ଼ ଆଶଙ୍କା କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ୩ଦିନ ପାଇଁ ୧୪୪ ଧାରା ଜାରି କରାଯାଇଛି। ଏଥିପାଇଁ ରାମଚଣ୍ଡୀ ଓ ମେରାଇନ ପୋଲିସ ପକ୍ଷରୁ ୨୪ଘଣ୍ଟିଆ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯାଇଛି। ଏହି ପରିପ୍ରେକ୍ଷୀରେ ୧୪୪ଧାରା ଅବମାନନା କରି ବଣଭୋଜି ଅଥବା ସମାଗମ କଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିମାପଡ଼ା ଏସ୍‌ଡିପିଓ ଦେବାଶିଷ ମିଶ୍ର ପ୍ରକାଶ କରିଛନ୍ତି।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ଇ-ଅଫିସ ଆରମ୍ଭ

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)**

ଏଣିକି ଉତ୍କଳ ବିଶ୍ୱବିଦ୍ୟାଳୟର ସମସ୍ତ କାମ ବିନା କାଗଜରେ ହେବ। ଏଥିପାଇଁ ବିଶ୍ୱବିଦ୍ୟାଳୟରେ ଇ-ଅଫିସ୍‌ର ଶୁଭାରମ୍ଭ ହୋଇଛି। ବୁଧବାର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଏକ ଫାଇଲ୍ ଅନୁମୋଦନ ପୂର୍ବକ ଏହାକୁ ଉଦ୍‌ଘାଟନ କରିଛନ୍ତି। ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମ ଅଧୀନରେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସେଣ୍ଟର ଫର୍ ମଡର୍ନାଇଜିଂ ଗଭର୍ନମେଣ୍ଟ (ସିଏମ୍‌ଜିଆଇ) ଓ ନ୍ୟାଶନାଲ ଇନଫର୍ମେଟିକ ସେଣ୍ଟର (ଏନ୍‌ଆଇସି) ସହଯୋଗରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଇ-ଅଫିସ୍ କାର୍ଯ୍ୟକାରୀ ହେବା ଦ୍ୱାରା ସବୁ ଫାଇଲ ଶୀଘ୍ର ଓ ସହଜରେ ଅନୁମୋଦନ ହୋଇପାରିବ ଏବଂ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ବିଶ୍ୱବିଦ୍ୟାଳୟର ସମସ୍ତ କର୍ମଚାରୀ କାମ କରିପାରିବେ ବୋଲି କୁଳପତି ଆଶା ପ୍ରକାଶ କରିଛନ୍ତି। ଏଥିସହ କେଉଁଠାରେ ଓ କାହା ନିକଟରେ କାମ ଅଟକି ରହିଛି, ତାହା ମଧ ସହଜରେ ଜଣାପଡ଼ିବ।



ଉତ୍କଳ ବିଶ୍ୱବିଦ୍ୟାଳୟରେ ଇ-ଅଫିସ୍ ଶୁଭାରମ୍ଭ ଅବସରରେ ଉପସ୍ଥିତ ଅତିଥି।

ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି, କରୋନା ମହାମାରୀ ସମୟରେ ଅନ୍‌ଲାଇନ ମୋଡ୍ ବା ୱାର୍କ ଫ୍ରମ୍ ହୋମ୍ ବିଷୟ ଆଗକୁ ଆସିଥିବାବେଳେ ଏବେ ଇ-ଅଫିସ ଏହାକୁ ଅଧିକ ସହଜ କରିବ। ଏଥିପାଇଁ ବିଶ୍ୱବିଦ୍ୟାଳୟର ଶତାଧିକ ଫାଇଲ ସ୍କାନ କରାଯାଇଛି। ସ୍କାନ ଫାଇଲଗୁଡ଼ିକ କାହା ନିକଟକୁ କିପରି ଯିବ ଏବଂ ସେଗୁଡ଼ିକ କିଏ କେମିତି ଅନୁମୋଦନ କରିବେ, ଏହାକୁ ନେଇ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଛି। ପ୍ରଥମେ ନୂତନ ଭାବେ ଯୋଗଦେଇଥିବା ୨୫ଜଣ କନିଷ୍ଠ ସହାୟକଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ପରବର୍ତ୍ତୀ ସମୟରେ

### ଏଣିକି ବିନା କାଗଜରେ ହେବ କାମ

ବିଶ୍ୱବିଦ୍ୟାଳୟର ଅନ୍ୟମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଆଗାମୀ ଦିନରେ ଛାତ୍ରଛାତ୍ରୀଙ୍କ ନାମଲେଖାଠାରୁ ଆରମ୍ଭ କରି ପରୀକ୍ଷା ଆୟୋଜନ, ଫି' ଦାଖଲ ଏବଂ ଅନ୍ୟାନ୍ୟ ବିଷୟ ପେପର ଲେସ୍ ବା କାଗଜମୁକ୍ତ କରାଯିବା ନେଇ ଯୋଜନା ହୋଇଛି।

କାର୍ଯ୍ୟକ୍ରମରେ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ବସନ୍ତ କୁମାର ମଲ୍ଲିକ, କମ୍ପଟ୍ରୋଲର ଅଫ୍ ଫାଇନାନ୍ସ ସୁରେନ୍ଦ୍ର କୁମାର ସାହୁ, ପରୀକ୍ଷା ନିୟନ୍ତ୍ରକ ଶରତ କୁମାର ମାଝି ପ୍ରମୁଖ ଇ-ଅଫିସ୍‌ର ଆଭିମୁଖ୍ୟ ଓ ଏହାର କାର୍ଯ୍ୟକାରିତା ଉପରେ କହିଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ ଅଭୟ କୁମାର ନାୟକ ସ୍ୱାଗତ ଭାଷଣ ଓ ଇ-ଅଫିସ୍ ନୋଡାଲ ଅଫିସର ଡ.ହିମାଂଶୁ ଶେଖର ରାଉତ ଧନ୍ୟବାଦ ଦେଇଥିଲେ।



ପୁରୀ ୟୁଥ୍ ହଷ୍ଟେଲ ସଭାକକ୍ଷରେ ବୁଧବାର ଟିକିତାରା ପତ୍ରିକାର ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ ପ୍ରତିଭାଙ୍କ ସହ ଅତିଥିମାନେ।

# ଦ୍ୱିତୀୟ ବର୍ଷ ପାଇଁ ପ୍ରଥମ ସ୍ଥାନ ବଜାୟ ରଖିଲା କିଟ୍

## ଅଟଳ ରାଙ୍କିଙ୍ଗ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ ଅନ୍ ଇନୋଭେଶନ ଆଚିଭ୍‌ମେଣ୍ଟ

**ଭୁବନେଶ୍ୱର,୨୯।୧୨(ବ୍ୟୁରୋ)**

ଲଗାତାର ଦ୍ୱିତୀୟ ବର୍ଷ ପାଇଁ ଅଟଳ ରାଙ୍କିଙ୍ଗ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ ଅନ୍ ଇନୋଭେଶନ ଆଚିଭ୍‌ମେଣ୍ଟ (ଏଆର୍‌ଆଇଆଇଏ)-୨୦୨୧ରେ ଦେଶର ଘରୋଇ ଶିକ୍ଷାନୁଷ୍ଠାନ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ପ୍ରଥମ ସ୍ଥାନରେ ରହିଛି। ଗବେଷଣା ଓ ସର୍ଜନା କ୍ଷେତ୍ରରେ କିଟ ବିଶ୍ୱବିଦ୍ୟାଳୟକୁ ମିଳିଛି ଭାରତ ସରକାରଙ୍କ ସ୍ୱୀକୃତି। ବୁଧବାର ନୂଆଦିଲ୍ଲୀଠାରେ ଭର୍ଚୁଆଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡ. ସୁଭାସ ସରକାର ଫଳାଫଳ ଘୋଷଣା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଏଆଇସିଟିଇର ଅଧକ୍ଷ ପ୍ରଫେସର ଅନୀଲ ସହସ୍ରବୁଦ୍ଧେ, ଉପାଧକ୍ଷ ଡ. ଏମ୍. ପି. ପୁନିଆ ଓ ବୈଷୟିକ ଶିକ୍ଷା ବିଭାଗ ଅତିରିକ୍ତ ସଚିବ ରାକେଶ ରଞ୍ଜନ ଉପସ୍ଥିତ ଥିଲେ। ରାଙ୍କିଙ୍ଗ୍‌ର ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଯଥାକ୍ରମେ ଚଣ୍ଡିଗଡ଼ ଚିତକାରା ବିଶ୍ୱବିଦ୍ୟାଳୟ ଓ ପଞ୍ଜାବର ଲଭ୍‌ଲୀ ପ୍ରଫେସନାଲ ବିଶ୍ୱବିଦ୍ୟାଳୟ ରହିଛନ୍ତି। ଉଚ୍ଚତର ଶିକ୍ଷାନୁଷ୍ଠାନଗୁଡ଼ିକ ଶିକ୍ଷକ ଓ ଅଧ୍ୟାପକଙ୍କ ମଧ୍ୟରେ ସର୍ଜନା ଓ




ଔଦ୍ୟୋଗିକ ବିକାଶ ସମ୍ପର୍କିତ ମାନଦଣ୍ଡକୁ ଭିତ୍ତିକରି ଭାରତ ସରକାର ଏହି ରାଙ୍କିଙ୍ଗ ପ୍ରଦାନ କରିଥାନ୍ତି। କିଟ୍ ସର୍ବଦା ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ ଦେଇ ଆସୁଥିବାବେଳେ ଗବେଷଣା ଓ ଔଦ୍ୟୋଗିକ କେନ୍ଦ୍ର, ଅତ୍ୟାଧୁନିକ ପରୀକ୍ଷାଗାର, ଉତ୍କର୍ଷତା କେନ୍ଦ୍ର, ଶିଳ୍ପ ଓ ଆନ୍ତର୍ଜାତିକ ଅନୁଷ୍ଠାନ ସହ ସହବନ୍ଧନ ଓ ସହଭାଗିତା ଯେଗୁ ଏହି ରାଙ୍କିଙ୍ଗରେ କିଟ୍ ଲଗାତାର ଶ୍ରେଷ୍ଠ ସ୍ଥାନରେ ରହିବାର ଗୌରବ ଅର୍ଜନ କରିଛି। ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ କିଟ୍‌ର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କୁ ସେମାନଙ୍କ ଅଧବସାୟ ପାଇଁ ଧନ୍ୟବାଦ ଜଣାଇଛନ୍ତି।

### ସଚିବାଳୟରେ ଚାକିରି ନାଁରେ ୮ ଲକ୍ଷ ଠକେଇ

## ବର୍ଷେ ପରେ ମୁଖ୍ୟ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୯।୧୨(ବ୍ୟୁରୋ)**

ସଚିବାଳୟରେ ଚାକିରି ଦେବା ଆଳରେ ଜଣେ ମହିଳାଙ୍କୁ ୮ ଲକ୍ଷ ଠକେଇ ଅଭିଯୋଗରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତଙ୍କୁ ବର୍ଷକ ପରେ ବଡ଼ଗଡ଼ ଥାନା ପୋଲିସ କେନ୍ଦ୍ରାପଡ଼ା ଜିଲା ଡେରେବିଶ ଥାନା ଅଞ୍ଚଳରୁ ଗିରଫ କରିଛି। ସେ ହେଲେ ଯାଜପୁର ଜିଲା ଟମକା ଥାନା ଅଞ୍ଚଳର ଦୈତାରୀ ମୁଦୁଲି(୪୯)। ତେବେ ଫେରାର ଥିବା ଅନ୍ୟତମ ଅଭିଯୁକ୍ତ ଶରତ ପରିଡାଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି। ସୂଚନା ଅନୁଯାୟୀ, ବିଜେବି କଲେଜ ନିକଟରେ ପ୍ରୀତିଝରା ମହାନ୍ତି ଏକ କୋଚିଂ ସେଣ୍ଟର କରିଥିଲେ। ୨୦୧୯ରେ ଅଭିଯୁକ୍ତ ଦୈତାରୀ ଓ ଶରତଙ୍କ ପୁଅ ଉକ୍ତ କୋଚିଂ ସେଣ୍ଟରରେ ପଢୁଥିଲେ। ଏହି ସମୟରେ ଅଭିଯୁକ୍ତଦ୍ୱୟ ପ୍ରୀତିଝରାଙ୍କୁ ସଚିବାଳୟରେ ଏକ ଚାକିରି କରାଇଦେବାକୁ କହିଥିଲେ। ଏପରିକି ସେମାନଙ୍କର ଜଣେ ଆଇପିଏସ୍ ଅଧିକାରୀଙ୍କ ସହ ଭଲ ସମ୍ପର୍କ ଥିବା କହି ତାଙ୍କ ମନରେ ବିଶ୍ୱାସ ଜନ୍ମାଇ ୮ ଲକ୍ଷ ଟଙ୍କା ନେଇଥିଲେ। ହେଲେ ଚାକିରି ନ ହେବାରୁ ପ୍ରୀତିଝରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୨୦୨୦ ଡିସେମ୍ବର ୨୩ରେ ଏକ ମାମଲା( ନଂ.୩୮୩/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଦୈତାରୀ କେନ୍ଦ୍ରାପଡ଼ା ଜିଲା ଡେରିବିଶରେ ଥିବା ଖବର ପାଇ ପୋଲିସ ମଙ୍ଗଳବାର ବିଳମ୍ବିତ ରାତିରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ଏଥିସହ ଅନ୍ୟତମ ଅଭିଯୁକ୍ତ ଶରତ ଭଦ୍ରକ ଜିଲା ଘଣ୍ଟେଶ୍ୱର ଅଞ୍ଚଳରେ ଥିବା ଖବର ପାଇ ବିଳମ୍ବିତ ରାତିରେ ପୋଲିସ ଚଢ଼ାଉ କରିଥିଲେ ମଧ ସେ ଖସି ପଳାଇଥିବା ଜଣାପଡିଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସୁଚିତା


@ ଚିତ୍ତରଞ୍ଜନ


@ ସତ୍ୟଜିତ


@ ବିଭୂତି


@ ମୁକେଶ


@ ନକୁଳ

# ଶ୍ରୀମନ୍ଦିରରେ ଭକ୍ତଙ୍କୁ ପୋଲିସର ମାଡ଼

## ଫଟୋଉଠାକୁ ନେଇ ଯୁକ୍ତିତର୍କ

**ପୁରୀ ଅଫିସ, ୨୯।୧୨**

ଶ୍ରୀମନ୍ଦିର ଭିତରେ ଫଟୋଉଠାକୁ ନେଇ ବୁଧବାର ପୋଲିସ ଓ ଭକ୍ତ ମୁହାଁମୁହିଁ ହୋଇଛନ୍ତି। ଭକ୍ତଙ୍କ ମୋବାଇଲ ଫୋନ୍ ଛଡ଼ାଇନେବା ସହ ସେମାନଙ୍କୁ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଏହି ଘଟଣା ପୋଲିସ ପ୍ରଶାସନର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନାଯୋଗ୍ୟ, ମଧ୍ୟପ୍ରଦେଶରୁ କେତେଜଣ ଭକ୍ତ ପୁରୀ ବୁଲିବାକୁ ଆସିଥିଲେ। ସେମାନେ ବୁଧବାର ଶ୍ରୀମନ୍ଦିରକୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯାଇଥିବାବେଳେ ସାଙ୍ଗରେ ମୋବାଇଲ ଫୋନ୍ ନେଇଥିଲେ। ଶ୍ରୀମନ୍ଦିର ଭିତରେ ସେମାନେ ମୋବାଇଲ ଫୋନ୍‌ରେ ଫଟୋ ଉଠାଉଥିବାବେଳେ ସେଠାରେ ଉପସ୍ଥିତ ସୁରକ୍ଷାକର୍ମୀ ସେମାନଙ୍କୁ ବାରଣ କରିଥିଲେ। ଫଟୋଉଠାକୁ ନେଇ ଉଭୟ ପକ୍ଷ ମଧ୍ୟରେ ବଚସା ଘଟି ହାତାହାତି ପରସ୍ଥିତି ଉପୁଜିଥିଲା। ସମ୍ପୃକ୍ତ ଭକ୍ତଙ୍କ କହିବା ଅନୁଯାୟୀ, ସେମାନେ ଏହା ଉପରେ ସମ୍ପୂର୍ଣ୍ଣ ଅବଗତ ନ ଥିଲେ କି ପୋଲିସ୍ ମଧ ସେମାନଙ୍କୁ ଠିକ୍ ଭାବେ ଯାଞ୍ଚ କରି ନ ଥିଲା। ତେବେ ମନ୍ଦିର ଭିତରେ ଫଟୋ ଉଠାଇବା ସମୟରେ ପୋଲିସ ବାରଣ କରିବାରୁ ସେମାନେ କ୍ଷମା ପ୍ରାର୍ଥନା କରିବା ସହ ଜରିମାନା ଦେବାକୁ ମଧ କହିଥିଲେ। କିନ୍ତୁ ସେଠାରେ ମୁତୟନ ଥିବା ପୋଲିସ କର୍ମଚାରୀ ସେମାନଙ୍କୁ ଟଣାଓଟରା କରିବା ସହ ମାଡ଼ ମାରିଥିଲେ। ଏପରି କି ମହିଳା ଭକ୍ତଙ୍କୁ ମଧ ମାଡ଼ ମରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ପରେ ବରିଷ୍ଠ ପୋଲିସ ଅଧିକାରୀମାନେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା। ତେବେ ଏହି ଘଟଣା ନେଇ ଶ୍ରୀମନ୍ଦିର ସିଂହଦ୍ୱାର ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

# ମହାପ୍ରଭୁଙ୍କୁ ୫ଲକ୍ଷ ଟଙ୍କା, ୭ କେଜି ରୁପା ଦାନ



**ପୁରୀ ଅଫିସ, ୨୯।୧୨**

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭୁବନେଶ୍ୱର ବରମୁଣ୍ଡା ଅଞ୍ଚଳର ସୁବ୍ରତ ରଥ ବୁଧବାର ୫ଲକ୍ଷ ଟଙ୍କା ସମେତ ମୋଟ ୭କେଜି ୬୬୨ମିଲିଗ୍ରାମର ୩ଟି ରୁପାଗରା, ୩ଟି ରୁପା ଥାଳି, ୬ଟି ପଞ୍ଝୁ ଓ ପାତ୍ରୀ ଏବଂ ୩ଟି ହାତଘଣ୍ଟି ଦାନ କରିଛନ୍ତି। ସୁବ୍ରତ ପୁରୀ ଆସି ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ ପରିସରରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଏବଂ ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନାଙ୍କୁ ଭେଟି ଏହି ସାମଗ୍ରୀଗୁଡ଼ିକ ଦାନ କରିଥିଲେ। ଏହି ଅବସରରେ ସୁବ୍ରତଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।


ନିମାପଡ଼ା ଟାଉନ୍ ହଲ୍‌ରେ ବୁଧବାର ଆୟୋଜିତ ବଣିଆ ସମାଜର ସମ୍ମିଳନୀ ଓ ବନ୍ଧୁମିଳନ ସମାରୋହରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ।



ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ବୁଧବାର ଆୟୋଜିତ ଜିଲା ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ଦ୍ୱିତୀୟ ସାମ୍ବିଧାନିକ ସମ୍ମିଳନୀରେ ମଞ୍ଚାସୀନ ଅତିଥି।


ବେଗୁନିଆ ବ୍ଲକ କୃଷକ ସଙ୍ଗଠନ ପକ୍ଷରୁ ୩ ଦଫା ଦାବି ନେଇ ବୁଧବାର ତହସିଲ କାର୍ଯ୍ୟାଳୟ ଘେରାଉ ଅଭିମୁଖେ ବାହାରିଥିବା ଶୋଭାଯାତ୍ରା।

ଧରିତ୍ରୀ
DHARITRI
ଗୁରୁବାର, ୩୦ ଡିସେମ୍ବର, ୨୦୨୧

# BUSINESS POWERLIST



**କୋଭିଡ୍**
ସଂକ୍ରମଣ ଯୋଗୁ ୨୦୨୦ରେ ଭୁଶୁଡ଼ି ପଡ଼ିଥିବା ଅର୍ଥନୀତି ଓ ନିଯୁକ୍ତି କ୍ଷେତ୍ର ପାଇଁ ୨୦୨୧ରେ ଅନେକ ଆଶା ସୃଷ୍ଟି ହୋଇଥିଲା । ସ୍ଥିତି ସହ ଖାପ ଖୁଆଇ ବହୁ ଉଦ୍ୟୋଗୀ ଆଗକୁ ବଢ଼ିବା ସହ ନିଯୁକ୍ତି କ୍ଷେତ୍ର ପୁନଃବିସ୍ତାର ହୋଇଛି । ଏହି ମହାମାରୀର ମହାବିପଦକୁ ଦୃଷ୍ଟିରେ ରଖି ସ୍ୱକୀୟ କୃତିରେ ବିକାଶଧାରାକୁ ବଳ ଦେଇଥିବା ଓଡ଼ିଶାର ସଫଳ ଉଦ୍ୟୋଗୀମାନଙ୍କୁ ନେଇ ପ୍ରସ୍ତୁତ ହୋଇଛି ବିଜ୍‌ନେସ୍ ପାୱାର ଲିଷ୍ଟ ।
**ବି.ଦ୍ର.–ଏହି ତାଲିକା କ୍ରମାଙ୍କ ଅନୁସାରେ ପ୍ରସ୍ତୁତ କରାଯାଇନାହିଁ ।**



**ଅଚ୍ୟୁତାନନ୍ଦ ମେହେର**
ଅରୁନ୍ଧତୀ ମୋଟର୍ସ

**ନିଶିକାନ୍ତ ମିଶ୍ର**
ଟିମ୍ ଆଡ୍‌ମାର୍କ

**ପୁରୁଷୋତ୍ତମ ବୁଦ୍ଧରାଜ**
ନାରାୟଣୀ ମୋଟର୍ସ

**ଡା. ଅରିଜିତ୍ ମହାପାତ୍ର**
ଜଗନ୍ନାଥ ହେଲ୍‌ଥ କେୟାର

**ଚର୍ଚ୍ଚିତ ମିଶ୍ର**
ଓଏସ୍ଏଲ୍ ଗ୍ରୁପ୍

**ଦେବେଶ୍ ପ୍ରସାଦ ନନ୍ଦ**
ଟ୍ରିନିଟି ସ୍କୋଡା

**ମହେନ୍ଦ୍ର ଗୁପ୍ତା**
ଗୁପ୍ତା ପାୱାର



**ଶ୍ଳୋକ ସେନ୍**
ସୁପର ସେଲ୍ସ ମୋଟର୍ସ

**ସୌରଭ ରାୟ**
ରାଧା ଗୋବିନ୍ଦ ରାୟ ଗ୍ରାଣ୍ଡସନ୍ସ ଜୁଏଲର୍ସ

**ମାଳା ମିଶ୍ର**
ଡିପିଏସ୍ କଳିଙ୍ଗ

**ଦେବେନ୍ ରାୟ**
ସ୍ୱାଇସ୍ ଅପ୍

**ସୁଭାଷ ଚନ୍ଦ୍ର ନାୟକ**
ନିସ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ

**ପଦ୍ମଶ୍ରୀ ଚତୁର୍ଭୁଜ ମେହେର**
ମେହେର୍ସ

**ପ୍ରଦୋଷ କୁମାର ରାଉତ**
ପ୍ରଗତି ମିଲ୍କ

**ପ୍ରଭୁଚରଣ ମହାନ୍ତି**
ଜାଭିୟର ଗ୍ରୁପ୍ ଅଫ୍ ସ୍କୁଲ

**ମନୋରଞ୍ଜନ ଦାସ**
ପିଏମ୍‌ଜି ୟାମାହା



**ପ୍ରତାପ ବଳବନ୍ତରାୟ**
ବିଆଇଆଇଟିଏମ୍

**ଲଲାଟେନ୍ଦୁ ମହାନ୍ତି**
ପ୍ରିୟଦର୍ଶିନୀ ଓଡ଼ିଶୀ ହ୍ୟାଣ୍ଡଲୁମ୍

**ଦେବୀଦତ୍ତ ମିଶ୍ର**
ଏସ୍‌ଜେ ଡେଭଲପର୍ସ

**ଡା. ପ୍ରକାଶ ଚନ୍ଦ୍ର ଦଳାଇ**
ଗ୍ୟାଷ୍ଟ୍ରୋ ଆଣ୍ଡ କିଡ୍‌ନୀ କେୟାର ହସ୍ପିଟାଲ

**ଡି. ମୁରଲୀବାବୁ**
ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍

**ଡା. କୃପାସିନ୍ଧୁ ପଣ୍ଡା**
ଏଚ୍‌ସିଜି ପଣ୍ଡା କ୍ୟାନ୍ସର ହସ୍ପିଟାଲ

**ଦୀପକ ଶର୍ମା**
ଉଜ୍ଜ୍ୱଳ ବଜାଜ

**ସଞ୍ଜୟ ଦାସ**
ହରି ପ୍ଲାଷ୍ଟ ଉଦ୍ୟୋଗ

**ଅବିନାଶ ଚାପୋଲିଆ**
ଜିଆର୍‌ସି ଗାରମେଣ୍ଟସ୍



**ବିଚିତ୍ରାନନ୍ଦ ସେନାପତି**
ହୋମ୍‌ଫିଲ୍ସ

**କଳିଙ୍ଗ କେଶରୀ ରଥ**
ଇଭୋସ୍ ବିଲଡ୍‌କନ୍

**ଅଖିଳ ପୋଦ୍ଦାର**
ଉତ୍କଳ ହୋଣ୍ଡା

**ଆଦିତ୍ୟ ଦାସ**
ରାମ୍‌ସ ଆସୋର୍ଟେଡ କୋଲ୍ଡ ଷ୍ଟୋରେଜ୍

**ଆଲୋକ ଅଗ୍ରୱାଲ**
ଆକାଶଦୀପ୍ ହୁଣ୍ଡାଇ

**ଲିପ୍‌ସା ହଂସ**
ଚାନ୍ଦି ଭଣ୍ଡାର

**ଅମିତ୍ ଅଗ୍ରୱାଲ**
ରିଦ୍ଧିସିଦ୍ଧି

**ବିଶ୍ୱ ଚେତନ ମିଶ୍ର**
ହଲ୍‌ମାର୍କ ଅର୍ନାମେଣ୍ଟ୍ସ

**ଅଶୋକ ଜଲାନ୍**
ଓଡ଼ିଶୀ ଅଟୋମୋବାଇଲ



**ସଞ୍ଜୟ ଦିଦ୍‌ୱାନିଆ**
ପ୍ରୋ ଭିଜୁଆଲ

**ଅୟରୀଶ ଦାସ**
ଯୁବୋଦୟ ଇନ୍‌ଷ୍ଟିଚ୍ୟୁଟ୍

**ଅନିଲ ଅଗ୍ରୱାଲ**
ଟୁଇନ୍ ସିଟି ବିଲଡର୍ସ

**ବିନୋଦ ଦାଶ**
ସିନର୍ଜି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି

**ଗଣେଶ ପ୍ରସାଦ ବାଗେଡ଼ିଆ**
ଗୃହସ୍ଥି ମସଲା

**ଶ୍ରୀରାମ ପଣ୍ଡା**
ମିଟ୍ସ ଗ୍ରୁପ୍

**ଡା. ପ୍ରଦୀପ କୁମାର ମହାନ୍ତି**
ସଦ୍‌ଗୁରୁ ମେଡିକାଲ ଆଣ୍ଡ ରିସର୍ଚ୍ଚ ସେଣ୍ଟର

**ପ୍ରମୋଦ ଚନ୍ଦ୍ର ରଥ**
ପ୍ରମୋଦ କନ୍‌ଭେନ୍‌ସନ ଆଣ୍ଡ କ୍ଲବ୍ ରିସର୍ଟ

**ଏମ୍. କେଶବ ରାଓ**
ଗ୍ରୀନ୍ ଚିଲିଜ୍

**ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ**

ପୁରୁଣା ଭୁବନେଶ୍ୱର,(ଡି.ଏନ୍.ଏ.): ଭୁବନେଶ୍ୱର ବ୍ଲକ ଅଧୀନ ଇଟିପୁର ଗାଁରେ ରାଜନୈତିକ କନ୍ଦଳରୁ ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରାଯାଇଛି। ସେ ହେଲେ ଉକ୍ତ ଗ୍ରାମର ମନୋଜ କୁମାର ସାହୁ। ସେ ବୁଧବାର ପୂର୍ବାହ୍ନରେ ଗାଁରୁ କୌଣସି କାମରେ ବାଇକ୍‌ରେ ଆସୁଥିଲେ। ତଳସାହି ଗାଁ ମୁଣ୍ଡରେ ଲୁଚି ରହିଥିବା ସ୍ଥାନୀୟ ଅଞ୍ଚଳର ୫ଜଣ ବ୍ୟକ୍ତି ତାଙ୍କୁ ଅଟକାଇ ମାଡ଼ ମାରିବା ସହ ଖଣ୍ଡାରେ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ଗ୍ରାମବାସୀ ପହଞ୍ଚି ଯିବାରୁ ଆକ୍ରମଣକାରୀ ଫେରାର ହୋଇଯାଇଥିଲେ। ଆହତଙ୍କୁ ବାଲକାଟି ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ଖବରପାଇ ସ୍ଥାନୀୟ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ଭାରତ ମୋଟର୍ସ, ଶ୍ରୀ ଭାରତ ମୋଟର୍ସ ଉପରେ ଜିଏସ୍‌ଟି ଚଢ଼ାଉ

ଭୁବନେଶ୍ୱର,୨୯।୧୨(ବ୍ୟୁରୋ): ଭାରତ ମୋଟର୍ସ ଓ ଶ୍ରୀ ଭାରତ ମୋଟର୍ସର ଶୋ'ରୁମ ଉପରେ ସିଟି ଜିଏସ୍‌ଟି ପକ୍ଷରୁ ବୁଧବାର ଚଢ଼ାଉ କରାଯାଇଛି। ଜିଏସ୍‌ଟି ଟିମ୍ ବୁଧବାର ମଞ୍ଚେଶ୍ୱର, କଟକ ରୋଡ୍ ଓ ପାହାଲରେ ଥିବା ୨ ସଂସ୍ଥାର ୩ଟି ଶୋ'ରୁମ୍‌ରେ ଚଢ଼ାଉ କରିଥିଲା। ତେବେ ସେଠାରୁ ପ୍ରାୟ ୧୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବାଇକ୍ ସମେତ ବିଭିନ୍ନ ଗାଡ଼ି ଓ କାଗଜପତ୍ର ଜବତ କରାଯାଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ୨୦୦୮ରୁ ୨୦୧୭ ମଧ୍ୟରେ ଭାରତ ମୋଟର୍ସ ଏବଂ ଶ୍ରୀ ଭାରତ ମୋଟର୍ସ ମୋଟ ୩୮.୪୮ କୋଟି ଟଙ୍କାର ଟିକସ ପୈଠ କରି ନ ଥିଲେ। ସୁପ୍ରିମକୋର୍ଟଙ୍କ ପକ୍ଷରୁ ୨୦୧୭ ମାର୍ଚ୍ଚରେ ଟିକସ ଭରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଏଯାଏ ବକେୟା ଟିକସ ପୈଠ କରାଯାଉ ନ ଥିଲା ବୋଲି ଜିଏସ୍‌ଟି ଟିମ୍‌ର ଜଣେ ଅଧିକାରୀ କହିଛନ୍ତି।

### ପ୍ରଫେସର ସୁରେନ୍ଦ୍ର କୁମାର ରାୟଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୨୯।୧୨(ବ୍ୟୁରୋ): ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ସ୍ଥିତ ଭେଟେନାରୀ କଲେଜ ମେଡିସିନ ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ସୁରେନ୍ଦ୍ର କୁମାର ରାୟଙ୍କ ଏକାଦଶାହରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ଏକ ହୋଟେଲରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଓୟୁଏଟି ପୂର୍ବତନ କୁଳପତି ପ୍ରଫେସର ଡ. ଖଗେଶ୍ୱର ପ୍ରଧାନ, କୁଳପତି ପ୍ରଫେସର ଦେବୀ ପ୍ରସାଦ ରାୟ ଓ ଦେବ ପ୍ରସାଦ ମଲ୍ଲିକଙ୍କ ସମେତ ବହୁ ପ୍ରଫେସର, ବୈଜ୍ଞାନିକ ଯୋଗଦେଇ ତାଙ୍କର ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନେ ଡ. ରାୟଙ୍କ ଜୀବନୀ ଉପରେ ପ୍ରସ୍ତୁତ ଏକ ସ୍ମରଣିକା ଉନ୍ମୋଚନ କରିବା ସହ ସ୍ୱର୍ଗତ ରାୟଙ୍କ ସ୍ତ୍ରୀ ଦୀପ୍ତିମୟୀ, ପୁଅ ସଙ୍କେତ, ସନ୍ତକ, ସଂଯୋଗ, ପୁତ୍ରବଧୂ ଓ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ।

### ପ୍ରଶାସକ ଗୁରୁପ୍ରସାଦ ମହାପାତ୍ରଙ୍କ ସ୍ମୃତିରେ ଇ-ବୁକ୍ ଓ ୱେବ୍‌ସାଇଟ ଲୋକାର୍ପିତ

ଭୁବନେଶ୍ୱର,୨୯।୧୨(ବ୍ୟୁରୋ): ପ୍ରଶାସକ ଗୁରୁପ୍ରସାଦ ମହାପାତ୍ରଙ୍କ ସ୍ମୃତିରେ ଏକ ୱେବ୍‌ସାଇଟ ଓ ଇ-ବୁକ୍‌କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଲୋକାର୍ପଣ କରିଛନ୍ତି। ବୁଧବାର ରାଜଭବନରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ଯୋଗଦେଇ ରାଜ୍ୟପାଳ କହିଛନ୍ତି, ସ୍ୱର୍ଗତ ମହାପାତ୍ରଙ୍କ ସୁକର୍ମ ଓ ଲୋକାଭିମୁଖୀ ପ୍ରଶାସନିକ କ୍ରିୟାଶୀଳତା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ତାଙ୍କ ସ୍ମୃତିର ସୁରକ୍ଷା ଓ ସଂରକ୍ଷଣ ଏକ ପ୍ରଶଂସନୀୟ ପ୍ରୟାସ. ଯାହା ଉତ୍ତର ପୁରୁଷଙ୍କୁ ମାର୍ଗଦର୍ଶନ କରାଇବ। ସେହିପରି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ କେ. ରବି, ନାନୁ ପାଣି, ଶିବାନନ୍ଦ ଦାସ, ଦେବାଶିଷ ପଟ୍ଟନାୟକ, ଆଲୋକ ରଞ୍ଜନ ନାୟକ, ପ୍ରସନ୍ନ କୁମାର ପଣ୍ଡା, ଡି.ପି. ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ମହାପାତ୍ରଙ୍କ କୃତି ଓ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ।

# ବିଶ୍ୱସ୍ତରୀୟ ଚିଡ଼ିଆଖାନା ହେବ ନନ୍ଦନକାନନ

ବାରଙ୍ଗ,୨୯।୧୨(ଡି.ଏନ୍.ଏ.)

ଧଳାବାଘ, ବଜ୍ରକାପ୍ତା ଓ ଘଡ଼ିଆଳ କୁମ୍ଭୀର ପ୍ରଜନନକୁ ନେଇ କେନ୍ଦ୍ରର ଦୃଷ୍ଟିଆକର୍ଷଣ କରିପାରିଥିବା ପ୍ରାଣୀ ଉଦ୍ୟାନ ନନ୍ଦନକାନନ ଖୁବ୍‌ଶୀଘ୍ର ହେବାକୁ ଯାଉଛି ବିଶ୍ୱସ୍ତରୀୟ ଚିଡ଼ିଆଖାନା। ଏଥିପାଇଁ ପ୍ରସ୍ତୁତିପର୍ବ ଆରମ୍ଭ ହୋଇଯାଇଛି। ଏଥିସହ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ କେନ୍ଦ୍ର ସରକାର ସ୍ୱୀକୃତି ଦେଇଛନ୍ତି ବୋଲି ପ୍ରଧାନ ମୁଖ୍ୟ ବନସଂରକ୍ଷକ ଶିଶିର କୁମାର ରଥ କହିଛନ୍ତି। ବୁଧବାର ନନ୍ଦନକାନନର ୬୨ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଏହା ପରିସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରଥ କହିଥିଲେ, ବିଶ୍ୱସ୍ତରୀୟ ଚିଡ଼ିଆଖାନା ହେବା ପାଇଁ ନନ୍ଦନକାନନ ତା'ର କାର୍ଯ୍ୟ ଆରମ୍ଭ କରିଦେଇଛି। ନୂଆ ଢାଞ୍ଚାରେ କାର୍ ପାର୍କିଂସ୍ଥଳ, ଶିଶୁ ରେଳଗାଡ଼ି କାର୍ଯ୍ୟ ସାରିବା ପରେ ବସ୍‌ଷ୍ଟାଣ୍ଡର ଉନ୍ନତୀକରଣ କାର୍ଯ୍ୟ ହେବାକୁ ଯାଉଛି। ଏହାସହ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଶ୍ୱସ୍ତରୀୟ ଚିଡ଼ିଆଖାନାରେ ସାମିଲ ହେବା ପାଇଁ ନିର୍ଦ୍ଧାରିତ ହୋଇଥିବା ୧୫ଟି ବଡ଼ ଚିଡ଼ିଆଖାନା ମଧ୍ୟରେ ନନ୍ଦନକାନନକୁ ସାମିଲ କରାଯାଇଛି ବୋଲି କହିଥିଲେ। କେବଳ ଜୀବଜନ୍ତୁ ଓ ପର୍ଯ୍ୟଟକଙ୍କ ସୁବିଧା ନୁହେଁ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ମଧ୍ୟ କାର୍ଯ୍ୟ କରାଯିବ ବୋଲି କହିଥିଲେ।

ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶଶୀ ପଲ ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଥିଲେ, ନନ୍ଦନକାନନ ବିଶ୍ୱସ୍ତରୀୟ ଚିଡ଼ିଆଖାନା ହେବାକୁ ଥିବାବେଳେ ନୂଆ ପଶୁପକ୍ଷୀ ଆଣିବା ପାଇଁ ସିଙ୍ଗାପୁର, ଶ୍ରୀଲଙ୍କାର ଚିଡିଆଖାନା ସହ ଚୁକ୍ତିପତ୍ର ସରିଛି। ଏହାସହ ଏନକ୍ଲୋଜରଗୁଡିକୁ ମର୍ଡନ ଲୁକ୍ ଦେବା ପାଇଁ ଜର୍ମାନର ବର୍ଲିନ ଟିୟର ପାର୍କ କୁ ସହ ଚୁକ୍ତିପତ୍ର ହେବାକୁ ଯାଉଛି। ଏଥିପାଇଁ ରାଜ୍ୟ ସରକାର ଓ ସିଜେଡିଏ ଅନୁମୋଦନ କରିସାରିଛନ୍ତି। ଏଥିସହ କାଞ୍ଜିଆ ଓ କିଆଖଣି ହ୍ରଦର ମଧ୍ୟ ପୁନରୁଦ୍ଧାର କରାଯିବ ବୋଲି ଶଶୀ ପଲ କହିଥିଲେ। ଏହି ଅବସରରେ ପ୍ରଥମକରି ଏକ ବଜ୍ରକାପ୍ତାକୁ ପରୀକ୍ଷାମୂଳକ ଭାବେ ମୁକ୍ତରେ ବିଚରଣ ପାଇଁ ଛଡ଼ାଯାଇଥିଲା। ମହାରାଷ୍ଟ୍ର ପରେ ଓଡ଼ିଶାର ପ୍ରଥମ ଚିଡିଆଖାନା ଭାବେ ନନ୍ଦନକାନନ ୨୮ନଭେମ୍ବର ୨୦୨୧ ଗଜପତି ଜିଲା ପାରଳାଖେମୁଣ୍ଡି ବନ ବିଭାଗ ଦ୍ୱାରା ଜବତ ହୋଇ ଆସିଥିବା ୧୪କେଜି ଓଜନର ଏକ ଅଣ୍ଡିରା ବଜ୍ରକାପ୍ତାର ଶରୀରରେ ଭିଏଚ୍‌ଏଫ୍-ରେଡିଓ ଟ୍ରାନ୍ସମିଟର ଲଗାଯାଇ ଛଡ଼ାଯାଇଥିଲା। ଏହାଦ୍ୱାରା ତା'ର ଗତିବିଧିକୁ ପରଖାଯାଇପାରିବ। ଏହାସହ ମେଘା ଓ ନନ୍ଦନ, ବିଜୟା ଓ ସେଫ ଔରସରୁ ଜନ୍ମଗ୍ରହଣ କରିଥବା ୬ଟି ଶାବକର ନାମକରଣ କରାଯାଇଥିଲା। ବାଘୁଣୀ ମେଘାର ଛୁଆ ନାମ ସାହିନି, ଅଭୟ, ବିବେକ ରଖାଯାଇ ଥିବାବେଳେ ବାଘୁଣୀ ବିଜୟା ଛୁଆଙ୍କ ନାମ ବଂଶୀ, ରକି, ରାକେଶ ରଖାଯାଇଥିଲା। ପରେ ନନ୍ଦନକାନନର ବାର୍ଷିକ ପୁସ୍ତିକା କ୍ୟାଲେଣ୍ଡର ଉନ୍ମୋଚନ ସହ ବିଶେଷ ଅବଦାନ ଥିବା କେତେଜଣ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ନିର୍ଦ୍ଦେଶକ ଡ. ମନୋଜ ଭି ନାୟାର ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଉପନିର୍ଦ୍ଦେଶକ ଡ.ସଞ୍ଜିତ କୁମାର ଧନ୍ୟବାଦ ଦେଇଥିଲେ।




ପ୍ରତିଷ୍ଠା ଉତ୍ସବରେ ଅତିଥିମାନେ ନନ୍ଦନକାନନର ବାର୍ଷିକ କ୍ୟାଲେଣ୍ଡର ଉନ୍ମୋଚନ କରୁଛନ୍ତି।

**୬୨ତମ ପ୍ରତିଷ୍ଠା ଦିବସ**

- ସିଙ୍ଗାପୁର, ଶ୍ରୀଲଙ୍କାରୁ ଆସିବ ନୂଆ ପଶୁପକ୍ଷୀ
- ପ୍ରଥମଥର ବଜ୍ରକାପ୍ତାରେ ଲାଗିଲା ଭିଏଚ୍‌ଏଫ୍ ରେଡିଓ ଟ୍ରାନ୍ସମିଟର

## ପାହାଲ ଫାଣ୍ଡି ହେଲା ଥାନା

ବାଲିଅନ୍ତା,୨୯।୧୨(ଡି.ଏନ୍.ଏ.)

କମିଶନରେଟ ପୋଲିସ ଅଧୀନ ଭୁବନେଶ୍ୱର-କଟକ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ପାହାଲ ଫାଣ୍ଡି ବୁଧବାରଠାରୁ ନୂତନ ଥାନାରେ ପରିଣତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରୁ ଭର୍ଚୁଆଲ ମାଧ୍ୟମରେ ଏହାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନୂତନ ପାହାଲ ଥାନା ପରିସରରେ ଏକ ଉତ୍ସବ ହୋଇଥିଲା। ପାହାଲ ଆଖପାଖ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଲୋକପ୍ରତିନିଧି ଏଥିରେ ଉପସ୍ଥିତ ଥିଲେ। ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଏହି ନୂତନ ଥାନା ପରିଦର୍ଶନ କରିବା ସହ ଅଞ୍ଚଳବାସୀଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଏହା ନୂଆବର୍ଷ ଭେଟି ବୋଲି କହିଥିଲେ। ପରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏହି ଥାନା ପରିଦର୍ଶନକୁ ଆସିଥିଲେ। ଉତ୍ସବରେ ବାଲିଅନ୍ତା ଥାନା ଆଇଆଇସି ଯୁବରାଜ ସ୍ୱାଇଁ, ପାହାଲ ଥାନାଧିକାରୀ ଷ୍ଟାଲିନ ବିଶ୍ୱାଳ, ଜିଲା ପରିଷଦ ସଭ୍ୟା ଅରୁନ୍ଧତୀ ସାହୁ, ବଂଶୀଧର ଭୋଳ, ଯୁଧିଷ୍ଠିର ପରିଜା, ସରୋଜ ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ଥାନାରେ ପହଞ୍ଚିଲେ ଅପହୃତା ଛାତ୍ରୀ

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)

ବାଲିଅନ୍ତା ଥାନା ଅଞ୍ଚଳରେ ଏକ କଲେଜରେ ଯୁକ୍ତ୨ ପ୍ରଥମ ବର୍ଷରେ ପଢୁଥିବା ଜଣେ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ଘଟଣା ବୁଧବାର ନୂଆ ମୋଡ଼ ନେଇଛି। ଛାତ୍ରୀଜଣକ ଲକ୍ଷ୍ମୀସାଗର ଥାନାରେ ନିଜେ ଆସି ପହଞ୍ଚିବା ପରେ ତାଙ୍କୁ ଶହୀଦନଗର ପୋଲିସକୁ ହସ୍ତାନ୍ତର କରାଯାଇଛି। ତେବେ ସେ ନିଜେ ଥାନାକୁ ଆସିଲେ ନା ଆଉ କେହି ତାଙ୍କୁ ଛାଡ଼ି ଦେଇ ଗଲେ ତାହା ସ୍ପଷ୍ଟ ହୋଇପାରି ନାହିଁ। ତେବେ ଖବର ପ୍ରସାରଣ ପରେ ତାଙ୍କୁ ନେଇଥିବା ବ୍ୟକ୍ତି ଭୟରେ ଛାଡ଼ିଯାଇଥିବା ଚର୍ଚ୍ଚା ହେଉଛି। ଗୁରୁବାର ନାବାଳିକା ଛାତ୍ରୀଙ୍କ ସିଆର୍‌ପିସି ଦଫା ୧୬୪ରେ ମାଜିଷ୍ଟ୍ରେଟଙ୍କ ନିକଟରେ ବୟାନ ରେକର୍ଡ କରାଯିବ। ତାଙ୍କ ବୟାନ ଆଧାରରେ ଆଗାମୀ ପଦକ୍ଷେପ ନିଆଯିବ ବୋଲି ପୋଲିସ କହିଛି। ସୂଚନା ଅନୁଯାୟୀ, ଛାତ୍ରୀ ଜଣକ ଶୁକ୍ରବାର କଲେଜ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ପ୍ରଥମେ ଶହୀଦନଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ସୋମବାର କଲେଜ ଯାଇ ବୁଝିବାରୁ ତାଙ୍କ ଝିଅଙ୍କୁ ୪ ଜଣ ଏକ କାର୍‌ରେ ବସାଇ ନେଇଯାଇଥିବା ଜଣାପଡ଼ିଥିଲା। ଏହାପରେ ସେ ବାଲିଅନ୍ତା ଥାନାରେ ଜଣାଇବାରୁ ଯେଉଁଠି ପ୍ରଥମେ ଅଭିଯୋଗ କରିଛ ସେହିଠାକୁ ଯାଅ ବୋଲି କୁହାଯାଇଥିଲା। ତେବେ ଶହୀଦନଗର ପୋଲିସ ତାଙ୍କୁ ଆଜିକାଲି କହି ଦିନ ଗଡ଼ାଉଥିବାରୁ ମା'ବାପା ବୁଧବାର ଡିସିପିଙ୍କ ଦ୍ୱାରସ୍ଥ ହୋଇଥିଲେ।



ଚନ୍ଦକା ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ଗୋଡ଼ିବାରିଠାରେ ପର୍ଯ୍ୟଟକଙ୍କ ନିମନ୍ତେ ୪ଟି ଶୀତତାପ ନିୟନ୍ତ୍ରିତ ଜଙ୍ଗଲ ସଫାରି ଯାନକୁ ବୁଧବାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଲୋକାର୍ପିତ କରୁଛନ୍ତି।

## ଓଡ଼ିଶା କ୍ଷୁଦ୍ର ଶିଳ୍ପ ସଂଘର ବାର୍ଷିକ ଅଧିବେଶନ




କାର୍ଯ୍ୟକ୍ରମରେ ଉପସ୍ଥିତ ସଂଘ କର୍ମକର୍ତ୍ତା।

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)

ଓଡ଼ିଶା କ୍ଷୁଦ୍ର ଶିଳ୍ପ ସଂଘର ବାର୍ଷିକ ଅଧିବେଶନ ବୁଧବାର ସ୍ଥାନୀୟ ଅଜୟ ବିନୟ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘର ସମସ୍ତ ସଭ୍ୟ ଓ ଏହାର ଅନୁବନ୍ଧିତ ଜିଲା କ୍ଷୁଦ୍ର ଶିଳ୍ପ ସଂଘଗୁଡିକର ପ୍ରତିନିଧିମାନେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ଆସନ୍ତା ଦୁଇବର୍ଷ ପାଇଁ ନୂତନ କର୍ମକର୍ତ୍ତାମାନଙ୍କୁ ସଂଘର ସଭ୍ୟମାନେ ନିର୍ବାଚିତ କରିଥିଲେ। ସଂଘର ନୂତନ ସଭାପତି ଭାବେ ଦୀପକ କାଜଡିଆ ମନୋନୀତ ହୋଇଥିବା ବେଳେ ଉପସଭାପତି (ସାଧାରଣ) ସଞ୍ଜୟ କୁମାର ମହାପାତ୍ର, ଉପସଭାପତି (କେନ୍ଦ୍ରୀୟ) ଶରତ କୁମାର ପରିଡ଼ା, ଉପସଭାପତି (ପୂର୍ବାଞ୍ଚଳ) ସୁଶାନ୍ତ ମହାନ୍ତି, ଉପସଭାପତି (ପଶ୍ଚିମାଞ୍ଚଳ) ବିକାଶ ସୁଲତାନିଆ, ଉପସଭାପତି (ଉତ୍ତରାଞ୍ଚଳ) ବିବେକ ରାଜ ବାଜପେୟୀ, ଉପସଭାପତି (ଦକ୍ଷିଣାଞ୍ଚଳ) ଅମିୟ କୁମାର ମାହାଳିକ ନିର୍ବାଚିତ ହୋଇଛନ୍ତି। ସେହିଭଳି ସଂଘର ସମ୍ପାଦକ ଭାବେ ହିମାଂଶୁ ଶେଖର ମିଶ୍ର, ସହସମ୍ପାଦକ ଦୀପାଂଶୁ ଶେଖର ସାହୁ, କେଦାରନାଥ ଦାସ,ପ୍ରମୋଦ କୁମାର ଜୈନ, ହିତେଶ ଟାଙ୍କ, ନବକିଶୋର ସାହୁ, ସନ୍ଦୀପ ଅଗ୍ରୱାଲ ଏବଂ ସଂଘର କୋଷାଧ୍ୟକ୍ଷ ଭାବେ ସଞ୍ଜୟ କୁମାର ସ୍ୱାଇଁ ମନୋନୀତ ହୋଇଥିବା ସଂଘ ପକ୍ଷରୁ କୁହାଯାଇଛି। ପରିଶେଷରେ ସଂଘର ପୂର୍ବ କମିଟି ନୂତନ କମିଟିର କାର୍ଯ୍ୟକର୍ତ୍ତାଙ୍କୁ ନବବର୍ଷର ଅଭିନନ୍ଦନ ସହ ସଂଘର କାର୍ଯ୍ୟ ଓ ଦାୟିତ୍ୱକୁ ସୁଚାରୁ ରୂପେ ଆଗକୁ ନେବା ପାଇଁ ମତବ୍ୟକ୍ତ କରିଥିଲେ।

## ଚନ୍ଦକାରେ ୪ ଜଙ୍ଗଲ ସଫାରି ଯାନ ଲୋକାର୍ପିତ

ଭୁବନେଶ୍ୱର,(ବ୍ୟୁରୋ)/ ବାରଙ୍ଗ, ୨୯।୧୨(ଡି.ଏନ୍.ଏ.)

ଚନ୍ଦକା ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ଗୋଡ଼ିବାରିଠାରେ ପର୍ଯ୍ୟଟକଙ୍କ ନିମନ୍ତେ ୪ଟି ଶୀତତାପ ନିୟନ୍ତ୍ରିତ ଜଙ୍ଗଲ ସଫାରି ଯାନର ଶୁଭାରମ୍ଭ ହୋଇଛି। ବୁଧବାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏହି ସଫାରି ଯାନକୁ ଲୋକାର୍ପିତ କରି କହିଛନ୍ତି, ଗୋଡ଼ିବାରି, ଭରତପୁର ଏବଂ ଡେରାସକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଏହି ବ୍ୟବସ୍ଥା ଅଧିକ ଉପଯୋଗୀ ହେବ। ଆଗାମୀ ଦିନରେ ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ ଏହା ଆକର୍ଷିତ କରିବ । ପୂର୍ବରୁ ୮ ସିଟ୍ ବିଶିଷ୍ଟ ୫ଟି ଏବଂ ୧୨ ସିଟ୍ ବିଶିଷ୍ଟ ୪ଟି ଜଙ୍ଗଲ ସଫାରି ଯାନ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଉପଲବ୍ଧ ରହିଛି। ତେବେ ନୂଆ ୪ଟି ସଫାରି ଯାନ ମଧ୍ୟରୁ ୨ଟି ଗୋଡ଼ିବାରିଠାରେ ଓ ଅନ୍ୟ ୨ଟି ଭରତପୁର ସଂରକ୍ଷିତ ଜଙ୍ଗଲରେ ଦର୍ଶକଙ୍କ ପରିଭ୍ରମଣ ପାଇଁ ନିୟୋଜିତ ରହିବ। ଏଥିପାଇଁ ମୋଟ ୬୧ ଲକ୍ଷ ୭୮ ହଜାର ଟଙ୍କା ବ୍ୟୟ କରାଯାଇଛି। ୧୩ ସିଟ୍ ବିଶିଷ୍ଟ ଏହି ଯାନଗୁଡ଼ିକରେ ଦର୍ଶକମାନେ ଆରାମଦାୟକ ଭାବେ ବସି ସଫାରି ଭ୍ରମଣ କରିବାର ସୁବିଧା ରହିଛି। ପ୍ରତ୍ୟେକ ଯାନରେ ସ୍ୱତନ୍ତ୍ର ପର୍ଯ୍ୟଟକ ଗାଇଡ୍‌ର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏସବୁ ଯାନଗୁଡ଼ିକରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୧୫ ଜଣ ଯୁବକଙ୍କୁ ଡ୍ରାଇଭର ଏବଂ ପର୍ଯ୍ୟଟକ ଗାଇଡ୍ ଭାବେ ନିଯୁକ୍ତି ପ୍ରଦାନ କରାଯାଇ ସେମାନଙ୍କର ଜୀବନଜୀବିକାକୁ ସୁରକ୍ଷିତ କରାଯାଇପାରିଛି। ଅନ୍ୟପକ୍ଷରେ ପର୍ଯ୍ୟଟକଙ୍କ ପାଇଁ ଗୋଡ଼ିବାରିରେ ଥିବା ପ୍ରକୃତି ଶିବିରରେ ରାତ୍ରି ରହଣି, ମଧ୍ୟାହ୍ନ ଭୋଜନ, ଅଭୟାରଣ୍ୟ ସମ୍ପର୍କିତ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ ନିମନ୍ତେ ପ୍ରେକ୍ଷାଳୟ, ବନ୍ୟଜନ୍ତୁ ନିରୀକ୍ଷଣ କେନ୍ଦ୍ର ସହ ନେଚର ଟ୍ରେଲ୍ ଓ ସାଇକେଲ ଟ୍ରାକ୍‌ର ବ୍ୟବସ୍ଥା ରହିଛି। ପର୍ଯ୍ୟଟକମାନେ ecotourodisha.comରେ ଲଗ୍‌ଇନ୍ କରି ଗୋଡ଼ିବାରି ପ୍ରକୃତି ଶିବିର ପରିଦର୍ଶନ ନିମନ୍ତେ ଆଗୁଆ ସଂରକ୍ଷଣ କରିପାରିବେ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଶଶିପଲ୍, ମୁଖ୍ୟ ବନ ସଂରକ୍ଷକ ମନୋଜ ଭି. ନାୟାର, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ମନୋଜ ମହାପାତ୍ର, ବନ ସଂରକ୍ଷକ ସତ୍ୟନାରାୟଣ ବେହୁରା, ବନ ସଂରକ୍ଷକ ବିକାଶ ଦାସ, ଚନ୍ଦକା ବନଖଣ୍ଡ ଅଧିକାରୀ ମହମ୍ମଦ ଜମିଲ୍‌ଙ୍କ ସମେତ ଜଙ୍ଗଲ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ସଙ୍କୀର୍ତ୍ତନ କଳା ପ୍ରତି ସରକାର ଧ୍ୟାନ ଦିଅନ୍ତୁ

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)

ନିଖିଳ ସଙ୍କୀର୍ତ୍ତନ ମହାସଂଘର ରୌପ୍ୟ ଜୟନ୍ତୀ ଓ ଆଜାଦିକା ଅମୃତ ମହୋତ୍ସବ ବୁଧବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘ ପକ୍ଷରୁ କେତେକ ଦାବି ଉପସ୍ଥାପନ କରାଯାଇଥିଲା। ସରକାର ସମସ୍ତ ମହୋତ୍ସବକୁ ଧ୍ୟାନ ଦେଉଥିଲେ ହେଁ ସଙ୍କୀର୍ତ୍ତନ କଳାର ପ୍ରଚାର ପ୍ରସାର ପାଇଁ ଚେଷ୍ଟିତ ନୁହନ୍ତି ବୋଲି ସଂଘ ଅଭିଯୋଗ କରିଛି। ଏଥିସହ ସଂକୀର୍ତ୍ତନ କଳାର ସୁରକ୍ଷା ପ୍ରତି ସରକାର ଧ୍ୟାନ ଦିଅନ୍ତୁ ବୋଲି ମହାସଂଘ ପକ୍ଷରୁ ଦାବି କରାଯାଇଛି। ଝାଞ୍ଜ, ମୃଦଙ୍ଗ ରକ୍ଷଣାବେକ୍ଷଣ ପାଇଁ ବାର୍ଷିକ ଅନୁଦାନ, ପ୍ରତ୍ୟେକ ସଙ୍କୀର୍ତ୍ତନ ମଣ୍ଡଳୀକୁ ଲୋକକଳାମଣ୍ଡଳୀରେ ଗ୍ରହଣ କରାଯାଇ ସ୍ୱୟଂ ସହାୟକ ଗୋଷ୍ଠୀର ମାନ୍ୟତା, ସଙ୍କୀର୍ତ୍ତନକୁ 'ମା କଳା' ରୂପେ ଘୋଷଣା, ଲୋକକଳା ଉତ୍ସବଗୁଡ଼ିକରେ ସଙ୍କୀର୍ତ୍ତନକୁ ସ୍ଥାନ ଦିଆଯିବାକୁ ଦାବି ହୋଇଛି। ମୁଖ୍ୟ ଅତିଥି ମନ୍ତ୍ରୀ ଅରୁଣ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଡ. ଗଣେଶ୍ୱର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଅବନି କୁମାର ମିଶ୍ର, ବିଷ୍ଣୁ ଚରଣ ମହାନ୍ତି, ମଦନ ମୋହନ ଦାଶ, ସାଧୁ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ, ବ୍ରହ୍ମାନନ୍ଦ ସରସ୍ୱତୀ, ସତ୍ୟାନନ୍ଦ ସରସ୍ୱତୀ ଓ ରମାକାନ୍ତ ଦାସ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ଜିଲାରୁ ଆସିଥିବା ସଙ୍କୀର୍ତ୍ତନ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା।

## ଗଞ୍ଜେଇ, ନିଶା ଔଷଧ ଜବତ: ୩ ଗିରଫ

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)

ରାଜ୍ୟ ବାହାରକୁ ଚାଲାଣ ହେଉଥିବା ଗଞ୍ଜେଇ ଜବତ କ୍ଷେତ୍ରରେ ଅବକାରୀ ବିଭାଗକୁ ବଡ ସଫଳତା ମିଳିଛି। ଗଜପତି ଜିଲା ଅବକାରୀ ଟିମ୍ ମାଲବାଘାଟି ନିକଟରେ ମହାରାଷ୍ଟ୍ରକୁ ଚାଲାଣ ହେଉଥିବା ୯୫ଲକ୍ଷ ଟଙ୍କାର ୧୯ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ଆଲୋକ ରଞ୍ଜନ ସ୍ୱାଇଁଙ୍କୁ ଗିରଫ କରାଯାଇଛି । ସେହିପରି କଟକ ଅବକାରୀ ବିଭାଗ ବୁଧବାର ମଙ୍ଗୁଳି ଛକ ନିକଟରୁ ୭୨କିଲୋ ଗଞ୍ଜେଇ ଜବତ କରିଛି। ବ୍ୟବହୃତ ଟାଟା ଇଣ୍ଡିଗୋ କାର୍ ଜବତ ହେବାସହ ଏଥିରେ ସମ୍ପୃକ୍ତ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଅନ୍ୟଏକ ଘଟଣାରେ ନୂଆପଡ଼ା ଅବକାରୀ ବିଭାଗ ବୁଧବାର ବିପୁଳ ପରିମାଣରର ନିଶା ଔଷଧ ଜବତ କରିଛି। ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ୍ ଖରିଆରରୋଡ ନିକଟରୁ ଏହା ଜବତ କରିଛି। ଏଥିରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ତେବେ ଆଗାମୀ ଦିନରେ ନିଶା କାରବାର ବିରୋଧରେ ଅଭିଯାନକୁ ବ୍ୟାପକ କରାଯିବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

## ପରଂବ୍ରହ୍ମ ତ୍ରିପାଠୀଙ୍କ 'କିମାଶ୍ଚର୍ଯ୍ୟମ୍' ଲୋକାର୍ପିତ

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)

ଯୁବ ପ୍ରାବନ୍ଧିକ ପରଂବ୍ରହ୍ମ ତ୍ରିପାଠୀଙ୍କ ଚତୁର୍ଥ ପ୍ରବନ୍ଧ ସଂକଳନ 'କିମାଶ୍ଚର୍ଯ୍ୟମ୍' ବୁଧବାର ଲୋକାର୍ପିତ ହୋଇଯାଇଛି। ବର୍ଷା ପ୍ରକାଶନୀ ଦ୍ୱାରା ପ୍ରକାଶିତ ଏହି ପୁସ୍ତକର ଲୋକାର୍ପଣ ଅବସରରେ ସ୍ତମ୍ଭକାର ଡ. ଭଗବାନ ପ୍ରକାଶ, ଗାଳ୍ପିକ ଡ. ଅଜୟ ସ୍ୱାଇଁ, ଲେଖକ ଡ. ସୂର୍ଯ୍ୟସ୍ନାତ ତ୍ରିପାଠୀ, କଳା ସମୀକ୍ଷକ କେଦାର ମିଶ୍ର, ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଂଜନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁସ୍ତକ ସମ୍ପର୍କରେ କହିଥିଲେ। ଗଣତନ୍ତ୍ର, ସମାଜ ଓ ସାହିତ୍ୟ ବଞ୍ଚିବା ପାଇଁ ପ୍ରଶ୍ନ ପଚାରିବାର ପ୍ରବୃତ୍ତି ନିହାତି ଆବଶ୍ୟକ। ତେଣୁ ଏହି ପୁସ୍ତକ ଗତାନୁଗତିକତାରୁ ନିଶ୍ଚିତ ଭିନ୍ନ ବୋଲି ବିଶ୍ୱରଞ୍ଜନ କହିଥିଲେ। ପାଠକଙ୍କ ସ୍ନେହ ଓ ଶ୍ରଦ୍ଧାହିଁ ଏପରି ଲେଖାଟିଏ ଲେଖିବାକୁ ଅନୁପ୍ରାଣିତ କରିଥିବା ନେଇ ଲେଖକ ପରଂବ୍ରହ୍ମ ତ୍ରିପାଠୀ କହିଛନ୍ତି।



ପ୍ରଶାସକ ଗୁରୁପ୍ରସାଦ ମହାପାତ୍ରଙ୍କ ସ୍ମୃତିରେ ଏକ ୱେବ୍‌ସାଇଟ ଓ ଇ-ବୁକ୍‌କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ବୁଧବାର ଲୋକାର୍ପଣ କରିଛନ୍ତି।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ବୁଧବାର ନିଖିଳ ଉତ୍କଳ ସଂକୀର୍ତ୍ତନ ମହାସଂଘର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଜଗତ୍‌ସିଂହପୁର ବାଲିକୁଦାରୁ ଆସିଥିବା ଦଳ ସଂକୀର୍ତ୍ତନ ପରିବେଷଣ କରୁଛନ୍ତି।




ଭୁବନେଶ୍ୱର ସୂଚନା ଭବନରେ ବୁଧବାର ଆୟୋଜିତ ଏକ ସାରସ୍ୱତ ସମାରୋହରେ ଅତିଥିମାନେ ଡ. କାଶୀନାଥ ନାୟକଙ୍କ ଆତ୍ମଜୀବନୀ 'ମାଇଁ ସେଲ୍ଫ ଆଣ୍ଡ ଦି ୱାର୍ଲଡ' ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

# ଓଡ଼ିଆ ଖେଳାଳିଙ୍କ ଚମକ

ଭୁବନେଶ୍ୱର, ୨୯।୧୨
(କ୍ରୀଡ଼ା ପ୍ରତିନିଧି)



(ବାମରୁ) ନିଶାନ ଜ୍ୟୋତି ମହାନ୍ତି, ମାଥିଆସ ମିଞ୍ଜ୍, ସୁମନ କୁଜୁର, ରୋଶନ ମିଞ୍ଜ୍, ବୀରେନ୍ଦ୍ର ଲାକ୍ରା, ଅମିତ ରୋହିଦାସ, ବନମାଳୀ ଖେସ୍ ଓ ସୁମନ୍ ବେକ୍।

ହକି ଇଣ୍ଡିଆ ପକ୍ଷରୁ ଆୟୋଜିତ ସର୍ବପ୍ରଥମ ସିନିୟର ପୁରୁଷ ଆନ୍ତଃ ବିଭାଗୀୟ ଜାତୀୟ ହକି ଟୁର୍ନାମେଣ୍ଟରେ ଓଡ଼ିଆ ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ବେଙ୍ଗାଲୁରୁରେ ଡିସେମ୍ବର ୧୮ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରତିଯୋଗିତାରେ ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ପିଏସ୍‌ପିବି) ଚାମ୍ପିୟନ ଏବଂ ରେଲୱେ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ଆରଏସ୍‌ପିବି) ରନର୍ସଅପ୍ ହୋଇଛି। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ୍ (ପିଏନ୍‌ବି) ତୃତୀୟ ସ୍ଥାନ ହାସଲ କରିଛି। ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳର ଅନ୍ୟତମ ସଦସ୍ୟ ଓଡ଼ିଶାର ବୀରେନ୍ଦ୍ର ଲାକ୍ରା ପିଏସ୍‌ପିବି ଦଳର ଅଧିନାୟକ ଥିଲେ। ଅନ୍ୟତମ ଓଡ଼ିଆ ଅନ୍ତର୍ଜାତୀୟ ଖେଳାଳି ରୋଶନ ମିଞ୍ଜ ମଧ୍ୟ ଏହି ଦଳରୁ ଖେଳୁଥିଲେ। ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲରେ ପିଏସ୍‌ପିବି ୨-୧ ଗୋଲରେ ଆରଏସ୍‌ପିବିକୁ ପରାସ୍ତ କରିଥିଲା। ଆରଏସ୍‌ପିବି ପକ୍ଷରୁ ଓଡ଼ିଶାର ଅଲିମ୍ପିକ୍ସ ବ୍ରୋଞ୍ଜ୍ ମେଡାଲିଷ୍ଟ ଅମିତ ରୋହିଦାସ, ଅନ୍ତର୍ଜାତୀୟ ଖେଳାଳି ସୁମନ ବେକ୍ ଏବଂ ସୁମନ କୁଜୁର ପ୍ରତିନିଧିତ୍ୱ କରୁଥିଲେ। ସେହିପରି ବ୍ରୋଞ୍ଜ ପଦକ ପାଇଁ ଅନୁଷ୍ଠିତ ମ୍ୟାଚରେ ପିଏନ୍‌ବି ୬-୨ ଗୋଲ୍‌ରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆକୁ ପରାସ୍ତ କରିଥିଲା। ଓଡ଼ିଶାର ବନମାଳୀ ଖେସ୍ ପିଏନ୍‌ବି ପକ୍ଷରୁ ଖେଳୁଥିଲେ ଏବଂ ଦଳର ମ୍ୟାନେଜର ଥିଲେ ମାଥିଆସ ମିଞ୍ଜ୍। ଏହି ମ୍ୟାଚ ପାଇଁ ହକି ଇଣ୍ଡିଆ ପକ୍ଷରୁ ନିଶାନ ଜ୍ୟୋତି ମହାନ୍ତିଙ୍କୁ ଟେକ୍ନିକାଲ ଅଫିସିଆଲର ଗୁରୁଦାୟିତ୍ୱ ପ୍ରଦାନ କରାଯାଇଥିଲା।

ଫାଇନାଲର ୨୩ତମ ମିନିଟରେ ପିଏସ୍‌ପିବିର ଦିବାକର ରାମ୍ ପେନାଲ୍ଟି କର୍ନରରୁ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଆରଏସ୍‌ପିବିର ନୀଳକାନ୍ତ ଶର୍ମା ୪୩ତମ ମିନିଟରେ ଗୋଲଟି ପରିଶୋଧ କରି ଦେଇଥିଲେ। ମାତ୍ର ୫୬ତମ ମିନିଟରେ ଆରଏସ୍‌ପିବି ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ପିଏସ୍‌ପିବିକୁ ପେନାଲ୍ଟି ଷ୍ଟ୍ରୋକ୍ ସୁଯୋଗ ମିଳିଥିଲା। ସୁନୀଲ ଯାଦବ ଏହାକୁ ଗୋଲରେ ପରିଣତ କରି ଦଳକୁ ବିଜୟୀ କରାଇଥିଲେ। ସେହିପରି ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ୍ ପକ୍ଷରୁ ସତେନ୍ଦର କୁମାର ୧ମ ଓ ୫୦ତମ, ଅଭିଷେକ ୧୦ମ ଓ ୪୯ତମ ଏବଂ ସୁଖଜିତ ସିଂ ୪୦ ଓ ୪୭ତମ ମିନିଟରେ ୨ଟି ଲେଖାଏ ଗୋଲ ଦେଇଥିଲେ। ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆର ରିମାଂଶୁ ୩ୟ ଓ ୨୦ତମ ମିନିଟରେ ୨ଟି ଗୋଲ ପରିଶୋଧ କରିଥିଲେ।

**ଆନ୍ତଃ ବିଭାଗୀୟ ଜାତୀୟ ହକି**

- ପିଏସ୍‌ପିବି ଚାମ୍ପିୟନ, ଆରଏସ୍‌ପିବି ରନର୍ସଅପ୍, ପିଏନ୍‌ବିକୁ ତୃତୀୟ ସ୍ଥାନ
- ବୀରେନ୍ଦ୍ର ଲାକ୍ରା, ରୋଶନ ମିଞ୍ଜ୍ ସ୍ୱର୍ଣ୍ଣ, ଅମିତ ରୋହିଦାସ, ସୁମନ ବେକ୍, ସୁମନ କୁଜୁରଙ୍କୁ ରୌପ୍ୟ, ବନମାଳୀ ଖେସ୍‌ଙ୍କୁ ବ୍ରୋଞ୍ଜ
- ମାଥିଆସ ମ୍ୟାନେଜର, ନିଶାନ ହକି ଇଣ୍ଡିଆ ଟେକ୍ନିକାଲ ଅଫିସିଆଲ

## ରଣଜୀ ଟ୍ରଫି: ପୃଥ୍ୱୀ ମୁମ୍ବାଇ ଅଧିନାୟକ

**ମୁମ୍ବାଇ, ୨୯।୧୨:** ଆଗାମୀ ରଣଜୀ ସିଜନ ପାଇଁ ୨୦ ଜଣିଆ ମୁମ୍ବାଇ ଦଳ ବୁଧବାର ଘୋଷଣା କରାଯାଇଛି। ମୁମ୍ବାଇ ଦଳର ନେତୃତ୍ୱ ନେବେ ଯୁବ ଓପନର ପୃଥ୍ୱୀ ଶ'। ସେ ପ୍ରଥମ ଦୁଇଟି ମ୍ୟାଚ୍‌ରେ ନେତୃତ୍ୱ ନେବେ। **ମୁମ୍ବାଇ ଦଳ:** ପୃଥ୍ୱୀ ଶ (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଆକର୍ଷିତ ଗୋମେଲ, ଅର୍ମାନ ଜାଫର, ସର୍ଫରାଜ ଖାଁ, ସଚିନ ଯାଦବ, ଆଦିତ୍ୟ ତାରେ (ଉଇକେଟକିପର), ହାର୍ଦ୍ଦିକ ତାମୋର (ଉଇକେଟକିପର), ଶିବମ ଦୁବେ, ଅମନ ଖାଁ, ଶାମ୍ସ ମୁଲାନ, ତନୁଶ କୋଟିଆନ, ପ୍ରଶାନ୍ତ ସୋଲାଙ୍କି, ଶଶାଙ୍କ ଅତାର୍ଡେ, ଧବଲ କୁଲକର୍ଣ୍ଣୀ, ମୋହିତ ଅବସ୍ଥି, ପ୍ରିନ୍ସ ବଡିଆନି, ସିଦ୍ଧାର୍ଥ ରାଉତ, ରଏଷ୍ଟାନ ଡାଏସ୍ ଓ ଅର୍ଜୁନ ତେନ୍ଦୁଲକର।

# ଭାରତର କ୍ଲିନ୍ ସୁଇପ୍



ବାଂଲାଦେଶ ବିପକ୍ଷରେ ସିରିଜ ବିଜୟୀ ଭାରତୀୟ ଦୃଷ୍ଟିହୀନ କ୍ରିକେଟ ଦଳ ଅତିଥିଙ୍କ ସହ।

ଭୁବନେଶ୍ୱର, ୨୯।୧୨
(କ୍ରୀଡ଼ା ପ୍ରତିନିଧି)

ଭୋପାଳରେ ଅନୁଷ୍ଠିତ ବାଂଲାଦେଶ ବିପକ୍ଷ ଦୃଷ୍ଟିହୀନ ଦିନିକିଆ କ୍ରିକେଟ ସିରିଜରେ ଭାରତ କ୍ଲିନ୍ ସୁଇପ୍ କରିଛି। ବୁଧବାର ଅନୁଷ୍ଠିତ ମ୍ୟାଚରେ ଭାରତ ବିଜୟୀ ହେବାସହ ସିରିଜକୁ ୩-୦ରେ ଜିତିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୪୦ ଓଭରରେ ୫ ଉଇକେଟ ହରାଇ ୪୬୬ ରନ କରିଥିଲା। ଦଳ ପକ୍ଷରୁ ଓପନର ଦୁର୍ଗା ରାଓ ୧୧୩ ବଲ୍‌ରୁ ୧୭୩ ଓ ଅଧିନାୟକ ସୁନୀଲ ରମେଶ ୭୬ ବଲ୍‌ରୁ ୧୭୭ ରନ ସ୍କୋର କରିଥିଲେ। ଜବାବରେ ବାଂଲାଦେଶ ମହମ୍ମଦ ଅବଦୁଲ ମାଲେକଙ୍କ ୧୩୮ ଓ ଅରିଫ ଉଲାଙ୍କ ୪୭ ରନ ସତ୍ତ୍ୱେ ୧୭୭ ରନରେ ପରାଜିତ ହୋଇଥିଲା। ଦୁର୍ଗା ରାଓ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଉଦ୍‌ଯାପନୀ ଉତ୍ସବରେ କ୍ରିକେଟ ଆସୋସିଏଶନ ଫର୍ ଦି ବ୍ଲାଇଣ୍ଡ ଇନ୍ ଇଣ୍ଡିଆ (ସିଏବିଆଇ) ସଭାପତି ମହନ୍ତେଶ ଜି.କେ. ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

**ଦିନିକିଆ ଦୃଷ୍ଟିହୀନ କ୍ରିକେଟ**

## ପ୍ରଗତି ସ୍ପୋର୍ଟିଂ ବିଜୟୀ



ଅସୀମ ବାରାଦ ପୁରସ୍କୃତ ହେଉଛନ୍ତି।

**ଭୁବନେଶ୍ୱର, ୨୯।୧୨ (କ୍ରୀଡ଼ା ପ୍ରତିନିଧି):** ପାରାମାଉଣ୍ଟ ପଡ଼ିଆରେ ଚାଲିଥିବା ୧୩ ବର୍ଷରୁ କମ୍ ସିଦ୍ଧାନ୍ତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ମ୍ୟାଚରେ ପ୍ରଗତି ସ୍ପୋର୍ଟିଂ ୯୫ ରନରେ ଓସ୍କାର ସ୍ପୋର୍ଟିଂକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ପ୍ରଗତି ଆଦିତ୍ୟ ଷଡ଼ଙ୍ଗୀଙ୍କ ୮୪ ଓ ଅସୀମ ବାରାଦଙ୍କ ୫୮ ରନ ସହାୟତାରେ ୩୫ ଓଭରରେ ୫ ଉଇକେଟ ହରାଇ ୨୨୩ ରନ ସ୍କୋର କରିଥିଲା। ୨୨୪ ରନ ବିଜୟ ଲକ୍ଷ୍ୟନେଇ ଓସ୍କାର ସ୍ପୋର୍ଟିଂ ପୂରା ୩୫ ଓଭର ଖେଳିଥିଲେ ହେଁ ୬ ଉଇକେଟ ବିନିମୟରେ ୧୩୦ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଆୟନ ନାୟକ ୩୬ ଓ ଇସାନ ମହାପାତ୍ର ୩୨ ରନରେ ଅପରାଜିତ ରହିଥିଲେ। ପ୍ରଗତି ପକ୍ଷରୁ ଅସୀମ ବାରାଦ ୪ଟି ଉଇକେଟ ନେଇଥିଲେ। ଅସୀମ ବାରାଦ ମ୍ୟାନ୍ ଅଫ୍ ଦି ମ୍ୟାଚ ଏବଂ ଆୟନ ନାୟକ ଶ୍ରେଷ୍ଠ ଫିଲ୍ଡର ପୁରସ୍କାର ପାଇଥିଲେ। ପାରାମାଉଣ୍ଟ ସ୍ପୋର୍ଟିଂ କୋଷାଧ୍ୟକ୍ଷ ସଞ୍ଜିବ ରଥ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।






## ପୂର୍ବତନ ଟିଟି ଖେଳାଳି ଓ କୋଚ୍‌ଙ୍କ ପରଲୋକ



**ଭୁବନେଶ୍ୱର, ୨୯।୧୨ (କ୍ରୀଡ଼ା ପ୍ରତିନିଧି):** ରାଜ୍ୟର ପୂର୍ବତନ ଟେବୁଲ ଟେନିସ ଖେଳାଳି ଓ କୋଚ୍ ଗୌରୀ ଚରଣ ବୋଷଙ୍କର ବୁଧବାର ହୃଦ୍‌ଘାତରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ହୋଇଥିଲା। ମୃତ୍ୟୁ ଖବର ଜାଣିବାପରେ ବହୁ ଛାତ୍ର, କ୍ରୀଡ଼ା ପ୍ରଶାସକ ଓ କ୍ରୀଡ଼ାପ୍ରେମୀ ତାଙ୍କ କଟକସ୍ଥିତ ଆଲାମ ଚାନ୍ଦ ବଜାର ବାସଭବନକୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଖାନ୍‌ନଗର ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଝିଅ ପୂଜା ବୋଷ ମୁଖାଗ୍ନି ଦେଇଥିଲେ। ରାଜ୍ୟସ୍ତରୀୟ ଟେବୁଲ ଟେନିସରେ ଅନେକଥର ଚାମ୍ପିୟନ ହୋଇଥିବା ଗୌରୀ ଚରଣ ଏକାଧିକଥର ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିଲେ। ଖେଳ ଜୀବନରୁ ଅବସର ନେବାପରେ ସେ ଜଣେ ପ୍ରତିଷ୍ଠିତ କୋଚ୍‌ଭାବେ ପରିଚିତ ଥିଲେ। ତାଙ୍କର ଅନେକ ଛାତ୍ର ରାଜ୍ୟସ୍ତରରେ ଚାମ୍ପିୟନ ହେବା ସହ ଜାତୀୟ ସ୍ତରରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଛନ୍ତି। ତାଙ୍କ ପରଲୋକରେ ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି।

# ଶ୍ରେୟାଂସଙ୍କୁ ଓଡ଼ିଶାର ନେତୃତ୍ୱ

**ବିଜୟ ମର୍ଚ୍ଚାଣ୍ଟ ଟ୍ରଫି**

**ଭୁବନେଶ୍ୱର,୨୯।୧୨:** ଜାନୁୟାରୀ ୯ ତାରିଖରୁ ଗୁଆହାଟୀରେ ଆରମ୍ଭ ହେବାକୁ ଥିବା ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ପାଇଁ ଏକ ୧୮ ଜଣିଆ ୧୬ ବର୍ଷରୁ କମ୍ ଦଳ ଘୋଷଣା କରାଯାଇଛି। ଶ୍ରେୟାଂଶ ଭରଦ୍ୱାଜ ଦଳର ଅଧିନାୟକ ଓ କରନ ମହାପାତ୍ର ଉପ- ଅଧିନାୟକ ନିଯୁକ୍ତ ହୋଇଛନ୍ତି। ୯ ତାରିଖରେ ଓଡ଼ିଶା ଆସାମ, ୧୨ରେ ବେଙ୍ଗଲ, ୧୫ରେ ଝାଡଖଣ୍ଡ ଓ ୨୧ରେ ତ୍ରିପୁରାକୁ ଭେଟିବ। **ଘୋଷିତ ଦଳ:** ଶ୍ରେୟାଂସ ଭରଦ୍ୱାଜ (ଅଧିନାୟକ), କରନ ମହାପାତ୍ର (ଉପ- ଅଧିନାୟକ), ଆୟୁଷ ସୂତାର, ସୌରଭ କୁଣ୍ଡୁ, ଆକାଶ ମହାପାତ୍ର, ମୃତ୍ୟୁଞ୍ଜୟ ମହାପାତ୍ର, ଅଭିଷେକ ମହାନ୍ତି, ସାର୍ଥକ ସ୍ୱୟଂ ପ୍ରକାଶ, କ୍ରିଶ ସିଂ, ରତି ରଞ୍ଜନ ବାରିକ, ପିୟୂଷ ମନ୍ତ୍ରୀ, ପ୍ରତୀକ ସ୍ୱାଇଁ, ସୁମିତ ମିଶ୍ର, ପ୍ରୟାସ ପଟ୍ଟନାୟକ, ଶ୍ରୀରାଜ ପଟ୍ଟନାୟକ, କ୍ରିଷ୍ଣା ମହାନ୍ତି, ଦେବଜ୍ୟୋତି ପଟ୍ଟନାୟକ, ମହମ୍ମଦ ଫିଜାନ, ପୀୟୂଷ ପାଣିଗ୍ରାହୀ ଓ ଚିରଞ୍ଜୀବୀ ବେହେରା।

# ଜୁଭେନାଇଲ ସ୍ପୋର୍ଟିଂ ଫାଇନାଲରେ

**କାକଟପୁର, ୨୯।୧୨(ଡି.ଏନ୍.ଏ)**



ସତ୍ୟପ୍ରକାଶ ତ୍ରିପାଠୀଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

୩୨ତମ ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ବୁଧବାର କ୍ରାଉନ ସ୍ପୋର୍ଟିଂ ଭୁବନେଶ୍ୱର ଏବଂ ଜୁଭେନାଇଲ ସ୍ପୋର୍ଟିଂ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ରାଉନ ସ୍ପୋର୍ଟିଂକୁ ହରାଇ ଜୁଭେନାଇଲ ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ କ୍ରାଉନ ସ୍ପୋର୍ଟିଂ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୧୬ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅନ୍ୱେଷ ଦାସ ୩୨ ଓ ନିଲୁ ପ୍ରଧାନ ୨୩ରନ୍ କରିଥିଲେ। ଜୁଭେନାଇଲ ପକ୍ଷରୁ ବୋଲିଂ କରି ମହମ୍ମଦ ସାହିଲ ରାଜା ୫ ଓଭରରେ ୨୦ରନ୍ ଦେଇ ୩ଟି ଏବଂ ସୂର୍ଯ୍ୟନାରାୟଣ ୪ଓଭରରେ ୩୨ରନ୍ ଦେଇ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ୧୧୭ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଜୁଭେନାଇଲ୍ ସ୍ପୋର୍ଟିଂ କଟକ ଟିମ୍ ଶେଷ ଓଭରର ପ୍ରଥମ ବଲରେ ଚୌକା ମାରି ବିଜୟ ହାସଲ କରିଥିଲା। ଦଳ ପକ୍ଷରୁ ସତ୍ୟପ୍ରକାଶ ତ୍ରିପାଠୀ ୨୭ ବଲ୍ ଖେଳି ୨୫ ରନ୍, ସିଦ୍ଧାର୍ଥ ନାୟକ ୨୧ ବଲ୍ ଖେଳି ୨୪ରନ୍ ସଂଗ୍ରହ କରିଥିଲେ। କ୍ରାଉନ୍ ସ୍ପୋର୍ଟିଂ ପକ୍ଷରୁ ବୋଲିଂ କରି ସୂର୍ଯ୍ୟକାନ୍ତ ସାମଲ ୫ ଓଭରରେ ୧୭ରନ୍ ଦେଇ ୨ଟି, ନିଲୁ ପ୍ରଧାନ ୫ ଓଭରରେ ୧୮ରନ୍ ବିନିମୟରେ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ଉନ୍ନତ ପ୍ରଦର୍ଶନ ପାଇଁ ଜୁଭେନାଇଲ ସ୍ପୋର୍ଟିଂର ସତ୍ୟପ୍ରକାଶ ତ୍ରିପାଠୀଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଅତିଥି ଭାବେ କାକଟପୁର ପ୍ରେସ୍ କ୍ଲବର ସଭାପତି କମଳ ଲୋଚନ ଦୀକ୍ଷିତ୍, ବିଜେଡି ଯୁବନେତା ମାନସ କୁମାର ଦୀକ୍ଷିତ୍, ବ୍ରାଣ୍ଡ ଫ୍ୟାକ୍ଟ୍ରି ସ୍ୱତ୍ୱାଧିକାରୀ ପ୍ୟାର୍ ମହମ୍ମଦ ଏବଂ ଖବରଦାତା ଆଦିତ୍ୟ ରାଉତ ଯୋଗଦେଇଥିଲେ। ଅମ୍ପାୟର ଭାବେ ଅୟେଶକାନ୍ତ ଓ ନିର୍ମଳ କୁମାର ମିଶ୍ର ମ୍ୟାଚ ପରିଚାଳନା କରିଥିଲେ। ଭାଗବତ ସ୍ୱାଇଁ, ପ୍ରଦୀପ ପଣ୍ଡା, ପ୍ରଦୀପ୍ତ ଦୀକ୍ଷିତ୍ ଧାରା ବିବରଣୀ ଦେଇଥିଲେ। କୁମାର ବାବୁ, ରାକେଶ ଦୀକ୍ଷିତ୍, ଜ୍ୟୋତି ପ୍ରକାଶ, ତ୍ରିଲୋଚନ, ଏସ୍.ଲିକୁନ, କାହ୍ନା ପଣ୍ଡା, ରୋହନ ଦୀକ୍ଷିତ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଗୁରୁବାର ୨ୟ ସେମିଫାଇନାଲ ରାମେଶ୍ୱର ସ୍ପୋର୍ଟିଂ ଓ ହିନ୍ଦୁସ୍ଥାନ ସ୍ପୋର୍ଟିଂ ମଧ୍ୟରେ ହେବ।

# ଜାତୀୟ ଗ୍ରାପ୍‌ଲିଂରେ ଓଡ଼ିଶାକୁ ୨ ସ୍ୱର୍ଣ୍ଣ ସହ ୬ ପଦକ



ଜାତୀୟ ଗ୍ରାପ୍‌ଲିଂରେ ପଦକ ହାସଲ କରିଥିବା ଓଡ଼ିଶା ପ୍ରତିଯୋଗୀ।

**ଭୁବନେଶ୍ୱର, ୨୯।୧୨ (କ୍ରୀଡ଼ା ପ୍ରତିନିଧି):** ମହାରାଷ୍ଟ୍ର ଅହମଦନଗର ଜିଲାସ୍ଥିତ ଆତ୍ମା ମଲିକ ସ୍ପୋର୍ଟ୍ସ ଆଣ୍ଡ ଏଜୁକେଶନ କମ୍ପ୍ଲେକ୍ସରେ ଅନୁଷ୍ଠିତ ୧୪ତମ ଜାତୀୟ ଗ୍ରାପ୍‌ଲିଂ ପ୍ରତିଯୋଗିତାରେ ଓଡ଼ିଶା ୨ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ହାସଲ କରିଛି। ରାଜ୍ୟରୁ ମୋଟ ୬ ଜଣ ଏଥିରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ପ୍ରତିଯୋଗୀଙ୍କ ମଧ୍ୟରେ ପ୍ରଶାନ୍ତ କୁମାର ବେହେରା ୬୬ କେଜି ଜୁନିୟର ଗି ଏବଂ ନୋ-ଗି ବିଭାଗରେ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସିଦ୍ଧାର୍ଥ ଶଙ୍କର ମହାନ୍ତି ୫୮ କେଜି ଗି ଜୁନିୟର ବିଭାଗ, ସନ୍ତୋଷ ସିଂ ୭୧ କେଜି ନୋ-ଗି ସିନିୟର ବର୍ଗ ଏବଂ କ୍ରିଷ୍ଣାଶିଷ ମହାନ୍ତି ୮୪ କେଜି ନୋ-ଗି ସିନିୟର ବିଭାଗରେ ଗୋଟିଏ ଲେଖାଏ ରୌପ୍ୟ ପଦକ ଜିତିଛନ୍ତି। ଯୁବ ବର୍ଗରେ ଅଂଶଗ୍ରହଣ କରିଥିବା ତନେଶ ପୁନୀତ ଲେଙ୍କା ୬୩ କେଜି ନୋ-ଗି ବିଭାଗରେ ଗୋଟିଏ ବ୍ରୋଞ୍ଜ ପଦକ ପାଇଛନ୍ତି। ଓଡ଼ିଶା ଗ୍ରାପ୍‌ଲିଂ ଆସୋସିଏଶନ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ଓ ଅନ୍ୟ କର୍ମକର୍ତ୍ତାମାନେ କୃତୀ ଗ୍ରାପ୍‌ଲରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

**ସଖା ସଂଘ କ୍ରୀଡ଼ା ସଂସଦ ଗୃହ ଉଦ୍‌ଘାଟନ**

ନିରାକାରପୁର,(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ଥିବା ସଖା ସଂଘ କ୍ରୀଡ଼ା ସଂସଦ ଗୃହ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବିପିନ କୁମାର ଜୟସିଂହ ପୌରୋହିତ୍ୟ କରିଥିବା ବେଳେ ରାଜ୍ୟ ସଭା ସଦସ୍ୟ ଜନାବ ମୁଜିବୁଲ୍ଲା ଖାଁ(ମୁନା ଖାଁ) ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ସଂସଦ ଗୃହର ଉଦ୍‌ଘାଟନ କରିଥିଲେ। ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ରାମଚନ୍ଦ୍ର ମହାପାତ୍ର, ଅନୁଷ୍ଠାନର ଉପଦେଷ୍ଟା ରବୀନ୍ଦ୍ର ରାଉତରାୟ ଓ ନେତା ପଦ୍ମନାଭ ରାୟ, ଶିକ୍ଷାବିତ୍ ରାଜକିଶୋର ଦାସ, ଅନୁଷ୍ଠାନର ସମ୍ପାଦକ ଭାଗୀରଥି ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମନୋଜ ପ୍ରଧାନ, ଶିକ୍ଷାବିତ୍ କମଳଲୋଚନ ପ୍ରଧାନ ସାମିଲ ଥିଲେ।

## ସଂକ୍ଷେପରେ

### ନିମ୍ବଗଛରୁ ବାହାରୁଛି କ୍ଷୀର



**ଖୋର୍ଦ୍ଧା ଅଫିସ,୨୯।୧୨:** ସାଧାରଣତଃ ନିମ୍ବଗଛରୁ ଔଷଧୀୟ ନିମ୍ବପତ୍ର ବାହାରିଥାଏ। ଯାହା ମଣିଷର ଅନେକ କାମରେ ଲାଗିଥାଏ। ହେଲେ ନିମ୍ବଗଛରୁ ନିମ୍ବପତ୍ର ସହ ଅନବରତ କ୍ଷୀର ମଧ୍ୟ ଝରିବାରେ ଲାଗିଛି। ଗଛ ଉପରୁ ତଳ ପର୍ଯ୍ୟନ୍ତ ଧାର ଧାର ହୋଇ ଲମ୍ବିଚାଲିଛି କ୍ଷୀର। ଏହି ଦୃଶ୍ୟ ଅବିଶ୍ୱାସ ଲାଗିଲେ ବି ଘଟଣାଟି ସତ। ଏଭଳି ଘଟଣା ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅନ୍ତର୍ଗତ ବରକୁଳ ପଞ୍ଚାୟତ ଖଡିକାପଲ୍ଲୀ ଗାଁର ସୁବାସ ନାୟକଙ୍କ ଘରକଡରେ ଥିବା ଏକ ନିମ୍ବ ଗଛରେ। ଯାହାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳର ଲୋକଙ୍କ ଭିଡ଼ ଜମୁଛି। ନିମ୍ବଗଛର ଚେରଠାରୁ ଆରମ୍ଭ କରି ପତ୍ର ପର୍ଯ୍ୟନ୍ତ ସବୁ ପିତା ହୋଇଥିବା ବେଳେ ଏଥିରୁ ଅହରହ ବାହାରୁଥିବା କ୍ଷୀର ସଦୃଶ ପାଣି ମିଠା ଲାଗିବା ଏବେ ଅଞ୍ଚଳବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହା ଏକପ୍ରକାର ଠାକୁରଙ୍କ ଲୀଳା ଏବଂ କୌଣସି ଠାକୁରଙ୍କ ଆବିର୍ଭାବ ହୋଇଛି ବୋଲି ବିଶ୍ୱାସରେ ଗ୍ରାମବାସୀ ଗଛ ମୂଳରେ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଛି। ନିମ୍ବଗଛରୁ ଝରୁଥିବା କ୍ଷୀର ସଦୃଶ ଜଳକୁ ପାଦୁକା ଭାବି ଗ୍ରହଣ କରି ଲୋକେ ପୂଜାର୍ଚ୍ଚନା ଆରମ୍ଭ କରିଛନ୍ତି।

### ଅପପୁଷ୍ଟି ନିରାକରଣ ନିମନ୍ତେ ବେବିଫୁଡ୍ ଆବଶ୍ୟକ

**ବୋଲଗଡ,୨୯।୧୨(ଡି.ଏନ୍.ଏ):** ରାଜସୁନାଖଳା ନିକଟସ୍ଥ ବିନୋଦପଡା ଛକସ୍ଥିତ ସାଇଟ୍ରଷ୍ଟ ଓଡ଼ିଶାର ଶିଶୁ ଖାଦ୍ୟ ବେବିଫୁଡ୍ ପ୍ରକଳ୍ପ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶାର ୫ ଜିଲା ଯଥା ସୁନ୍ଦରଗଡ଼, ଯାଜପୁର, କେନ୍ଦୁଝର, କେନ୍ଦ୍ରାପଡ଼ା, ସୋନପୁର ଆଦିରେ ଶିଶୁ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ମୁଖ୍ୟ ଅତିଥିଭାବେ ସାଇଟ୍ରଷ୍ଟ ଓଡ଼ିଶାର ମ୍ୟାନେଜିଂ ଡିରେକ୍ଟର ଦୀପକ ବରାଡ ଓ ସହଯୋଗୀ ଅଞ୍ଜଳି ବରାଡ଼ ଯୋଗଦେଇଥିଲେ। ସଭାରେ ଜିଲାଗୁଡିକର ଜିଲା ସଂଯୋଜକ ଓ ସହ ସଂଯୋଜକମାନେ ଅପପୁଷ୍ଟି ନିମନ୍ତେ ବେବିଫୁଡ୍ ପ୍ରକଳ୍ପର ଆବଶ୍ୟକ ନେଇ ଆଲୋଚନା କରିଥିଲେ। ବିଭିନ୍ନ ଜିଲାରୁ ଆସିଥିବା କଳାକାରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ବିଜୟ ଗୁମାନସିଂହ, ଲକ୍ଷ୍ମୀଧର ବଳିଆରସିଂହ, ସିଇଓ ବଲ୍ଲଭ ପ୍ରଧାନ, ବଜେଟ ଏକଜିକ୍ୟୁଟିଭ୍ ତପନ ପ୍ରଧାନ, ଡାଇରେକ୍ଟର ବ୍ଲକ କୋଅର୍ଡିନେଟର ଅକ୍ଷୟ ଦାସ, ପଞ୍ଚାୟତ କୋଅର୍ଡିନେଟର ଏସ.କେ. ଇମାନ୍, ସହଯୋଗୀ ବିପ୍ଳବ ପ୍ରଧାନ, ବେବିଫୁଡ୍ ଷ୍ଟକ୍ ଇନଚାର୍ଜ ସୌମ୍ୟରଞ୍ଜନ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

### ଆଖଡ଼ାଶାଳରୁ ନୂଆ ନାଟକ ପ୍ରସ୍ତୁତ

**ଯାଁଳା,୨୯।୧୨(ଡି.ଏନ୍.ଏ.):** ଜଟଣୀ ବ୍ଲକ ଅଧୀନ ଯାଁଳା ପଞ୍ଚାୟତର ବିଚ୍ଛନ୍ଦ ଚରଣ ଯୁବ ପରିଷଦ ପକ୍ଷରୁ ନୂଆବର୍ଷ ପାଇଁ ୨ଟି ନୂଆ ନାଟକର ଜୋରଦାର ପ୍ରସ୍ତୁତି ଆଖଡ଼ାଶାଳରୁ ଚାଲିଛି। ଦୀର୍ଘ ୨୭ବର୍ଷ ଧରି ଏହି ପରିଷଦ ଏଭଳି ନାଟକ ପ୍ରସ୍ତୁତ କରି ଏହି ଅଞ୍ଚଳ ସମେତ ବିଭିନ୍ନ ଅଞ୍ଚଳରେ ଲୋକମାନଙ୍କର ମନୋରଞ୍ଜନ କରି ଆସୁଛି। ଜାନୁୟାରୀ ୭ ଓ ୮ ଦୁଇ ଦିନ ଧରି ୨ଟି ନାଟକ 'ଦିଅଁ ପୂଜିବାକୁ ଦେଉଳ ମନା' ଓ 'ପ୍ରଥମ ପ୍ରେମ ସେ ଏମିତି କିଆଁ' ପରିବେଷଣ ହେବ। ନାଟକ ଦ୍ୱୟର ସଂଳାପ ଯଥାକ୍ରମେ କୈଳାସ ମଲିକ ଓ ସନ୍ତୋଷ କୁମାର ପରିଡା ଦେଇଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ବରିଷ୍ଠ ନିର୍ଦ୍ଦେଶକ ଶ୍ରୀବତ୍ସ ମହାନ୍ତି। ଏଥିରେ ସଙ୍ଗୀତ ବିନ୍ୟ ଦେଉଥିବା ବେଳେ ନୃତ୍ୟରେ ଭିକି ଅଛନ୍ତି। ୧୧ଜଣ ଯୁବତୀ କଳାକାରଙ୍କ ସମେତ ୨ଟି ନାଟକରେ ୩୬ କଳାକାର ଅଛନ୍ତି। ୨୦୨୨ ବର୍ଷ ପାଇଁ ଆଖଡ଼ାଶାଳରେ ଏବେ ପ୍ରସ୍ତୁତି ପଥେ ଆଗେଇ ଚିଲିଛି।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ଇ-ଅଫିସ ଆରମ୍ଭ

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)**



ଉତ୍କଳ ବିଶ୍ୱବିଦ୍ୟାଳୟରେ ଇ-ଅଫିସ୍ ଶୁଭାରମ୍ଭ ଅବସରରେ ଉପସ୍ଥିତ ଅତିଥି।

ଏଣିକି ଉତ୍କଳ ବିଶ୍ୱବିଦ୍ୟାଳୟର ସମସ୍ତ କାମ ବିନା କାଗଜରେ ହେବ। ଏଥିପାଇଁ ବିଶ୍ୱବିଦ୍ୟାଳୟରେ ଇ-ଅଫିସ୍‌ର ଶୁଭାରମ୍ଭ ହୋଇଛି। ବୁଧବାର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଏକ ଫାଇଲ୍ ଅନୁମୋଦନ ପୂର୍ବକ ଏହାକୁ ଉଦ୍‌ଘାଟନ କରିଛନ୍ତି। ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମ ଅଧୀନରେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସେଣ୍ଟର ଫର୍ ମଡର୍ନାଇଜିଂ ଗଭର୍ନମେଣ୍ଟ (ସିଏମ୍‌ଜିଆଇ) ଓ ନ୍ୟାଶନାଲ ଇନଫର୍ମେଟିକ ସେଣ୍ଟର (ଏନ୍‌ଆଇସି) ସହଯୋଗରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଇ-ଅଫିସ୍ କାର୍ଯ୍ୟକାରୀ ହେବା ଦ୍ୱାରା ସବୁ ଫାଇଲ ଶୀଘ୍ର ଓ ସହଜରେ ଅନୁମୋଦନ ହୋଇପାରିବ ଏବଂ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ବିଶ୍ୱବିଦ୍ୟାଳୟର ସମସ୍ତ କର୍ମଚାରୀ କାମ କରିପାରିବେ ବୋଲି କୁଳପତି ଆଶା ପ୍ରକାଶ କରିଛନ୍ତି। ଏଥିସହ କେଉଁଠାରେ ଓ କାହା ନିକଟରେ କାମ ଅଟକି ରହିଛି, ତାହା ମଧ୍ୟ ସହଜରେ ଜଣାପଡ଼ିବ।

ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି, କରୋନା ମହାମାରୀ ସମୟରେ ଅନ୍‌ଲାଇନ ମୋଡ୍ ବା ୱାର୍କ ଫ୍ରମ୍ ହୋମ୍ ବିଷୟ ଆଗକୁ ଆସିଥିବାବେଳେ ଏବେ ଇ-ଅଫିସ ଏହାକୁ ଅଧିକ ସହଜ କରିବ। ଏଥିପାଇଁ ବିଶ୍ୱବିଦ୍ୟାଳୟର ଶତାଧିକ ଫାଇଲ ସ୍କାନ କରାଯାଇଛି। ସ୍କାନ ଫାଇଲଗୁଡ଼ିକ କାହା ନିକଟକୁ କିପରି ଯିବ ଏବଂ ସେଗୁଡ଼ିକ କିଏ କେମିତି ଅନୁମୋଦନ କରିବେ, ଏହାକୁ ନେଇ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଛି। ପ୍ରଥମେ ନୂତନ ଭାବେ ଯୋଗଦେଇଥିବା ୨୫ଜଣ କନିଷ୍ଠ ସହାୟକଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ପରବର୍ତ୍ତୀ ସମୟରେ ବିଶ୍ୱବିଦ୍ୟାଳୟର ଅନ୍ୟମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଆଗାମୀ ଦିନରେ ଛାତ୍ରୀଛାତ୍ରଙ୍କ ନାମଲେଖାଠାରୁ ଆରମ୍ଭ କରି ପରୀକ୍ଷା ଆୟୋଜନ, ଫି' ଦାଖଲ ଏବଂ ଅନ୍ୟାନ୍ୟ ବିଷୟ ପେପର ଲେସ୍ ବା କାଗଜମୁକ୍ତ କରାଯିବା ନେଇ ଯୋଜନା ହୋଇଛି।

**ଏଣିକି ବିନା କାଗଜରେ ହେବ କାମ**

କାର୍ଯ୍ୟକ୍ରମରେ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ବସନ୍ତ କୁମାର ମଲ୍ଲିକ, କମ୍ପଟ୍ରୋଲର ଅଫ୍ ଫାଇନାନ୍ସ ସୁରେନ୍ଦ୍ର କୁମାର ସାହୁ, ପରୀକ୍ଷା ନିୟନ୍ତ୍ରକ ଶରତ କୁମାର ମାଝି ପ୍ରମୁଖ ଇ-ଅଫିସ୍‌ର ଆଭିମୁଖ୍ୟ ଓ ଏହାର କାର୍ଯ୍ୟକାରିତା ଉପରେ କହିଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ ଅଭୟ କୁମାର ନାୟକ ସ୍ୱାଗତ ଭାଷଣ ଓ ଇ-ଅଫିସ୍ ନୋଡାଲ ଅଫିସର ଡ.ହିମାଂଶୁ ଶେଖର ରାଉତ ଧନ୍ୟବାଦ ଦେଇଥିଲେ।



ପୁରୀ ୟୁଥ୍ ହଷ୍ଟେଲ ସଭାକକ୍ଷରେ ବୁଧବାର ଟିକିତାରା ପତ୍ରିକାର ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ ପ୍ରତିଭାଙ୍କ ସହ ଅତିଥିମାନେ।

### ହାତୀ ଆକ୍ରମଣରେ ମହିଳା ମୃତ

**ନିରାକାରପୁର,୨୯।୧୨(ଡି.ଏନ୍.ଏ.)**

ନିରାକାରପୁର ଅଞ୍ଚଳରେ ବୁଧବାର ରାତିରେ ଏକ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମଙ୍ଗଳାଯୋଡି ପଞ୍ଚାୟତର ରାଉଳ ସାହିର ଅନୁ ପ୍ରଧାନ। ଖବର ଅନୁଯାୟୀ, ବୁଧବାର ରାତି ୮ଟାରେ ଅନୁ ନିଜ ଘର ବାରିପଟେ ବାସନ ମାଜୁଥିଲେ। ଏହି ସମୟରେ ଏକ ହାତୀ ଆସି ତାଙ୍କୁ ଆକ୍ରମଣ କରିଥିଲା। ପାଟି ଶୁଣି ପରିବାର ଲୋକ ପହଞ୍ଚିବାବେଳେ ଅନୁ ଅଚେତ ପଡ଼ିଥିବା ଦେଖି ଉଦ୍ଧାର କରି ଟାଙ୍ଗୀ ପ୍ରାଥମିକ ଚିକିତ୍ସାଳୟକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସ୍ଥାନୀୟ ପୋଲିସ ଏବଂ ବନଖଣ୍ଡ ଅଧିକାରୀ ପହଞ୍ଚି ମହିଳାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# 'ସମ୍ମାନ ପାଇବାକୁ ହେଲେ ସମ୍ମାନ ଦିଅ'

**ଖୋର୍ଦ୍ଧା ଅଫିସ,୨୯।୧୨**




- ବରିଷ୍ଠ ନାଗରିକ ମଞ୍ଚ ୨ୟ ପ୍ରତିଷ୍ଠା ଦିବସ
- ଗୋଟିଏ କଲ୍‌ରେ ପୋଲିସ ସେବା ଯୋଗାଇବ

ବରିଷ୍ଠ ନାଗରିକମାନେ ହେଉଛନ୍ତି ସମାଜର ପଥ ପ୍ରଦର୍ଶକ। ସେମାନଙ୍କ ନୀତି ଓ ଆଦର୍ଶ ଅନେକଙ୍କୁ ମାର୍ଗଦର୍ଶନ ଦେଇଥାଏ। ପ୍ରତ୍ୟେକ ବ୍ୟକ୍ତି ଏମାନଙ୍କୁ ଯଥୋଚିତ ସମ୍ମାନ ଦେବା ଉଚିତ ବୋଲି ବୁଧବାର ଖୋର୍ଦ୍ଧା ଜିଲା ସଂସ୍କୃତି ଭବନରେ ଅନୁଷ୍ଠିତ ବରିଷ୍ଠ ନାଗରିକ ମଞ୍ଚର ଦ୍ୱିତୀୟ ପ୍ରତିଷ୍ଠା ଦିବସ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଯୋଗଦେଇ କହିଛନ୍ତି। ମଞ୍ଚ ଉପସଭାପତି ବୈକୁଣ୍ଠନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଅତିରିକ୍ତ ଜିଲାପାଳ ମନୋଜ ପାଢୀ, ଜିଲା ଅତିରିକ୍ତ ଚିକିତ୍ସାଧିକାରୀ ଡା. ବିଶ୍ୱମୋହନ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେଶ କୁମାର ଦାଶ, ମଞ୍ଚ ଉପଦେଷ୍ଟା ଶିକ୍ଷାବିତ୍ ସତ୍ୟବାଦୀ ବଳିଆରସିଂ ପ୍ରମୁଖ ଭାବେ ଯୋଗଦେଇଥିଲେ। ଉତ୍ସବରେ ବରିଷ୍ଠ ନାଗରିକ ଆଇନଜୀବୀ ଶିବସୁନ୍ଦର ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା। ମଞ୍ଚର ମୁଖପତ୍ର 'ପ୍ରବୁଦ୍ଧ ବାର୍ତ୍ତା'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଏଡିଏମ୍‌ଓ ପାଢୀ କହିଥିଲେ, ପ୍ରତ୍ୟେକ ବ୍ୟକ୍ତି ପ୍ରତିଷ୍ଠା, ସମ୍ମାନ ହାସଲ କରିବାକୁ ମାତାପିତା ଓ ଗୁରୁଜନଙ୍କ ଆଶୀର୍ବାଦ ନିତାନ୍ତ ଜରୁରୀ। ପ୍ରତି ସମୟରେ ଏମାନଙ୍କ ମାର୍ଗଦର୍ଶନ ଭ୍ରଥଭଷ୍ଟଙ୍କୁ ମଧ୍ୟ ସାମାଜିକ ସ୍ରୋତରେ ଚାଲିବାର ବାଟ ଦେଖାଏ।

ଏଏସ୍‌ପି ଦାଶ କହିଲେ, ପୋଲିସ ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ଦିଆଯାଇଛି। ବିଭିନ୍ନ ଅଞ୍ଚଳରେ ରହୁଥିବା ବରିଷ୍ଠ ନାଗରିକଙ୍କ ଡାଟା ବେସ ପ୍ରସ୍ତୁତ କରାଯାଇଛି। ଯେ କୌଣସି ସମସ୍ୟାରେ ପଡ଼ିଲେ ପ୍ରଦତ୍ତ ନମ୍ବରରେ ଯୋଗାଯୋଗ କରିବା ମାତ୍ରେ ପୋଲିସ ସେମାନଙ୍କ ଘରେ ପହଞ୍ଚି ସେବା ଯୋଗାଇବ। ପ୍ରତ୍ୟେକ ଥାନାରେ 'ଆମ ପୋଲିସ' କାର୍ଯ୍ୟ କରୁଛି। ଗୋଟିଏ କଲ୍‌ରେ ପୋଲିସ ସେବା ପାଇପାରିବେ ବୋଲି ସେ କହିଥିଲେ।

ମଞ୍ଚ ସମ୍ପାଦକ ରାମଶଙ୍କର ଅତିଥି ପରିଚୟ ଓ ବରିଷ୍ଠ ନାଗରିକଙ୍କୁ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ଟ୍ରେଜେରି, ମେଡିକାଲରେ ସ୍ୱତନ୍ତ୍ର ଚିକିତ୍ସା ସୁବିଧା ସହ ଗ୍ରାମାଞ୍ଚଳରେ ରହୁଥିବା ବରିଷ୍ଠ ନାଗରିକଙ୍କ ସୁରକ୍ଷା ପାଇଁ ଜିଲା ପୋଲିସର ଦୃଷ୍ଟି ଆକର୍ଷଣ କରିଥିଲେ। ଚଳିତ ବର୍ଷ ୧୦୨ଜଣ ବରିଷ୍ଠ ନାଗରିକ ନାମ ପଞ୍ଜୀକୃତ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୫ ଜଣଙ୍କୁ ଏଏସ୍‌ପି ଦାଶ ଆଦର୍ଶ ଥାନା ପକ୍ଷରୁ ପ୍ରସ୍ତୁତ ପରିଚୟପତ୍ର ପ୍ରଦାନ କରିଥିଲେ। ଆଇନଜୀବୀ ବସନ୍ତ ଦାଶ ଏବଂ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

### ଏକଲବ୍ୟ ଫୁଟବଲ ଟୁର୍ନାମେଣ୍ଟ, ଠଣାପଲ୍ଲୀ ସେମିରେ

**ବେଗୁନିଆ,୨୯।୧୨(ଡି.ଏନ.ଏ)**

ବେଗୁନିଆ ବ୍ଲକ ରାଉତପଡା ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଚାଲୁଥିବା ଏକଲବ୍ୟ ଫୁଟବଲ ଟୁର୍ନାମେଣ୍ଟରେ ବୁଧବାର ତୃତୀୟ ଲିଗ ମ୍ୟାଚରେ ଠଣାପଲ୍ଲୀର ୭୨କ୍ଲବ ସେମିକୁ ଉନ୍ନୀତ ହୋଇଛି। ବିପକ୍ଷ ଭାଲିବାଡି ଫୁଟବଲ କ୍ଲବ ସହିତ ଅନୁଷ୍ଠିତ ମ୍ୟାଚଟି ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହା ଉପରେ ଗୋଲ ଦେଇପାରି ନ ଥିଲେ। ଶେଷରେ ୪-୨ ଟାଇ ବ୍ରେକରରେ ୭୨କ୍ଲବ ବିଜୟୀ ହୋଇଥିଲା। ମ୍ୟାଚକୁ ପରିଚାଳନା କରିଥିଲେ ଚିତ୍ତରଞ୍ଜନ ପରିଡା,ତାଙ୍କୁ ଲାଇନରେ ସହଯୋଗ କରିଥିଲେ ଶରତ ଚନ୍ଦ୍ର ରାଉତରାୟ ଏବଂ ରବି ପରିଡ଼ା।



ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ସୁଚିତା


@ ଚିତ୍ତରଞ୍ଜନ


@ ସତ୍ୟଜିତ


@ ବିଭୂତି


@ ମୁକେଶ


@ ନକୁଳ

# ୩ଦଫା ଦାବି ନେଇ ଚାଷୀଙ୍କ ବିକ୍ଷୋଭ

**ବେଗୁନିଆ,୨୯।୧୨(ଡି.ଏନ.ଏ.)**

**ମିଳୁନି ଉପଯୁକ୍ତ କ୍ଷୟକ୍ଷତି ସହାୟତା**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଚାଷୀଙ୍କ ପକ୍ଷରୁ ବୁଧବାର ୩ଦଫା ଦାବି ନେଇ ତହସିଲ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଖବର ପାଇ ତହସିଲଦାର ପୃଥ୍ୱୀରାଜ ମଣ୍ଡଳ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିବା ସହ ଦାବିଗୁଡ଼ିକର ଖୁବଶୀଘ୍ର ସମାଧାନ କରିବା ନେଇ ପ୍ରତିଶ୍ରୁତି ଦେବା ପରେ ବିକ୍ଷୋଭ ହଟିଥିଲା। ତେବେ ଉପଯୁକ୍ତ ସରକାରୀ ସୁବିଧା ସୁଯୋଗ ନ ମିଳିଲେ ଆଗାମୀ ଦିନରେ ଚାଷୀ ଆନ୍ଦୋଳନ ତୀବ୍ରରୂପ ଧାରଣ କରିବ ବୋଲି ଧାରଣାରତ ଚାଷୀମାନେ ଚେତାବନୀ ଦେଇଛନ୍ତି। ବ୍ଲକ କୃଷକ ସଙ୍ଗଠନ ଡାକରାରେ ବେଗୁନିଆ ମିନି ଷ୍ଟାଡିୟମ ପରିସରରେ ଚାଷୀମାନଙ୍କର ସମାଗମ ବ୍ୟବସ୍ଥା କରାଯାଇଥିଲା। ସଙ୍ଗଠନର ସଦସ୍ୟ ଭିକାରି ଚରଣ ସାହୁ, ମଦନମୋହନ ସାହୁଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳର ୨୦୦ରୁ ଅଧିକ ଚାଷୀ ଏକତ୍ରିତ ହୋଇ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ସରକାରଙ୍କ ପକ୍ଷରୁ ହେଉ କିମ୍ବା ପ୍ରଶାସନିକ ସ୍ତରରେ ଚାଷୀମାନଙ୍କୁ ସର୍ବଦା ଅଣଦେଖା କରାଯାଉଛି। ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ଏହି ବ୍ଲକର ଚାଷୀ କ୍ଷତିଗ୍ରସ୍ତ ହେଉଥିବାବେଳେ ସରକାର ସହାୟତା ଘୋଷଣା କରୁଛନ୍ତି। ହେଲେ ତହସିଲ ଏବଂ କୃଷି ବିଭାଗ ପକ୍ଷରୁ ତଦନ୍ତ ବେଳେ ତାଲିକାରେ ପ୍ରକୃତ କ୍ଷତିଗ୍ରସ୍ତ ଚାଷୀଙ୍କ ନାମକୁ ବାଦ୍ ଦିଆଯାଉଛି। ସେହିପରି ଏହି ବ୍ଲକ ଅଞ୍ଚଳର ବହୁ ଚାଷୀ ଫସଲ ବୀମା ଯୋଜନାର ସୁଫଳ ପାଉନାହାନ୍ତି। ବିଭିନ୍ନ ଯୋଜନାରୁ ଏବେ ମଧ୍ୟ ଅନେକ ଚାଷୀ ବାଦ୍ ପଡିଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପ୍ରକାର ସହାୟତା ଯୋଗାଇ ଦିଆଯାଉ ନାହିଁ। ତେବେ ଚଳିତ ବର୍ଷ ଧାନ ଫସଲକୁ ରୋଗପୋକ ସହ ଅଦିନିଆ ବର୍ଷା ଦାଉ ସାଧିଥିଲା। ସରକାର ଏହାକୁ ହୃଦୟଙ୍ଗମ କରିବା ପରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ ପାଇଁ ଘୋଷଣା କରିଛନ୍ତି। ମାତ୍ର ତହସିଲ ଓ କୃଷି ବିଭାଗ ପକ୍ଷରୁ ଉପଯୁକ୍ତ ଆକଳନ କରାଯାଇ ସମସ୍ତ ଚାଷୀଙ୍କୁ ସହାୟତା ଯୋଗାଇଦେବାକୁ ବ୍ୟବସ୍ଥା କରାଯାଉ। ବୀମାରାଶି ଜନିତ କ୍ଷତି ପ୍ରାପ୍ୟ ପ୍ରଦାନ, କୃଷି ଋଣ ଛାଡ, କ୍ଷତିଗ୍ରସ୍ତ ଚାଷୀଙ୍କୁ ଭରଣପୋଷଣ ଆଦି ଦାବି ନେଇ ଏହି ଧାରଣା ହୋଇଥିଲା। ପରେ ତହସିଲଦାରଙ୍କୁ ଭେଟି ରାଜ୍ୟ ସରକାରଙ୍କ ନିକଟକୁ ୩ଦଫା ଦାବିପତ୍ର ପଠାଇବା ପାଇଁ ନିବେଦନ କରିଥିଲେ।

# ମହାପ୍ରଭୁଙ୍କୁ ୫ଲକ୍ଷ ଟଙ୍କା, ୭ କେଜି ରୁପା ଦାନ



**ପୁରୀ ଅଫିସ, ୨୯।୧୨**

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭୁବନେଶ୍ୱର ବରମୁଣ୍ଡା ଅଞ୍ଚଳର ସୁବ୍ରତ ରଥ ବୁଧବାର ୫ଲକ୍ଷ ଟଙ୍କା ସମେତ ମୋଟ ୭କେଜି ୬୬୨ମିଲିଗ୍ରାମର ୩ଟି ରୁପାଗରା, ୩ଟି ରୁପା ଥାଳି, ୬ଟି ପଞ୍ଚୁ ଓ ପାତ୍ରୀ ଏବଂ ୩ଟି ହାତଘଣ୍ଟି ଦାନ କରିଛନ୍ତି। ସୁବ୍ରତ ପୁରୀ ଆସି ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ ପରିସରରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଏବଂ ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନାଙ୍କୁ ଭେଟି ଏହି ସାମଗ୍ରୀଗୁଡ଼ିକ ଦାନ କରିଥିଲେ। ଏହି ଅବସରରେ ସୁବ୍ରତଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।



ନିମାପଡା ଟାଉନ୍ ହଲ୍‌ରେ ବୁଧବାର ଆୟୋଜିତ ବଣିଆ ସମାଜର ସମ୍ମିଳନୀ ଓ ବନ୍ଧୁମିଳନ ସମାରୋହରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ।



ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ବୁଧବାର ଆୟୋଜିତ ଜିଲା ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ଦ୍ୱିତୀୟ ସାମ୍ବିଧାନିକ ସମ୍ମିଳନୀରେ ମଞ୍ଚାସୀନ ଅତିଥି।



ବେଗୁନିଆ ବ୍ଲକ କୃଷକ ସଙ୍ଗଠନ ପକ୍ଷରୁ ୩ ଦଫା ଦାବି ନେଇ ବୁଧବାର ତହସିଲ କାର୍ଯ୍ୟାଳୟ ଘେରାଉ ଅଭିମୁଖେ ବାହାରିଥିବା ଶୋଭାଯାତ୍ରା।

## ୧୪୪ ୟୁନିଟ ରକ୍ତ ସଂଗ୍ରହ

**ଖୋର୍ଦ୍ଧା ଅଫିସ:** ଟାଙ୍ଗୀ ବ୍ଲକ ମଙ୍ଗଳାଯୋଡ଼ି ପଞ୍ଚାୟତର ପଦ୍ମକୁମୁଦ ବିଦ୍ୟା ନିକେତନରେ ବୁଧବାର ଓଡ଼ିଶା ମୋ ପରିବାର ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ୧୪୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ମୋ ପରିବାର ଜିଲା ସଂଯୋଜକ ଦିଲୀପ କୁମାର ହୋତା ସଂଯୋଜନା କରିଥିଲେ। କସ୍ତୁରୀ ପାଣିଗ୍ରାହୀ, ଅଶୋକ ଚମ୍ପତି, ବିଭୂଦତ୍ତ ଛୋଟରାୟ, ଶିବରାମ ଜେନା, ସାନୁ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଭାରତ ମୋଟର୍ସ, ଶ୍ରୀ ଭାରତ ମୋଟର୍ସ ଉପରେ ଜିଏସ୍‌ଟି ଚଢ଼ାଉ

ଭୁବନେଶ୍ୱର,୨୯।୧୨(ବ୍ୟୁରୋ): ଭାରତ ମୋଟର୍ସ ଓ ଶ୍ରୀ ଭାରତ ମୋଟର୍ସର ଶୋ'ରୁମ ଉପରେ ସିଟି ଜିଏସ୍‌ଟି ପକ୍ଷରୁ ବୁଧବାର ଚଢ଼ାଉ କରାଯାଇଛି। ଜିଏସ୍‌ଟି ଟିମ୍ ବୁଧବାର ମଞ୍ଚେଶ୍ୱର, କଟକ ରୋଡ୍ ଓ ପାହାଲରେ ଥିବା ୨ ସଂସ୍ଥାର ୩ଟି ଶୋ'ରୁମ୍‌ରେ ଚଢ଼ାଉ କରିଥିଲା। ତେବେ ସେଠାରୁ ପ୍ରାୟ ୧୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବାଇକ୍ ସମେତ ବିଭିନ୍ନ ଗାଡ଼ି ଓ କାଗଜପତ୍ର ଜବତ କରାଯାଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ୨୦୦୮ରୁ ୨୦୧୭ ମଧ୍ୟରେ ଭାରତ ମୋଟର୍ସ ଏବଂ ଶ୍ରୀ ଭାରତ ମୋଟର୍ସ ମୋଟ ୩୮.୪୮ କୋଟି ଟଙ୍କାର ଟିକସ ପୈଠ କରି ନ ଥିଲେ। ସୁପ୍ରିମକୋର୍ଟଙ୍କ ପକ୍ଷରୁ ୨୦୧୭ ମାର୍ଚ୍ଚରେ ଟିକସ ଭରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଏଯାଏ ବକେୟା ଟିକସ ପୈଠ କରାଯାଉ ନ ଥିଲା ବୋଲି ଜିଏସ୍‌ଟି ଟିମ୍‌ର ଜଣେ ଅଧିକାରୀ କହିଛନ୍ତି।

### ପ୍ରଫେସର ସୁରେନ୍ଦ୍ର କୁମାର ରାୟଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୨୯।୧୨(ବ୍ୟୁରୋ): ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ସ୍ଥିତ ଭେଟେନାରୀ କଲେଜ ମେଡିସିନ ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ସୁରେନ୍ଦ୍ର କୁମାର ରାୟଙ୍କ ଏକାଦଶାହରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ଏକ ହୋଟେଲରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଓୟୁଏଟି ପୂର୍ବତନ କୁଳପତି ପ୍ରଫେସର ଡ. ଖଗେଶ୍ୱର ପ୍ରଧାନ, କୁଳପତି ପ୍ରଫେସର ଦେବୀ ପ୍ରସାଦ ରାୟ ଓ ଦେବ ପ୍ରସାଦ ମଲ୍ଲିକଙ୍କ ସମେତ ବହୁ ପ୍ରଫେସର, ବୈଜ୍ଞାନିକ ଯୋଗଦେଇ ତାଙ୍କର ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନେ ଡ. ରାୟଙ୍କ ଜୀବନୀ ଉପରେ ପ୍ରସ୍ତୁତ ଏକ ସ୍ମରଣିକା ଉନ୍ମୋଚନ କରିବା ସହ ସ୍ୱର୍ଗତ ରାୟଙ୍କ ସ୍ତ୍ରୀ ଦୀପ୍ତିମୟୀ, ପୁଅ ସଙ୍କେତ, ସନ୍ତକ, ସଂଯୋଗ, ପୁତ୍ରବଧୂ ଓ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ।

### ସରକାରୀ ଜମିରେ ଥିବା ଗୃହ ଉଚ୍ଛେଦ

ବେଗୁନିଆ,୨୯।୧୨(ଡି.ଏନ.ଏ)- ବେଗୁନିଆ ତହସିଲ ଅଞ୍ଚଳର ଅଧିକାଂଶ ଗ୍ରାମରେ ସରକାରୀ ଜମିକୁ ଜବରଦଖଲ କରି କେତେକ ଲୋକ ବାସଗୃହ ନିର୍ମାଣ କରିଛନ୍ତି। ଏହାକୁ ନେଇ ବହୁ ସମସ୍ୟା ଉପୁଜିବାରୁ ଗ୍ରାମବାସୀ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ପ୍ରଶାସନ ଗୁରୁତ୍ୱ ଦେଇ ନ ଥିବାରୁ ସିକୋ, ବାଘମାରୀ, ଭୋଗଡ଼ା ଆଦି ଅନେକ ଗ୍ରାମର ଲୋକେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ବାଘମାରୀ ମୌଜାର ଲୋକେ ଜବରଦଖଲ ହଟାଇବା ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟର ଅନୁମତି ପରେ ବୁଧବାର ପ୍ରଶାସନ ପକ୍ଷରୁ ବାଘମାରୀ ମୌଜାର ୨ ପରିବାରଙ୍କର ଗୃହ ଉଚ୍ଛେଦ କରାଯାଇଥିଲା। ତହସିଲଦାର ପୃଥ୍ୱୀରାଜ ମଣ୍ଡଳଙ୍କ ପକ୍ଷରୁ ଏକ ଟିମ୍ ଗଠନ କରାଯାଇ ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ସନାତନ ଆଚାର୍ଯ୍ୟ ପହଞ୍ଚିଥିଲେ। ଖାତା ନଂ ୭୬୬, ପ୍ଲଟ ନଂ ୧୫୮୮ ଏବଂ ପ୍ଲଟ ନଂ ୧୫୮୮/୩୧୧୧ରେ ନିର୍ମାଣ କରାଯାଇଥିବା ଗୃହକୁ ଜେସିବିରେ ଉଚ୍ଛେଦ କରିଥିଲେ।

# ବିଶ୍ୱସ୍ତରୀୟ ଚିଡ଼ିଆଖାନା ହେବ ନନ୍ଦନକାନନ

ବାରଙ୍ଗ,୨୯।୧୨(ଡି.ଏନ୍.ଏ.)




ପ୍ରତିଷ୍ଠା ଉତ୍ସବରେ ଅତିଥିମାନେ ନନ୍ଦନକାନନର ବାର୍ଷିକ କ୍ୟାଲେଣ୍ଡର ଉନ୍ମୋଚନ କରୁଛନ୍ତି।

### ୬୨ତମ ପ୍ରତିଷ୍ଠା ଦିବସ

- ସିଙ୍ଗାପୁର, ଶ୍ରୀଲଙ୍କାରୁ ଆସିବ ନୂଆ ପଶୁପକ୍ଷୀ
- ପ୍ରଥମଥର ବଜ୍ରକାପ୍ତାରେ ଲାଗିଲା ଭିଏଚ୍‌ଏଫ୍ ରେଡିଓ ଟ୍ରାନ୍ସମିଟର

ଧଳାବାଘ, ବଜ୍ରକାପ୍ତା ଓ ଘଡ଼ିଆଳ କୁମ୍ଭୀର ପ୍ରଜନନକୁ ନେଇ କେନ୍ଦ୍ରର ଦୃଷ୍ଟିଆକର୍ଷଣ କରିପାରିଥିବା ପ୍ରାଣୀ ଉଦ୍ୟାନ ନନ୍ଦନକାନନ ଖୁବ୍‌ଶୀଘ୍ର ହେବାକୁ ଯାଉଛି ବିଶ୍ୱସ୍ତରୀୟ ଚିଡ଼ିଆଖାନା। ଏଥିପାଇଁ ପ୍ରସ୍ତୁତିପର୍ବ ଆରମ୍ଭ ହୋଇଯାଇଛି। ଏଥିସହ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ କେନ୍ଦ୍ର ସରକାର ସ୍ୱୀକୃତି ଦେଇଛନ୍ତି ବୋଲି ପ୍ରଧାନ ମୁଖ୍ୟ ବନସଂରକ୍ଷକ ଶିଶିର କୁମାର ରଥ କହିଛନ୍ତି। ବୁଧବାର ନନ୍ଦନକାନନର ୬୨ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଏହା ପରିସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରଥ କହିଥିଲେ, ବିଶ୍ୱସ୍ତରୀୟ ଚିଡ଼ିଆଖାନା ହେବା ପାଇଁ ନନ୍ଦନକାନନ ତା'ର କାର୍ଯ୍ୟ ଆରମ୍ଭ କରିଦେଇଛି। ନୂଆ ଢାଞ୍ଚାରେ କାର୍ ପାର୍କିଂସ୍ଥଳ, ଶିଶୁ ରେଳଗାଡ଼ି କାର୍ଯ୍ୟ ସାରିବା ପରେ ବସ୍‌ଷ୍ଟାଣ୍ଡର ଉନ୍ନତୀକରଣ କାର୍ଯ୍ୟ ହେବାକୁ ଯାଉଛି। ଏହାସହ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଶ୍ୱସ୍ତରୀୟ ଚିଡ଼ିଆଖାନାରେ ସାମିଲ ହେବା ପାଇଁ ନିର୍ଦ୍ଧାରିତ ହୋଇଥିବା ୧୫ଟି ବଡ଼ ଚିଡ଼ିଆଖାନା ମଧ୍ୟରେ ନନ୍ଦନକାନନକୁ ସାମିଲ କରାଯାଇଛି ବୋଲି କହିଥିଲେ। କେବଳ ଜୀବଜନ୍ତୁ ଓ ପର୍ଯ୍ୟଟକଙ୍କ ସୁବିଧା ନୁହେଁ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ମଧ୍ୟ କାର୍ଯ୍ୟ କରାଯିବ ବୋଲି କହିଥିଲେ।

ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶଶୀ ପଲ ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଥିଲେ, ନନ୍ଦନକାନନ ବିଶ୍ୱସ୍ତରୀୟ ଚିଡ଼ିଆଖାନା ହେବାକୁ ଥିବାବେଳେ ନୂଆ ପଶୁପକ୍ଷୀ ଆଣିବା ପାଇଁ ସିଙ୍ଗାପୁର, ଶ୍ରୀଲଙ୍କାର ଚିଡିଆଖାନା ସହ ଚୁକ୍ତିପତ୍ର ସରିଛି। ଏହାସହ ଏନକ୍ଲୋଜରଗୁଡିକୁ ମର୍ଡନ ଲୁକ୍ ଦେବା ପାଇଁ ଜର୍ମାନର ବର୍ଲିନ ଟିୟର ପାର୍କ ଜୁ ସହ ଚୁକ୍ତିପତ୍ର ହେବାକୁ ଯାଉଛି। ଏଥିପାଇଁ ରାଜ୍ୟ ସରକାର ଓ ସିଜେଡିଏ ଅନୁମୋଦନ କରିସାରିଛନ୍ତି। ଏଥିସହ କାଞ୍ଜିଆ ଓ କିଆଖଣି ହ୍ରଦର ମଧ୍ୟ ପୁନରୁଦ୍ଧାର କରାଯିବ ବୋଲି ଶଶୀ ପଲ କହିଥିଲେ। ଏହି ଅବସରରେ ପ୍ରଥମକରି ଏକ ବଜ୍ରକାପ୍ତାକୁ ପରୀକ୍ଷାମୂଳକ ଭାବେ ମୁକ୍ତରେ ବିଚରଣ ପାଇଁ ଛଡ଼ାଯାଇଥିଲା। ମହାରାଷ୍ଟ୍ର ପରେ ଓଡ଼ିଶାର ପ୍ରଥମ ଚିଡିଆଖାନା ଭାବେ ନନ୍ଦନକାନନ ୨୮ନଭେମ୍ବର ୨୦୨୧ ଗଜପତି ଜିଲା ପାରଳାଖେମୁଣ୍ଡି ବନ ବିଭାଗ ଦ୍ୱାରା ଜବତ ହୋଇ ଆସିଥିବା ୧୪କେଜି ଓଜନର ଏକ ଅଣ୍ଡିରା ବଜ୍ରକାପ୍ତାର ଶରୀରରେ ଭିଏଚ୍‌ଏଫ୍-ରେଡିଓ ଟ୍ରାନ୍ସମିଟର ଲଗାଯାଇ ଛଡ଼ାଯାଇଥିଲା। ଏହାଦ୍ୱାରା ତା'ର ଗତିବିଧିକୁ ପରଖାଯାଇପାରିବ। ଏହାସହ ମେଘା ଓ ନନ୍ଦନ, ବିଜୟା ଓ ସେଫ ଔରସରୁ ଜନ୍ମଗ୍ରହଣ କରିଥବା ୬ଟି ଶାବକର ନାମକରଣ କରାଯାଇଥିଲା। ବାଘୁଣୀ ମେଘାର ଛୁଆ ନାମ ସାହିନି, ଅଭୟ, ବିବେକ ରଖାଯାଇ ଥିବାବେଳେ ବାଘୁଣୀ ବିଜୟା ଛୁଆଙ୍କ ନାମ ବଂଶୀ, ରକି, ରାକେଶ ରଖାଯାଇଥିଲା। ପରେ ନନ୍ଦନକାନନର ବାର୍ଷିକ ପୁସ୍ତିକା କ୍ୟାଲେଣ୍ଡର ଉନ୍ମୋଚନ ସହ ବିଶେଷ ଅବଦାନ ଥିବା କେତେଜଣ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ନିର୍ଦ୍ଦେଶକ ଡ. ମନୋଜ ଭି ନାୟାର ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଉପନିର୍ଦ୍ଦେଶକ ଡ.ସଞ୍ଜିତ କୁମାର ଧନ୍ୟବାଦ ଦେଇଥିଲେ।

## ଦାବି ପୂରଣ ନ ହେଲେ ଆନ୍ଦୋଳନ: ଓଷ୍ଟା

ଖୋର୍ଦ୍ଧା ଅଫିସ,୨୯।୧୨

ଖୋର୍ଦ୍ଧା ଜିଲା ଓଷ୍ଟାର କାର୍ଯ୍ୟକାରୀ ବୈଠକ ବୁଧବାର ମା' ବାଉତି ବିଦ୍ୟାପୀଠ ସାରୁଅରେ ଅନୁଷ୍ଠିତ ହୋଇଯାଇଛି। ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ପାଇଁ ୭ମ ବେତନ କମିଶନ କାର୍ଯ୍ୟକାରିତା, ଚାକିରି ସର୍ତ୍ତାବଳୀ, ଅନୁଦାନରୁ ବାଦ୍ ପଡ଼ିଥିବା ୧୭୭ ବିଦ୍ୟାଳୟକୁ ଅନୁଦାନ, ବିଦ୍ୟାଳୟଗୁଡିକରେ ଖାଲି ପଡ଼ିଥିବା ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକ ଓ ୪ର୍ଥ ଶ୍ରେଣୀ ପଦବୀ ଯଥାଶୀଘ୍ର ପୂରଣ ପାଇଁ ଦାବି କରାଯାଇଛି। ଏନେଇ ସରକାରଙ୍କ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଓଷ୍ଟା ଆନ୍ଦୋଳନକୁ ଓହ୍ଲାଇବ। ଓଷ୍ଟା ଜିଲା ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଜିଲା ସମ୍ପାଦକ ସୁଧାକର ମହାପାତ୍ର ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ବେଗୁନିଆ ବ୍ଲକ ସଭାପତି ଗଣେଶ୍ୱର ମିଶ୍ର ଧନ୍ୟବାଦ ଦେଇଥିଲେ। ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ଶିଶିର ଦାଶ, ପ୍ରଦୀପ କୁମାର ପ୍ରଧାନ, ଓଷ୍ଟାର ଜିଲା କାର୍ଯ୍ୟକାରୀ ସଭାପତି ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ପ୍ରକାଶ ଚନ୍ଦ୍ର ପଲାଇ, ଘନଶ୍ୟାମ ସ୍ୱାଇଁ, ଶ୍ରୀହରି ମାଳି, ସୁରେଖା ରଣା, ରତିକାନ୍ତ କହଳସିଂ, ନିରଞ୍ଜନ ସାହୁ, ସୁନିଲ କୁମାର ପଣ୍ଡାଙ୍କ ସମେତ ୧୦ଟି ବ୍ଲକର ସମ୍ପାଦକ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା।

## ସହରରେ ଛାଇଯାଇଛି ଶୁଭେଚ୍ଛା ହୋର୍ଡିଂ

ଖୋର୍ଦ୍ଧା ଅଫିସ,୨୯।୧୨

### ରାଜସ୍ୱ ହରାଉଛି ପୌରସଂସ୍ଥା

ନୂତନ ବର୍ଷର ଶୁଭେଚ୍ଛା ଜଣାଇବା ପାଇଁ ଖୋର୍ଦ୍ଧା ସହର ଏବେ ପୋଷ୍ଟର ଓ ବ୍ୟାନରରେ ଛାଇଯାଇଛି। ସହରର ମେଡିକାଲ ଛକ, ପଲଟନ ପଡ଼ିଆ, ଟ୍ରାଫିକ ଛକ, ସମବାୟ ଛକ, ନୂଆବସ୍‌ଷ୍ଟାଣ୍ଡ ରୋଡ, ପଲ୍ଲା ଛକ, ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଆଗରେ ବିଧାୟକ, ନେତା, ଆଶାୟୀ ପ୍ରାର୍ଥୀଙ୍କ ବଡ ବଡ ହୋର୍ଡିଂ, ବ୍ୟାନର ଲାଗିଛି। ସହର ସାରା ବେଗୁନିଆ ଓ ଖୋର୍ଦ୍ଧା ବିଧାୟକଙ୍କ ସମେତ ବିଭିନ୍ନ ଦଳର ନେତାଙ୍କ ହୋର୍ଡିଂ ଲାଗିଛି। ଶୁଭେଚ୍ଛା ଆଳରେ ନିଜ ପତିଆରା ଜାହିର କରିବା ଲାଗି ଦୁଇ ବିଧାୟକଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଛି ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି।

ପ୍ରକାଶ ଯେ, ପୌରସଂସ୍ଥାର ହୋର୍ଡିଂ ଫ୍ରେମରେ ଏକାଧିକ ନେତା, କର୍ମୀଙ୍କ ବ୍ୟାନର ଲାଗିଛି। ତେବେ ପୌର ସଂସ୍ଥାର ହୋର୍ଡିଂରେ ପ୍ରଚାର କରିବାକୁ ହେଲେ ବର୍ଗଫୁଟ ହିସାବରେ ଦର ପଇଠ କରି ହୋର୍ଡିଂ ଲଗାଇବାକୁ ପଡ଼ିଥାଏ। କିନ୍ତୁ କୌଣସି ରାଜନୈତିକ ଦଳ ଏହି ହୋର୍ଡିଂ ଲଗାଇବା ବାବଦରେ ପୌରସଂସ୍ଥାକୁ ଅର୍ଥ ଦେଉ ନ ଥିବା ଜଣାପଡ଼ିଛି। ଫଳରେ ପୌରସଂସ୍ଥା ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଥିବା ବେଳେ କର୍ତ୍ତୃପକ୍ଷ ଚୁପ୍ ବସିଛନ୍ତି। ଅନ୍ୟପକ୍ଷରେ ଏନେଇ ଉପଜିଲାପାଳ ତଥା ପୌର ନିର୍ବାହୀ ଅଧିକାରୀ ଆଇ. ଗୌରବ ଶିବାଜୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



ଚନ୍ଦକା ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ଗୋଡ଼ିବାରିଠାରେ ପର୍ଯ୍ୟଟକଙ୍କ ନିମନ୍ତେ ୪ଟି ଶୀତତାପ ନିୟନ୍ତ୍ରିତ ଜଙ୍ଗଲ ସଫାରି ଯାନକୁ ବୁଧବାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଲୋକାର୍ପିତ କରୁଛନ୍ତି।

## ଚନ୍ଦକାରେ ୪ ଜଙ୍ଗଲ ସଫାରି ଯାନ ଲୋକାର୍ପିତ

ଭୁବନେଶ୍ୱର,(ବ୍ୟୁରୋ)/ ବାରଙ୍ଗ, ୨୯।୧୨(ଡି.ଏନ୍.ଏ.)

ଚନ୍ଦକା ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ଗୋଡ଼ିବାରିଠାରେ ପର୍ଯ୍ୟଟକଙ୍କ ନିମନ୍ତେ ୪ଟି ଶୀତତାପ ନିୟନ୍ତ୍ରିତ ଜଙ୍ଗଲ ସଫାରି ଯାନର ଶୁଭାରମ୍ଭ ହୋଇଛି। ବୁଧବାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏହି ସଫାରି ଯାନକୁ ଲୋକାର୍ପିତ କରି କହିଛନ୍ତି, ଗୋଡ଼ିବାରି, ଭରତପୁର ଏବଂ ଡେରାସକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଏହି ବ୍ୟବସ୍ଥା ଅଧିକ ଉପଯୋଗୀ ହେବ। ଆଗାମୀ ଦିନରେ ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ ଏହା ଆକର୍ଷିତ କରିବ । ପୂର୍ବରୁ ୮ ସିଟ୍ ବିଶିଷ୍ଟ ୫ଟି ଏବଂ ୧୨ ସିଟ୍ ବିଶିଷ୍ଟ ୪ଟି ଜଙ୍ଗଲ ସଫାରି ଯାନ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଉପଲବ୍ଧ ରହିଛି। ତେବେ ନୂଆ ୪ଟି ସଫାରି ଯାନ ମଧ୍ୟରୁ ୨ଟି ଗୋଡ଼ିବାରିଠାରେ ଓ ଅନ୍ୟ ୨ଟି ଭରତପୁର ସଂରକ୍ଷିତ ଜଙ୍ଗଲରେ ଦର୍ଶକଙ୍କ ପରିଭ୍ରମଣ ପାଇଁ ନିୟୋଜିତ ରହିବ। ଏଥିପାଇଁ ମୋଟ ୬୧ ଲକ୍ଷ ୭୮ ହଜାର ଟଙ୍କା ବ୍ୟୟ କରାଯାଇଛି। ୧୩ ସିଟ୍ ବିଶିଷ୍ଟ ଏହି ଯାନଗୁଡ଼ିକରେ ଦର୍ଶକମାନେ ଆରାମଦାୟକ ଭାବେ ବସି ସଫାରି ଭ୍ରମଣ କରିବାର ସୁବିଧା ରହିଛି। ପ୍ରତ୍ୟେକ ଯାନରେ ସ୍ୱତନ୍ତ୍ର ପର୍ଯ୍ୟଟକ ଗାଇଡ୍‌ର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏସବୁ ଯାନଗୁଡ଼ିକରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୧୫ ଜଣ ଯୁବକଙ୍କୁ ଡ୍ରାଇଭର ଏବଂ ପର୍ଯ୍ୟଟକ ଗାଇଡ୍ ଭାବେ ନିଯୁକ୍ତି ପ୍ରଦାନ କରାଯାଇ ସେମାନଙ୍କର ଜୀବନଜୀବିକାକୁ ସୁରକ୍ଷିତ କରାଯାଇପାରିଛି। ଅନ୍ୟପକ୍ଷରେ ପର୍ଯ୍ୟଟକଙ୍କ ପାଇଁ ଗୋଡ଼ିବାରିରେ ଥିବା ପ୍ରକୃତି ଶିବିରରେ ରାତ୍ରି ରହଣି, ମଧ୍ୟାହ୍ନ ଭୋଜନ, ଅଭୟାରଣ୍ୟ ସମ୍ପର୍କିତ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ ନିମନ୍ତେ ପ୍ରେକ୍ଷାଳୟ, ବନ୍ୟଜନ୍ତୁ ନିରୀକ୍ଷଣ କେନ୍ଦ୍ର ସହ ନେଚର ଟ୍ରେଲ୍ ଓ ସାଇକେଲ ଟ୍ରାକ୍‌ର ବ୍ୟବସ୍ଥା ରହିଛି। ପର୍ଯ୍ୟଟକମାନେ ecotourodisha.comରେ ଲଗ୍‌ଇନ୍ କରି ଗୋଡ଼ିବାରି ପ୍ରକୃତି ଶିବିର ପରିଦର୍ଶନ ନିମନ୍ତେ ଆଗୁଆ ସଂରକ୍ଷଣ କରିପାରିବେ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଶଶିପଲ୍, ମୁଖ୍ୟ ବନ ସଂରକ୍ଷକ ମନୋଜ ଭି. ନାୟାର, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ମନୋଜ ମହାପାତ୍ର, ବନ ସଂରକ୍ଷକ ସତ୍ୟନାରାୟଣ ବେହୁରା, ବନ ସଂରକ୍ଷକ ବିକାଶ ଦାସ, ଚନ୍ଦକା ବନଖଣ୍ଡ ଅଧିକାରୀ ମହମ୍ମଦ ଜମିଲ୍‌ଙ୍କ ସମେତ ଜଙ୍ଗଲ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ସତ୍ୟବାଦୀ ସଭାପତି, ରାମଶଙ୍କର ସମ୍ପାଦକ

ଖୋର୍ଦ୍ଧା ଅଫିସ,୨୯।୧୨:

ବରିଷ୍ଠ ନାଗରିକ ମଞ୍ଚର ଦ୍ୱିତୀୟ ପ୍ରତିଷ୍ଠା ଦିବସ ଅବସରରେ କିଶୋର ଚନ୍ଦ୍ର ପରମଗୁରୁଙ୍କ ଅଧ୍ୟକ୍ଷତାରେ ଆସନ୍ତା ଦୁଇବର୍ଷ ପାଇଁ କର୍ମକର୍ତ୍ତା ଘୋଷଣା କରାଯାଇଛି। ମଞ୍ଚ ଉପଦେଷ୍ଟା ଭାବେ ଭୀମସେନ ପ୍ରଧାନ, ଆଇନଜୀବୀ ବିଚିତ୍ର କୁମାର ବଡ଼ଜେନା, ବିଧାନ ଚନ୍ଦ୍ର ମହାନ୍ତି, ପ୍ରଫୁଲ୍ଲ କୁମାର ସାମନ୍ତରାୟ ଓ ବୈକୁଣ୍ଠନାଥ ରାଜଗୁରୁ ମନୋନୀତ ହୋଇଛନ୍ତି। ସତ୍ୟବାଦୀ ବଳିଆରସିଂହ ସଭାପତି, ବୈକୁଣ୍ଠନାଥ ମହାପାତ୍ର ଉପସଭାପତି, ରାମଶଙ୍କର ସମ୍ପାଦକ, ବସନ୍ତ କୁମାର ଦାଶ ସହସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। କୋଷାଧ୍ୟକ୍ଷ ରୂପେ ଗୋବିନ୍ଦ ଚନ୍ଦ୍ର ମହାରଣା ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ସମରଜିତ ପଟ୍ଟନାୟକ, ନାରାୟଣ ଦାସ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ତ୍ରିନାଥ ପାଲଟାସିଂହ ଓ ନିମାଇଁ ଚରଣ ଛୋଟରାୟ ମନୋନୀତ ହୋଇଛନ୍ତି।

## ଖୋର୍ଦ୍ଧାର କଳିଙ୍ଗ ଟାଇଗର୍ସ ଫାଇନାଲରେ



ସେମିଫାଇନଲରେ ଯୋଗଦେଇଥିବା ଅତିଥିମାନେ ଜଣେ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

ବେଗୁନିଆ,୨୯।୧୨(ଡି.ଏନ୍.ଏ.)

### କଣ୍ଟାବାଡ଼ ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ବେଗୁନିଆ ବ୍ଲକ କଣ୍ଟାବାଡ଼ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ୨ୟ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ବୁଧବାର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଖୋର୍ଦ୍ଧାର କଳିଙ୍ଗ ଟାଇଗର୍ସ କ୍ରିକେଟ କ୍ଲବ କୁମାରବସ୍ତର ରାଇଜିଂଷ୍ଟାର କ୍ରିକେଟ କ୍ଲବକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି କଳିଙ୍ଗ ଟାଇଗର୍ସ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୩୪ ରନ ସଂଗ୍ରହ କରିଥିଲା। ଖେଳାଳି ସିଦ୍ଧାନ୍ତ ଜେନା ୯୩ ଓ ଟୁନୁ ଖଟୁଆ ୫୧ ରନ ସଂଗ୍ରହ କରିଥିଲେ। ଜବାବରେ କୁମାରବସ୍ତ ଦଳ ୨୦ ଓଭର ଖେଳି ସମସ୍ତ ଉଇକେଟ ହରାଇ ୨୧୦ ରନ କରି ପରାଜୟ ହୋଇଥିଲେ। ସୁଧୀର ରଞ୍ଜନ ପଣ୍ଡା ଓ ଶ୍ରୀକାନ୍ତ ବାହିନୀପତି ମ୍ୟାଚ ପରିଚାଳନା କରିଥିବାବେଳେ ସତ୍ୟବାଦୀ ଦୋରା ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଚାଣକ୍ୟ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଟର ଚେୟାରମ୍ୟାନ ଜ୍ୟୋତିଶଙ୍କର ମହାନ୍ତି, ଡାଇରେକ୍ଟର ଡ. ଏଲୋରା ମହାନ୍ତି ଅତିଥି ଭାବରେ ଯୋଗଦେଇ ଖେଳାଳି ସିଦ୍ଧାନ୍ତ ଜେନାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।

## ପାଇକ ଯୋଦ୍ଧା ଭତ୍ତା ପ୍ରଦାନ ଦାବି

କୃଷ୍ଣପ୍ରସାଦ,୨୯।୧୨ (ଡି.ଏନ୍.ଏ.)

### ପାଇକ ଆଖଡ଼ା ସଂଘର ବାର୍ଷିକୋତ୍ସବ

କୃଷ୍ଣପ୍ରସାଦ ବ୍ଲକର ମାଲୁଦ ପଞ୍ଚୁଦୋଳ ପଡ଼ିଆରେ କୃଷ୍ଣପ୍ରସାଦ ପାଇକ ଆଖଡ଼ା ସଂଘର ବାର୍ଷିକୋତ୍ସବ ପାଳିତ ହୋଇଛି। ବ୍ଲକ ସ୍ଥାୟୀ ସଭାପତି ଦୁଃଶାସନ ଦାସଙ୍କ ସଭାପତିତ୍ୱରେ ସଭା ଆୟୋଜିତ ହୋଇଥିଲା। ସଭାରେ ରାଜ୍ୟ ପାଇକ ସଂଘ ସଭାପତି ଅଶୋକ କୁମାର ପାଲଟାସିଂହ, ପାଇକ ଦକ୍ଷିଣ କବାଟ ସର୍ଦ୍ଦାର ରବୀନ୍ଦ୍ର କୁମାର ଦାସ, ଖୋର୍ଦ୍ଧା ଜିଲା ସଭାପତି ପୂର୍ଣ୍ଣଚନ୍ଦ୍ର ପାଟଶାଣୀ, ଗଡମାନତ୍ରୀ ପାଇକ ଗୁରୁ ଭାସ୍କରଚନ୍ଦ୍ର ସୁନ୍ଦରା, ପଶ୍ଚିମ କବାଟ ଜୟକୃଷ୍ଣ ଦଳବେହେରା, ଅନଙ୍ଗ ଜେନା ପ୍ରମୁଖ ପାଇକ ଯୋଦ୍ଧା ଯୋଗଦେଇଥିଲେ। ପାଇକ ସଂଘ ରାଜ୍ୟ ସଂଯୋଜକ କେଦାରନାଥ ଦାସଙ୍କ ନେତୃତ୍ୱରେ ହୋଇଥିବା ସମାବେଶରେ ପାଇକମାନେ ପାଇକ ସଂଗ୍ରାମକୁ ପ୍ରଥମ ସ୍ୱାଧୀନତା ଆନ୍ଦୋଳନର ପୁରୋଧା ଘୋଷଣା କରିବା ସହ ସ୍ୱତନ୍ତ୍ର ଭାବେ ପାଇକ ଯୋଦ୍ଧା ଭତ୍ତା ପ୍ରଦାନ ପାଇଁ ଦାବି କରିଥିଲେ। ଏଥିପାଇଁ ରାଜ୍ୟର ସମସ୍ତ ଗ୍ରାମରୁ ପାଇକଙ୍କୁ ଏକତ୍ରିତ କରି ଆନ୍ଦୋଳନ କରାଯିବ ବୋଲି ମତବ୍ୟକ୍ତ କରିଥିଲେ। ତହସିଲଦାର ଉଲ୍ଲାସ କୁମାର ସେଠୀ, ବିଡିଓ ମନୋଜ କୁମାର ନାୟକ, ମାଲୁଦ ଦମକଳ ବାହିନୀ ଅଧିକାରୀ ସୌମ୍ୟରଞ୍ଜନ ପରିଡା, ହିମାଂଶୁ ଶେଖର କର, କୃଷ୍ଣପ୍ରସାଦ ଥାନାଧିକାରୀ ଦିଲୀପ ସ୍ୱାଇଁ, ସାମାଜିକ କର୍ମୀ ଶିବରାମ ଜେନା, ସ୍ୱାସ୍ଥ୍ୟ ସେବିକା ସଂଘମିତ୍ରା ଜେନା, ଖବରଦାତା ପ୍ରତାପ ହରିଚନ୍ଦନ ଓ କୈଳାସଚନ୍ଦ୍ର ପଟ୍ଟନାୟକଙ୍କୁ କରୋନା ଯୋଦ୍ଧା ଭାବେ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା।



ପ୍ରଶାସକ ଗୁରୁପ୍ରସାଦ ମହାପାତ୍ରଙ୍କ ସ୍ମୃତିରେ ଏକ ୱେବ୍‌ସାଇଟ ଓ ଇ-ବୁକ୍‌କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ବୁଧବାର ଲୋକାର୍ପଣ କରିଛନ୍ତି।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ବୁଧବାର ନିଖିଳ ଉତ୍କଳ ସଂକୀର୍ତ୍ତନ ମହାସଂଘର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଜଗତ୍‌ସିଂହପୁର ବାଲିକୁଦାରୁ ଆସିଥିବା ଦଳ ସଂକୀର୍ତ୍ତନ ପରିବେଷଣ କରୁଛନ୍ତି।




ଭୁବନେଶ୍ୱର ସୂଚନା ଭବନରେ ବୁଧବାର ଆୟୋଜିତ ଏକ ସାରସ୍ୱତ ସମାରୋହରେ ଅତିଥିମାନେ ଡ. କାଶୀନାଥ ନାୟକଙ୍କ ଆତ୍ମଜୀବନୀ 'ମାଇ ସେଲ୍ଫ ଆଣ୍ଡ୍ ଦି ୱାର୍ଲଡ' ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

**୧୫୦ ଆଶା କର୍ମୀଙ୍କୁ ଥର୍ମାଲ ସ୍କାନର, ପଲ୍ସ ଅକ୍ସି ମିଟର ବଣ୍ଟନ**

**କୋଣାର୍କ, (ଡି.ଏନ୍.ଏ):** କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଆଶା କର୍ମୀମାନଙ୍କୁ ଥର୍ମାଲ ସ୍କାନର ଓ ପଲ୍ସ ଅକ୍ସି ମିଟର ବଣ୍ଟନ କରାଯାଇଛି। ଏଥିରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ. ଜସ୍ୱିନ ଆଫ୍ରୋଜ ସଭାପତିତ୍ୱ କରିଛନ୍ତି। ମୁଖ୍ୟ ଅତିଥି କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇଥିଲେ। ମନ୍ତ୍ରୀଙ୍କ ପକ୍ଷରୁ କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ୧୫୦ଜଣ ଆଶା କର୍ମୀମାନଙ୍କୁ ଥର୍ମାଲ ସ୍କାନର ଓ ପଲ୍ସ ଅକ୍ସି ମିଟର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟୀ ଦଳାଇ, ଡ. ରାମେଶ୍ୱର ଜେନା, ଆୟୁଷ ଡ. ବିଧୂଭୂଷଣ ନାୟକଙ୍କ ସମେତ ଆଶା କର୍ମୀ, ସ୍ୱାସ୍ଥ୍ୟ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୯।୧୨।୨୦୨୧

| ୪,୫୦,୮୯୯ ଟଙ୍କା | |
|---|---|
| ସୁନା | ୩.୨୦୦ ଗ୍ରାମ |
| ରୁପା | ୮୪ ଗ୍ରାମ |

## ସଂକ୍ଷେପରେ

### ଶ୍ରୀମନ୍ଦିର ବୋଝିଆ ଆହତ

**ପୁରୀ ଅଫିସ, ୨୯।୧୨:** ଶ୍ରୀମନ୍ଦିରରେ ଜଣେ ବୋଝିଆଙ୍କ ଗୋଡ଼ରେ ଗରମ ମହାପ୍ରସାଦ ପଡ଼ିବାରୁ ସେ ଆହତ ହୋଇଛନ୍ତି। ଆହତ ବୋଝିଆ ହେଲେ କଣ୍ଡପୁରର ଡାକୁଆ ବେହେରା। ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଭୋଗମଣ୍ଡପ ସରିବା ପରେ ସେଠାରୁ ଡାକୁଆ ମହାପ୍ରସାଦ ଆନନ୍ଦବଜାରକୁ ଆଣୁଥିବାବେଳେ ଅନନ୍ତଶୟନଙ୍କ ନିକଟରେ ତାଙ୍କ ଗୋଡ଼ ମୋଡ଼ି ହୋଇଯାଇଥିଲା। ସେ ତଳେ ପଡ଼ିଯାଇଥିଲେ। ଗରମ ମହାପ୍ରସାଦ ତାଙ୍କ ବାମ ଗୋଡରେ ପଡ଼ିଯିବାରୁ ଫୋଟକା ହୋଇଯାଇଥିଲା।

### ନିମାପଡ଼ା ବଣିଆ ସମାଜର ସମ୍ମିଳନୀ

**ନିମାପଡ଼ା,୨୯।୧୨(ଡି.ଏନ୍.ଏ.):** ନିମାପଡ଼ା ବଣିଆ ସମାଜ ପକ୍ଷରୁ ଏକ ସମ୍ମିଳନୀ ଓ ବନ୍ଧୁ ମିଳନ ସମାରୋହ ସ୍ଥାନୀୟ ଟାଉନ ହଲରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଡ.ସୁରେଶ ଚନ୍ଦ୍ର ସାହୁ, ବଣିଆ ସମାଜର ଆବାହକ ପୂର୍ଣ୍ଣଚନ୍ଦ୍ର ସାହୁ, ପଦ୍ମଚରଣ ସାହୁ, ହୃଦାନନ୍ଦ ସାହୁ, ସଦାନନ୍ଦ ସାହୁ, ଗଙ୍ଗାଧର ସାହୁ, ସୂର୍ଯ୍ୟନାରାୟଣ ସେନାପତି ପ୍ରମୁଖ ଯୋଗଦେଇ ସ୍ୱର୍ଣ୍ଣ ଓ ରୁପା କାରିଗର, ସୁନାରୁପା ବ୍ୟବସାୟୀଙ୍କ ବିଭିନ୍ନ ସମସ୍ୟା ଓ ତା'ର ପ୍ରତିକାର, ସୁନା ଦୋକାନୀଙ୍କୁ ପୋଲିସ ସୁରକ୍ଷା ଦିଗରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ୧୧ଜଣ ବୟୋଜ୍ୟେଷ୍ଠ ସ୍ୱର୍ଣ୍ଣ ଓ ରୁପା କାରିଗରମାନଙ୍କୁ ମନ୍ତ୍ରୀ ଦାଶ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ବଣିଆ ସମାଜ ପକ୍ଷରୁ ୨ଦଫା ସମ୍ବଳିତ ଏକ ସ୍ମାରକପତ୍ର ମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ବଣିଆ ସମାଜ ପକ୍ଷରୁ ୨୧ଜଣିଆ ନୂତନ କାର୍ଯ୍ୟକାରୀ କମିଟି ସର୍ବସମ୍ମତିକ୍ରମେ ଗଠିତ ହୋଇଥିଲା।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ଇ-ଅଫିସ ଆରମ୍ଭ

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)**

ଏଣିକି ଉତ୍କଳ ବିଶ୍ୱବିଦ୍ୟାଳୟର ସମସ୍ତ କାମ ବିନା କାଗଜରେ ହେବ। ଏଥିପାଇଁ ବିଶ୍ୱବିଦ୍ୟାଳୟରେ ଇ-ଅଫିସ୍‌ର ଶୁଭାରମ୍ଭ ହୋଇଛି। ବୁଧବାର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଏକ ଫାଇଲ୍ ଅନୁମୋଦନ ପୂର୍ବକ ଏହାକୁ ଉଦ୍‌ଘାଟନ କରିଛନ୍ତି। ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମ ଅଧୀନରେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସେଣ୍ଟର ଫର୍ ମଡର୍ନାଇଜିଂ ଗଭର୍ନମେଣ୍ଟ (ସିଏମ୍‌ଜିଆଇ) ଓ ନ୍ୟାଶନାଲ ଇନଫର୍ମେଟିକ ସେଣ୍ଟର (ଏନ୍‌ଆଇସି) ସହଯୋଗରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଇ-ଅଫିସ୍ କାର୍ଯ୍ୟକାରୀ ହେବା ଦ୍ୱାରା ସବୁ ଫାଇଲ ଶୀଘ୍ର ଓ ସହଜରେ ଅନୁମୋଦନ ହୋଇପାରିବ ଏବଂ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ବିଶ୍ୱବିଦ୍ୟାଳୟର ସମସ୍ତ କର୍ମଚାରୀ କାମ କରିପାରିବେ ବୋଲି କୁଳପତି ଆଶା ପ୍ରକାଶ କରିଛନ୍ତି। ଏଥିସହ କେଉଁଠାରେ ଓ କାହା ନିକଟରେ କାମ ଅଟକି ରହିଛି, ତାହା ମଧ୍ୟ ସହଜରେ ଜଣାପଡ଼ିବ।

ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି, କରୋନା ମହାମାରୀ ସମୟରେ ଅନ୍‌ଲାଇନ ମୋଡ୍ ବା ୱାର୍କ ଫ୍ରମ୍ ହୋମ୍ ବିଷୟ ଆଗକୁ ଆସିଥିବାବେଳେ ଏବେ ଇ-ଅଫିସ ଏହାକୁ ଅଧିକ ସହଜ କରିବ। ଏଥିପାଇଁ ବିଶ୍ୱବିଦ୍ୟାଳୟର ଶତାଧିକ ଫାଇଲ ସ୍କାନ କରାଯାଇଛି। ସ୍କାନ ଫାଇଲଗୁଡ଼ିକ କାହା ନିକଟକୁ କିପରି ଯିବ ଏବଂ ସେଗୁଡ଼ିକ କିଏ କେମିତି ଅନୁମୋଦନ କରିବେ, ଏହାକୁ ନେଇ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଛି। ପ୍ରଥମେ ନୂତନ ଭାବେ ଯୋଗଦେଇଥିବା ୨୫ଜଣ କନିଷ୍ଠ ସହାୟକଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ପରବର୍ତ୍ତୀ ସମୟରେ ବିଶ୍ୱବିଦ୍ୟାଳୟର ଅନ୍ୟମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଆଗାମୀ ଦିନରେ ଛାତ୍ରୀଛାତ୍ରଙ୍କ ନାମଲେଖାଠାରୁ ଆରମ୍ଭ କରି ପରୀକ୍ଷା ଆୟୋଜନ, ଫି' ଦାଖଲ ଏବଂ ଅନ୍ୟାନ୍ୟ ବିଷୟ ପେପର ଲେସ୍ ବା କାଗଜମୁକ୍ତ କରାଯିବା ନେଇ ଯୋଜନା ହୋଇଛି।




ଉତ୍କଳ ବିଶ୍ୱବିଦ୍ୟାଳୟରେ ଇ-ଅଫିସ୍ ଶୁଭାରମ୍ଭ ଅବସରରେ ଉପସ୍ଥିତ ଅତିଥି।

### ଏଣିକି ବିନା କାଗଜରେ ହେବ କାମ

କାର୍ଯ୍ୟକ୍ରମରେ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ବସନ୍ତ କୁମାର ମଲ୍ଲିକ, କମ୍ପଟ୍ରୋଲର ଅଫ୍ ଫାଇନାନ୍ସ ସୁରେନ୍ଦ୍ର କୁମାର ସାହୁ, ପରୀକ୍ଷା ନିୟନ୍ତ୍ରକ ଶରତ କୁମାର ମାଝି ପ୍ରମୁଖ ଇ-ଅଫିସ୍‌ର ଆଭିମୁଖ୍ୟ ଓ ଏହାର କାର୍ଯ୍ୟକାରିତା ଉପରେ କହିଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ ଅଭୟ କୁମାର ନାୟକ ସ୍ୱାଗତ ଭାଷଣ ଓ ଇ-ଅଫିସ୍ ନୋଡାଲ ଅଫିସର ଡ.ହିମାଂଶୁ ଶେଖର ରାଉତ ଧନ୍ୟବାଦ ଦେଇଥିଲେ।




ପୁରୀ ୟୁଥ୍ ହଷ୍ଟେଲ ସଭାକକ୍ଷରେ ବୁଧବାର ଟିକିତାରା ପତ୍ରିକାର ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ ପ୍ରତିଭାଙ୍କ ସହ ଅତିଥିମାନେ।

## 'ସାହିତ୍ୟରେ ପାଠକ ମୁହଁ ଦେଖାଯିବା ଆବଶ୍ୟକ'

**ପୁରୀ ଅଫିସ ୨୯।୧୨**

ଶିଶୁ-କିଶୋର ପତ୍ରିକା 'ଟିକିତାରା'ର ବାର୍ଷିକ ଉତ୍ସବ ଏବଂ ଭକ୍ତକବି ମଧୁସୂଦନ ରାଓଙ୍କ ପୁଣ୍ୟତିଥି ବୁଧବାର ପୁରୀ ୟୁଥ୍ ହଷ୍ଟେଲ ସଭାକକ୍ଷରେ ପାଳିତ ହୋଇଯାଇଛି। ଏଥିରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ଟିକାୟତରାୟ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଆକାଶବାଣୀର ଗୀତିକାର ତଥା ଶିକ୍ଷାବିତ୍ ହଳଧର ସୂତାର ଏବଂ ମୁଖ୍ୟବକ୍ତା ଭାବେ ଲେଖକ ମାନସ ରଞ୍ଜନ ମହାପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ, ସାମାଜକ କର୍ମୀ ଚକ୍ରଧର ମହାପାତ୍ର ଯୋଗଦେଇଥିଲେ। ସାହିତ୍ୟରେ ଯଦି ପାଠକର ମୁହଁ ଦେଖାଯାଇନାହିଁ ତେବେ ତାହା ଏକ ଫଟୋ ହୋଇପାରେ ବୋଲି ଅତିଥିମାନେ କହିଥିଲେ। ଶିକ୍ଷା ଓ ସମାଜ ଗଠନରେ ଅବଦାନ ନିମନ୍ତେ କେନ୍ଦୁଝରର ହଳଧର ସୂତାର, କୋଣାର୍କର ରବୀନ୍ଦ୍ରନାଥ ବାହିନୀପତି, ପୁରୀର ସୁକାନ୍ତି ମିଶ୍ର, ଢେଲାଙ୍ଗର ସରୋଜିନୀ ଜେନା, ବୌଦ୍ଧର ଅଭିନବ ପଟ୍ଟନାୟକ, ପୁରୀର ଡ. ପଙ୍କଜ ନଳିନୀ ପଟ୍ଟନାୟକ, ଭୁବନେଶ୍ୱରର ସସ୍ମିତା ଚୌଧୁରୀ, ସିଠାଲୋ କଟକର ବୈଜୟନ୍ତିମାଳା ରାଉତ, ଭୁବନେଶ୍ୱରର ଗୀତାଞ୍ଜଳି ପଣ୍ଡା, କେନ୍ଦୁଝରର ନିରାକାର ଚଇନି, ନିମାପଡ଼ାର ସଂଗ୍ରାମ କିଶୋର ପରିଡ଼ା , ବ୍ରହ୍ମଗିରିର ଅଶିଷ କୁମାର ସ୍ୱାଇଁ, ଭୁବନେଶ୍ୱରର ଭଞ୍ଜକିଶୋର ମହାନ୍ତି, ବଡ଼ମ୍ବା କଟକର ଜଗନ୍ନାଥ ବାରିକ, ନିମାପଡ଼ାର ଚିତ୍ତରଞ୍ଜନ ପୃଷ୍ଟି, ବାଙ୍କୀର ଡ. ପ୍ରତିମା ମିଶ୍ର (ଷଡ଼ଙ୍ଗୀ), ବିଦ୍ୟାଧର ଖଟୁଆ, କଟକର ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀଙ୍କ ସହିତ ଶିଶୁ କଣ୍ଠଶିଳ୍ପୀ ଦେବାଂଶୀ ଦାଶ, ଐଶ୍ୱର୍ଯ୍ୟା ଦାଶ, ଚେତନ ଆନନ୍ଦ ସ୍ୱାଇଁ, ଅରମାନ୍ ମହାନ୍ତି, ଚିତ୍ରଶିଳ୍ପୀ ଜି.ଆର. ଆଲିଶାଙ୍କୁ ଟିକିତାରା ସମ୍ମାନ-୨୦୨୧ରେ ସମ୍ମାନିତ କରାଯାଇଛି। ଏହି ଉତ୍ସବରେ ଟିକିତାରାର ବାର୍ଷିକ ସଂଖ୍ୟା ଏବଂ ହଳଧର ସୂତାରଙ୍କ ଗଳ୍ପ ସଂକଳନ 'ଅସୀମ ଅନ୍ଧାରର ରଙ୍ଗ' ଲୋକାର୍ପଣ ହୋଇଥିଲା। କ୍ରିଷ୍ଣା ମହାପାତ୍ର, ପ୍ରବାସିନୀ ମିଶ୍ର ଏବଂ ପଙ୍କଜନଳିନୀ ପଟ୍ଟନାୟକଙ୍କ ସଂଯୋଜନାରେ ୫୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ ଶିଶୁ କିଶୋର କବିତା ପାଠ କରିଥିଲେ। କିଷ୍ଣା, ମହାପାତ୍ର, ପ୍ରବାସିନୀ ମିଶ୍ର, ବିଜୟଲକ୍ଷ୍ମୀ ଦାଶ, ଲକ୍ଷ୍ମୀପ୍ରିୟା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉତ୍ସବ ପ୍ରାରମ୍ଭରେ ଚିନ୍ମୟୀ ଗଜେନ୍ଦ୍ର ଓ ପ୍ରବାସିନୀ ମିଶ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶେଷରେ କ୍ରିଷ୍ଣା ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଖାଦ୍ୟ ସୁରକ୍ଷା ସଂକ୍ରାନ୍ତ ଉପଦେଷ୍ଟା କମିଟି ବୈଠକ

**ପୁରୀ ଅଫିସ,୨୯।୧୨:** ଖାଦ୍ୟ ସୁରକ୍ଷା ସଂକ୍ରାନ୍ତ ପୁରୀ ଜିଲାସ୍ତରୀୟ ଉପଦେଷ୍ଟା କମିଟି ବୈଠକ ବୁଧବାର ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସଂସ୍ଥା ପକ୍ଷରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀଗୁଡ଼ିକର ନମୁନା ସଂଗ୍ରହ, ପରୀକ୍ଷଣ ଓ ବିଭିନ୍ନ ହୋଟେଲ, ରେସ୍ତୋରା ଏବଂ ରାସ୍ତାପାର୍ଶ୍ୱ ଖାଦ୍ୟ ଦୋକାନରୁ ଖାଦ୍ୟ ଯାଞ୍ଚ ପ୍ରକ୍ରିୟାକୁ ବ୍ୟାପକତା କରିବାକୁ ଅତିରିକ୍ତ ଜିଲାପାଳ ସାହୁ ପରାମର୍ଶ ଦେଇଥିଲେ। ଏଥିସହ ସମ୍ପୃକ୍ତ ସଂସ୍ଥାଗୁଡ଼ିକୁ ଖାଦ୍ୟ ପଞ୍ଜୀକରଣ କରିବା ନିମନ୍ତେ ଜିଲାରେ ସଚେତନତା ସୃଷ୍ଟି କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ନିୟମ ଲଙ୍ଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯିବା ପାଇଁ ବ୍ୟବସ୍ଥା ରହିଛି ବୋଲି କୁହାଯାଇଥିଲା। ଜିଲା ଯୋଗାଣ ଅଧିକାରୀଙ୍କ ଅଧିନସ୍ଥ ବିଭିନ୍ନ ଖାଦ୍ୟ ସାମଗ୍ରୀ ଭଣ୍ଡାର, ଖୁଚୁରା ବ୍ୟବସାୟୀ, ସମାଜ ମଙ୍ଗଳ ଅଧିକାରୀଙ୍କ ଅଧୀନସ୍ଥ ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର, ଛତୁଆ ପ୍ରସ୍ତୁତି ସ୍ୱୟଂ ସହାୟକ ଗୋଷ୍ଠୀ, ମଧ୍ୟାହ୍ନ ଭୋଜନ ପ୍ରସ୍ତୁତିକାରୀ ସଂସ୍ଥା, ଫଳ ଓ ପରିବା ମଣ୍ଡି ଆଦି ସଂପର୍କରେ ତଥ୍ୟ ରଖିବା ସହ ଖାଦ୍ୟ ସାମଗ୍ରୀ ବିକ୍ରୟ ଅନୁମତି ଓ ପଞ୍ଜୀକରଣ କରିବାକୁ ସଂପୃକ୍ତ ଅଧିକାରୀମାନଙ୍କୁ ଅବଗତ କରିବାକୁ ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡା, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବିରଜା ଶଙ୍କର ରଥ, ଖାଦ୍ୟ ସୁରକ୍ଷା ଅଧିକାରୀ ଡ. ରାଜଶ୍ରୀ ପତି ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୁଚିତା



@ ଚିତ୍ତରଞ୍ଜନ



@ ସତ୍ୟଜିତ



@ ବିଭୂତି



@ ମୁକେଶ



@ ନକୁଳ

## ନିମାପଡ଼ା ପଞ୍ଚାୟତ ସମିତିର ସାଧାରଣ ଅଧିବେଶନ

**ନିମାପଡ଼ା,୨୯।୧୨(ଡି.ଏନ୍.ଏ.)**

ନିମାପଡ଼ା ପଞ୍ଚାୟତ ସମିତିର ୧୦ମ ସାଧାରଣ ଅଧିବେଶନ ବୁଧବାର ବ୍ଲକ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନରେ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମନସ୍ୱିନୀ ଖଟୋଇ, ବିଡିଓ ବସନ୍ତ କୁମାର ମଲ୍ଲିକ, ଏମ୍‌ପି ପ୍ରତିନିଧି ସୁଧୀର ରଞ୍ଜନ ଦାଶ, ତହସିଲଦାର ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶନ,ବ୍ଲକ ସହକାରୀ ଯନ୍ତ୍ରୀ ସୁନୀଲ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଅଧିବେଶନରେ ପଞ୍ଚମ ଅର୍ଥ ଆୟୋଗ ରାଶିର ୨୦୨୨-୨୩ ବର୍ଷରେ ବାର୍ଷିକ ପ୍ରକଳ୍ପ ତାଲିକା ଅନୁମୋଦନ, କୋଭିଡ୍ ଟିକାକରଣ, ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ ନିର୍ମାଣ, ପାନୀୟଜଳ ଯୋଗାଣ, ଶିକ୍ଷା ବ୍ୟବସ୍ଥାର ସଫଳ ରୂପାୟନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ, ବିଜୁ ପକ୍କାଗୃହ ନିର୍ମାଣ ସମ୍ପର୍କରେ ବିଶଦ ଆଲୋଚନା କରାଯାଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ସମାବେଶରେ ପଞ୍ଚାୟତ ସମିତି ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ ଯୋଗାଣ ଅଧିକାରୀ ଦୀପ୍ତିରଞ୍ଜନ ଇନ୍ଦ୍ର ସିଂ, ସିଡିପିଓ କୁମୁଦିନୀ ମିଶ୍ର, ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରବୀର ବଳ, ବ୍ଲକ ଭେଟେରିନାରି ଅଫିସର ଡ. ଜଗବନ୍ଧୁ ବେହେରା, ନିମାପଡ଼ା ମେଡିକାଲର ମୁଖ୍ୟ ଚିକିତ୍ସାଧିକାରୀ ଡ.କ୍ଷମାନିଧି ସେଠୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ସମସ୍ତ ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

## ଘରୋଇ ଶିକ୍ଷାନୁଷ୍ଠାନକୁ ନିୟନ୍ତ୍ରଣ ପାଇଁ ଆଇନ ହେଉ

**ପୁରୀ ଅଫିସ ୨୯।୧୨**

ପୁରୀ ଜିଲା ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ଦ୍ୱିତୀୟ ସାମ୍ବିଧାନିକ ସମ୍ମିଳନୀ ବୁଧବାର ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଦୀପ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ଜିଲାର ୩୦୦ ପ୍ରତିନିଧି ଯୋଗଦେଇଥିଲେ। ପ୍ରାଥମିକ ଶିକ୍ଷା ଓ ଶିକ୍ଷାନୁଷ୍ଠାନ ଆଇନ-୨୦୧୦ ସଂକ୍ରାନ୍ତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ପ୍ରଫେସର ସୁରେନ୍ଦ୍ର କୁମାର ଯୋଗଦେଇ ପ୍ରାଥମିକ ଶିକ୍ଷାରେ ଭିତ୍ତିଭୂମି ସୁବିଧା, ଶିକ୍ଷକ ନିଯୁକ୍ତି ଉପରେ ଗୁରୁତ୍ୱ ଦେବା ସହ ଘରୋଇ ଶିକ୍ଷାନୁଷ୍ଠାନ ନିୟନ୍ତ୍ରଣ ପାଇଁ ସରକାର ଆଇନ ଆଣିବା ଦରକାର ବୋଲି କହିଥିଲେ। ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ରାଜ୍ୟ ସଭାପତି ବ୍ରହ୍ମାନନ୍ଦ ମହାରଣା ଯୋଗଦେଇ ନୂତନ ପେନ୍‌ସନ୍ ବ୍ୟବସ୍ଥାକୁ ବିରୋଧ କରିବା ସହିତ ୨୦୦୫ ମସିହା ପୂର୍ବ ପ୍ରଚଳିତ ପେନସନ ବ୍ୟବସ୍ଥା ପୁନଃ ପ୍ରଚଳନ କରିବା ପାଇଁ ଦାବି କରିଥିଲେ। ଓଷ୍ଟା ଶିକ୍ଷା ପ୍ରଦୀପ ସମ୍ପାଦକ ଶଙ୍କର ସୁବୁଦ୍ଧି ରାଜ୍ୟର ସମସ୍ତ ଶିକ୍ଷକ ସଙ୍ଗଠନ ଏକାଠି ଲଢ଼ିଲେ ଦାବି ପୂରଣ ହୋଇପାରିବ ବୋଲି କହିଥିଲେ। ଓଷ୍ଟା ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା ସମାନ କାମକୁ ସମାନ ଦରମା ଦାବି କରିଥିଲେ। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଶ୍ୟାମସୁନ୍ଦର ତ୍ରିପାଠୀ, ପୂର୍ବତନ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ବଳିଆରସିଂହ, ଜିଲା ସମ୍ପାଦକ ରାମନାରାୟଣ ମିଶ୍ର, ଓଲଷ୍ଟା ରାଜ୍ୟ କୋଷାଧ୍ୟକ୍ଷ ଜୟ ପ୍ରକାଶ ପଣ୍ଡା, ଶିକ୍ଷକ ନେତା କିଶୋର କୁମାର ପାଣିଗ୍ରାହୀ, ନୟାଗଡ଼ ଜିଲା ସମ୍ପାଦକ ନିଳାଦ୍ରୀ ସୁବୁଦ୍ଧି, ଖୋର୍ଦ୍ଧା ଜିଲା ସମ୍ପାଦକ ସୁଦର୍ଶନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଦ୍ୱିତୀୟ ଅଧିବେଶନରେ ରାଜ୍ୟ ପର୍ଯ୍ୟବେକ୍ଷକ ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା, କାର୍ଯ୍ୟକାରୀ ସଭାପତି ବିକ୍ରମ କୁମାର ଦାସ, ଶିବନାରାୟଣ ବେହେରା, କୋଷାଧ୍ୟକ୍ଷ ଜୟ ପ୍ରକାଶ ପଣ୍ଡା, ଉପସଭାପତି କିଶୋର ମହାରଥୀ ଏବଂ ଶିକ୍ଷକ ଦର୍ପଣ ସହସମ୍ପାଦକ କବିରାଜ ବିଶ୍ୱାଳଙ୍କ ଉପସ୍ଥିତିରେ ପୁରୀ ରାଜସ୍ୱ ଜିଲା ନିର୍ବାଚନ ହୋଇଥିଲା। ଏଥିରେ ସଭାପତି ଭାବେ ପ୍ରଦୀପ କୁମାର ପ୍ରଧାନ, କାର୍ଯ୍ୟକାରୀ ସଭାପତି ଭାବେ ଅକ୍ଷୟ କୁମାର ଜୟସିଂହ, ଉପସଭାପତି ବ୍ରଜ କିଶୋର ମିଶ୍ର ଏବଂ ନରେନ୍ଦ୍ର କୁମାର ଜେନା, ସମ୍ପାଦକ ସଦାଶିବ ସାହୁ, ଯୁଗ୍ମ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଜେନା, କୋଷାଧ୍ୟକ୍ଷ ପ୍ରବୋଧ କୁମାର ମିଶ୍ର, ସମ୍ପାଦକ ଶତ୍ରୁଞ୍ଜନ ମିଶ୍ର, ଭିକାରୀ ଚରଣ ସାହୁ, ରାଜ କିଶୋର ଦାଶ, କୃଷ୍ଣନୁ ଧବଳେଶ୍ୱର, ଉପଦେଷ୍ଟା ଭାବେ ପୂର୍ଣ୍ଣଚନ୍ଦ୍ର ରାଉତ ଏବଂ ହୃଦାନନ୍ଦ ବିଶ୍ୱାଳ ନିର୍ବାଚିତ ହୋଇଥିଲେ। ହୃଦାନନ୍ଦ ସାମନ୍ତରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପୁରୀ ଜିଲା ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସମ୍ମିଳନୀ

## ମହାପ୍ରଭୁଙ୍କୁ ୫ଲକ୍ଷ ଟଙ୍କା, ୭ କେଜି ରୁପା ଦାନ



**ପୁରୀ ଅଫିସ, ୨୯।୧୨**

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭୁବନେଶ୍ୱର ବରମୁଣ୍ଡା ଅଞ୍ଚଳର ସୁବ୍ରତ ରଥ ବୁଧବାର ୫ଲକ୍ଷ ଟଙ୍କା ସମେତ ମୋଟ ୭କେଜି ୬୬୨ମିଲିଗ୍ରାମର ୩ଟି ରୁପାଗରା, ୩ଟି ରୁପା ଥାଳି, ୬ଟି ପଞ୍ଚୁ ଓ ପାତ୍ରୀ ଏବଂ ୩ଟି ହାତଘଣ୍ଟି ଦାନ କରିଛନ୍ତି। ସୁବ୍ରତ ପୁରୀ ଆସି ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ ପରିସରରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଏବଂ ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନାଙ୍କୁ ଭେଟି ଏହି ସାମଗ୍ରୀଗୁଡ଼ିକ ଦାନ କରିଥିଲେ। ଏହି ଅବସରରେ ସୁବ୍ରତଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।



ନିମାପଡା ଟାଉନ୍ ହଲ୍‌ରେ ବୁଧବାର ଆୟୋଜିତ ବଣିଆ ସମାଜର ସମ୍ମିଳନୀ ଓ ବନ୍ଧୁମିଳନ ସମାରୋହରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ।




ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ବୁଧବାର ଆୟୋଜିତ ଜିଲା ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ଦ୍ୱିତୀୟ ସାମ୍ବିଧାନିକ ସମ୍ମିଳନୀରେ ମଞ୍ଚାସୀନ ଅତିଥି।



ବେଗୁନିଆ ବ୍ଲକ କୃଷକ ସଙ୍ଗଠନ ପକ୍ଷରୁ ୩ ଦଫା ଦାବି ନେଇ ବୁଧବାର ତହସିଲ କାର୍ଯ୍ୟାଳୟ ଘେରାଉ ଅଭିମୁଖେ ବାହାରିଥିବା ଶୋଭାଯାତ୍ରା।

## ପୁରୁଣା ସ୍ମୃତି ବଖାଣିଲେ ଛାତ୍ର

ପିପିଲି,୨୯।୧୨(ଡି.ଏନ.ଏ./ସ୍ୱ.ପ୍ର.): ପିପିଲି ଦାଣ୍ଡମୁକୁନ୍ଦପୁରସ୍ଥିତ ଗୋପବନ୍ଧୁ ସ୍ମୃତି ବିଦ୍ୟାପୀଠ ୧୯୬୫ ମାଟ୍ରିକ ବ୍ୟାଚର ଛାତ୍ରଙ୍କର ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଶ୍ରୀରାମ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦିବଂଗତ ସହପାଠୀଙ୍କ ଉଦ୍ଦେଶ୍ୟରେ ଶୋକବ୍ୟକ୍ତ କରିଥିଲେ। ନିଜର ସ୍କୁଲ ଜୀବନର ସ୍ମୃତିକୁ ମନେ ପକାଇବା ସହ ସେମାନେ ନିଜ ଭାବ ଆଦାନ ପ୍ରଦାନ କରିଥିଲେ। ଛାତ୍ର ଡ. ଜୟଚନ୍ଦ୍ର ଦାସ, ଚୌଧୁରୀ ଶ୍ରୀନିବାସ ସାହୁ, ରାଜକିଶୋର ମିଶ୍ର, ଶରତ ମିଶ୍ର, ପ୍ରଫୁଲ୍ଲ ଦାଶ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଦେବି ପ୍ରସାଦ ରାୟଗୁରୁ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ମନୋରାମା ମହାପାତ୍ର, ବିଳାସିନୀ ଦେବୀ ପ୍ରମୁଖ ସାମିଲ ଥିଲେ।

## ସଂକ୍ଷେପରେ

### ଭାରତ ମୋଟର୍ସ, ଶ୍ରୀ ଭାରତ ମୋଟର୍ସ ଉପରେ ଜିଏସ୍‌ଟି ଚଢ଼ାଉ

ଭୁବନେଶ୍ୱର,୨୯।୧୨(ବ୍ୟୁରୋ): ଭାରତ ମୋଟର୍ସ ଓ ଶ୍ରୀ ଭାରତ ମୋଟର୍ସର ଶୋ'ରୁମ ଉପରେ ସିଟି ଜିଏସ୍‌ଟି ପକ୍ଷରୁ ବୁଧବାର ଚଢ଼ାଉ କରାଯାଇଛି। ଜିଏସ୍‌ଟି ଟିମ୍ ବୁଧବାର ମଞ୍ଚେଶ୍ୱର, କଟକ ରୋଡ୍ ଓ ପାହାଲରେ ଥିବା ୨ ସଂସ୍ଥାର ୩ଟି ଶୋ'ରୁମ୍‌ରେ ଚଢ଼ାଉ କରିଥିଲା। ତେବେ ସେଠାରୁ ପ୍ରାୟ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବାଇକ୍ ସମେତ ବିଭିନ୍ନ ଗାଡ଼ି ଓ କାଗଜପତ୍ର ଜବତ କରାଯାଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ୨୦୦୮ରୁ ୨୦୧୭ ମଧ୍ୟରେ ଭାରତ ମୋଟର୍ସ ଏବଂ ଶ୍ରୀ ଭାରତ ମୋଟର୍ସ ମୋଟ ୩୮.୪୮ କୋଟି ଟଙ୍କାର ଟିକସ ପୈଠ କରି ନ ଥିଲେ। ସୁପ୍ରିମକୋର୍ଟଙ୍କ ପକ୍ଷରୁ ୨୦୧୭ ମାର୍ଚ୍ଚରେ ଟିକସ ଭରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଏଯାଏ ବକେୟା ଟିକସ ପୈଠ କରାଯାଉ ନ ଥିଲା ବୋଲି ଜିଏସ୍‌ଟି ଟିମ୍‌ର ଜଣେ ଅଧିକାରୀ କହିଛନ୍ତି।

### ପ୍ରଫେସର ସୁରେନ୍ଦ୍ର କୁମାର ରାୟଙ୍କ ଶ୍ରଦ୍ଧାଞ୍ଜଳି ସଭା



ଭୁବନେଶ୍ୱର, ୨୯।୧୨(ବ୍ୟୁରୋ): ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ସ୍ଥିତ ଭେଟେନାରୀ କଲେଜ ମେଡିସିନ ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ସୁରେନ୍ଦ୍ର କୁମାର ରାୟଙ୍କ ଏକାଦଶାହରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ଏକ ହୋଟେଲରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଓୟୁଏଟି ପୂର୍ବତନ କୁଳପତି ପ୍ରଫେସର ଡ. ଖଗେଶ୍ୱର ପ୍ରଧାନ, କୁଳପତି ପ୍ରଫେସର ଦେବୀ ପ୍ରସାଦ ରାୟ ଓ ଦେବ ପ୍ରସାଦ ମଲ୍ଲିକଙ୍କ ସମେତ ବହୁ ପ୍ରଫେସର, ବୈଜ୍ଞାନିକ ଯୋଗଦେଇ ତାଙ୍କର ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନେ ଡ. ରାୟଙ୍କ ଜୀବନୀ ଉପରେ ପ୍ରସ୍ତୁତ ଏକ ସ୍ମରଣିକା ଉନ୍ମୋଚନ କରିବା ସହ ସ୍ୱର୍ଗତ ରାୟଙ୍କ ସ୍ତ୍ରୀ ଦୀପ୍ତିମୟୀ, ପୁଅ ସଙ୍କେତ, ସନ୍ତକ, ସଂଯୋଗ, ପୁତ୍ରବଧୂ ଓ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ।

### ଜିଲାସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର

ପୁରୀ ଅଫିସ,୨୯।୧୨: ତାଳବଣିଆସ୍ଥିତ ସରକାରୀ ଶିଳ୍ପ ତାଲିମ ସଂସ୍ଥା ପରିସରରେ ବୁଧବାର ପୁରୀ ଜିଲାସ୍ତରୀୟ ନିଯୁକ୍ତି ମେଳା ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲା ପ୍ରଶାସନ ମିଳିତ ସହଯୋଗରେ ଏହି ଶିବିର ଆୟୋଜିତ ହୋଇଛି। ଏଥିରେ ୨୦ଟି ନିୟୋଜନକାରୀ ସଂସ୍ଥା, ୧୨ଟି ତାଲିମ ଏବଂ ୧୦ଟି ସରକାରୀ ସଂସ୍ଥା ଯୋଗଦେଇଥିବାବେଳେ ୮୫୧ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଭିନ୍ନ ସଂସ୍ଥା ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଯୋଗ୍ୟତା ଏବଂ ଆଗ୍ରହ ଅନୁଯାୟୀ ନିଯୁକ୍ତି ଓ ତାଲିମ ସମ୍ପର୍କରେ ପରାମର୍ଶ ଦିଆଯାଇଥିଲା। ଅତିଥି ଭାବେ ଜିଲା ନିୟୋଜନ ଅଧିକାରୀ ଅର୍ପିତା ପ୍ରିୟଦର୍ଶିନୀ, ପୁରୀ ସରକାରୀ ଶିଳ୍ପ ତାଲିମ ସଂସ୍ଥା ଅଧକ୍ଷା ସସ୍ମିତା ବେହେରା, ହସ୍ତଶିଳ୍ପ ସହନିର୍ଦ୍ଦେଶକ ଶ୍ରୀକାନ୍ତ ଶ୍ରୀଚନ୍ଦନ ଏବଂ ଜିଲା ଶିଳ୍ପକେନ୍ଦ୍ର ସହ ପରିଚାଳକ ହେମନ୍ତ ନାୟକ ପ୍ରମୁଖ ଦେଇଥିଲେ। ସ୍ୱାବଲମ୍ବୀ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ।

# ଶ୍ରୀମନ୍ଦିରରେ ଭକ୍ତଙ୍କୁ ପୋଲିସର ମାଡ଼

**ଫଟୋଉଠାକୁ ନେଇ ଯୁକ୍ତିତର୍କ**



ପୁରୀ ଅଫିସ, ୨୯।୧୨

ଶ୍ରୀମନ୍ଦିର ଭିତରେ ଫଟୋଉଠାକୁ ନେଇ ବୁଧବାର ପୋଲିସ ଓ ଭକ୍ତ ମୁହାଁମୁହିଁ ହୋଇଛନ୍ତି। ଭକ୍ତଙ୍କ ମୋବାଇଲ ଫୋନ୍ ଛଡ଼ାଇନେବା ସହ ସେମାନଙ୍କୁ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଏହି ଘଟଣା ପୋଲିସ ପ୍ରଶାସନର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନାଯୋଗ୍ୟ, ମଧ୍ୟପ୍ରଦେଶରୁ କେତେଜଣ ଭକ୍ତ ପୁରୀ ବୁଲିବାକୁ ଆସିଥିଲେ। ସେମାନେ ବୁଧବାର ଶ୍ରୀମନ୍ଦିରକୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯାଇଥିବାବେଳେ ସାଙ୍ଗରେ ମୋବାଇଲ ଫୋନ୍ ନେଇଥିଲେ। ଶ୍ରୀମନ୍ଦିର ଭିତରେ ସେମାନେ ମୋବାଇଲ ଫୋନ୍‌ରେ ଫଟୋ ଉଠାଉଥିବାବେଳେ ସେଠାରେ ଉପସ୍ଥିତ ସୁରକ୍ଷାକର୍ମୀ ସେମାନଙ୍କୁ ବାରଣ କରିଥିଲେ। ଫଟୋଉଠାକୁ ନେଇ ଉଭୟ ପକ୍ଷ ମଧ୍ୟରେ ବଚସା ଘଟି ହାତାହାତି ପରସ୍ଥିତି ଉପୁଜିଥିଲା। ସମ୍ପୃକ୍ତ ଭକ୍ତଙ୍କ କହିବା ଅନୁଯାୟୀ, ସେମାନେ ଏହା ଉପରେ ସମ୍ପୂର୍ଣ୍ଣ ଅବଗତ ନ ଥିଲେ କି ପୋଲିସ୍ ମଧ ସେମାନଙ୍କୁ ଠିକ୍ ଭାବେ ଯାଞ୍ଚ କରି ନ ଥିଲା। ତେବେ ମନ୍ଦିର ଭିତରେ ଫଟୋ ଉଠାଇବା ସମୟରେ ପୋଲିସ ବାରଣ କରିବାରୁ ସେମାନେ କ୍ଷମା ପ୍ରାର୍ଥନା କରିବା ସହ ଜରିମାନା ଦେବାକୁ ମଧ କହିଥିଲେ। କିନ୍ତୁ ସେଠାରେ ମୁତୟନ ଥିବା ପୋଲିସ କର୍ମଚାରୀ ସେମାନଙ୍କୁ ଟଣାଓଟରା କରିବା ସହ ମାଡ଼ ମାରିଥିଲେ। ଏପରି କି ମହିଳା ଭକ୍ତଙ୍କୁ ମଧ ମାଡ଼ ମରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ପରେ ବରିଷ୍ଠ ପୋଲିସ ଅଧିକାରୀମାନେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା। ତେବେ ଏହି ଘଟଣା ନେଇ ଶ୍ରୀମନ୍ଦିର ସିଂହଦ୍ୱାର ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

# ଘରୋଇ ହସ୍ପିଟାଲ୍ ପରିଦର୍ଶନ କଲେ ଜିଲାପାଳ

**ବିଏସ୍‌କେୱାଇ କାର୍ଯ୍ୟକାରିତାର ସ୍ଥିତି ସମୀକ୍ଷା**

ପୁରୀ ଅଫିସ,୨୯।୧୨

ଜିଲାପାଳ ସମର୍ଥ ବର୍ମା ବୁଧବାର ପୁରୀ ସହରରେ ଥିବା ବିଭିନ୍ନ ଘରୋଇ ହସ୍ପିଟାଲ ପରିଦର୍ଶନ କରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର କାର୍ଯ୍ୟକାରିତା ନେଇ ସ୍ଥିତି ସମୀକ୍ଷା କରିଛନ୍ତି। ଚିକିତ୍ସିତ ହେଉଥିବା ରୋଗୀଙ୍କଠାରୁ ସେବା ଓ ଡାକ୍ତରୀ ସୁବିଧା ସମ୍ପର୍କରେ ସେ ପଚାରି ବୁଝିଛନ୍ତି। ଜିଲାପାଳ ବାଲିଘାଟସ୍ଥିତ ରମାମଣି ହସ୍ପିଟାଲ ଯାଇ ସେଠାରେ ୩ ଜଣ ରୋଗୀଙ୍କ ସହ ଆଲୋଚନା କରିଥିଲେ। ବିଜୁସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଘରୋଇ ଡାକ୍ତରଖାନାରେ କିଭଳି ଚିକିତ୍ସା ସୁବିଧା ମିଳୁଛି, ହସ୍ପିଟାଲ କର୍ତ୍ତୃପକ୍ଷଙ୍କର ରୋଗୀମାନଙ୍କ ପ୍ରତି କିଭଳି ବ୍ୟବହାର ରହୁଛି ସେ ସମ୍ପର୍କରେ ପଚାରି ବୁଝିଥିଲେ। ରୋଗୀମାନେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରୁ ସୁବିଧା ପାଉଥିବା କହିଥିଲେ। ଜିଲାପାଳଙ୍କ ସହିତ ଅତିରିକ୍ତ ଜିଲାପାଳ ସୁଭାଷଚନ୍ଦ୍ର ନାଥଶର୍ମା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଣବ ଶଙ୍କର ଦାଶ, ଡିପିଏମ୍‌ଟି ନାରାୟଣ ରାଓ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସଂଯୋଜକ ବିଭୁପ୍ରସାଦ ପ୍ରମୁଖ ଇ-୨୪ ହସ୍ପିଟାଲ୍‌କୁ ଯାଇ କର୍ତ୍ତୃପକ୍ଷ ଓ ରୋଗୀଙ୍କ ସହିତ ଆଲୋଚନା କରିଥିଲେ।

## ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

ପିପିଲି,୨୯।୧୨(ଡି.ଏନ.ଏ./ସ୍ୱ.ପ୍ର.)

ଜଇସପାଟଣା ବଜାରରେ ଥିବା ଗୋବର୍ଦ୍ଧନପୁର ସୁଲତାନନଗର ଗ୍ରାମର ବନ୍ଧନ କୁମାର ସ୍ୱାଇଁଙ୍କ ଦୋକାନ ଭାଙ୍ଗି ଦୁର୍ବୃତ୍ତ ବହୁ ସାମଗ୍ରୀ ଚୋରି କରି ନେଇଥିବା ବୁଧବାର ପିପିଲି ଥାନାରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ମଙ୍ଗଳବାର ବିଳମ୍ବିତ ରାତିରେ ଦୋକାନ କବାଟ ଭାଙ୍ଗି ଭିତରେ ପଶି କମ୍ପ୍ୟୁଟର ସିପିୟୁ, ୟୁପିଏସ୍, ମନିଟର୍, ଏଲ୍‌ଇଡି ଟିଭି, ହୋମ୍ ଥିଏଟର ସମେତ ୫ଟି ନୂଆ ମୋବାଇଲ୍ ଫୋନ ଓ ୧୫ ହଜାର ଟଙ୍କା ଚୋରି କରି ନେଇଛନ୍ତି।

## ୯ ବଙ୍ଗୀୟ ଧୀବର ଗିରଫ

ଅସ୍ତରଙ୍ଗ,୨୯।୧୨(ଡି.ଏନ.ଏ.)

ବର୍ତ୍ତମାନ ଅଲିଭ ରିଡ୍‌ଲେ କଇଁଛଙ୍କ ଅଣ୍ଡା ପ୍ରଦାନ ଋତୁ। ତେଣୁ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ, ମତ୍ସ୍ୟ ବିଭଗ ଓ ପୋଲିସର ମିଳିତ ସହାୟତାରେ ଅସ୍ତରଙ୍ଗ ଉପକୂଳ ସମୁଦ୍ରରେ ପାଟ୍ରୋଲିଂ କଡାକଡି କରାଯାଇଛି। ମତ୍ସ୍ୟ ବିଭାଗ ତରଫରୁ ଦେବୀମୁହାଣର ଅନତି ଦୂରରେ ପାଟ୍ରୋଲିଂ ଚାଲୁଥିବା ବେଳେ ଦେବୀ ମାଉଥ ନିକଟରୁ, ପଶ୍ଚିମମବଙ୍ଗର ୯ ଧୀବରଙ୍କୁ ଗିରଫ କରାଯାଇଛି। ତେବେ ୨ଟି ଟ୍ରଲର ଖସିଯିବାରେ ସକ୍ଷମ ହୋଇଛି। ପ୍ରକାଶଯୋଗ୍ୟ, ପଶ୍ଚିମବଙ୍ଗର ୨ଟି ବୋଟ ବିନା କାଗଜପତ୍ରରେ, ଅସ୍ତରଙ୍ଗର ଦେବୀମୁହାଣ ନିକଟରେ ମାଛ ଧରୁଥିଲେ। ଅସ୍ତରଙ୍ଗ ମେରାଇନର ମୁଖ୍ୟ ଅଧିକାରୀ ନିପ୍ରବର ରାଉତ ଟିମ୍ ସହ ପାଟ୍ରୋଲିଂ କରୁଥିବାବେଳେ ଏହି ୨ଟି ବୋଟକୁ ଦେଖି କାଗଜପତ୍ର ମାଗିଥିଲେ। ହେଲେ କାଗଜପତ୍ର ଦେଖାଇ ନ ପାରିବାରୁ ୯ଜଣ ଧୀବରଙ୍କୁ ଧରିଥିବା ବେଳେ ଅନ୍ୟ ୨ଜଣ ଗୋଟିଏ ବୋଟ ନେଇ ଫେରାର ହୋଇଯାଇଥିଲେ। ଡେପୁଟି ଡାଇରେକ୍ଟର ବସନ୍ତ କୁମାର ଦାସଙ୍କ ସମେତ ଜଙ୍ଗଲ ବିଭାଗ ଅଧିକାରୀମାନେ ପହଞ୍ଚି ଅଟକ ଧୀବରମାନଙ୍କୁ ପଚରାଉଚରା କରି ନୂଆଗଡ ସାମୁଦ୍ରିକ ଥାନାକୁ ହସ୍ତାନ୍ତର କରିଥିଲେ। ସାମୁଦ୍ରିକ ଥାନା ଅଧକାରୀ ରବୀନ୍ଦ୍ର କୁମାର ସେଠ ଏକ ମାମଲା ରୁଜୁ କରିଛନ୍ତି।

## ଗାଡ଼ି ଶୋ'ରୁମରୁ ଚୋରି

ଡେଲାଙ୍ଗ,୨୯।୧୨(ଡି.ଏନ୍.ଏ)

ଡେଲାଙ୍ଗ ଥାନା ରାମଚନ୍ଦ୍ରପୁର ନିକଟ ଏକ ଗାଡ଼ି ଶୋ'ରୁମରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ. ୨୯୫/୨୧ରେ ମାମଲା ରୁଜୁ କରିଛି। ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଅଭିଯୋଗ ଅନୁଯାୟୀ, ମଙ୍ଗଳବାର କେହି ଦୁର୍ବୃତ୍ତ ଶୋ'ରୁମର ତାଲା କାଟି ଗାଡି ସହ ନଗଦ ୬୫ ହଜାର ଟଙ୍କା, ବିଭିନ୍ନ ସାମଗ୍ରୀ ଚୋରି କରି ନେଇଥିଲେ। ମାଲିକ ଶୋରୁମ ଖୋଲିବା ବେଳକୁ ଚୋରି ହୋଇଥିବା ଜାଣି ଥାନାର ଦ୍ୱାରସ୍ଥ ହୋଇଥିଲେ।

## ରାମଚଣ୍ଡୀ, ଚନ୍ଦ୍ରଭାଗାରେ ୩ଦିନ ୧୪୪ ଧାରା

କୋଣାର୍କ,୨୯।୧୨(ଡି.ଏନ୍.ଏ.)

ନବବର୍ଷ ଅବ୍ୟବହିତ ପୂର୍ବରୁ ଜନସାଧାରଣ ଓ ପର୍ଯ୍ୟଟକଙ୍କ ଭିଡକୁ ଦୃଷ୍ଟିରେ ରଖି ପୁରୀ ଜିଲା ପ୍ରଶାସନ ପକ୍ଷରୁ ଓମିକ୍ରନ ସତର୍କତା ଅବଲମ୍ବନ ପାଇଁ ଚନ୍ଦ୍ରଭାଗା ବେଳାଭୂମି ଓ ରାମଚଣ୍ଡୀ ପୀଠରେ ବଣଭୋଜି କଟକଣା ସହ ୩ଦିନ ପାଇଁ ୧୪୪ଧାରା ଜାରି କରାଯାଇଛି। ଡିସେମ୍ବର ୩୧, ଜାନୁୟାରୀ ୧ ଓ ୨ତାରିଖରେ ଚନ୍ଦ୍ରଭାଗା ବେଳାଭୂମି ଓ ରାମଚଣ୍ଡୀ ପୀଠରେ ପର୍ଯ୍ୟଟକଙ୍କ ଭିଡ଼ ଆଶଙ୍କା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ୧୪୪ ଧାରା ଜାରି ସହ ରାମଚଣ୍ଡୀ ଓ ମେରାଇନ ପୋଲିସ ପକ୍ଷରୁ ୨୪ଘଣ୍ଟିଆ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯାଇଛି। କଟକଣା ଅବମାନନା କରି ବଣଭୋଜି ଅଥବା ସମାଗମ କଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିମାପଡ଼ା ଏସ୍‌ଡିପିଓ ଦେବାଶିଷ ମିଶ୍ର ପ୍ରକାଶ କରିଛନ୍ତି।



ଚନ୍ଦକା ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ଗୋଡ଼ିବାରିଠାରେ ପର୍ଯ୍ୟଟକଙ୍କ ନିମନ୍ତେ ୪ଟି ଶୀତତାପ ନିୟନ୍ତ୍ରିତ ଜଙ୍ଗଲ ସଫାରି ଯାନକୁ ବୁଧବାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଲୋକାର୍ପିତ କରୁଛନ୍ତି।

## ଇନ୍‌ଡୋର ଷ୍ଟାଡିୟମର ଭିତ୍ତିପ୍ରସ୍ତର

ନିମାପଡ଼ା,୨୯।୧୨(ଡି.ଏନ୍.ଏ.)

ନିମାପଡ଼ାରେ ନୂତନ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମର ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିସହ କ୍ରୀଡ଼ା ଭିତ୍ତିଭୂମିର ରୂପାନ୍ତରଣ ଓ କ୍ରୀଡ଼ାବିତ୍‌ଙ୍କ ସଶକ୍ତୀକରଣ ଦିଗରେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ମନ୍ତ୍ରୀ ଦାଶ କହିଥିଲେ। ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରାୟ ୫କୋଟି ଟଙ୍କା ବ୍ୟୟରେ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ନିମାପଡ଼ା ଏନ୍‌ଏସିର ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ୬ଏକରରୁ ଊର୍ଦ୍ଧ୍ୱ ପରିମିତ ଜମିରେ ଏକ ନୂତନ ଇନ୍‌ଡୋର ଷ୍ଟାଡିୟମ ହେବାକୁ ଯାଉଛି। ଏହି ସମାରୋହରେ ସମ୍ମାନିତ ଅତିଥି ନିମାପଡ଼ା ଆଥଲେଟିକ ଆସୋସିଏଶନର ସମ୍ପାଦକ ଜୀବନାନନ୍ଦ ମହାପାତ୍ର, କାର୍ଯ୍ୟକାରୀ ସଭାପତି ହିମାଂଶୁ ଶେଖର ମହାନ୍ତି, କ୍ରୀଡ଼ାବିତ୍ ଦୋଳଗୋବିନ୍ଦ ସେଠୀ, ମହେନ୍ଦ୍ର ସିଂ ଭାଟିଆ, ଅମରେଶନନ୍ଦ ସାହୁ, ବିଶ୍ୱଜିତ ମଲ୍ଲିକ, ରଣଜିତ କେଶରୀ ନାୟକ ପ୍ରମୁଖ ଯୋଗଦେଇଥିଲେ।

## ଦଳ ଛାଡ଼ିଲେ ଜିଲା କିଷାନ କଂଗ୍ରେସ ସଭାପତି

ସାକ୍ଷୀଗୋପାଳ,୨୯।୧୨ (ଡି.ଏନ୍.ଏ./ସ୍ୱ.ପ୍ର.)

ପୁରୀ ଜିଲା କିଷାନ କଂଗ୍ରେସ ସଭାପତି ଦେବେନ ଦେଲୋଭାନ ଏବଂ ସତ୍ୟବାଦୀ ଯୁବ କଂଗ୍ରେସ ସଭାପତି ଦେବାଶିଷ ମିଶ୍ର ବୁଧବାର କଂଗ୍ରେସ ଛାଡ଼ି ଆମ୍ ଆଦ୍‌ମୀ ପାର୍ଟି (ଏଏପି)ରେ ଯୋଗଦେଇଛନ୍ତି। ଏଏପି ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର, ପୁରୀ ଜିଲା ସଭାପତି ଓ ସମ୍ପାଦକ ରାଜ୍ୟ କାର୍ଯ୍ୟାଳୟରେ ନବାଗତ ନେତାଦ୍ୱୟଙ୍କୁ ସ୍ୱାଗତ କରିଥିଲେ। ସତ୍ୟବାଦୀର ତୃଣମୂଳ ସ୍ତରରେ ରାଜନୈତିକ ଅଭିଜ୍ଞତା ରହିଥିବା ଦେଲୋଭାନ ଏଏପିର ପ୍ରମୁଖ ନେତା ଅରବିନ୍ଦ କେଜରିୱାଲଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଏହି ନିଷ୍ପତ୍ତି ନେଇଥିବା କହିଛନ୍ତି।

## ଚୋରି କରି ଯୁବକ ଗିରଫ

କାକଟପୁର,୨୯।୧୨(ଡି.ଏନ.ଏ.)

କାକଟପୁର ଥାନା ପୋଲିସ ଏକ ଚୋରି ମାମଲାରେ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର କାଳିଆ ଜେନା ଓରଫ ସନ୍ତୋଷ। ଏ ନେଇ ଏକ ମାମଲା (ନଂ.୨୯୮/୨୧) ରୁଜୁ ହୋଇଛି। ନୟାଗଡ଼ ଅଞ୍ଚଳର ପ୍ରସନ୍ନ ସ୍ୱାଇଁଙ୍କ କାକଟପୁର ଅଞ୍ଚଳର ଥିବା ଘରୁ ୪୦ଗ୍ରାମରୁ ଊର୍ଦ୍ଧ୍ୱ ସୁନା ଗହଣା, ୨ଟି ମୋବାଇଲ ଓ ଏକ ସ୍କୁଟି ଚୋରି ହୋଇଥିଲା। ଏ ନେଇ ସେ କାକଟପୁର ଥାନାରେ ଗତ ୨୩ତାରିଖରେ ଅଭିଯୋଗ କରିଥିଲେ।

# ୫ ଦୋକାନରୁ ମିଳିଲା ନିଷିଦ୍ଧ ମାଞ୍ଜାସୂତା, ସାମଗ୍ରୀ

- ଆପରାଧିକ ମାମଲା ରୁଜୁ
- ୨୨ ଦୋକାନରେ ପୋଲିସ ପକ୍ଷରୁ ଚଢ଼ାଉ

ପୁରୀ ଅଫିସ, ୨୯।୧୨

ପୁରୀ ପୋଲିସ ପକ୍ଷରୁ ବୁଧବାର ବିଭିନ୍ନ ଦୋକାନରେ ଚଢ଼ାଉ କରାଯାଇଛି। ଚଢ଼ାଉ ବେଳେ ସରକାରଙ୍କ ଦ୍ୱାରା ନିଷିଦ୍ଧ ଗୁଡ଼ିସୂତା ଜବତ କରାଯାଇଥିଲା। ମାଞ୍ଜା ଗୁଡ଼ିସୂତା ଲାଗି କଟକରେ ଜଣେ ଯୁବକଙ୍କ ମୃତ୍ୟୁ ଓ ପୁରୀରେ ଜଣେ ବ୍ୟକ୍ତି ଆହତ ହେବା ପରେ ରାଜ୍ୟ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦିଆଯାଇଛି। ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢୀଙ୍କ ନେତୃତ୍ୱରେ ପୁରୀ ପୋଲିସ ବଡ଼ଦାଣ୍ଡ, ମାର୍କେଟ ଛକ, ସମୁଦ୍ରକୂଳ ଅଞ୍ଚଳ ସହ ବିଭିନ୍ନ ସ୍ଥାନରେ ଥିବା ୨୨ଟି ଦୋକାନରେ ଚଢ଼ାଉ କରାଯାଇଥିଲା। ପୁରୀ ସହରରେ ବିକ୍ରି ପାଇଁ ନିଷିଦ୍ଧ ଥିବା ମାଞ୍ଜାସୂତା, ଚାଇନିଜ ସୂତା ଓ ଏହି ସମ୍ପର୍କିତ ଜିନିଷ ଦୋକାନରେ ବିକ୍ରୀ ହେଉଛି କି ନାହିଁ ତାହା ତନଖି କରାଯାଇଥିଲା। ସେଥିମଧ୍ୟରୁ ୫ଟି ଦୋକାନରେ ବେଆଇନ ଭାବେ ଗୁଡ଼ିସୂତା ଓ ସାମଗ୍ରୀ ବିକ୍ରି ହେଉଥିବା ଜଣାପଡ଼ିଥିଲା। ଏଥିମଧ୍ୟରେ ଟାଉନ ଥାନା ଓ କୁମ୍ଭାରପଡ଼ା ଥାନା ଅଞ୍ଚଳରେ ୨ଟି ଲେଖାଏ ଏବଂ ସମୁଦ୍ରକୂଳ ଥାନା ଅଞ୍ଚଳରେ ଗୋଟିଏ ଦୋକାନ ରହିଛି। ଉକ୍ତ ୫ଟି ଦୋକାନ ବିରୋଧରେ ଆପରାଧିକ ମାମଲା ରୁଜୁ ହୋଇଛି। ମାଞ୍ଜାସୂତା, ଚାଇନିଜ ସୂତା ବିକ୍ରି ନ କରିବାକୁ ବିଭିନ୍ନ ଦୋକାନୀଙ୍କୁ ପୋଲିସ ପକ୍ଷରୁ ସଚେତନ କରାଯାଇଛି। ନିୟମ ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ସେହିପରି ପୁରୀ ଏକ ପର୍ଯ୍ୟଟନ ସହର ହୋଇଥିବା ବେଳେ ସର୍ବଦା ଲୋକଙ୍କ ଗହଳି ରହିଥାଏ। ଏଣୁ କେହି ଗୁଡ଼ି ନ ଉଡ଼ାଇବାକୁ ପିଲାଙ୍କୁ ସଚେତନ କରାଇବା ପାଇଁ ଅଭିଭାବକମାନଙ୍କୁ ପୋଲିସ ଅପିଲ କରିଛି।

## ମାଞ୍ଜା ସୂତା ବ୍ୟାନ ସ୍ୱାଗତଯୋଗ୍ୟ ପଦକ୍ଷେପ

ପୁରୀ ଅଫିସ,୨୯।୧୨

କଟକ ଓ ପୁରୀ ସହରରେ ଗୁଡି ମାଞ୍ଜା ସୂତାରୁ ୨ଜଣଙ୍କ ଜୀବନ ବିପନ୍ନରେ ପଡ଼ିବା ପରେ ସବୁଠି ଏହି ସୂତାକୁ ନେଇ ଆତଙ୍କ ଖେଳିଯାଇଛି। ପୁରୀରେ ଜଣେ ବ୍ୟକ୍ତି ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଆହତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଆସିବା ପରେ ସେ ଘରକୁ ଫେରିଛନ୍ତି। ମାଞ୍ଜା ସୂତା ବିକ୍ରିକୁ ବ୍ୟାନ କରିବା ନେଇ ରାଜ୍ୟ ପୋଲିସର ନିର୍ଦ୍ଦେଶ ଆସିବା ପରେ ପୁରୀ ପୋଲିସ ନିଦ ଭାଙ୍ଗିଛି। ପ୍ରଶାସନ ନିୟମ ଉଲ୍ଲଂଘନ କରି ଗୁଡ଼ି ଉଡାଉଥିବା ଏବଂ ବିକୁଥିବା ଦୋକାନୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦେଇଛି। ଏଥିସହ ମାଞ୍ଜା ସୂତା ବ୍ୟାନ ହେବା ପରେ ପୋଲିସ ପ୍ରଶାସନର ପଦକ୍ଷେପକୁ ସବୁଠି ସ୍ୱାଗତ କରାଯାଇଛି।

“ପୂର୍ବରୁ ଏପରି ଘଟଣା ଘଟୁଥିଲେ ମଧ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିଲା। ଏବେ ଯୁବପିଢ଼ି ସାଧାରଣ ମାଞ୍ଜା ସୂତା ଛାଡି ପ୍ଲାଟିକ ସୂତାର ବ୍ୟବହାର କରୁଛନ୍ତି। ଯାହା ଜନସାଧାରଣଙ୍କୁ ସମସ୍ୟାରେ ପକାଉଛି। ମଣିଷ ସହ ପଶୁପକ୍ଷୀ ମଧ ଏହାର ଶିକାର ହେଉଛନ୍ତି। ତେଣୁ ପ୍ରଶାସନ ଏଥିପ୍ରତି ଧାନ ଦେଇ ବିପଦକାରୀ ସୂତାକୁ ବ୍ୟାନ କରିବା ସ୍ୱାଗତଯୋଗ୍ୟ।

**ସବ୍ୟସାଚୀ ରଥ, କ୍ରୀଡ଼ା ସମୀକ୍ଷକ**

“ବର୍ତ୍ତମାନ ଗୁଡ଼ି ଉଡେଇବା ଏକ ଫ୍ୟାଶନ ହୋଇଗଲାଣି। ତେଣୁ ପ୍ରଶାସନ ତୁରନ୍ତ ଏଥିପ୍ରତି ସଜାଗ ହୋଇ ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ। ନଚେତ ଆଗାମୀ ଦିନରେ ଏହିପରି ଦୁର୍ଘଟଣା ଆହୁରି ଘଟିବାର ସମ୍ଭାବନା ରହିଛି।

**ରାଜେନ୍ଦ୍ର ପାତ୍ର, ବୁଦ୍ଧିଜୀବୀ**

ସ୍ୱାମୀଙ୍କ ଦୁର୍ଘଟଣା ପାଇଁ ଦାୟୀ ଥିବା ବ୍ୟକ୍ତିମାନଙ୍କ ଉପରେ ପୋଲିସ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ। ତେବେ ମହାପ୍ରଭୁ ତାଙ୍କୁ ବଞ୍ଚାଇ ଦେଇଛନ୍ତି। ଯେପରି ଆଗକୁ ଏପରି କିଛି ଦୁର୍ଘଟଣା ନ ଘଟୁ ସେଥିପ୍ରତି ପ୍ରଶାସନ ଦୃଷ୍ଟି ଦେଉ।

**ଆରତି ପାତ୍ର, ଆହତ ବ୍ୟକ୍ତିଙ୍କ ସ୍ତ୍ରୀ**

“ମାଞ୍ଜା ସୂତା ବିକ୍ରି କରୁଥିବା ବ୍ୟବସାୟୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହ ସମସ୍ତ ଥାନା ଅଧିକାରୀଙ୍କୁ ସୂଚନା ଦିଆଯିବ। ଜନସାଧାରଣ ସଚେତନ ହେଲେ ଏପରି ଅଘଟଣକୁ ରୋକା ଯାଇପାରିବ।

**ମିହିର କୁମାର ପଣ୍ଡା, ଅତିରିକ୍ତ ଏସ୍‌ପି**

## ନିଖିଳ ଉତ୍କଳ ଏଲିମେଣ୍ଟାରି ଟ୍ରିଜି ଶିକ୍ଷକ ସଂଘ ବୈଠକ

ପୁରୀ ଅଫିସ, ୨୯।୧୨

ନିଖିଳ ଉତ୍କଳ ଏଲିମେଣ୍ଟାରି ଟ୍ରିଜି ଶିକ୍ଷକ ସଂଘର ୧୬୭ତମ ବୈଠକ ନୀଳାଚଳ ଆଶ୍ରମ ପରିସରରେ ଲକ୍ଷ୍ମଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସାଧାରଣ ସମ୍ପାଦକ ମୁରଲୀଧର ନାୟକ, ସମ୍ପାଦକ ସନ୍ତୋଷ ମିଶ୍ର, ଶଶିକାନ୍ତ ମିଶ୍ର, ବଳରାମ ପତି, ଗୁରୁ ପ୍ରସାଦ ଦାଶ, ନିରଞ୍ଜନ ପଣ୍ଡା, ହେମନ୍ତ କୁମାର ପଣ୍ଡା, ଜାକିର ହୁସେନ୍, ସତ୍ୟବ୍ରତ ରାଉତ, ସର୍ବେଶ୍ୱର ମଲ୍ଲିକ, କମଳାକାନ୍ତ ଦାସ, ନମିତା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟର ୨୦ଟି ଜିଲାରୁ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଏକ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଥିଲା। ରାଜ୍ୟ ସରକାର ଏଲିମେଣ୍ଟାରି ଟ୍ରିଜି ଶିକ୍ଷକଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଥିବା ଅଭିଯୋଗ ଆଣି ଏହାର ନିନ୍ଦା କରାଯାଇଥିଲା। ସଂଘ ପକ୍ଷରୁ ୮ଦଫା ଦାବି ଉପସ୍ଥାପନ କରାଯାଇଥିଲା। ସତ୍ୟଭାମା ମୁଦୁଲି ଧନ୍ୟବାଦ ଦେଇଥିଲେ।



ପ୍ରଶାସକ ଗୁରୁପ୍ରସାଦ ମହାପାତ୍ରଙ୍କ ସ୍ମୃତିରେ ଏକ ୱେବ୍‌ସାଇଟ ଓ ଇ-ବୁକ୍‌କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ବୁଧବାର ଲୋକାର୍ପଣ କରିଛନ୍ତି।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ବୁଧବାର ନିଖିଳ ଉତ୍କଳ ସଂକୀର୍ତ୍ତନ ମହାସଂଘର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଜଗତ୍‌ସିଂହପୁର ବାଲିକୁଦାରୁ ଆସିଥିବା ଦଳ ସଂକୀର୍ତ୍ତନ ପରିବେଷଣ କରୁଛନ୍ତି।




ଭୁବନେଶ୍ୱର ସୂଚନା ଭବନରେ ବୁଧବାର ଆୟୋଜିତ ଏକ ସାରସ୍ୱତ ସମାରୋହରେ ଅତିଥିମାନେ ଡ. କାଶୀନାଥ ନାୟକଙ୍କ ଆତ୍ମଜୀବନୀ 'ମାଇଁ ସେଲ୍ଫ ଆଣ୍ଡ୍ ଦି ୱାର୍ଲଡ' ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

## ୪୨ମୌଜା ଥାନା ଉଦ୍‌ଘାଟିତ

କଟକ ସଦର,(ଡି.ଏନ.ଏ.): କଟକ ଜିଲାର ୪୨ ମୌଜା ଥାନାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭର୍ଚୁଆଲରେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଥାନା ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, କଟକ ସଦର ବିଧାୟକ ଚନ୍ଦ୍ର ସାରଥି ବେହେରା ଓ କଟକ ଡିସିପି ପ୍ରତୀକ୍ ସିଂ ଯୋଗ ଦେଇଥିଲେ। ୪୨ ମୌଜା ଡେଲ୍ଟା ଅଞ୍ଚଳର ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବାରେ ଏହି ଥାନା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ବିଧାୟକ ବେହେରା କହିଥିଲେ। ବେଣ୍ଟକାର ସରପଞ୍ଚ ବବିତା ବେହେରା ସ୍ୱାଗତ ଭାଷଣ ଓ ମିହିର ପତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଥାନାର ଆଇଆଇସି ଭାବେ ଅନୀତା ସାହୁ ଦାୟିତ୍ୱ ଗ୍ରହଣ କରିଛନ୍ତି।



## ଆଜି କ'ଣ କେଉଁଠି

କଟକ

- ଅଲ୍ ଓଡ଼ିଶା ଲୟର୍ସ ଆସୋସିଏଶନର ୫୦ତମ ବାର୍ଷିକ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବ, ସତ୍ୟଭାମାପୁର, ସାଲେପୁର, ପୂର୍ବାହ୍ନ ୧୦ଟା ୩୦ ।
- ଉତ୍କଳ ସମ୍ମିଳନୀର ୧୧୮ତମ ପ୍ରତିଷ୍ଠା ଦିବସ ଅବସରରେ କଟକ ଜିଲା ଶାଖା ପକ୍ଷରୁ ସାଧାରଣ ସଭା, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା ।

## ସଂକ୍ଷେପରେ

### ଗଞ୍ଜେଇ, ନିଶା ଔଷଧ ଜବତ: ୩ ଗିରଫ

ଭୁବନେଶ୍ୱର,୨୯।୧୨(ବ୍ୟୁରୋ): ରାଜ୍ୟ ବାହାରକୁ ଚାଲାଣ ହେଉଥିବା ଗଞ୍ଜେଇ ଜବତ କ୍ଷେତ୍ରରେ ଅବକାରୀ ବିଭାଗକୁ ସଫଳତା ମିଳିଛି। ଗଜପତି ଜିଲା ଅବକାରୀ ଟିମ୍ ମାଲବାଘାଟି ନିକଟରେ ମହାରାଷ୍ଟ୍ରକୁ ଚାଲାଣ ହେଉଥିବା ୯୫ଲକ୍ଷ ଟଙ୍କାର ୧୯ କୁଇଣ୍ଟାଲ ଗଞ୍ଜେଇ ଜବତ କରଛି। ଏଥିରେ ସମ୍ପୃକ୍ତ ଆଲୋକ ରଞ୍ଜନ ସ୍ୱାଇଁଙ୍କୁ ଗିରଫ କରାଯାଇଛି। ସେହିପରି କଟକ ଅବକାରୀ ବିଭାଗ ବୁଧବାର ମଙ୍ଗୁଳି ଛକ ନିକଟରୁ ୭୨କିଲୋ ଗଞ୍ଜେଇ ସହ ବ୍ୟବହୃତ କାର୍ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଅନ୍ୟଏକ ଘଟଣାରେ ନୂଆପଡ଼ା ଅବକାରୀ ବିଭାଗ ବୁଧବାର ବିପୁଳ ପରିମାଣରର ନିଶା ଔଷଧ ଜବତ କରିଛି। ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ୍ ଖରିଆରରୋଡ ନିକଟରୁ ଏହା ଜବତ କରିଛି। ଏଥିରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଆଗାମୀ ଦିନରେ ନିଶା କାରବାର ବିରୋଧରେ ଅଭିଯାନ ବ୍ୟାପକ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

### 'ରେଡିଓ ଉତ୍କଳ' ଉଦ୍‌ଘାଟିତ

କଟକ ଅଫିସ,୨୯।୧୨: କଟକ ଗଣ୍ଡରପୁରସ୍ଥିତ ଉତ୍କଳ ସେବକ ସମାଜ ପରିସରରେ ଗୋଷ୍ଠୀ ବେତାର କେନ୍ଦ୍ର 'ରେଡିଓ ଉତ୍କଳ' ୯୧.୨ ଏଫ୍.ଏମ୍. ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ରେଡିଓ ଉତ୍କଳର କେନ୍ଦ୍ର ନିର୍ଦ୍ଦେଶକ ଇଂ. ଅନ୍ୱୟ ଅଭିନବ ଯୋଗଦେଇ କୃଷି, କୁଟୀରଶିଳ୍ପ, ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା, ଲୋକକଳା, ସ୍ୱାସ୍ଥ୍ୟ, ଶିକ୍ଷା, ପରିବେଶ, ସଡ଼କ ସୁରକ୍ଷା, ଗ୍ରାହକ ଜାଗରଣ ଆଦି କାର୍ଯ୍ୟକ୍ରମ ପ୍ରସାରିତ ହେବ ବୋଲି କହିଥିଲେ। ଅନୁଷ୍ଠାନର ସମ୍ପାଦକ ଅମିୟ ଭୂଷଣ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଏସ୍‌ସିବି ମେଡିକାଲ ଭେଷଜ ବିଭାଗର ମୁଖ୍ୟ ପ୍ରଫେସର ଜୟନ୍ତ ପଣ୍ଡା, ପରିବେଶବିତ୍ ଆଶୁତୋଷ ଦେବତା, ଭାରତ ମସଲା ଶିଳ୍ପାନୁଷ୍ଠାନର ପ୍ରତିଷ୍ଠାତା ସୁରେନ୍ଦ୍ର ନାଥ ପଣ୍ଡା, ପଦ୍ମଶ୍ରୀ ଉଚ୍ଛବ ଚରଣ ଦାସ, ଶିଶୁ ମଙ୍ଗଳ ସମିତି ଅଧକ୍ଷା ମନ୍ଦାକିନୀ ଜେମା, ରେଡିଓ ନମସ୍କାରର ପ୍ରତିଷ୍ଠାତା ଏନ୍. ଏ. ଅନ୍‌ସାରୀ, ଓଡ଼ିଶା ଗୋଷ୍ଠୀ ବେତାର ଆସୋସିଏଶନର ସଭାପତି ଡା. ଶିଶିର ଦାସ, ସମ୍ପାଦକ ମହମ୍ମଦ ନିୟାଜ୍, ରେଡିଓ ହୀରାଖଣ୍ଡର ପ୍ରତିଷ୍ଠାତା ବିକାଶ ମହାପାତ୍ର ଯୋଗ ଦେଇଥିଲେ। ପଦ୍ମଶ୍ରୀ ଉଚ୍ଛବ ଚରଣ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଳୟ ଷଡଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା ଓ ଅଜିତାଭ ସାହୁ ଧନ୍ୟବାଦ ଦେଇଥିଲେ।

### ୨ ପୁସ୍ତକ ଉନ୍ମୋଚିତ

କଟକ ଅଫିସ,୨୯।୧୨: ଭାଷା ପ୍ରକାଶନ ପକ୍ଷରୁ ରେଭେନ୍ସା ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗ ସମ୍ମିଳନୀ କକ୍ଷରେ ପୁସ୍ତକ ଉନ୍ମୋଚନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲେଖିକା ପ୍ରଫେସର ଡ. ଭାରତୀ ବେହେରାଙ୍କ 'ବିଜ୍ଞାନ କଥା' ଏବଂ ଲେଖକ ଡ. ଧରଣୀଧର ଜେନାଙ୍କ 'ଯୁଗ ପରିବର୍ତ୍ତକ ଉଦ୍ଭାବନ ଓ ଉଦ୍ଭାବକ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ପଦ୍ମଶ୍ରୀ ପ୍ରଫେସର ପ୍ରିୟମ୍ବଦା ମହାନ୍ତି ହେଜମାଦି ଏହାକୁ ଉନ୍ମୋଚନ କରିଥିଲେ। ପ୍ରଫେସର ପ୍ରଦୀପ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଡ. ଚିତ୍ତରଞ୍ଜନ ମିଶ୍ର, ସମ୍ମାନିତ ଅତିଥି ଲେଖକ ଡ. ପ୍ରମୋଦ ମହାପାତ୍ର, ପ୍ରଫେସର ଭାରତୀ ବେହେରା, ଡ. ଧରଣୀଧର ଜେନା ଯୋଗଦେଇଥିଲେ। ନାଟ୍ୟକାର ସଞ୍ଜିତ୍ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ରାଧା ଅଗ୍ରୱାଲ୍ ଧନ୍ୟବାଦ ଦେଇଥିଲେ।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ଇ-ଅଫିସ ଆରମ୍ଭ

ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)

ଏଣିକି ଉତ୍କଳ ବିଶ୍ୱବିଦ୍ୟାଳୟର ସମସ୍ତ କାମ ବିନା କାଗଜରେ ହେବ। ଏଥିପାଇଁ ବିଶ୍ୱବିଦ୍ୟାଳୟରେ ଇ-ଅଫିସ୍‌ର ଶୁଭାରମ୍ଭ ହୋଇଛି। ବୁଧବାର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଏକ ଫାଇଲ୍ ଅନୁମୋଦନ ପୂର୍ବକ ଏହାକୁ ଉଦ୍‌ଘାଟନ କରିଛନ୍ତି। ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମ ଅଧୀନରେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସେଣ୍ଟର ଫର୍ ମଡର୍ନାଇଜିଂ ଗଭର୍ନମେଣ୍ଟ (ସିଏମ୍‌ଜିଆଇ) ଓ ନ୍ୟାଶନାଲ ଇନଫର୍ମେଟିକ ସେଣ୍ଟର (ଏନ୍‌ଆଇସି) ସହଯୋଗରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଇ-ଅଫିସ୍ କାର୍ଯ୍ୟକାରୀ ହେବା ଦ୍ୱାରା ସବୁ ଫାଇଲ ଶୀଘ୍ର ଓ ସହଜରେ ଅନୁମୋଦନ ହୋଇପାରିବ ଏବଂ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ବିଶ୍ୱବିଦ୍ୟାଳୟର ସମସ୍ତ କର୍ମଚାରୀ କାମ




ଉତ୍କଳ ବିଶ୍ୱବିଦ୍ୟାଳୟରେ ଇ-ଅଫିସ୍ ଶୁଭାରମ୍ଭ ଅବସରରେ ଉପସ୍ଥିତ ଅତିଥି।

କରିପାରିବେ ବୋଲି କୁଳପତି ଆଶା ପ୍ରକାଶ କରିଛନ୍ତି। ଏଥିସହ କେଉଁଠାରେ ଓ କାହା ନିକଟରେ କାମ ଅଟକି ରହିଛି, ତାହା ମଧ୍ୟ ସହଜରେ ଜଣାପଡ଼ିବ।

ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି, କରୋନା ମହାମାରୀ ସମୟରେ ଅନ୍‌ଲାଇନ ମୋଡ୍ ବା ୱାର୍କ ଫ୍ରମ୍ ହୋମ୍ ବିଷୟ ଆଗକୁ ଆସିଥିବାବେଳେ ଏବେ ଇ-ଅଫିସ ଏହାକୁ ଅଧିକ ସହଜ କରିବ। ଏଥିପାଇଁ ବିଶ୍ୱବିଦ୍ୟାଳୟର ଶତାଧିକ ଫାଇଲ ସ୍କାନ କରାଯାଇଛି। ସ୍କାନ ଫାଇଲଗୁଡ଼ିକ କାହା ନିକଟକୁ କିପରି ଯିବ ଏବଂ ସେଗୁଡ଼ିକ କିଏ କେମିତି ଅନୁମୋଦନ କରିବେ, ଏହାକୁ ନେଇ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଛି। ପ୍ରଥମେ ନୂତନ ଭାବେ ଯୋଗଦେଇଥିବା ୨୫ଜଣ କନିଷ୍ଠ ସହାୟକଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ପରବର୍ତ୍ତୀ ସମୟରେ

### ଏଣିକି ବିନା କାଗଜରେ ହେବ କାମ

ବିଶ୍ୱବିଦ୍ୟାଳୟର ଅନ୍ୟମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଆଗାମୀ ଦିନରେ ଛାତ୍ରୀଛାତ୍ରଙ୍କ ନାମଲେଖାଠାରୁ ଆରମ୍ଭ କରି ପରୀକ୍ଷା ଆୟୋଜନ, ଫି' ଦାଖଲ ଏବଂ ଅନ୍ୟାନ୍ୟ ବିଷୟ ପେପର ଲେସ୍ ବା କାଗଜମୁକ୍ତ କରାଯିବା ନେଇ ଯୋଜନା ହୋଇଛି।

କାର୍ଯ୍ୟକ୍ରମରେ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ବସନ୍ତ କୁମାର ମଲ୍ଲିକ, କମ୍ପଟ୍ରୋଲର ଅଫ୍ ଫାଇନାନ୍ସ ସୁରେନ୍ଦ୍ର କୁମାର ସାହୁ, ପରୀକ୍ଷା ନିୟନ୍ତ୍ରକ ଶରତ କୁମାର ମାଝି ପ୍ରମୁଖ ଇ-ଅଫିସ୍‌ର ଆଭିମୁଖ୍ୟ ଓ ଏହାର କାର୍ଯ୍ୟକାରିତା ଉପରେ କହିଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ ଅଭୟ କୁମାର ନାୟକ ସ୍ୱାଗତ ଭାଷଣ ଓ ଇ-ଅଫିସ୍ ନୋଡାଲ ଅଫିସର ଡ.ହିମାଂଶୁ ଶେଖର ରାଉତ ଧନ୍ୟବାଦ ଦେଇଥିଲେ।




ପୁରୀ ୟୁଥ୍ ହଷ୍ଟେଲ ସଭାକକ୍ଷରେ ବୁଧବାର ଟିକିତାରା ପତ୍ରିକାର ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ ପ୍ରତିଭାଙ୍କ ସହ ଅତିଥିମାନେ।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ଫୁଲନଖରା,୨୯।୧୨(ଡି.ଏନ୍.ଏ.)

କଟକ-ଭୁବନେଶ୍ୱର ୧୬ ନଂ. ଜାତୀୟ ରାଜପଥର ଫୁଲନଖରା ଓଭର ବ୍ରିଜଠାରେ ବୁଧବାର ରାତିରେ ଗାଡି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଏଥିରେ ବାଇକ୍ ପଛରେ ବସିଥିବା ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଉଭୟଙ୍କ ପରିଚୟ ମିଳିପାରିନାହିଁ। ମିଳିଥିବା ସୂଚନା ଅନୁଯାୟୀ, ରାତି ପ୍ରାୟ ୯ଟାରେ ଉଭୟ ଏକ ବାଇକ୍(ନଂ. ଓଡ଼ି୦୫ଏୱାଇ-୩୩୩୬)ରେ ଭୁବନେଶ୍ୱରରୁ କଟକ ଅଭିମୁଖେ ଯାଉଥିବାବେଳେ ପଛରୁ ଏକ ଗାଡି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଆରୋହୀ ଛିଟିକି ରାସ୍ତାର ଅପରପାର୍ଶ୍ୱରେ ପଡିଥିଲେ। ଏହି ସମୟରେ କଟକରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଆଉଏକ ଗାଡ଼ି ତାଙ୍କ ଉପରେ ମାଡିଯାଇ ଫେରାର ହୋଇଯାଇଥିଲା। ଘଟଣାସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। ଏଥିଯୋଗୁ ପ୍ରାୟ ୩୦ ମିନିଟ୍ ପର୍ଯ୍ୟନ୍ତ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ପାହାଳ ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ, କଟକ ସଦର ଓ ଟ୍ରାଫିକ ଥାନା ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ଓ ଗୁରୁତରଙ୍କୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲେ। ରାତି ପ୍ରାୟ ସାଢେ ୯ଟାରେ ରାସ୍ତାରୋକୋ ହଟିଥିଲା। ପରେ ସଦର ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରି ତଦନ୍ତ ଚଳାଇଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ସୁଚିତା



@ ଚିତ୍ତରଞ୍ଜନ



@ ସତ୍ୟଜିତ



@ ବିଭୂତି



@ ମୁକେଶ



@ ନକୁଳ

# ଏସ୍‌ସିବିରେ ଦିନିକିଆ କାର୍ଯ୍ୟବନ୍ଦ ଆନ୍ଦୋଳନ

କଟକ ଅଫିସ,୨୯।୧୨

### ନିଟ୍ ପିଜି କାଉନ୍‌ସେଲିଂ ବିଳମ୍ବ ପ୍ରତିବାଦ

■ସମର୍ଥନ ଜଣାଇଲା ଆର୍‌ଡିଏ

ନିଟ୍ ପିଜି କାଉନ୍‌ସେଲିଂ ବିଳମ୍ବ ପ୍ରତିବାଦରେ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପରିସରରେ ଚାଲିଥିବା ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ବୁଧବାର ସପ୍ତମ ଦିନରେ ପହଞ୍ଚିଛି। ଏହାକୁ ସମର୍ଥନ କରିଛି ଏସ୍‌ସିବି ରେସିଡେଣ୍ଟ ଡକ୍ଟର୍ସ ଆସୋସିଏସନ୍(ଆର୍‌ଡିଏ)। ସର୍ବଭାରତୀୟ ସ୍ତରରେ ନିଟ୍ ପିଜି କାଉନ୍‌ସେଲିଂ ବିଳମ୍ବକୁ ନେଇ ଦିଲ୍ଲୀ ନିର୍ମାଣ ଭବନ ସମ୍ମୁଖରେ ଶତାଧିକ ଡାକ୍ତରୀ ଛାତ୍ରୀଛାତ୍ର ଆନ୍ଦୋଳନ ଚଳାଇଥିବାବେଳେ ସ୍ଥାନୀୟ ପୋଲିସ ସେମାନଙ୍କୁ ଆକ୍ରମଣ କରିଥିଲା। ଏହାର ପ୍ରତିବାଦରେ ବୁଧବାର ଏସ୍‌ସିବି ମେଡିକାଲ ଆର୍‌ଡିଏ ପକ୍ଷରୁ ଦିନିକିଆ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। କେବଳ ଜରୁରିକାଳୀନ ସେବାକୁ ଛାଡି ଇନ୍‌ଡୋର ଓ ଆଉଟ୍‌ଡୋର ସେବା ବନ୍ଦ କରିଛନ୍ତି ୨୬୦ ଜଣ ସିନିୟର ରେସିଡେଣ୍ଟ ଡାକ୍ତର। ଆସୋସିଏସନ ପୂର୍ବରୁ ୪୩୨ ଜଣ ପିଜି ଛାତ୍ରୀଛାତ୍ର ଏହି ଆନ୍ଦୋଳନ ଜାରି ରଖିଥଲାବେଳେ ବୁଧବାର ମଧ୍ୟ ରେସିଡେଣ୍ଟ ଡକ୍ଟର୍ସ ଆସୋସିଏସନ୍ ମଧ୍ୟ ଏହି ଆନ୍ଦୋଳନରେ ସାମିଲ ହୋଇଛି। ଏପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ କୌଣସି ଉତ୍ତର ମିଳିପାରିନାହିଁ। ଯଦି ୪୮ ଘଣ୍ଟା ମଧ୍ୟରେ ଏହି ଦିଗରେ କୌଣସି ନିଷ୍ପତ୍ତି ନ ଆସେ ତେବେ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ ହେବା ନିଶ୍ଚୟ ବୋଲି ସ୍ପଷ୍ଟ କରିଛନ୍ତି ଆନ୍ଦୋଳନକାରୀ ରେସିଡେଣ୍ଟ ଡକ୍ଟର୍ସ ।

# 'ଶିଶୁ ସାହିତ୍ୟ ସୃଷ୍ଟିରେ ସିଦ୍ଧହସ୍ତ ଥିଲେ ନଦୀୟା ବିହାରୀ'

କଟକ ଅଫିସ, ୨୯।୧୨

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ବିଶିଷ୍ଟ ଶିଶୁ ସାହିତ୍ୟିକ ନଦୀୟା ବିହାରୀ ମହାନ୍ତିଙ୍କ ତୈଳଚିତ୍ର କଟକ ଶ୍ରୀରାମଚନ୍ଦ୍ର ଭବନରେ ବୁଧବାର ଉନ୍ମୋଚିତ ହୋଇଯାଇଛି। ସଙ୍ଗୀତ ନିର୍ଦ୍ଦେଶକ ସ୍ୱରୂପ ନାୟକ ଏହାକୁ ଉନ୍ମୋଚନ କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. ସତ୍ୟ ରାୟ ଯୋଗଦେଇ କହିଥିଲେ, ଶିଶୁ ମାନସିକତାକୁ ନେଇ ସାହିତ୍ୟ ସୃଷ୍ଟି କରିବାରେ ନଦିୟା ବିହାରୀ ସିଦ୍ଧହସ୍ତ ଥିଲେ। ଅନୁଷ୍ଠାନର ସଭାପତି ତରୁଣ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଡ. ସୁନାମଣି ରାଉତ ଓ ସମ୍ମାନିତ ଅତିଥି ଭାବେ ପ୍ରସେନ୍‌ଜିତ ମହାନ୍ତି ଯୋଗଦେଇଥିଲେ। ନାଟ୍ୟକାର ସଞ୍ଜିତ୍ ପଟ୍ଟନାୟକ ସ୍ୱାଗତ ଭାଷଣ, ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା, ଅଧ୍ୟାପକ କମଳ ମାହୁନ୍ତ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ ଓ ଶିବାଶିଷ କର ଧନ୍ୟବାଦ ଦେଇଥିଲେ।

## ଗଣମାଧ୍ୟମର ବର୍ତ୍ତମାନ, ଭବିଷ୍ୟତ ଶୀର୍ଷକ ଆଲୋଚନାଚକ୍ର

ନିଶ୍ଚିନ୍ତକୋଇଲି,୨୯।୧୨ (ସ୍ୱ.ପ୍ର.)

ମିଡିଆ ହାଉସ ନିଶ୍ଚିନ୍ତକୋଇଲି ପକ୍ଷରୁ ସ୍ଥାନୀୟ ଜିଗ୍ନିପୁରଠାରେ ଗଣମାଧ୍ୟମର ଅତୀତ ବର୍ତ୍ତମାନ ଓ ଭବିଷ୍ୟତ ଶୀର୍ଷକ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜ୍ୟୋତିରଞ୍ଜନ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଜିଲା ପରିଷଦ ସଭ୍ୟା ସବିତା ସାମଲ, ବଳଦେବ ଜୀଉ ମ୍ୟାନେଜିଂ ଟ୍ରଷ୍ଟି ଧୀରେନ୍ଦ୍ରନାଥ ବେହେରା, ନିଶ୍ଚିନ୍ତକୋଇଲି ସରପଞ୍ଚ ରବୀନ୍ଦ୍ରନାଥ ସେଠୀ, ବ୍ୟବସାୟୀ ସଂଘର ସଭାପତି ସନ୍ତୋଷ କୁମାର ପ୍ରଧାନ, ମନୋଜ କୁମାର ଆଚାର୍ଯ୍ୟ, ତାପସ ବିଶ୍ୱାଳ, ସୁରେନ୍ଦ୍ରନାଥ ରାଉତ, ପ୍ରଫୁଲ୍ଲ କୁମାର ଦାଶ, ବଲ୍ଲଭଚରଣ ପଲେଇ ପ୍ରମୁଖ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଖବରଦାତା ଅଭୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ୱାର୍କଚାର୍ଜ କର୍ମଚାରୀଙ୍କୁ ପେନ୍‌ସନ ଦିଆଯାଉ

କଟକ ଅଫିସ,୨୯।୧୨

### ଓଡ଼ିଶା ପାଇପ ଜଳ କର୍ମଚାରୀ ସଂଘର ରାଜ୍ୟସ୍ତରୀୟ ଅଧିବେଶନ

ଓଡ଼ିଶା ପାଇପ ଜଳ କର୍ମଚାରୀ ସଂଘର ୪୩ତମ ରାଜ୍ୟସ୍ତରୀୟ ଅଧିବେଶନ କଟକ ଯୋବ୍ରାସ୍ଥିତ ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟ ହଲ୍‌ରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟ ସଭାପତି ହୃଷୀକେଶ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବରେ ଅଧୀକ୍ଷଣ ଯନ୍ତ୍ରୀ ନବକିଶୋର ସାମଲ, ନିମନ୍ତ୍ରିତ ଅତିଥି ଭାବେ ଇଂ. ଦେବବ୍ରତ ମହାନ୍ତି, ହିନ୍ଦ୍ ମଜଦୁର ସଭାର ଯୁବ ଶାଖା ସଭାପତି ବିଜୟ ଭୂଷଣ ପତି, ଶ୍ରମିକ ନେତା ଯୁଗଳ କିଶୋର ନାୟକ ପ୍ରମୁଖ ଯୋଗଦେଇଥିଲେ। ସଂଘର ରାଜ୍ୟ ସାଧାରଣ ସମ୍ପାଦକ ମନୋଜ କୁମାର ମହାନ୍ତି ଯୋଗଦେଇ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଏହି ଅଧିବେଶନରେ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରିବା, ୱାର୍କଚାର୍ଜ କର୍ମଚାରୀଙ୍କୁ ପେନସନ୍ ପ୍ରଦାନ, କ୍ୟାଡର୍ ରୁଲ୍ ସଂଶୋଧନ, କଟକ ସହର ସଂଘ କାର୍ଯ୍ୟାଳୟ ଗୃହ ନିର୍ମାଣ ଓ ଠିକା କର୍ମଚାରୀଙ୍କ ବେତନ ବୃଦ୍ଧି ଉପରେ ଆଲୋଚନା ହୋଇଥିଲା। ପୂର୍ବତନ ବିଧାୟକ ବିଶ୍ୱାଳ ସଂଘ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ଆର୍ଥିକ ସାହାଯ୍ୟ ଯୋଗାଇ ଦେବାକୁ ଘୋଷଣା କରିଥିଲାବେଳେ କର୍ମଚାରୀଙ୍କ ସମସ୍ୟାର ସମାଧାନ ଦିଗରେ ସରକାରୀ ସ୍ତରରେ ଆଲୋଚନା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅଧୀକ୍ଷଣ ଯନ୍ତ୍ରୀ ସାମଲ ଖୁବ୍‌ଶୀଘ୍ର ଠିକା କର୍ମଚାରୀଙ୍କ ବେତନ ବୃଦ୍ଧି ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ରାଜ୍ୟ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇ କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ମହାପ୍ରଭୁଙ୍କୁ ୫ଲକ୍ଷ ଟଙ୍କା, ୭ କେଜି ରୁପା ଦାନ



ପୁରୀ ଅଫିସ, ୨୯।୧୨

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭୁବନେଶ୍ୱର ବରମୁଣ୍ଡା ଅଞ୍ଚଳର ସୁବ୍ରତ ରଥ ବୁଧବାର ୫ଲକ୍ଷ ଟଙ୍କା ସମେତ ମୋଟ ୭କେଜି ୬୬୨ମିଲିଗ୍ରାମର ୩ଟି ରୁପାଗରା, ୩ଟି ରୁପା ଥାଳି, ୬ଟି ପଞ୍ଚୁ ଓ ପାତ୍ରୀ ଏବଂ ୩ଟି ହାତଘଣ୍ଟି ଦାନ କରିଛନ୍ତି। ସୁବ୍ରତ ପୁରୀ ଆସି ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ ପରିସରରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଏବଂ ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନାଙ୍କୁ ଭେଟି ଏହି ସାମଗ୍ରୀଗୁଡ଼ିକ ଦାନ କରିଥିଲେ। ଏହି ଅବସରରେ ସୁବ୍ରତଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।



ନିମାପଡା ଟାଉନ୍ ହଲ୍‌ରେ ବୁଧବାର ଆୟୋଜିତ ବଣିଆ ସମାଜର ସମ୍ମିଳନୀ ଓ ବନ୍ଧୁମିଳନ ସମାରୋହରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ।




ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ବୁଧବାର ଆୟୋଜିତ ଜିଲା ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ଦ୍ୱିତୀୟ ସାମ୍ବିଧାନିକ ସମ୍ମିଳନୀରେ ମଞ୍ଚାସୀନ ଅତିଥି।




ବେଗୁନିଆ ବ୍ଲକ କୃଷକ ସଂଗଠନ ପକ୍ଷରୁ ୩ ଦଫା ଦାବି ନେଇ ବୁଧବାର ତହସିଲ କାର୍ଯ୍ୟାଳୟ ଘେରାଉ ଅଭିମୁଖେ ବାହାରିଥିବା ଶୋଭାଯାତ୍ରା।

**ବିଦ୍ୟାଳୟ ରୂପାନ୍ତରଣ ଶୁଭାରମ୍ଭ**

ଆଠଗଡ଼, (ସ୍ୱ.ପ୍ର.) : ରାଜ୍ୟ ସରକାରଙ୍କ ୫-ଟି ମୋ ସ୍କୁଲ ଅଭିଯାନରେ ୨ୟ ପର୍ଯ୍ୟାୟରେ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ ଆଠଗଡ଼ ସହରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବୁଧବାର ଏହାର ଶୁଭାରମ୍ଭ କରିଛନ୍ତି। ୧୭ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ବିଦ୍ୟାଳୟରେ ୨ଟି ସ୍ମାର୍ଟ କ୍ଲାସ ରୁମ୍, ଖେଳପଡିଆ ଓ ଅନ୍ୟ ଅତ୍ୟାଧୁନିକ ଶିକ୍ଷା ବ୍ୟବସ୍ଥା ଉପଲବ୍ଧ ହେବ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଙ୍କର୍ଷଣ ସାହୁ, ବିଜ୍ଞାନ ଶିକ୍ଷୟିତ୍ରୀ ମଧୁମିତା ଦାଶ, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ସରୋଜ ପଟ୍ଟନାୟକ, ପ୍ରତାପ ନାଏକ, ବାବୁଲି ପାଇକରାୟ, ସନ୍ତୋଷ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଭାରତ ମୋଟର୍ସ, ଶ୍ରୀ ଭାରତ ମୋଟର୍ସ ଉପରେ ଜିଏସ୍‌ଟି ଚଢ଼ାଉ

ଭୁବନେଶ୍ୱର,୨୯।୧୨(ବ୍ୟୁରୋ): ଭାରତ ମୋଟର୍ସ ଓ ଶ୍ରୀ ଭାରତ ମୋଟର୍ସର ଶୋ'ରୁମ ଉପରେ ସିଟି ଜିଏସ୍‌ଟି ପକ୍ଷରୁ ବୁଧବାର ଚଢ଼ାଉ କରାଯାଇଛି। ଜିଏସ୍‌ଟି ଟିମ୍ ବୁଧବାର ମଞ୍ଚେଶ୍ୱର, କଟକ ରୋଡ୍ ଓ ପାହାଳରେ ଥିବା ୨ ସଂସ୍ଥାର ୩ଟି ଶୋ'ରୁମ୍‌ରେ ଚଢ଼ାଉ କରିଥିଲା। ତେବେ ସେଠାରୁ ପ୍ରାୟ ୧୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବାଇକ୍ ସମେତ ବିଭିନ୍ନ ଗାଡ଼ି ଓ କାଗଜପତ୍ର ଜବତ କରାଯାଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ୨୦୦୮ରୁ ୨୦୧୭ ମଧ୍ୟରେ ଭାରତ ମୋଟର୍ସ ଏବଂ ଶ୍ରୀ ଭାରତ ମୋଟର୍ସ ମୋଟ ୩୮.୪୮ କୋଟି ଟଙ୍କାର ଟିକସ ପୈଠ କରି ନ ଥିଲେ। ସୁପ୍ରିମକୋର୍ଟଙ୍କ ପକ୍ଷରୁ ୨୦୧୭ ମାର୍ଚ୍ଚରେ ଟିକସ ଭରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଏଯାଏ ବକେୟା ଟିକସ ପୈଠ କରାଯାଉ ନ ଥିଲା ବୋଲି ଜିଏସ୍‌ଟି ଟିମ୍‌ର ଜଣେ ଅଧିକାରୀ କହିଛନ୍ତି।

### ପ୍ରଫେସର ସୁରେନ୍ଦ୍ର କୁମାର ରାୟଙ୍କ ଶ୍ରଦ୍ଧାଞ୍ଜଳି ସଭା



ଭୁବନେଶ୍ୱର, ୨୯।୧୨(ବ୍ୟୁରୋ): ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ସ୍ଥିତ ଭେଟେନାରୀ କଲେଜ ମେଡିସିନ ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ସୁରେନ୍ଦ୍ର କୁମାର ରାୟଙ୍କ ଏକାଦଶାହରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ଏକ ହୋଟେଲରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଓୟୁଏଟି ପୂର୍ବତନ କୁଳପତି ପ୍ରଫେସର ଡ. ଖଗେଶ୍ୱର ପ୍ରଧାନ, କୁଳପତି ପ୍ରଫେସର ଦେବୀ ପ୍ରସାଦ ରାୟ ଓ ଦେବ ପ୍ରସାଦ ମଲ୍ଲିକଙ୍କ ସମେତ ବହୁ ପ୍ରଫେସର, ବୈଜ୍ଞାନିକ ଯୋଗଦେଇ ତାଙ୍କର ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନେ ଡ. ରାୟଙ୍କ ଜୀବନୀ ଉପରେ ପ୍ରସ୍ତୁତ ଏକ ସ୍ମରଣିକା ଉନ୍ମୋଚନ କରିବା ସହ ସ୍ୱର୍ଗତ ରାୟଙ୍କ ସ୍ତ୍ରୀ ଦୀପ୍ତିମୟୀ, ପୁଅ ସଙ୍କେତ, ସନ୍ତକ, ସଂଯୋଗ, ପୁତ୍ରବଧୂ ଓ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ।

### ୫୨୦ ହିତାଧିକାରୀଙ୍କୁ ଜୀବିକା ସହାୟତା

ତିଗିରିଆ, ୨୯।୧୨ (ଡି.ଏନ.ଏ.): ତିଗିରିଆ ବ୍ଲକର ରାଶନ କାର୍ଡ ହିତାଧିକାରୀକାରୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ସହାୟତା ବାବଦରେ ୧୦୦୦ ଟଙ୍କା ଲେଖାଏ ବଣ୍ଟନ କରାଯାଇଛି। ନିଜିଗଡ଼ସ୍ଥିତ ଗାନ୍ଧୀ ସ୍ମୃତି ପଡ଼ିଆରେ ବ୍ଲକ ଅଧକ୍ଷା ରୂପା ଦଳେଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଏହି ସହାୟତା ବଣ୍ଟନ କରିଛନ୍ତି। ପ୍ରଥମଦିନରେ ବ୍ଲକର ୧୪ଟି ପଞ୍ଚାୟତରୁ ୫୨୦ଜଣଙ୍କୁ ସହାୟତା ଦିଆଯାଇଛି। ତିଗିରିଆ ବ୍ଲକରେ ସମୁଦାୟ ୧୪,୯୫୪ଜଣ ରାଶନ କାର୍ଡ ହିତାଧିକାରୀ ଥିବା ବେଳେ ସେମାନଙ୍କୁ ଏହି ସହାୟତା ବାବଦରେ ୧,୪୯,୫୪୦୦୦ଟଙ୍କାର ଅନୁଦାନ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷ ଗୌରହରି ପରିଡ଼ା, ବିଡିଓ ପ୍ରଣବ ବେହେରା, ବ୍ଲକ ବିଜେଡି ସଭାପତି ଅଜିତ ଧୀର, ଜିଲା ପରିଷଦ ସଭ୍ୟା ବିଜୟଲକ୍ଷ୍ମୀ ଖଟୁଆ, ବ୍ଲକ ଯୋଗାଣ ନିରୀକ୍ଷକ ବିଦ୍ୟୁତ୍‌ଲତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱସ୍ତରୀୟ ଚିଡ଼ିଆଖାନା ହେବ ନନ୍ଦନକାନନ

**୬୨ତମ ପ୍ରତିଷ୍ଠା ଦିବସ**
- ସିଙ୍ଗାପୁର, ଶ୍ରୀଲଙ୍କାରୁ ଆସିବ ନୂଆ ପଶୁପକ୍ଷୀ
- ପ୍ରଥମଥର ବଜ୍ରକାପ୍ତାରେ ଲାଗିଲା ଭିଏଚ୍‌ଏଫ୍ ରେଡିଓ ଟ୍ରାନ୍ସମିଟର

ବାରଙ୍ଗ,୨୯।୧୨(ଡି.ଏନ୍.ଏ.)

ଧଳାବାଘ, ବଜ୍ରକାପ୍ତା ଓ ଘଡ଼ିଆଳ କୁମ୍ଭୀର ପ୍ରଜନନକୁ ନେଇ କେନ୍ଦ୍ରର ଦୃଷ୍ଟିଆକର୍ଷଣ କରିପାରିଥିବା ପ୍ରାଣୀ ଉଦ୍ୟାନ ନନ୍ଦନକାନନ ଖୁବ୍‌ଶୀଘ୍ର ହେବାକୁ ଯାଉଛି ବିଶ୍ୱସ୍ତରୀୟ ଚିଡ଼ିଆଖାନା। ଏଥିପାଇଁ ପ୍ରସ୍ତୁତିପର୍ବ ଆରମ୍ଭ ହୋଇଯାଇଛି। ଏଥିସହ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ କେନ୍ଦ୍ର ସରକାର ସ୍ୱୀକୃତି ଦେଇଛନ୍ତି ବୋଲି ପ୍ରଧାନ ମୁଖ୍ୟ ବନସଂରକ୍ଷକ ଶିଶିର କୁମାର ରଥ କହିଛନ୍ତି। ବୁଧବାର ନନ୍ଦନକାନନର ୬୨ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଏହା ପରିସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରଥ କହିଥିଲେ, ବିଶ୍ୱସ୍ତରୀୟ ଚିଡ଼ିଆଖାନା ହେବା ପାଇଁ ନନ୍ଦନକାନନ ତା'ର କାର୍ଯ୍ୟ ଆରମ୍ଭ କରିଦେଇଛି। ନୂଆ ଢାଞ୍ଚାରେ କାର୍ ପାର୍କିଂସ୍ଥଳ, ଶିଶୁ ରେଳଗାଡ଼ି କାର୍ଯ୍ୟ ସାରିବା ପରେ ବସ୍‌ଷ୍ଟାଣ୍ଡର ଉନ୍ନତୀକରଣ କାର୍ଯ୍ୟ ହେବାକୁ ଯାଉଛି। ଏହାସହ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଶ୍ୱସ୍ତରୀୟ ଚିଡ଼ିଆଖାନାରେ ସାମିଲ ହେବା ପାଇଁ ନିର୍ଦ୍ଧାରିତ ହୋଇଥିବା ୧୫ଟି ବଡ଼ ଚିଡ଼ିଆଖାନା ମଧ୍ୟରେ ନନ୍ଦନକାନନକୁ ସାମିଲ କରାଯାଇଛି ବୋଲି କହିଥିଲେ। କେବଳ ଜୀବଜନ୍ତୁ ଓ ପର୍ଯ୍ୟଟକଙ୍କ ସୁବିଧା ନୁହେଁ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ମଧ କାର୍ଯ୍ୟ କରାଯିବ ବୋଲି କହିଥିଲେ।

ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶଶୀ ପଲ ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଥିଲେ, ନନ୍ଦନକାନନ ବିଶ୍ୱସ୍ତରୀୟ ଚିଡ଼ିଆଖାନା ହେବାକୁ ଥିବାବେଳେ ନୂଆ ପଶୁପକ୍ଷୀ ଆଣିବା ପାଇଁ ସିଙ୍ଗାପୁର, ଶ୍ରୀଲଙ୍କାର ଚିଡିଆଖାନା ସହ ଚୁକ୍ତିପତ୍ର ସରିଛି। ଏହାସହ ଏନକ୍ଲୋଜରଗୁଡ଼ିକୁ ମର୍ଡନ ଲୁକ୍ ଦେବା ପାଇଁ ଜର୍ମାନର ବର୍ଲିନ ଟିୟର ପାର୍କ ଜୁ ସହ ଚୁକ୍ତିପତ୍ର ହେବାକୁ ଯାଉଛି। ଏଥିପାଇଁ ରାଜ୍ୟ ସରକାର ଓ ସିଜେଡିଏ ଅନୁମୋଦନ କରିସାରିଛନ୍ତି। ଏଥିସହ କାଞ୍ଜିଆ ଓ କିଆଖଣି ହ୍ରଦର ମଧ ପୁନରୁଦ୍ଧାର କରାଯିବ ବୋଲି ଶଶୀ ପଲ କହିଥିଲେ। ଏହି ଅବସରରେ ପ୍ରଥମକରି ଏକ ବଜ୍ରକାପ୍ତାକୁ ପରୀକ୍ଷାମୂଳକ ଭାବେ ମୁକ୍ତରେ ବିଚରଣ ପାଇଁ ଛଡ଼ାଯାଇଥିଲା। ମହାରାଷ୍ଟ୍ର ପରେ ଓଡ଼ିଶାର ପ୍ରଥମ ଚିଡିଆଖାନା ଭାବେ ନନ୍ଦନକାନନ ୨୮ନଭେମ୍ବର ୨୦୨୧ ଗଜପତି ଜିଲା ପାରଳାଖେମୁଣ୍ଡି ବନ ବିଭାଗ ଦ୍ୱାରା ଜବତ ହୋଇ ଆସିଥିବା ୧୪କେଜି ଓଜନର ଏକ ଅଣ୍ଡିରା ବଜ୍ରକାପ୍ତାର ଶରୀରରେ ଭିଏଚ୍‌ଏଫ୍-ରେଡିଓ ଟ୍ରାନ୍ସମିଟର ଲଗାଯାଇ ଛଡ଼ାଯାଇଥିଲା। ଏହାଦ୍ୱାରା ତା'ର ଗତିବିଧିକୁ ପରଖାଯାଇପାରିବ। ଏହାସହ ମେଘା ଓ ନନ୍ଦନ, ବିଜୟା ଓ ସେଫ ଔରସରୁ ଜନ୍ମଗ୍ରହଣ କରିଥବା ୬ଟି ଶାବକର ନାମକରଣ କରାଯାଇଥିଲା। ବାଘୁଣୀ ମେଘାର ଛୁଆ ନାମ ସାହିନି, ଅଭୟ, ବିବେକ ରଖାଯାଇ ଥିବାବେଳେ ବାଘୁଣୀ ବିଜୟା ଛୁଆଙ୍କ ନାମ ବଂଶୀ, ରକି, ରାକେଶ ରଖାଯାଇଥିଲା। ପରେ ନନ୍ଦନକାନନର ବାର୍ଷିକ ପୁସ୍ତିକା କ୍ୟାଲେଣ୍ଡର ଉନ୍ମୋଚନ ସହ ବିଶେଷ ଅବଦାନ ଥିବା କେତେଜଣ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ନିର୍ଦ୍ଦେଶକ ଡ. ମନୋଜଭିନାୟାର ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଉପନିର୍ଦ୍ଦେଶକ ଡ.ସଞ୍ଜିତ କୁମାର ଧନ୍ୟବାଦ ଦେଇଥିଲେ।




ପ୍ରତିଷ୍ଠା ଉତ୍ସବରେ ଅତିଥିମାନେ ନନ୍ଦନକାନନର ବାର୍ଷିକ କ୍ୟାଲେଣ୍ଡର ଉନ୍ମୋଚନ କରୁଛନ୍ତି।

### ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ

ତିଗିରିଆ/ନିଶ୍ଚିନ୍ତକୋଇଲି, ୨୯।୧୨ (ଡି.ଏନ୍.ଏ./ସ୍ୱ.ପ୍ର.)

କଟକ ଜିଲାର ତିଗିରିଆ, ନିଶ୍ଚିନ୍ତକୋଇଲି ବ୍ଲକରେ ଗତ ୨ ଦିନରେ ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ ଓ ଲୋକାର୍ପିତ ହୋଇଯାଇଛି। ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ତିଗିରିଆ ଗସ୍ତରେ ଆସି ରୂପାନ୍ତରଣ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ୬ଟି ସ୍କୁଲର ଶିଳାନ୍ୟାସ କରିଛନ୍ତି। ସେଗୁଡ଼ିକ ହେଲା ଶ୍ରୀଜଗନ୍ନାଥ ନୋଡ଼ାଲ ବିଦ୍ୟାପୀଠ, ଗଦାଧରପୁର ଉଚ୍ଚ ବିଦ୍ୟାଳୟ, ବିନ୍ଧାଣିମା ଉଚ୍ଚ ବିଦ୍ୟାଳୟ, ମହେଶ୍ୱର ବିଦ୍ୟାପୀଠ, ପବିତ୍ର ମୋହନ ବିଦ୍ୟାପୀଠ ଓ ତିନିଗଡ଼ ବିଦ୍ୟାପୀଠ। ସେହିପରି ୨ଟି ମିଶନଶକ୍ତି ସଭାଗୃହ ଓ ଭୋଗଡ଼ା ପଞ୍ଚାୟତ ଅନ୍ତର୍ଗତ ମା' କଳାପାଟ ମାର୍କେଟ କମ୍ପ୍ଲେକ୍ସର ଉଦ୍‌ଘାଟନ କରିଥିଲେ। ଏହାଛଡ଼ା ବିଭିନ୍ନ ପଞ୍ଚାୟତରେ ଆହୁରି ୩୯ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରାଯାଇଛି। ସେହିପରି ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ନିଶ୍ଚିନ୍ତକୋଇଲି ପଞ୍ଚାୟତ ଗସ୍ତ କରି ବ୍ଲକ କାର୍ଯ୍ୟାଳୟର ନବୀକରଣ ସହ ନୂତନ ତୋରଣ ନିର୍ମାଣ, କଟିକଟା -କୋଲଣପୁର ରାସ୍ତାରେ ଆଲୋକୀକରଣ, ଲୁଣା-ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳରେ ମେଗା ପାନୀୟ ଜଳ ପ୍ରକଳ୍ପ ଲୋକାର୍ପଣ କରିଥିଲେ।

## ୭ରୁ କଟକ ଜିଲାରେ ଧାନକିଣା

ଆଠଗଡ଼,୨୯।୧୨(ସ୍ୱ.ପ୍ର.)

ଖରିଫ ଋତୁରେ ଚାଷୀମାନଙ୍କଠାରୁ ସରକାର ଧାନ କିଣା ୨୦୨୨ ଜାନୁୟାରୀ ୭ରୁ କଟକ ଜିଲାରେ ଶୁଭାରମ୍ଭ ହେବ। ଏଥିପାଇଁ ନରସିଂହପୁର ବଜାର କମିଟି ଆନୁକୂଲ୍ୟରେ ଆଠଗଡ଼ ଉପଖଣ୍ଡ ଅନ୍ତର୍ଗତ ୪ଟି ବ୍ଲକ ଆଠଗଡ଼, ତିଗିରିଆ, ବଡମ୍ବା, ନରସିଂହପୁର ଓ ଆଠଗଡ଼ ଏନ୍‌ଏସିର ୭୨ଟି ସେବା ସମବାୟ ସମିତିର ସମ୍ପାଦକ ଓ ଡିଇଓମାନଙ୍କ ପ୍ରଶିକ୍ଷଣ ଶିବିର ଆଠଗଡ଼ ବ୍ଲକ ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ପି-ପାସ୍ ମାଧମରେ ଚାଷୀମାନଙ୍କଠାରୁ ସହଜରେ ଧାନ କ୍ରୟ ପାଇଁ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଚଳିତବର୍ଷ ଆଠଗଡ଼ ବ୍ଲକ, ଏନ୍‌ଏସିରୁ ୭୩୬୪, ତିଗିରିଆରୁ ୨୨୭୪, ବଡମ୍ବାରୁ ୫୨୯୬, ନରସିଂହପୁରରୁ ୫୫୦୦ ଜଣ ଚାଷୀ ନାମ ପଞ୍ଜୀକୃତ କରିଛନ୍ତି। ଚଳିତବର୍ଷ ଏଫକ୍ୟୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୧୯୪୦ ଟଙ୍କା ଓ 'ଏ' ଗ୍ରେଡ ଧାନ ପାଇଁ ୧୯୬୦ ଟଙ୍କା ଧାର୍ଯ୍ୟ ହୋଇଛି। ନରସିଂହପୁର ବଜାର କମିଟିର ସମ୍ପାଦକ ରାମନାରାୟଣ ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ଆଠଗଡ଼ ସମବାୟ ବିଭାଗର ଅଧିକାରୀ ଅଶୋକ କୁମାର ପାଣି, କଟକ ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର, ବିଭାଗର ଧାନର ମାନ ନିର୍ଦ୍ଧାରିକା ଭାଗ୍ୟଲକ୍ଷ୍ମୀ ବେହେରା ପ୍ରମୁଖ ଯୋଗଦେଇଥିଲେ।




ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥି।



ଚନ୍ଦକା ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ଗୋଡ଼ିବାରିଠାରେ ପର୍ଯ୍ୟଟକଙ୍କ ନିମନ୍ତେ ୪ଟି ଶୀତତାପ ନିୟନ୍ତ୍ରିତ ଜଙ୍ଗଲ ସଫାରି ଯାନକୁ ବୁଧବାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଲୋକାର୍ପିତ କରୁଛନ୍ତି।

### ପୋତାପୋଖରୀ ରାଧାକୃଷ୍ଣ ରାମଲୀଳା ପରିଚାଳନା ସମିତି ନୂତନ କର୍ମକର୍ତ୍ତା

କଟକ ଅଫିସ, ୨୯।୧୨

କଟକ ପୋତାପୋଖରୀ ରାଧାକୃଷ୍ଣ ରାମଲୀଳା ପରିଚାଳନା ସମିତି କାର୍ଯ୍ୟାଳୟରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନୂତନ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଛି। ଏଥିସହ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଓ ପୂର୍ବତନ କର୍ପୋରେଟର ତାପସ ସାମନ୍ତରାୟଙ୍କ ଉପସ୍ଥିତିରେ କମିଟିର ମୁଖ୍ୟ ଉପଦେଷ୍ଟା ପ୍ରଫୁଲ ସେଠୀ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ଏହି କମିଟିର ସଭାପତି ଭାବେ ପ୍ରଦୋଷ କୁମାର ଦାସ, ଉପସଭାପତି ନୃସିଂହ ଚରଣ ଜେନା, ସମ୍ପାଦକ ରାହସ କୁମାର ବେହେରା, କାର୍ଯ୍ୟକାରୀ ସମ୍ପାଦକ ଭଜଗୋବିନ୍ଦ ଦାସ, ସଙ୍ଗଠନ ସମ୍ପାଦକ ଅତିଶ କୁମାର ଦାସ, କୋଷାଧକ୍ଷ ନୀଳମାଧବ ବସ୍ତିଆ, ସହ କୋଷାଧକ୍ଷ ଭାବେ ପ୍ରମୋଦ କୁମାର ସାହୁଙ୍କୁ ମନୋନୀତ କରାଯାଇଥିଲା। କମିଟିର ପୂର୍ବତନ ସଭାପତି ମହେଶ୍ୱର ଦାସ ସର୍ବାଧିକାରୀ ଭାବେ ମନୋନୀତ ହୋଇଥିଲେ। ଏହି ସଭାରେ କଳିଙ୍ଗ ଦାସ, ରଞ୍ଜନ ସାହୁ, ଚନ୍ଦ୍ରକାନ୍ତ ଦାସ, ତୀର୍ଥବାସୀ ବେହେରା, ଆଶିଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଡା. ପତିତପାବନ ମହାନ୍ତିଙ୍କୁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦାୟିତ୍ୱ

**ଏସ୍‌ଭି ନିର୍‌ତାର**

କଣ୍ଟାପଡା, ୨୯।୧୨(ଡି.ଏନ.ଏ.)

କଟକ ଜିଲା ଓଲଟପୁରସ୍ଥିତ ଏସ୍‌ଭି ନିର୍‌ତାର ଦିବ୍ୟାଙ୍ଗ ସ୍ୱାସ୍ଥ୍ୟ ଓ ଗବେଷଣା କେନ୍ଦ୍ରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇବେ ଡା. ପତିତପାବନ ମହାନ୍ତି। ଏହି ପଦରେ ଥିବା ଡା. ଶକ୍ତି ପ୍ରସାଦ ଦାସଙ୍କ ସ୍ୱେଚ୍ଛାକୃତ ଅବସର ଆବେଦନକୁ କେନ୍ଦ୍ର ସାମାଜିକ ନ୍ୟାୟକାରିତା ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଗ୍ରହଣ କରିବା ସହ ଅନୁଷ୍ଠାନର ଫିଜିଓଥେରାପି ବିଭାଗର ବରିଷ୍ଠ ଆସୋସିଏଟ ପ୍ରଫେସର ଡା. ମହାନ୍ତିଙ୍କୁ ଆସନ୍ତା ୧ ତାରିଖରୁ ନିର୍‌ତାରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇବାକୁ ଆଦେଶ ଦିଆଯାଇଛି। ଡା. ମହାନ୍ତି ପରବର୍ତ୍ତୀ ସ୍ଥାୟୀ ନିର୍ଦ୍ଦେଶକ ନିଯୁକ୍ତ ହେବା ପର୍ଯ୍ୟନ୍ତ ଏହି ଦାୟିତ୍ୱରେ ରହିବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଡା. ଶକ୍ତିପ୍ରସାଦ ଦାସ ଡେପୁଟେଶନରେ ୨୦୧୬ ଜାନୁୟାରୀ ୨୮ରେ ୩ବର୍ଷ ପାଇଁ ନିର୍‌ତାରର ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇଥିଲେ। ପରେ ତାଙ୍କର ଡେପୁଟେଶନ ଅବଧିକୁ ଆହୁରି ୨ବର୍ଷ ବଢ଼ାଇ ଦିଆଯାଇଥିଲା। ୨୦୨୧ ଜାନୁୟାରୀ ୨୭ରେ ତାଙ୍କର କାର୍ଯ୍ୟକାଳ ଶେଷ ହୋଇଥିଲେ ମଧ ସେ ଏହି ପଦବୀରେ ଆହୁରି ୨ବର୍ଷ ରହିବା ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାତ୍ର କୋର୍ଟ ତାଙ୍କର ଆବେଦନକୁ ଖାରଜକରି ଦେଇଥିଲେ।

## 'ପୃଥିବୀ ସୁଖର ଭଣ୍ଡାର'

କଟକ ଅଫିସ, ୨୯।୧୨

କଟକ ଲିଙ୍କରୋଡସ୍ଥିତ ଷଡଙ୍ଗୀ କ୍ଲିନିକ୍ ଆଣ୍ଡ୍ ରିସର୍ଚ୍ଚ ସେଣ୍ଟର ସମ୍ମିଳନୀ କକ୍ଷରେ ଜୀବାନନ୍ଦ ଆଚାର୍ଯ୍ୟଙ୍କ ଶତବାର୍ଷିକୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ମୁମ୍ବାଇ ଆୟକର କମିଶନ ମୁଖ୍ୟ ମନୋରଞ୍ଜନ ପାଣିଗ୍ରାହୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଓଡ଼ିଶା ଉପଦେଷ୍ଟା ମଣ୍ଡଳୀର ଆବାହକ ବିଜୟାନନ୍ଦ ସିଂ କହିଥିଲେ, ଜୀବନର ଲକ୍ଷ୍ୟ ହେଉଛି ସୁଖ ପାଇବା। ଆମେ ସୁଖ ପାଇବା ପାଇଁ ପୃଥିବୀକୁ ଆସିଛୁ। ପୃଥିବୀ ହେଉଛି ସୁଖର ଭଣ୍ଡାର। ଏଠାରେ ମଣିଷ ମଧ୍ୟରେ ପ୍ରେମ ଓ ଆନ୍ତରିକତା ରହିଛି। ପ୍ରଫେସର ସୁଲୋଚନା ଦାସଙ୍କୁ ଜୀବାନନ୍ଦ ଆଚାର୍ଯ୍ୟ ଶତବାର୍ଷିକୀ ସ୍ମୃତି ସମ୍ମାନ ପ୍ରଦାନ ସହ ପୁସ୍ତକ 'ଜୀବନ ପଥେ' ଉନ୍ମୋଚିତ ହୋଇଥିଲା। ଡା. ରମାରମଣ ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ଡା. ସରୋଜିନୀ ଷଡଙ୍ଗୀ, ନିରଞ୍ଜନ ତ୍ରିପାଠୀ, ବାସନ୍ତୀ ମିଶ୍ର, ଯୋଗେଶ ଚନ୍ଦ୍ର ମିଶ୍ର ଉପସ୍ଥିତ ଥିଲେ ।

## ନିଖିଳ ଉତ୍କଳ ଆଇନଜୀବୀ ସଂଘର ସ୍ୱର୍ଣ୍ଣିମ ସମାରୋହ

ସାଲେପୁର,୨୯।୧୨(ଡି. ଏନ.ଏ)

ସାଲେପୁର ବ୍ଲକ ସତ୍ୟଭାମାପୁରରେ ମଧୁସୂଦନ ଦାସଙ୍କ ଜନ୍ମପୀଠରେ ବୁଧବାର ନିଖିଳ ଉତ୍କଳ ଆଇନଜୀବୀ ସଂଘର ୫୦ତମ ବାର୍ଷିକ ସମ୍ମିଳନୀ ଓ ସ୍ୱର୍ଣ୍ଣିମ ସମାରୋହ ଉଦ୍‌ଘାଟିତ ହୋଇଯାଇଛି। ସଂଘ ସଭାପତି ଆଇନଜୀବୀ ଗୋପାଳକୃଷ୍ଣ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଓଡ଼ିଶା ହାଇକୋର୍ଟର ବିଚାରପତି ବିଶ୍ୱନାଥ ରଥ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଚାରପତି ରଥ ମଧୁବାବୁଙ୍କ ତ୍ୟାଗ ପୂତ ଜୀବନୀ ସହ ଆଇନ କ୍ଷେତ୍ରରେ ଥିବା ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଆଇନଜୀବୀ ମାନସ ରଞ୍ଜନ ମହାପାତ୍ର, ସମ୍ମାନିତ ଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ମଧୁବାବୁଙ୍କ ମାଟିରେ ଏଭଳି କାର୍ଯ୍ୟକ୍ରମ କରାଯାଇଥିବାରୁ ସଂଘର କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ହାଇକୋର୍ଟ ବର୍ ଆସୋସିଏଶନର ଉପସଭାପତି ଆଇନଜୀବୀ ଦେବୀ ପ୍ରସାଦ ଦାଶ ଯୋଗଦେଇଥିଲେ। ଆଇନଜୀବୀ ବିଚିତ୍ର କୁମାର ବଡ଼ଜେନା, ନିଖିଳ ଉତ୍କଳ ଆଇନଜୀବୀ ସଂଘ ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ବରାଳ, ଉପସଭାପତି ସଞ୍ଜୟ କୁମାର ଦାସ, ଅଭ୍ୟର୍ଥନା କମିଟି ଅଧକ୍ଷ ବିଜୟ କୁମାର ନାୟକ, ସାଲେପୁର ରେଭିନ୍ୟୁ ବାର ଆସୋସିଏଶନର ସଭାପତି ସନ୍ତୋଷ କୁମାର କର, ସମ୍ପାଦକ ସୁରେନ୍ଦ୍ର କୁମାର ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଆଇନଜୀବୀ ମାନସ କୁମାର ଦାଶ, ରବୀନ୍ଦ୍ର କୁମାର ପଣ୍ଡା, ତ୍ରିଲୋଚନ ବରାଳ, ଦେବେନ୍ଦ୍ର ନାଥ ସାହୁ, ପ୍ରଶାନ୍ତ କୁମାର ପରିଡ଼ା, ରାଜୀବ କୁମାର ଷଡ଼ଙ୍ଗୀ, ପ୍ରଦ୍ୟୁମ୍ନ କୁମାର ଦାଶ, ସୁନୀଲ କୁମାର ଜେନା, ରବି ଶଙ୍କର ମହାନ୍ତି, ବିଶ୍ୱଜିତ ସିଂହ, ଜଗଦୀପ ସାହୁଙ୍କ ସମେତ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସ୍ଥାନରୁ ସଂଘର ବହୁ ସଦସ୍ୟ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସଂଘ ପକ୍ଷରୁ ମଧୁବାବୁଙ୍କ ଅନ୍ତୁଡ଼ିଶାଳରୁ ସଭାସ୍ଥଳ ପର୍ଯ୍ୟନ୍ତ ଜ୍ୟୋତି ଅଣାଯାଇଥିଲା।

## ଓଡ଼ିଶା କ୍ଷୁଦ୍ର ଶିଳ୍ପ ସଂଘର ବାର୍ଷିକ ଅଧିବେଶନ

ଭୁବନେଶ୍ୱର,୨୯।୧୨ (ବ୍ୟୁରୋ)

ଓଡ଼ିଶା କ୍ଷୁଦ୍ର ଶିଳ୍ପ ସଂଘର ବାର୍ଷିକ ଅଧିବେଶନ ବୁଧବାର ସ୍ଥାନୀୟ ଅଜୟ ବିନୟ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସମସ୍ତ ସଭ୍ୟ ଓ ଏହାର ଅନୁବନ୍ଧିତ ଜିଲା କ୍ଷୁଦ୍ର ଶିଳ୍ପ ସଂଘଗୁଡ଼ିକର ପ୍ରତିନିଧିମାନେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ଆସନ୍ତା ଦୁଇବର୍ଷ ପାଇଁ ନୂତନ କର୍ମକର୍ତ୍ତାମାନଙ୍କୁ ସଂଘର ସଭ୍ୟମାନେ ନିର୍ବାଚିତ କରିଥିଲେ। ସଂଘର ନୂତନ ସଭାପତି ଭାବେ ଦୀପକ କାଜଡିଆ ମନୋନୀତ ହୋଇଥିବା ବେଳେ ଉପସଭାପତି (ସାଧାରଣ) ସଞ୍ଜୟ ମହାପାତ୍ର, ଉପସଭାପତି (କେନ୍ଦ୍ରୀୟ) ଶରତ ପରିଡ଼ା, ଉପସଭାପତି (ପୂର୍ବାଞ୍ଚଳ) ସୁଶାନ୍ତ ମହାନ୍ତି, ଉପସଭାପତି (ପଶ୍ଚିମାଞ୍ଚଳ) ବିକାଶ ସୁଲତାନିଆ, ଉପସଭାପତି (ଉତ୍ତରାଞ୍ଚଳ) ବିବେକ ରାଜ ବାଜପେୟୀ, ଉପସଭାପତି (ଦକ୍ଷିଣାଞ୍ଚଳ) ଅମିୟ ମାହାଳିକ ନିର୍ବାଚିତ ହୋଇଛନ୍ତି। ସଂଘର ସମ୍ପାଦକ ଭାବେ ହିମାଂଶୁ ଶେଖର ମିଶ୍ର, ସହସମ୍ପାଦକ ଦୀପାଂଶୁ ଶେଖର ସାହୁ, କେଦାରନାଥ ଦାସ, ପ୍ରମୋଦ ଜୈନ, ହିତେଶ ଟାଙ୍କ, ନବକିଶୋର ସାହୁ, ସନ୍ଦୀପ ଅଗ୍ରୱାଲ ଏବଂ ସଂଘର କୋଷାଧକ୍ଷ ଭାବେ ସଞ୍ଜୟ ସ୍ୱାଇଁ ମନୋନୀତ ହୋଇଥିବା ସଂଘ ପକ୍ଷରୁ କୁହାଯାଇଛି। ସଂଘର ପୂର୍ବ କମିଟି ନୂତନ କମିଟିର କାର୍ଯ୍ୟକର୍ତ୍ତାଙ୍କୁ ନବବର୍ଷର ଅଭିନନ୍ଦନ ସହ ସଂଘର କାର୍ଯ୍ୟ ଓ ଦାୟିତ୍ୱକୁ ସୁଚାରୁ ରୂପେ ଆଗକୁ ନେବା ପାଇଁ ମତବ୍ୟକ୍ତ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ସଂଘର କର୍ମକର୍ତ୍ତା।



ପ୍ରଶାସକ ଗୁରୁପ୍ରସାଦ ମହାପାତ୍ରଙ୍କ ସ୍ମୃତିରେ ଏକ ୱେବ୍‌ସାଇଟ ଓ ଇ-ବୁକ୍‌କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ବୁଧବାର ଲୋକାର୍ପଣ କରିଛନ୍ତି।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ବୁଧବାର ନିଖିଳ ଉତ୍କଳ ସଂକୀର୍ତ୍ତନ ମହାସଂଘର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଜଗତ୍‌ସିଂହପୁର ବାଲିକୁଦାରୁ ଆସିଥିବା ଦଳ ସଂକୀର୍ତ୍ତନ ପରିବେଷଣ କରୁଛନ୍ତି।




ଭୁବନେଶ୍ୱର ସୂଚନା ଭବନରେ ବୁଧବାର ଆୟୋଜିତ ଏକ ସାରସ୍ୱତ ସମାରୋହରେ ଅତିଥିମାନେ ଡ. କାଶୀନାଥ ନାୟକଙ୍କ ଆତ୍ମଜୀବନୀ 'ମାଇଁ ସେଲ୍ଫ ଆଣ୍ଡ୍ ଦି ୱାର୍ଲଡ' ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।